52 Years
DHARITRI
ଭୁବନେଶ୍ୱର, ମଙ୍ଗଳବାର, ଡିସେମ୍ବର ୨/୨୦୨୫ (୧୪ ପୃଷ୍ଠା) | Bhubaneswar, Tuesday, December 2/2025 | Page 14 | ₹ 7.00 | BALASORE
୫୨ଶ ଭାଗ ୯ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 52 ISSUE 9 | ମୂଲ୍ୟ ₹୭/-



## ହରେନ୍ଦ୍ର ସିଂଙ୍କ ଇସ୍ତଫା

ବ୍ୟକ୍ତିଗତ କାରଣ ଦର୍ଶାଇ ଭାରତୀୟ ମହିଳା ହକି ଦଳର ମୁଖ୍ୟ କୋଚ୍ ପଦରୁ ଇସ୍ତଫା ଦେଇଛନ୍ତି ହରେନ୍ଦ୍ର ସିଂ।

୧୪ ୦୨

## ପୁଣି ବିବାହ କଲେ ସାମନ୍ଥା

ଅଭିନେତ୍ରୀ ସାମନ୍ଥା ରୁଥ ପ୍ରଭୁ ସୋମବାର ଦି ଫ୍ୟାମିଲି ମ୍ୟାନ ନିର୍ଦ୍ଦେଶକ ରାଜ ନିଦିମୋରୁଙ୍କୁ ବିବାହ କରିଛନ୍ତି।



# ୪ ଖେଳାଳିଙ୍କୁ ୧୧ ଲକ୍ଷ ଟଙ୍କା ଲେଖାଏ ପୁରସ୍କାର

## ଦୃଷ୍ଟିବାଧିତ ମହିଳା ଟି୨୦ ବିଶ୍ୱକପ୍

ଭୁବନେଶ୍ୱର,୧।୧୨(ତପନ ସ୍ୱାଇଁ)

ଶ୍ରୀଲଙ୍କାର କଲମ୍ବୋଠାରେ ଆୟୋଜିତ ପ୍ରଥମ ଦୃଷ୍ଟିବାଧିତ ମହିଳା ଟି୨୦ ବିଶ୍ୱକପ୍‌ରେ ଭାରତୀୟ ମହିଳା କ୍ରିକେଟ୍ ଦଳ ଚାମ୍ପିୟନ ହୋଇ ଇତିହାସ ରଚିଛି। ଭାରତୀୟ ବିଶ୍ୱକପ ଦଳରେ ସାମିଲ ଥିବା ଓଡ଼ିଶାର ୪ ଖେଳାଳି ବାଲେଶ୍ୱରର ଫୁଲ ସୋରେନ, ମୟୂରଭଞ୍ଜର ପାର୍ବତୀ ମାଣ୍ଡି, ଯମୁନାରାଣୀ ଟୁଡୁ ଏବଂ ବାସନ୍ତୀ ହାଁସଦା ସୋମବାର ଭୁବନେଶ୍ୱର ପ୍ରତ୍ୟାବର୍ତ୍ତନ କରିଛନ୍ତି। ଏହି ବିଶ୍ୱ ଚାମ୍ପିୟନ ଖେଳାଳିଙ୍କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଅଭିନନ୍ଦନ ଜଣାଇବା ସହ ନିଜ ବାସଭବନରେ ସମ୍ବର୍ଦ୍ଧିତ କରିଛନ୍ତି। ଏଥି ସହିତ ପ୍ରତ୍ୟେକ ଖେଳାଳିଙ୍କୁ ମୁଖ୍ୟମନ୍ତ୍ରୀ ପୁରସ୍କାର ସ୍ୱରୂପ ୧୧ ଲକ୍ଷ ଟଙ୍କା ଲେଖାଏ ଅର୍ଥ ରାଶି ଚେକ୍ ଆକାରରେ ପ୍ରଦାନ କରିଛନ୍ତି। ଖେଳାଳିଙ୍କର ଦୃଢ଼ ନିଷ୍ଠା ଓ ଉଲ୍ଲେଖନୀୟ ପ୍ରଦର୍ଶନକୁ ମୁଖ୍ୟମନ୍ତ୍ରୀ ପ୍ରଶଂସା କରିବା ସହ କହିଛନ୍ତି ଯେ "ନିଜର ନିଷ୍ଠା ଓ ଅଧ୍ୟବସାୟ ବଳରେ ଖେଳରେ ଉତ୍କର୍ଷ ପ୍ରଦର୍ଶନ କରି ଆପଣମାନେ ଦେଶ ☞ପୃଷ୍ଠା-୪




କଲମ୍ବୋରେ ଅନୁଷ୍ଠିତ ଦୃଷ୍ଟିବାଧିତ ମହିଳା ଟି୨୦ କ୍ରିକେଟ ବିଶ୍ୱକପ୍‌ରେ ଚାମ୍ପିୟନ ଭାରତୀୟ ଦଳରେ ସାମିଲଥିବା ଓଡ଼ିଶାର ୪ ଖେଳାଳିଙ୍କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସୋମବାର ସମ୍ବର୍ଦ୍ଧିତ କରୁଛନ୍ତି। ନିକଟରେ ଅଛନ୍ତି କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ।

# ଦେଶବ୍ୟାପୀ ତଦନ୍ତ ପାଇଁ ସିବିଆଇକୁ ନିର୍ଦ୍ଦେଶ

## ଡିଜିଟାଲ ଆରେଷ୍ଟ ମାମଲା

ନୂଆଦିଲ୍ଲୀ,୧।୧୨(ପି.ଟି.)

ଡିଜିଟାଲ ଆରେଷ୍ଟ ଦୁର୍ନୀତି ମାମଲାଗୁଡ଼ିକର ଦେଶବ୍ୟାପୀ ଏକୀକୃତ ତଦନ୍ତ କରିବା ପାଇଁ ସୁପ୍ରିମକୋର୍ଟ ସୋମବାର କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ)କୁ ନିର୍ଦ୍ଦେଶ ଦେଇଛନ୍ତି। ସାଇବର ଅପରାଧୀମାନେ ବ୍ୟବହାର କରୁଥିବା ବ୍ୟାଙ୍କ ଆକାଉଣ୍ଟଗୁଡ଼ିକୁ ଖୋଜି ବାହାର କରିବା ସହ ସେଗୁଡ଼ିକୁ ଅଚଳ କରିବା ପାଇଁ ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) କୃତ୍ରିମ ବୁଦ୍ଧିମତ୍ତା (ଏଆଇ)କୁ ବ୍ୟବହାର କରୁନାହିଁ କାହିଁକି ବୋଲି ସର୍ବୋଚ୍ଚ ଅଦାଲତ ପ୍ରଶ୍ନ କରିଛନ୍ତି। ଦେଶରେ ଡିଜିଟାଲ ଆରେଷ୍ଟ ନାମରେ ସାଇବର ଅପରାଧ ବଢ଼ିଚାଲିଛି। ଅପରାଧୀମାନେ ନିଜକୁ ଆଇନ ପ୍ରବର୍ତ୍ତନକାରୀ ବା କୋର୍ଟ ଅଫିସର ଅଥବା ସରକାରୀ ଏଜେନ୍ସିର ଅଫିସର ପରିଚୟ ଦେଇ ଲୋକଙ୍କୁ ଅଡିଓ ଏବଂ ଭିଡିଓ କଲ୍ ଜରିଆରେ ଭୟଭୀତ କରାଇଥାନ୍ତି। ସେମାନେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଏକପ୍ରକାର ପଣବନ୍ଦୀ କରି ରଖିବା ସହ ଟଙ୍କା ପୈଠ କରିବାକୁ ଚାପ ପକାଇଥାନ୍ତି। ବିରୋଧୀ ଦଳ ଶାସିତ ପଶ୍ଚିମବଙ୍ଗ, ତାମିଲନାଡୁ, କର୍ଣ୍ଣାଟକ ଏବଂ ତେଲଙ୍ଗାନା ସମେତ ସମସ୍ତ ରାଜ୍ୟ ଡିଜିଟାଲ ଆରେଷ୍ଟ ମାମଲାରେ ସିବିଆଇକୁ ତଦନ୍ତ ପାଇଁ ଅନୁମତି ଦେବାକୁ ଭାରତର ପ୍ରଧାନ ବିଚାରପତି (ସିଜେଆଇ) ସୂର୍ଯ୍ୟକାନ୍ତ ଏବଂ ଜଷ୍ଟିସ୍ ଜୟମାଲ୍ୟ ବାଗ୍‌ଚୀଙ୍କ ଖଣ୍ଡପୀଠ କହିଛନ୍ତି।

ସାଇବର ଅପରାଧ ମାମଲାରେ ବ୍ୟବହୃତ ବ୍ୟାଙ୍କ ଆକାଉଣ୍ଟଗୁଡ଼ିକୁ ଅଚଳ କରିବା ପାଇଁ ଏଆଇ କିମ୍ବା ମେଶିନ୍ ଲର୍ଣ୍ଣିଂ ପ୍ରଯୁକ୍ତି କାହିଁକି ବ୍ୟବହାର କରାଯାଉ ନାହିଁ, ତାହାର ଜବାବ ☞ପୃଷ୍ଠା-୪

# ବିଦା ହେଲେଣି ୪୯ ବାଂଲାଦେଶୀ: ମୁଖ୍ୟମନ୍ତ୍ରୀ

**ନୂଆଦିଲ୍ଲୀର ଲାଲ୍‌କିଲା ବୋମା ବିସ୍ଫୋରଣ ଘଟଣା ପରେ ସାରା ଦେଶରେ ଅନୁପ୍ରବେଶକାରୀଙ୍କ ଚିହ୍ନଟ ପ୍ରକ୍ରିୟା ଜୋରଦାର କରାଯାଇଛି। ଏହିକ୍ରମରେ ଓଡ଼ିଶାର ବିଭିନ୍ନ ସ୍ଥାନରେ ବାଂଲାଦେଶୀ ଅନୁପ୍ରବେଶକାରୀଙ୍କୁ ନେଇ ଖୋଳତାଡ଼ ଚାଲିଛି। ସୋମବାର ବିଧାନସଭାରେ ବାଂଲାଦେଶୀ ଅନୁପ୍ରବେଶକାରୀ ସମ୍ପର୍କିତ ପ୍ରଶ୍ନର ଉତ୍ତରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ରାଜ୍ୟରେ ଆମ ସରକାର ଆସିବା (୧୨ ଜୁନ୍ ୨୦୨୪) ପରଠାରୁ ଇତିମଧ୍ୟରେ ୫୧ ଜଣ ବାଂଲାଦେଶୀ ଅନୁପ୍ରବେଶକାରୀଙ୍କୁ ଚିହ୍ନଟ କରାଯାଇଥିବାବେଳେ ୪୯ଜଣଙ୍କୁ ଦେଶାନ୍ତର କରାଯାଇଛି। ଆଉ ୫୦ ଜଣ ସନ୍ଦିଗ୍ଧଙ୍କ ପରିଚୟପତ୍ର ଯାଞ୍ଚ ପ୍ରକ୍ରିୟା ଚାଲିଛି। ଅପରପକ୍ଷେ କେନ୍ଦ୍ରାପଡ଼ା ଜିଲାରେ ସର୍ବାଧିକ ୧,୬୪୯ ବାଂଲାଦେଶୀ ଅନୁପ୍ରବେଶକାରୀ ରହିଥିବା ୨୦୦୫ରୁ ବିଭିନ୍ନ ସମୟରେ ବିଧାନସଭାରେ ତଥ୍ୟ ଉପସ୍ଥାପିତ ହୋଇଛି। ଏଥିସହ ଏହି ଜିଲାରେ ୭୬ ହଜାରରୁ ଊର୍ଦ୍ଧ୍ୱ ବଙ୍ଗଳାଭାଷୀ ବସବାସ କରୁଛନ୍ତି। କିନ୍ତୁ ଗତ ଅଗଷ୍ଟ ମାସରୁ ଏଠାରେ ବାଂଲାଦେଶୀ ଅନୁପ୍ରବେଶକାରୀ ଖୋଜା ପ୍ରକ୍ରିୟା ଚାଲିଥିବାବେଳେ ଜଣେ ହେଲେ ଏପର୍ଯ୍ୟନ୍ତ ଚିହ୍ନଟ ହୋଇ ନ ପାରିବା ଉଦ୍‌ବେଗର ବିଷୟ ବୋଲି କୁହାଯାଉଛି।**

ଭୁବନେଶ୍ୱର,୧।୧୨(ରବିନାରାୟଣ ଜେନା)

କେନ୍ଦ୍ର ସରକାରଙ୍କ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ମେ' ୨ରେ ନିର୍ଦ୍ଦେଶ ପରେ ରାଜ୍ୟ ସରକାରଙ୍କ ପକ୍ଷରୁ ବାଂଲାଦେଶୀ ଓ ଅନୁପ୍ରବେଶକାରୀଙ୍କୁ ବିଦା କରିବା ନେଇ ତତ୍ପରତା ଦେଖାଦେଇଛି। ସେମାନଙ୍କୁ କିଭଳି ଚିହ୍ନଟ କରାଯାଇ ଓଡ଼ିଶାରୁ ବିଦା କରାଯିବ ସେନେଇ 'ସ୍ୱତନ୍ତ୍ର କାର୍ଯ୍ୟ ବାହିନୀ' ପକ୍ଷରୁ ପ୍ରକ୍ରିୟା ଜାରି ରହିଛି। ଇତିମଧ୍ୟରେ ରାଜ୍ୟରୁ ୪୯ ବାଂଲାଦେଶୀଙ୍କୁ ତାଙ୍କ ଦେଶକୁ ପଠାଯାଇଥିବାବେଳେ ଏବେ ବି ବହୁ ଅଞ୍ଚଳରେ ବାଂଲାଦେଶୀ ଚିହ୍ନଟ ପ୍ରକ୍ରିୟା ଜାରି ରହିଛି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୃହକୁ ଜଣାଇଛନ୍ତି।

ସୋମବାର ବିଜେଡି ସଦସ୍ୟ ଗୌତମବୁଦ୍ଧ ଦାସ ଓ ଭାଜପା ସଦସ୍ୟ ମାନସ ଦତ୍ତଙ୍କ ପ୍ରଶ୍ନର ଉତ୍ତରରେ ମୁଖ୍ୟମନ୍ତ୍ରୀ ଗୃହକୁ ଦେଇଥିବା ତଥ୍ୟ ଅନୁଯାୟୀ, ରାଜ୍ୟରେ ଭାଜପା ସରକାର କ୍ଷମତାକୁ ଆସିବା ପରେ ଇତିମଧ୍ୟରେ ୫୧ ବାଂଲାଦେଶୀ ଚିହ୍ନଟ ହୋଇଛନ୍ତି। ସେଥିମଧ୍ୟରୁ ୪୯ ବାଂଲାଦେଶୀଙ୍କୁ ତାଙ୍କ ଦେଶକୁ ପଠାଗଲାଣି। ସେଥିମଧ୍ୟରେ ଖୋର୍ଦ୍ଧା ସହରରୁ ୨୪, କଟକରୁ ୧୫, ଗଞ୍ଜାମ ୬, କନ୍ଧମାଳ ୩, କୋରାପୁଟରୁ ଜଣେ ବାଂଲାଦେଶୀଙ୍କୁ ଚିହ୍ନଟ କରାଯାଇ ନିଜ ଦେଶକୁ ପଠାଯାଇଛି। ଅନ୍ୟ ୨ ବାଂଲାଦେଶୀ ଅନୁପ୍ରବେଶକାରୀ ଜାଲ୍ ପାସ୍‌ପୋର୍ଟ କରି ଧରାପଡ଼ିଛନ୍ତି। ସେମାନଙ୍କ ବିରୋଧରେ ମୋକଦ୍ଦମା ରୁଜୁ କରାଯାଇ କୋର୍ଟଚାଲାଣ କରାଯାଇଛି। ବାଂଲାଦେଶୀଙ୍କୁ ଚିହ୍ନଟ, ଅଟକ ଏବଂ ଦେଶାନ୍ତର କରିବା ପାଇଁ 'ସ୍ୱତନ୍ତ୍ର କାର୍ଯ୍ୟ ବାହିନୀ' ଗଠନ କରାଯାଇଛି। ବାଂଲାଦେଶୀଙ୍କୁ ଚିହ୍ନଟ ପାଇଁ ସମସ୍ତ ଏସ୍‌ପିଙ୍କୁ କଡ଼ା ନିର୍ଦ୍ଦେଶ ଦିଆଯାଇଛି ବୋଲି ମୁଖ୍ୟମନ୍ତ୍ରୀ ତାଙ୍କ ଉତ୍ତରରେ ଦର୍ଶାଇଛନ୍ତି।

ଏହି ଅବସରରେ ମାନସ ଦତ୍ତଙ୍କ ପ୍ରଶ୍ନର ଉତ୍ତରରେ ମୁଖ୍ୟମନ୍ତ୍ରୀ ଗୃହକୁ ଦର୍ଶାଇଛନ୍ତି, ବାଂଲାଦେଶୀଙ୍କୁ ଚିହ୍ନଟ ଓ ଅଟକ ରଖିବା ପାଇଁ ରାଜ୍ୟସ୍ତରରେ ୨ଟି ଏବଂ ଜିଲାସ୍ତରରେ ୧୮ ଗୋଟି କେନ୍ଦ୍ର ଖୋଲାଯାଇଛି। ସନ୍ଦିଗ୍ଧ ବାଂଲାଦେଶୀଙ୍କୁ ତାଙ୍କ ଦେଶକୁ ପଠାଯିବା ପର୍ଯ୍ୟନ୍ତ ରଖାଯାଉଛି। ☞ପୃଷ୍ଠା-୪

## କେନ୍ଦ୍ରାପଡ଼ାରେ ଚିହ୍ନଟ ପ୍ରକ୍ରିୟା ବାଟବଣା

କେନ୍ଦ୍ରାପଡ଼ା,୧।୧୨(ଜଗନ୍ନାଥ ଧଳ)

କେନ୍ଦ୍ରାପଡ଼ା ଜିଲାରେ ୧,୬୪୯ ବାଂଲାଦେଶୀ ଅନୁପ୍ରବେଶକାରୀ ରହିଥିବା ୨୦୦୫ ମସିହାରୁ ବିଧାନସଭାରେ ବାରମ୍ବାର ତଥ୍ୟ ଉପସ୍ଥାପନ କରାଯାଉଛି। ଅପରପକ୍ଷେ ସାରା ରାଜ୍ୟରେ ଗତ ଅଗଷ୍ଟ ମାସଠାରୁ ବାଂଲାଦେଶୀ ଅନୁପ୍ରବେଶକାରୀଙ୍କ ସମ୍ପର୍କରେ ଖୋଳତାଡ଼ ଚାଲିଥିବାବେଳେ ଏହି ଜିଲାରେ ଚିହ୍ନଟ ପ୍ରକ୍ରିୟା ଅଦ୍ୟାବଧି ଜାରି ରହିଛି। ତେବେ ସୋମବାର ବିଧାନସଭାରେ ଉପସ୍ଥାପିତ ତଥ୍ୟ ଅନୁଯାୟୀ ଅନ୍ୟ ଜିଲାର ୫୧ ବାଂଲାଦେଶୀ ଅନୁପ୍ରବେଶକାରୀଙ୍କୁ ଚିହ୍ନଟ କରାଯାଇଛି। ମାତ୍ର ଗତ ୪ ମାସ ଧରି କେନ୍ଦ୍ରାପଡ଼ା ଜିଲାର ଜଣେହେଲେ ଅନୁପ୍ରବେଶକାରୀ ଚିହ୍ନଟ ସମ୍ପର୍କରେ ଜିଲା ପୋଲିସ ପକ୍ଷରୁ ତଥ୍ୟ ପ୍ରକାଶ ନ ହେବା ଉଦ୍‌ବେଗର ବିଷୟ କୁହାଯାଉଛି। ଏ ସମ୍ପର୍କରେ ବୁଦ୍ଧିଜୀବୀ ରାଧାକାନ୍ତ ମହାନ୍ତି, ସୁଶାନ୍ତ ନାୟକ, ବୀରେନ୍ଦ୍ର ଦାସ, ଆକାଶ ଦାସ, ମନ୍ମଥ ନାୟକ ପ୍ରମୁଖ କହିଛନ୍ତି, ବଙ୍ଗଭଙ୍ଗ ସମୟରେ ଏହି ଜିଲାରେ ମୋଟ ୧,୨୩୭ ଜଣ ବାଂଲାଦେଶୀଙ୍କୁ ଥଇଥାନ କରାଯାଇଥିଲା। ରାଜନଗର ଓ ମହାକାଳପଡ଼ା ବ୍ଲକ ଅଞ୍ଚଳରେ ୧୯୬୦ ମସିହାରୁ ଏପର୍ଯ୍ୟନ୍ତ ୪୨ଟି ବାଂଲାଭାଷୀଙ୍କ ରାଜସ୍ୱ ଗ୍ରାମ ସୃଷ୍ଟି ହୋଇଛି। ୨୦୧୧ ଜନଗଣନା ଅନୁସାରେ ଜିଲାରେ ବାଂଲାଭାଷୀଙ୍କ ସଂଖ୍ୟା ୭୬ ହଜାରରୁ ଊର୍ଦ୍ଧ୍ୱ ରହିଥିବା ବେଳେ ସାମ୍ପ୍ରତିକ ସମୟରେ ଏହି ସଂଖ୍ୟା ଅଧିକ ହେବ। ଖୋଲାମେଲା ସମୁଦ୍ର ଓ ରାଜପଥ ଯୋଗୁ ଏହି ଜିଲାକୁ ବାଂଲାଦେଶୀ ଅନୁପ୍ରବେଶକାରୀଙ୍କ ଆସିବାରେ ବାଧା ନାହିଁ। ଏଠାକୁ ଆସି ରାଜନେତାଙ୍କ ଶରଣରେ ରହି ଭୋଟର କାର୍ଡ, ରାଶନ କାର୍ଡ, ଆଧାର ଆଦି ପ୍ରସ୍ତୁତ ☞ପୃଷ୍ଠା-୪

# 'ରାଜଭବନ' ହେଲା 'ଲୋକ ଭବନ'



ଭୁବନେଶ୍ୱର,୧।୧୨(ସୁନିତ୍ ମିଶ୍ର)

ଆନୁଷ୍ଠାନିକ ଭାବେ ଉଭୟ ଭୁବନେଶ୍ୱର ଏବଂ ପୁରୀ 'ରାଜଭବନ' ର ନାମ ପରିବର୍ତ୍ତନ କରାଯାଇ 'ଲୋକ ଭବନ' ନାମରେ ନାମିତ କରାଯାଇଛି। ଏହି ପରିବର୍ତ୍ତନ ସମ୍ପର୍କରେ ରାଜଭବନ ପକ୍ଷରୁ ସୋମବାର ଏକ ବିଜ୍ଞପ୍ତି ଜାରି କରାଯାଇ ସୂଚନା ଦିଆଯାଇଛି। ଏହା ଓଡ଼ିଶାର ପ୍ରଶାସନିକ ପରିଚୟରେ ଏକ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ ବୋଲି କୁହାଯାଇଛି। କେନ୍ଦ୍ର ସରକାରଙ୍କ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର ନିର୍ଦ୍ଦେଶନାମା ଆଧାରରେ ଓଡ଼ିଶାର ରାଜ୍ୟପାଳ ହରିବାବୁ କମ୍ଭମପାଟି ଏହି ନାମକରଣକୁ ଅନୁମୋଦନ କରିଛନ୍ତି। ୨୦୨୪ରେ ☞ପୃଷ୍ଠା-୪

## ଆଜିର ସମ୍ପାଦକୀୟ

ଆରାବଳିକୁ ମାରିଦେବେ

# ଏନ୍‌ଆର୍‌ଟିଏସ୍ ପରୀକ୍ଷାଫଳ ପ୍ରକାଶ

କଟକ,୧।୧୨(କାର୍ତ୍ତିକ ସାହୁ)

ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ଦ୍ୱାରା ପରିଚାଳିତ ଜାତୀୟ ଗ୍ରାମାଞ୍ଚଳ ମେଧାବୃତ୍ତି (ଏନ୍‌ଆର୍‌ଟିଏସ୍) ୨୦୨୫ର ପରୀକ୍ଷାଫଳ ସୋମବାର ପ୍ରକାଶ ପାଇଛି। ପରୀକ୍ଷାର୍ଥୀମାନେ ବୋର୍ଡ ୱେବ୍‌ସାଇଟ୍ www.bseodisha.ac.in-ରେ ଉପଲବ୍ଧ ହୋଇଥିବା ଲିଙ୍କ୍ ଖୋଲିବା ପରେ ନିଜ ରୋଲ୍ ନମ୍ବର କିମ୍ବା ନାମ ପୂରଣ କରି ଫଳ ଦେଖିପାରିବେ। ଗତ ସେପ୍ଟେମ୍ବର ୧୯ ତାରିଖରେ ଅନୁଷ୍ଠିତ ଏହି ପରୀକ୍ଷା ୫୩,୮୧୦ଜଣ ଛାତ୍ରୀଛାତ୍ର ଦେଇଥିଲେ। ଅପରପକ୍ଷରେ ୩୧୫୫ଜଣ ଛାତ୍ରୀଛାତ୍ର ପରୀକ୍ଷାରେ ଅନୁପସ୍ଥିତ ଥିଲେ। ସମଗ୍ର ରାଜ୍ୟରେ ୩୫୫ଟି ପରୀକ୍ଷା କେନ୍ଦ୍ରରେ ଏହି ପରୀକ୍ଷା ହୋଇଥିଲା।

# ଜୀବନବ୍ୟାପୀ ସଞ୍ଚିତ ଅର୍ଥ ଦାନ କଲେ ଡାକ୍ତର

## ଏମ୍‌ସକୁ ୩ କୋଟି ୪୦ ଲକ୍ଷ ଦାନ: ୧୦୦ତମ ଜନ୍ମଦିନକୁ ସ୍ମରଣୀୟ କରିବେ ଡାକ୍ତର ଲକ୍ଷ୍ମୀବାଈ



ପ୍ରଫେସର ଡା. କେ. ଲକ୍ଷ୍ମୀବାଈ

ବ୍ରହ୍ମପୁର,୧।୧୨(ସୁବାସ ଚନ୍ଦ୍ର ପାଢ଼ୀ)

ଶହେ ବର୍ଷରେ ପଦାର୍ପଣ କରିବାକୁ ଯାଉଥିବା ବ୍ରହ୍ମପୁରର ଜଣେ ମହିଳା ଡାକ୍ତର ବଦାନ୍ୟତା ଦେଖାଇଛନ୍ତି। ନିଜର ଜୀବନବ୍ୟାପୀ ସଞ୍ଚିତ ଅର୍ଥକୁ ସ୍ୱାସ୍ଥ୍ୟସେବାର ବିକାଶରେ ବିନିଯୋଗ ନିମନ୍ତେ ସେ ଦାନ କରିଛନ୍ତି। ସମ୍ପୃକ୍ତ ଡାକ୍ତର ଜଣଙ୍କ ହେଲେ ପ୍ରସୂତି ଓ ସ୍ତ୍ରୀ ରୋଗ ବିଶେଷଜ୍ଞ ପ୍ରଫେସର ଡା. କେ. ଲକ୍ଷ୍ମୀବାଈ। ୧୦୦ତମ ଜନ୍ମଦିନକୁ ସ୍ମରଣୀୟ କରିବାକୁ ସେ ଭୁବନେଶ୍ୱର ଏମ୍‌ସକୁ ୩ କୋଟି ୪୦ଲକ୍ଷ ଟଙ୍କା ଦେଇଛନ୍ତି। ଏହି ଅର୍ଥ ଏମ୍‌ସ ମହିଳା କର୍କଟ ରୋଗ ଚିକିତ୍ସା ଓ ଯତ୍ନ କେନ୍ଦ୍ରକୁ ଦିଆଯାଇଛି।

୧୯୨୬ ଡିସେମ୍ବର ୫ରେ ଡା. ଲକ୍ଷ୍ମୀବାଈଙ୍କ ଜନ୍ମ। ୧୯୪୫ରୁ ୧୯୫୦ ମଧ୍ୟରେ ସେ କଟକ ଶ୍ରୀରାମ ଚନ୍ଦ୍ର ଭଞ୍ଜ(ଏସ୍‌ସିବି) ମେଡିକାଲ କଲେଜରେ ଏମ୍‌ବିବିଏସ୍ ପଢ଼ିଥିଲେ। ସେ ଏସ୍‌ସିବିର ପ୍ରଥମ ବ୍ୟାଚ ଏମ୍‌ବିବିଏସ୍ ଛାତ୍ରୀ ଥିଲେ। ୧୯୫୮ରେ ମାଡ୍ରାସ ମେଡିକାଲ କଲେଜରେ ସ୍ତ୍ରୀ ଓ ପ୍ରସୂତି ବିଭାଗ ପାଠ୍ୟକ୍ରମରେ ଡିପ୍ଲୋମା ଓ ପରେ ମାଷ୍ଟର ଡିଗ୍ରୀ ପଢ଼ା ସାରିଥିଲେ। ପ୍ରଫେସର ଡା. ଲକ୍ଷ୍ମୀବାଈ ୧୯୫୦ରେ ସୁନ୍ଦରଗଡ଼ ଜିଲା ହସ୍ପିଟାଲରୁ ଚାକିରି ଜୀବନ ଆରମ୍ଭ କରି ୧୯୮୬ରେ ବ୍ରହ୍ମପୁର ଏମ୍‌କେସିଜି ମେଡିକାଲରୁ ଅବସର ନେଇଥିଲେ। ଅବସର ପରେ ସେ ଏବେ ବ୍ରହ୍ମପୁର ଭାବାନଗରସ୍ଥିତ ଘରେ ରହୁଛନ୍ତି। ଆସନ୍ତା ୫ ତାରିଖରେ ୧୦୦ତମ ଜନ୍ମଦିନ ପାଳନ ଅବସରରେ ସେ ଏମ୍‌ସକୁ ଦାନ ସମ୍ପର୍କରେ ଘୋଷଣା କରିବେ ବୋଲି ସୂଚନା ମିଳିଛି। ଜୀବନବ୍ୟାପୀ ସଞ୍ଚିତ ଅର୍ଥକୁ ସ୍ୱାସ୍ଥ୍ୟ ସେବା ନିମନ୍ତେ ଦାନ କରି ପ୍ରଫେସର ଡା. ଲକ୍ଷ୍ମୀବାଈ ଅତ୍ୟନ୍ତ ଖୁସିଥିବା କହିଛନ୍ତି। ତାଙ୍କର ଛାତ୍ରୀ ତଥା ଜଣାଶୁଣା ପ୍ରସୂତି ଓ ସ୍ତ୍ରୀ ରୋଗ ବିଭାଗ ପ୍ରଫେସର ପି. ଭାରତୀ ଓ ଡା. ଭାରତୀ ମିଶ୍ର ଏହି କାର୍ଯ୍ୟର ତଦାରଖ କରୁଛନ୍ତି। ସ୍ୱାସ୍ଥ୍ୟସେବା ପ୍ରତି ଗୁରୁଙ୍କ ବଦାନ୍ୟତା ଦେଖି ଉଭୟେ ଖୁସି ହେବା ସହ ତାଙ୍କ ଆଦର୍ଶ ଅନେକଙ୍କୁ ଅନୁପ୍ରାଣିତ କରିବ ବୋଲି କହିଛନ୍ତି। ସୂଚନାଯୋଗ୍ୟ, ସ୍ୱାସ୍ଥ୍ୟସେବାରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ପ୍ରଫେସର ଡା. ଲକ୍ଷ୍ମୀବାଈ ପୂର୍ବରୁ ଭାରତଜ୍ୟୋତି ଆୱାର୍ଡ, ଇଣ୍ଟରନ୍ୟାଶନାଲ ଫ୍ରେଣ୍ଡଶିପ୍ ସୋସାଇଟି ଆୱାର୍ଡ ଏବଂ ବେଷ୍ଟ ସିଟିଜେନ ଅଫ ଇଣ୍ଡିଆ ଆୱାର୍ଡ ପାଇଛନ୍ତି।

# ଜନଶୁଣାଣି ଶିବିରରେ ବିଧବାଙ୍କ ଆତ୍ମାହୁତି ଉଦ୍ୟମ

## ବାରମ୍ବାର ଅଭିଯୋଗ ସତ୍ତ୍ୱେ ପ୍ରଶାସନ ନ ଶୁଣିବାରୁ ଚରମ ନିଷ୍ପତ୍ତି



ସସ୍ମିତା ମାଝୀ ଜିଲାପାଳଙ୍କ ନିକଟରେ ଅଭିଯୋଗ କରୁଛନ୍ତି।

ବାଙ୍କୀ,୧।୧୨(ଶୁଭେନ୍ଦୁ ମହାପାତ୍ର/ ଜ୍ଞାନେନ୍ଦ୍ର ମୋହନ ମିଶ୍ର)

ସ୍ୱାମୀଙ୍କ ମୃତ୍ୟୁ ପରେ ସହାୟତା ରାଶି ପାଇବା ପାଇଁ ସ୍ଥାନୀୟ ପ୍ରଶାସନଠାରୁ ଆରମ୍ଭ କରି ଜିଲାପାଳଙ୍କ ନିକଟରେ ବାରମ୍ବାର ନିବେଦନ କଲେ। ହେଲେ କେହି ଗୁହାରି ନ ଶୁଣିବାରୁ ଜଣେ ମହିଳା ଚରମ ନିଷ୍ପତ୍ତି ନେଇଛନ୍ତି। କଟକ ଜିଲା ବାଙ୍କୀ ବ୍ଲକରେ ଅନୁଷ୍ଠିତ ଜିଲାପାଳଙ୍କ ଜନଶୁଣାଣି ଶିବିରରେ ସସ୍ମିତା ମାଝୀ ନିଜ ଶରୀରରେ ପ୍ଲାଷ୍ଟିକ ବୋତଲରେ ଆଣିଥିବା ପେଟ୍ରୋଲ ଢାଳି ଆତ୍ମାହୁତି ଉଦ୍ୟମ କରିଛନ୍ତି। ତେବେ ଏହି ସମୟରେ ନିକଟରେ ଥିବା ପୋଲିସ ଓ ଜିଲାପାଳଙ୍କ ସୁରକ୍ଷା ଅଧିକାରୀ ତାଙ୍କୁ କାବୁ କରିନେଇଛନ୍ତି। ତାଙ୍କ ସମସ୍ୟାର ସମାଧାନ ଖୁବ୍‌ଶୀଘ୍ର କରାଯିବ ବୋଲି ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ ପ୍ରତିଶ୍ରୁତି ଦେଇଥିବା ଜଣାପଡ଼ିଛି।

ଖବର ମୁତାବକ, ବାଙ୍କୀ ବୈଦେଶ୍ୱର ପଞ୍ଚାୟତସ୍ଥିତ ରଙ୍ଗଣୀ ସାହିର ସସ୍ମିତାଙ୍କ ସ୍ୱାମୀ ବନମାଳୀ ଖଟୁଆଙ୍କ ୨ବର୍ଷ ପୂର୍ବେ ମୃତ୍ୟୁ ଘଟିଥିଲା। ସ୍ୱାମୀଙ୍କ ମୃତ୍ୟୁ ପରଠାରୁ ସସ୍ମିତା କେତେବେଳେ ଶାଶୁଘରେ ତ ଆଉ କେତେବେଳେ ☞ପୃଷ୍ଠା-୪

## ଅଭିଯୋଗ ଶୁଣାଣିରେ ମହିଳାଙ୍କ ଆତ୍ମହତ୍ୟା ଉଦ୍ୟମ

### ଗୁରାଣ୍ଡି ଥାନା ଅଧିକାରୀଙ୍କ ବିରୋଧରେ ଅସଦାଚରଣ ଅଭିଯୋଗ

ପାରଳାଖେମୁଣ୍ଡି, ୧।୧୨ (ଗିରିଧାରୀ ପରିଛା)

ଟଙ୍କା ଧାର ଦେଇଥିଲେ। ବାରମ୍ବାର ମାଗିବା ପରେ ଫେରସ୍ତ ପାଇଲେନି। ଏନେଇ ଥାନା ବାବୁଙ୍କୁ ଅଭିଯୋଗ କରିବାରେ ସେ ନ୍ୟାୟ ଦେବା ପରିବର୍ତ୍ତେ ଅଶ୍ଳୀଳ ଇଙ୍ଗିତ ଦେବାସହ ଶାରୀରିକ ସମ୍ପର୍କ ରଖିବା ପାଇଁ ବାଧ କଲେ। ଏମିତି ଏକ ସାଂଘାତିକ ଅଭିଯୋଗ ଆଣି ଜଣେ ମହିଳା ଜିଲାପାଳଙ୍କ ଜନ ଅଭିଯୋଗ ଶୁଣାଣିରେ ଆତ୍ମହତ୍ୟା ଉଦ୍ୟମ କରିଛନ୍ତି। ଏହି ଅଭାବନୀୟ ଘଟଣା ଘଟିଛି ଗଜପତି ଜିଲା ସଦର ମହକୁମା ପାରଳାଖେମୁଣ୍ଡିସ୍ଥିତ ଜିଲାପାଳଙ୍କ କାର୍ଯ୍ୟାଳୟଠାରେ ସୋମବାର ଅନୁଷ୍ଠିତ ଜନଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ। ଅପରପକ୍ଷରେ ଏହି ଘଟଣାକୁ ଗୁରୁତ୍ୱର ସହ ନିଆଯାଇ ଅଭିଯୋଗର ତଦନ୍ତ ପାଇଁ ପାରଳାଖେମୁଣ୍ଡି ଏସ୍‌ଡିପିଓ ମାଧବାନନ୍ଦ ନାୟକଙ୍କୁ ନିର୍ଦ୍ଦେଶ ଦିଆଯାଇଥିବା ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସୁନୀଲକାନ୍ତ ମହାନ୍ତି କହିଛନ୍ତି।

ଏନେଇ ଆତ୍ମହତ୍ୟା ଉଦ୍ୟମ କରିଥିବା ଗଜପତି ଜିଲା ଗୋଷାଣି ବ୍ଲକ ଗୁରାଣ୍ଡି ଥାନା ଅନ୍ତର୍ଗତ ମହାଦେଇପୁର ଗ୍ରାମର ମହିଳାଙ୍କ କହିବା ଅନୁଯାୟୀ, ୨୦୨୨ ଓ ୨୦୨୪ରେ ପୃଥକ୍ ପୃଥକ୍ ଭାବେ ଗ୍ରାମର ଗୋଟିଏ ପରିବାରର ପ୍ରଶାନ୍ତ ଧଳ, ହାରା ଧଳ ଓ ଜଗଦୀଶ ଧଳ ନିଜର ସମସ୍ୟା ଜଣାଇ ତାଙ୍କଠାରୁ ଦୁଇଟି କିସ୍ତିରେ ୩ ଲକ୍ଷ ୭୭ ହଜାର ଟଙ୍କା ଧାର ନେଇଥିଲେ। ସମସ୍ତେ କାଗଜପତ୍ରରେ ଲେଖିକରି ଟଙ୍କା ନେଇଥିଲେ। ☞ପୃଷ୍ଠା-୪



ଅପରେଶନ ସାଗରବନ୍ଧୁ: ଶ୍ରୀଲଙ୍କାରେ ବନ୍ୟା ଓ ଭୂସ୍ଖଳନ ପରେ ଉଦ୍ଧାର କାର୍ଯ୍ୟରେ ଭାରତର ଏନ୍‌ଡିଆର୍‌ଏଫ୍ କର୍ମଚାରୀ ନିୟୋଜିତ ହୋଇଛନ୍ତି।

# ହାସିନାଙ୍କୁ ପୁଣି ୫ ବର୍ଷ ଜେଲଦଣ୍ଡ

**ଢାକା,୧।୧୨**

ବାଂଲାଦେଶର କ୍ଷମତାଚ୍ୟୁତ ପ୍ରଧାନମନ୍ତ୍ରୀ ଶେଖ୍ ହାସିନାଙ୍କୁ ଏକ ଜମି ଦୁର୍ନୀତି ମାମଲାରେ ସେଠାର ଏକ ଅଦାଲତ ଦୋଷୀସାବ୍ୟସ୍ତ କରିବା ସହ ୫ ବର୍ଷ ଜେଲ ଦଣ୍ଡାଦେଶ ଦେଇଛନ୍ତି। ଉକ୍ତ ମାମଲାରେ ହାସିନାଙ୍କ ଝିଆରୀ ତଥା ବ୍ରିଟିଶ ପାର୍ଲାମେଣ୍ଟାରିଆନ୍ ଟୁଲିପ୍ ସିଦ୍ଦିକଙ୍କୁ ୨ ବର୍ଷ ଜେଲଦଣ୍ଡ ହୋଇଛି। ଢାକାର ସ୍ପେଶାଲ ଜଜ୍ କୋର୍ଟ-୪ର ବିଚାରପତି ମହମ୍ମଦ ରାବିଉଲ୍ ଆଲାମ ଏକ ଦୁର୍ନୀତି ମାମଲାରେ ହାସିନାଙ୍କ ଭଉଣୀ ଶେଖ୍ ରେହନାଙ୍କୁ ୭ ବର୍ଷ ଜେଲ ଦଣ୍ଡାଦେଶ ଶୁଣାଇଥିବାବେଳେ ଅନ୍ୟ ୧୪ ଜଣ ଅଭିଯୁକ୍ତଙ୍କୁ ୫ ବର୍ଷ ଲେଖାଏ ଜେଲଦଣ୍ଡ ମିଳିଛି। ସମସ୍ତ ୧୭ ଦୋଷୀଙ୍କ ଉପରେ ୧ ଲକ୍ଷ ଟାକା ଜରିମାନା ଲଗାଯାଇଛି। ଏହା ପୈଠ ନକଲେ ସେମାନଙ୍କୁ ଅତିରିକ୍ତ ୬ ମାସ ଜେଲରେ ରହିବାକୁ ପଡ଼ିବ ବୋଲି ବିଚାରପତି କହିଛନ୍ତି। ସିଦ୍ଦିକ ଜଣେ ବ୍ରିଟିଶ-ବାଂଲାଦେଶୀ ଲେବର ପାର୍ଟି ନେତ୍ରୀ। ସେ ରେହନାଙ୍କ ଝିଅ। ୨୦୧୫ରୁ ସେ ବ୍ରିଟେନରେ ଏମ୍‌ପି ଅଛନ୍ତି। ହାସିନାଙ୍କ ଶାସନ କାଳରେ ହୋଇଥିବା ଦୁର୍ନୀତିର ତଦନ୍ତ ପାଇଁ ଗତ ଏପ୍ରିଲରେ



ଶେଖ୍ ହାସିନା

ଅନ୍ତରୀଣ ସରକାର ସିଦ୍ଦିକଙ୍କ ନାଁରେ ଗିରଫ ପରୱାନା ଜାରି କରିଥିଲେ। ସେ ବାହାରେ ରହି ତାଙ୍କ ମାଆ, ମାଉସୀ, ଭାଇ ଓ ଭଉଣୀଙ୍କୁ ପ୍ଲଟ୍ ହାତେଇବା ପାଇଁ ପ୍ରଭାବିତ କରିଥିବା ଅଭିଯୋଗରେ ଦୋଷୀସାବ୍ୟସ୍ତ ହୋଇଛନ୍ତି। ହାସିନାଙ୍କ ବିରୋଧରେ ଦୁର୍ନୀତି ମାମଲାରେ ଏହା ଚତୁର୍ଥ ରାୟ। କିଛିଦିନ ପୂର୍ବରୁ ୩ଟି ମାମଲାରେ ତାଙ୍କୁ ୨୧ ବର୍ଷ ଜେଲଦଣ୍ଡ ହୋଇଥିଲା। ଗତବର୍ଷ ଅଗଷ୍ଟରେ ଛାତ୍ର ଆନ୍ଦୋଳନକୁ ଦମନ କରିବା ପାଇଁ ସେନାକୁ ବଳ ପ୍ରୟୋଗ କରିବା ଲାଗି ନିର୍ଦ୍ଦେଶ ଦେଇଥିବା ଅଭିଯୋଗରେ ହାସିନାଙ୍କୁ ବାଂଲାଦେଶର ଅନ୍ତର୍ଜାତୀୟ ଅପରାଧ ଟ୍ରିବ୍ୟୁନାଲ ଗତମାସ ୧୭ ତାରିଖରେ ମୃତ୍ୟୁଦଣ୍ଡାଦେଶ ଦେଇଥିଲେ।

## ରୁବୈୟା ସୟିଦ ଅପହରଣ ମାମଲାରେ ସନ୍ଦିଗ୍ଧ ଗିରଫ



ରୁବୈୟା ସୟିଦ

**ନୂଆଦିଲ୍ଲୀ,୧।୧୨(ପି.ଟି.)**

୧୯୮୯ ଡିସେମ୍ବର ୮ରେ ତତ୍କାଳୀନ କେନ୍ଦ୍ରମନ୍ତ୍ରୀ ମୁଫ୍ତି ମହମ୍ମଦ ସୟିଦଙ୍କ ଝିଅ ରୁବୈୟା ସୟିଦଙ୍କୁ ଜେକେଏଲ୍‌ଏଫ୍ ଆତଙ୍କବାଦୀ ଅପହରଣ କରିନେଇଥିଲେ। ଅପହରଣର ୩୬ ବର୍ଷ ପରେ ଉକ୍ତ ମାମଲା ସହ ସମ୍ପୃକ୍ତ ଜଣେ ସନ୍ଦିଗ୍ଧଙ୍କୁ ସିବିଆଇ ଗିରଫ କରିଥିବା ସୋମବାର କହିଛି। ଅପହରଣର ୫ ଦିନ ପରେ ରୁବୈୟାଙ୍କୁ ମୁକ୍ତ କରିଦିଆଯାଇଥିଲା। ଜେକେଏଲ୍‌ଏଫ୍‌ର ସର୍ତ୍ତ ଅନୁଯାୟୀ ତତ୍କାଳୀନ ଭାଜପା ସମର୍ଥିତ ଭି.ପି. ସିଂ ସରକାର ଏହା ବଦଳରେ ୫ ଆତଙ୍କବାଦୀଙ୍କୁ ଛାଡ଼ିଥିଲେ। ତାମିଲନାଡୁରେ ରହୁଥିବା ରୁବୈୟା ସିବିଆଇ ପାଇଁ ସରକାରୀ ପକ୍ଷର ସାକ୍ଷୀ ଭାବେ କାର୍ଯ୍ୟ କରୁଛନ୍ତି। ୧୯୯୦ରେ ସିବିଆଇ ଉକ୍ତ ମାମଲାର ତଦନ୍ତ ଦାୟିତ୍ୱ ନେଇଥିଲା। ଅପହରଣ ମାମଲାର ମୁଖ୍ୟ ଅଭିଯୁକ୍ତ ୟାସିନ୍ ମଲିକ ଏବେ ତିହାର ଜେଲରେ ଅଛନ୍ତି।

# ଏସ୍‌ଆଇଆର୍‌କୁ ନେଇ ହଟ୍ଟଗୋଳ

## ପ୍ରଥମ ଦିନ ଲୋକ ସଭା ମୁଲତବୀ

**ନୂଆଦିଲ୍ଲୀ,୧।୧୨**

ଭୋଟର ତାଲିକାର ବିବାଦୀୟ ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍‌ଆଇଆର୍) ଉପରେ ଆଲୋଚନା ଦାବିରେ ବିରୋଧୀ ଜୋରଦାର ବିରୋଧ ଜାରି ରଖିବାରୁ ଶୀତ ଅଧିବେଶନର ପ୍ରଥମ ଦିନରେ ସୋମବାର ଲୋକ ସଭାକୁ ମୁଲତବୀ ରଖାଯାଇଛି।

ଏସ୍‌ଆଇଆର୍ କାର୍ଯ୍ୟରେ ନିୟୋଜିତ ଅନେକ ବୁଥ୍‌ସ୍ତରୀୟ ଅଧିକାରୀ (ବିଏଲ୍‌ଓ) ଅତ୍ୟଧିକ କାର୍ଯ୍ୟଚାପରୁ ଆତ୍ମହତ୍ୟା କରିଥିବା ବିରୋଧୀ ଦର୍ଶାଇଥିଲେ। ଅପରାହ୍ନ ୨ଟା ୨୦ରେ ଗୃହକୁ ଦିନକ ପାଇଁ ମୁଲତବୀ ଘୋଷଣା କରାଯାଇଛି। ପୂର୍ବାହ୍ନ ପ୍ରଶ୍ନୋତ୍ତର କାଳରେ ଏବଂ ପରେ ଅପରାହ୍ନରେ ୨ ଥର ମୁଲତବୀ ହୋଇଥିଲା। ଅନେକ ବିରୋଧୀ ସଦସ୍ୟ ଗୃହ ମଧ୍ୟଭାଗକୁ ଆସି ଏସ୍‌ଆଇଆର୍ ବିରୋଧରେ ସ୍ଲୋଗାନ ଦେବା ସହ ପ୍ରତିବାଦ କରିଥିଲେ।

ହଟ୍ଟଗୋଳ ମଧ୍ୟରେ ମଣିପୁରରେ ସଂଶୋଧିତ ଜିଏସ୍‌ଟି ଆଇନ ଲାଗୁ କରିବା ପାଇଁ ଅଣାଯାଇଥିବା ବିଲ୍ ସ୍ୱଳ୍ପ ଆଲୋଚନା ପରେ ଗୃହୀତ ହୋଇଥିଲା। ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ଉକ୍ତ ବିଲ୍ ଆଗତ କରିଥିଲେ। ଏଥିସହିତ ଅର୍ଥମନ୍ତ୍ରୀ ତମାଖୁ ଓ ତମାଖୁ ଉତ୍ପାଦ ଉପରେ ଉତ୍ପାଦ ଶୁଳ୍କ ଧାର୍ଯ୍ୟ ଲାଗି ଏବଂ ପାନ ମସଲା ଉତ୍ପାଦନ ଉପରେ ନୂଆ ସେସ୍ ଲଗାଇବା ପାଇଁ କେନ୍ଦ୍ରୀୟ ଉତ୍ପାଦ ଶୁଳ୍କ (ସଂଶୋଧନ) ବିଲ୍ ଏବଂ ସ୍ୱାସ୍ଥ୍ୟ ସୁରକ୍ଷା ଓ ଜାତୀୟ ସୁରକ୍ଷା ସେସ୍ ବିଲ୍ ଆଗତ କରିଥିଲେ।

ରାଜ୍ୟ ସଭାରେ ମଧ୍ୟ ବିରୋଧୀ ଏସ୍‌ଆଇଆର୍ ଉପରେ ତୁରନ୍ତ ଆଲୋଚନା ଦାବି କରିଥିଲେ। ସରକାର ଆଲୋଚନା ପାଇଁ ବିମୁଖ ନୁହନ୍ତି ବୋଲି ସଂସଦୀୟ ବ୍ୟାପାର ମନ୍ତ୍ରୀ କିରେନ ରିଜିଜୁ କହିବା ସହ ସମୟସୀମା ଧାର୍ଯ୍ୟ କରିବାକୁ ଚାପ ନ ପକାଇବା ପାଇଁ କହିଥିଲେ। ମନ୍ତ୍ରୀଙ୍କ ଉତ୍ତରରେ ସନ୍ତୁଷ୍ଟ ନ ହୋଇ କେତେକ ବିରୋଧୀ ସଦସ୍ୟ କକ୍ଷତ୍ୟାଗ କରିଥିଲେ। ପୂର୍ବରୁ ବିରୋଧୀ ସଦସ୍ୟ ଏସ୍‌ଆଇଟି ପ୍ରସଙ୍ଗରେ ଆଲୋଚନା ପାଇଁ ନୋଟିସ ଦେଇଥିବାବେଳେ ଗୃହ ଅଧ୍ୟକ୍ଷ ସି.ପି. ରାଧାକ୍ରିଷ୍ଣନ ତାହାକୁ ଅନୁମତି ଦେଇ ନ ଥିଲେ।

## ପାର୍ଲାମେଣ୍ଟ ନାଟକ ମଞ୍ଚ ନୁହେଁ: ପ୍ରଧାନମନ୍ତ୍ରୀ

ଶୀତ ଅଧିବେଶନ ଆରମ୍ଭ ପୂର୍ବରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସୋମବାର ଗଣମାଧ୍ୟମକୁ ସମ୍ବୋଧିତ କରି କହିଥିଲେ, ପାର୍ଲାମେଣ୍ଟ କୌଣସି ନାଟକ ମଞ୍ଚ ନୁହେଁ, ଏହା ଦେବାର ସ୍ଥାନ। ବିରୋଧୀ ଦଳ ନିର୍ବାଚନ ପାଇଁ କିମ୍ବା ପରାଜୟ ପରେ କୌଣସି ଧୋକାବାଜି ବାହାର କରିବା ଲାଗି ଗୃହକୁ ଏକ ଅଭ୍ୟାସ ଆଖଡ଼ାରେ ପରିଣତ କରିଥିବା ପ୍ରଧାନମନ୍ତ୍ରୀ ଅଭିଯୋଗ କରିଥିଲେ। ଅଧିବେଶନ ରାଜନୈତିକ ନାଟକବାଜି ନ ହୋଇ ଗଠନମୂଳକ ତଥା ଫଳପ୍ରଦାନକାରୀ ବିତର୍କର ମଞ୍ଚ ହେବା ଆବଶ୍ୟକ। ରାଜନୀତିରେ ସକାରାତ୍ମକତା ଆଣିବା ଲାଗି ବିରୋଧୀଙ୍କୁ କେତେକ ଟିପ୍ସ ଦେବା ପାଇଁ ପ୍ରସ୍ତାବ ରଖିଥିଲେ। ଆମକୁ ଦାୟିତ୍ୱପୂର୍ଣ୍ଣ ସହକାରେ କାର୍ଯ୍ୟ କରିବା ଆବଶ୍ୟକ ବୋଲି ପ୍ରଧାନମନ୍ତ୍ରୀ କହିଥିଲେ।




ଶୀତ ଅଧିବେଶନ ପୂର୍ବରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପାର୍ଲାମେଣ୍ଟ ପରିସରରେ ଗଣମାଧ୍ୟମକୁ ସମ୍ବୋଧିତ କରୁଛନ୍ତି।

ପ୍ରଧାନମନ୍ତ୍ରୀଙ୍କ ଏଭଳି ମନ୍ତବ୍ୟକୁ ବିରୋଧୀ ଦଳ କଡ଼ା ସମାଲୋଚନା କରିଛି। କେନ୍ଦ୍ର ସରକାର କୌଶଳକ୍ରମେ ସଂସଦୀୟ ମର୍ଯ୍ୟାଦାକୁ ନଷ୍ଟ କରୁଛନ୍ତି। ଗତ ୧୧ ବର୍ଷ ହେଲା ସଂସଦୀୟ ବ୍ୟବସ୍ଥା ନଷ୍ଟ ହୋଇଚାଲିଥିବା କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ କହିଛନ୍ତି। ମୌସୁମୀ ଅଧିବେଶନରେ ସରକାର ତରବରିଆ ଭାବେ ଗୁରୁତ୍ୱପୂର୍ଣ୍ଣ ବିଲ୍‌କୁ ବିନା ଆଲୋଚନାରେ କିମ୍ବା ସ୍ୱଳ୍ପ ଆଲୋଚନାରେ ଗୃହୀତ କରାଇ ନେଇଥିଲେ। ପ୍ରଧାନମନ୍ତ୍ରୀ ସବୁଠୁ ବଡ଼ ଡ୍ରାମାବାଜି ବୋଲି ଖାର୍ଗେ କହିଛନ୍ତି। ସେହିପରି କଂଗ୍ରେସ ଏମ୍‌ପି ପ୍ରିୟଙ୍କା ଗାନ୍ଧୀ ଭଦ୍ରା କହିଛନ୍ତି, ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍‌ଆଇଆର୍) ଏବଂ ଦିଲ୍ଲୀ ବାୟୁ ପ୍ରଦୂଷଣ ପ୍ରସଙ୍ଗ ପାର୍ଲାମେଣ୍ଟରେ ଉଠାଇବା ଡ୍ରାମା ନୁହେଁ।

## ଶ୍ରୀଲଙ୍କାରେ ଫସିଥିବା ଭାରତୀୟଙ୍କୁ ଫେରାଇ ଅଣାଗଲା

**କଲମ୍ବୋ,୧।୧୨**

ବାତ୍ୟା ଡିଟ୍‌ୱା ପ୍ରଭାବରେ ବନ୍ୟା ଓ ଭୂସ୍ଖଳନରେ ଶ୍ରୀଲଙ୍କାରେ ୩୫୫ରୁ ଊର୍ଦ୍ଧ୍ୱ ଲୋକଙ୍କ ମୃତ୍ୟୁ ଘଟିବା ସହ ବ୍ୟାପକ କ୍ଷୟକ୍ଷତି ହୋଇଥିବାବେଳେ ଅନେକ ଭାରତୀୟ ଫେରି ନ ପାରି ସେଠାରେ ଫସିରହିଥିଲେ। ଅପରେଶନ ସାଗରବନ୍ଧୁ ଜରିଆରେ ଭାରତୀୟ ବାୟୁସେନା ସେମାନଙ୍କୁ ସ୍ୱଦେଶ ଫେରାଇ ଆଣିଛି। ସୋମବାର କଲମ୍ବୋର ବନ୍ଦରନାଏକ ଅନ୍ତର୍ଜାତୀୟ ବିମାନବନ୍ଦରରୁ ଶେଷ ବ୍ୟାଚ୍‌ରେ ୧୦୪ ଭାରତୀୟ ଯାତ୍ରୀ ବାୟୁସେନା ବିମାନରେ ଆସି ଥିରୁଭନନ୍ତପୁରମ୍‌ରେ ପହଞ୍ଚିଛନ୍ତି। ଶ୍ରୀଲଙ୍କା ବନ୍ୟା ଓ ଭୂସ୍ଖଳନଜନିତ ମୃତ୍ୟୁସଂଖ୍ୟା ସୋମବାର ୩୫୫ରେ ପହଞ୍ଚିଥିବାବେଳେ ୩୬୬ ଜଣ ନିଖୋଜ ରହିଛନ୍ତି। ଉଦ୍ଧାର ଓ ରିଲିଫ୍ କାର୍ଯ୍ୟରେ ଭାରତୀୟ ବାୟୁସେନା ସାମିଲ ହୋଇଛି। ୨ ଦଶନ୍ଧି ମଧ୍ୟରେ ଉକ୍ତ ଦ୍ୱୀପଦେଶରେ ଏହା ସବୁଠୁ ଭୟାବହ ପ୍ରାକୃତିକ ବିପର୍ଯ୍ୟୟ ଯେଉଁଥିରେ ଉପକୂଳ ସମେତ କେନ୍ଦ୍ରୀୟ ଶ୍ରୀଲଙ୍କାରେ ବ୍ୟାପକ କ୍ଷୟକ୍ଷତି ଘଟିଛି। ବର୍ଷା ବିପ୍ୟାତରେ ୧୩ ଲକ୍ଷରୁ ଊର୍ଦ୍ଧ୍ୱ ଲୋକ ପ୍ରଭାବିତ ହୋଇଥିବା ବିପର୍ଯ୍ୟୟ ପରିଚାଳନା କେନ୍ଦ୍ର ପକ୍ଷରୁ କୁହାଯାଇଛି।

# ଫୋନ୍ ବିକ୍ରି ପୂର୍ବରୁ ସଞ୍ଚାର ସାଥୀ ଆପ୍ ସଂଯୋଗ କର

**ନୂଆଦିଲ୍ଲୀ,୧।୧୨**

## ସ୍ମାର୍ଟଫୋନ୍ କମ୍ପାନୀଙ୍କୁ କେନ୍ଦ୍ରର ନିର୍ଦ୍ଦେଶ

ସାଇବର ସୁରକ୍ଷାକୁ ସୁଦୃଢ଼ କରିବା ଉଦ୍ଦେଶ୍ୟରେ ଫୋନ୍ ବିକ୍ରି ପୂର୍ବରୁ ସେଥିରେ ସରକାରଙ୍କ ଦ୍ୱାରା ବିକଶିତ ସାଇବର ସୁରକ୍ଷା ଆପ୍ଲିକେଶନ (ସଞ୍ଚାର ଆପ୍) ସଂଯୋଗ କରିବାକୁ କେନ୍ଦ୍ର ସରକାର ସ୍ମାର୍ଟଫୋନ୍ ନିର୍ମାତାମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହାଦ୍ୱାରା ୟୁଜରଙ୍କୁ ଜାଲିଆତି କଲ୍ ଏବଂ ମେସେଜ୍ ତଥା ମୋବାଇଲ୍ ଫୋନ୍ ଚୋରି ସମ୍ପର୍କରେ ସୂଚନା ମିଳିବ। ୟୁଜରମାନେ ଉକ୍ତ ଆପ୍ଲିକେଶନକୁ ହଟାଇପାରିବେ ନାହିଁ। ସମ୍ପ୍ରତି ବଜାରକୁ ଆସିଥିବା ନୂଆ ସ୍ମାର୍ଟଫୋନ୍‌ଗୁଡ଼ିକରେ ସଞ୍ଚାର ସାଥୀ ଆପ୍ଲିକେଶନ ପୂର୍ବରୁ ଇନ୍‌ଷ୍ଟଲ ହୋଇଛି। ଯେଉଁ ଫୋନ୍‌ଗୁଡ଼ିକ ପୂର୍ବରୁ ବିକ୍ରି ହୋଇଛି, ସେଥିରେ ଉକ୍ତ ଆପ୍ଲିକେଶନ ଉପଲବ୍ଧ କରାଇବା ସହ ସଫ୍ଟୱେର ଅପ୍‌ଡେଟ୍ କରାଇବାକୁ ଟେଲିକମ୍ ବିଭାଗ ନିର୍ଦ୍ଦେଶ ଦେଇଛି। ଉକ୍ତ ନିର୍ଦ୍ଦେଶନାମା କାର୍ଯ୍ୟକାରୀ କରିବା ପାଇଁ ୩ ମାସ ସମୟ ଦିଆଯାଇଛି। ଏହା ଆପଲ୍, ସାମ୍‌ସଙ୍ଗ, ସାଓମି, ଓପୋ, ଭିଭୋ ଭଳି ସ୍ମାର୍ଟଫୋନ୍ ନିର୍ମାତାମାନଙ୍କୁ ପ୍ରଭାବିତ କରିବ ବୋଲି ଏହାର ଅଧିକାରୀମାନେ କହିଛନ୍ତି।

# କଶ୍ମୀରରେ ଅନୁପ୍ରବେଶ ଅପେକ୍ଷାରେ ୧୨୦ ଆତଙ୍କବାଦୀ

**ଶ୍ରୀନଗର,୧।୧୨**

ନିୟନ୍ତ୍ରଣ ରେଖା (ଏଲ୍‌ଓସି) ଅତିକ୍ରମ କରି କଶ୍ମୀରରେ ଅନୁପ୍ରବେଶ କରିବାକୁ ସୀମା ସେପାଖ ଲଞ୍ଚପ୍ୟାଡ୍‌ଗୁଡ଼ିକରେ ୧୦୦ରୁ ୧୨୦ ଆତଙ୍କବାଦୀ ଅପେକ୍ଷାରେ ରହିଥିବା ସୀମା ସୁରକ୍ଷା ବଳ (ବିଏସ୍‌ଏଫ୍)ର ଜଣେ ବରିଷ୍ଠ ଅଧିକାରୀ ସୋମବାର କହିଛନ୍ତି। ଏଲ୍‌ଓସିର ପାକିସ୍ତାନ ପାର୍ଶ୍ୱରେ ଆତଙ୍କବାଦୀମାନଙ୍କର ୬୯ଟି ଲଞ୍ଚିଂ ପ୍ୟାଡ୍ ସକ୍ରିୟ ରହିଛି। ବିଏସ୍‌ଏଫ୍‌ର



କଶ୍ମୀର ଫ୍ରଣ୍ଟିୟର ଆଇଜି ଅଶୋକ ଯାଦବ ଗଣମାଧ୍ୟମକୁ କହିଛନ୍ତି, ବିଏସ୍‌ଏଫ୍

## ସୀମାରେ ୬୯ ଲଞ୍ଚପ୍ୟାଡ୍ ସକ୍ରିୟ

ଏଲ୍‌ଓସିରେ ସତର୍କ ରହିବା ସହ ଚଳିତ ବର୍ଷ ୪ଟି ଅନୁପ୍ରବେଶ ଉଦ୍ୟମକୁ ପଣ୍ଡ କରିଛି। ସୁରକ୍ଷା ବଳ ଗୁଳିରେ ୮ ଜଣ ଆତଙ୍କବାଦୀ ନିହତ ହୋଇଛନ୍ତି। ସେନା, ଜମ୍ମୁ-କଶ୍ମୀର ପୋଲିସ ଏବଂ ସିଆର୍‌ପିଏଫ୍ ଯବାନଙ୍କ ସହ ଏଲ୍‌ଓସିରେ ୨୨ଟି ମିଳିତ ଅଭିଯାନ କରାଯାଇଛି। ଉତ୍ତର କଶ୍ମୀରରେ କେତେଜଣ ଆତଙ୍କବାଦୀ ନିପାତ ହେବା ସହ ସେମାନଙ୍କଠାରୁ ବିପୁଳ ପରିମାଣର ଅସ୍ତ୍ରଶସ୍ତ୍ର ଓ ଗୁଳିଗୋଳା ଜବତ କରାଯାଇଛି। ଜବତ ଅସ୍ତ୍ର ମଧ୍ୟରେ ଏକେ-୪୭ ରାଇଫଲ, ଏମ୍‌ପି-୫ ରାଇଫଲ, ପିସ୍ତଲ, ହ୍ୟାଣ୍ଡ ଗ୍ରେନେଡ୍, ୟୁବିଜିଏଲ୍, ୟୁବିଜିଏଲ୍ ଗ୍ରେନେଡ୍, ଚାଇନା ଗ୍ରେନେଡ୍ ଆଦି ରହିଛି। ଆତଙ୍କବାଦୀଙ୍କ ବିଭିନ୍ନ ପ୍ରଶିକ୍ଷଣ କ୍ୟାମ୍ପ୍ ଉପରେ ଗୋଇନ୍ଦା ବିଭାଗ ପୂରା ନଜର ରଖିଥିବା ଯାଦବ କହିଛନ୍ତି।

**ଫୁର୍‌ସତ୍**

# ମଣିଷଙ୍କ ହାଡ଼ରେ ତିଆରି ରାସ୍ତା

ବିଶ୍ୱରେ ଏପରି ଏକ ରାସ୍ତା ଅଛି ଯାହା କେବଳ ପଥର, ମାଟି ଏବଂ ପିଚୁରେ ତିଆରି ନୁହେଁ ବରଂ ଏଥିରେ ମଣିଷ ହାଡ଼ ମଧ୍ୟ ଅଛି। ସେଥିପାଇଁ ଏହି ରାସ୍ତାକୁ ବୋନ୍ ରୋଡ୍ ବା ହାଡ଼ର ରାସ୍ତା କୁହାଯାଏ। ଏହି ନାଁ ଶୁଣିଲେ ଭୟରେ ଦେହ ଥରିଉଠିବ। କିନ୍ତୁ ଏହା ପଛରେ ଥିବା କାହାଣୀ ଆହୁରି ଭୟଙ୍କର। ଏହି ରାସ୍ତାଟି ରୁଷିଆର ଏକ ଅତି ଦୁର୍ଗମ ଏବଂ ଥଣ୍ଡା ଅଞ୍ଚଳରେ ଅବସ୍ଥିତ। ଏହା ପ୍ରକୃତରେ କୋଲିମା ହାଇୱେ ନାମକ ଏକ ଲମ୍ବା ରାଜପଥ। ରୁଷିଆର ଏହି ଅଂଶ ଏତେ ଥଣ୍ଡା ଯେ ଏହା ବର୍ଷର ଅନେକ ମାସ ପର୍ଯ୍ୟନ୍ତ ବରଫାବୃତ୍ତ ଥାଏ। ଆଜି ମଧ୍ୟ ଏହି ରାଜପଥର ଅନେକ ସ୍ଥାନରେ ମଣିଷ ହାଡ଼ ଏବଂ କଙ୍କାଳ ଦେଖିବାକୁ ମିଳେ। ଏହା କୌଣସି ଭୟଙ୍କର ଚଳଚ୍ଚିତ୍ର ପରି ଶୁଭେ, କିନ୍ତୁ ଏହା ସମ୍ପୂର୍ଣ୍ଣ ସତ୍ୟ। କୁହାଯାଏ ଯେ ରାସ୍ତାରେ ବରଫ ପଡ଼ିବା ଯୋଗୁ ଯାନବାହନ ଖସିଯାଉଥିଲା।



ସେତେବେଳେ ପ୍ରଯୁକ୍ତିବିଦ୍ୟା ସୀମିତ ଥିଲା ତେଣୁ ରାସ୍ତାକୁ ମଜବୁତ କରିବା ପାଇଁ ମଣିଷ ହାଡ଼କୁ ପଥର ଏବଂ ବାଲି ସହିତ ମିଶ୍ରଣ କରାଯାଉଥିଲା। ଏହି ହାଡ଼ଗୁଡ଼ିକ ହଜାର ହଜାର ଶ୍ରମିକ ଏବଂ କଏଦୀଙ୍କର ଥିଲା ଯେଉଁମାନେ ଏହି ରାଜପଥ ନିର୍ମାଣ ସମୟରେ ମୃତ୍ୟୁବରଣ କରିଥିଲେ। ବିଶ୍ୱାସ କରାଯାଏ ଯେ, ଏହି ରାସ୍ତା ନିର୍ମାଣ ସମୟରେ ୨୫୦୦୦ରୁ ୧୦୦୦୦୦ ଲୋକଙ୍କ ମୃତ୍ୟୁ ହୋଇଥିଲା। ସେମାନଙ୍କର ହାଡ଼ସବୁ ଏହି ରାସ୍ତାରେ ପୋତି ହୋଇ ରହିଛି। ଏହି ରାସ୍ତାଟି ସୋଭିଏତ୍ ଏକଛତ୍ରବାଦୀ ଯୋସେଫ ଷ୍ଟାଲିନ୍‌ଙ୍କ ଶାସନ କାଳରେ ନିର୍ମିତ ହୋଇଥିଲା। ୧୯୩୦ ଦଶକରେ ଏହା ଆରମ୍ଭ ହେବା ପରେ, ଲକ୍ଷ ଲକ୍ଷ କଏଦୀଙ୍କୁ ଏହି ଅଞ୍ଚଳକୁ ବଳପୂର୍ବକ ଶ୍ରମିକ ପାଇଁ ପଠାଯାଇଥିଲା। କାର୍ଯ୍ୟ ପରିସ୍ଥିତି ଏତେ ଭୟଙ୍କର ଥିଲା ଯେ, କୁହାଯାଏ ଏଠାକୁ ଆସିଥିବା କୌଣସି କଏଦୀ କେବେ ଫେରି ନ ଥିଲେ। ଶୀତ ଏତେ କଠୋର ଥିଲା ଯେ ତାପମାତ୍ରା ପ୍ରାୟତଃ-୫୦ ଡିଗ୍ରୀ ତଳେ ଖସିଯାଉଥିଲା। ଉପଯୁକ୍ତ ଖାଦ୍ୟ, ଆଶ୍ରୟସ୍ଥଳ, ପୋଷାକ ନ ଥିଲା। କାମ କରୁଥିବା ସମୟରେ ଯେଉଁମାନେ ମୃତ୍ୟୁବରଣ କରୁଥିଲେ ସେମାନଙ୍କୁ ସେମାନଙ୍କ ଶରୀରକୁ କବର ଦେବା ପାଇଁ ମଧ୍ୟ ସମୟ ଦିଆଯାଉ ନ ଥିଲା। ସେମାନଙ୍କୁ ସିଧାସଳଖ ରାସ୍ତା ତଳେ କବର ଦିଆଯାଉଥିଲା। ଏହି କାରଣରୁ ଏହି ରାଜପଥ ଲକ୍ଷାଧିକ ମୃତ ଲୋକଙ୍କ ହାଡ଼ ଉପରେ ନିର୍ମିତ ବୋଲି ବିଶ୍ୱାସ କରାଯାଏ। ଲୋକମାନେ ଏହାକୁ ଏକ ଦୁଃସାହସିକ ରାସ୍ତା ବୋଲି ମଧ୍ୟ କୁହନ୍ତି।

## ପୁଣି ବିବାହ କଲେ ସାମନ୍ଥା

**ମୁମ୍ବାଇ**

ଅଭିନେତ୍ରୀ ସାମନ୍ଥା ରୁଥ ପ୍ରଭୁ ପୁଣିଥରେ ବିବାହ କରିଛନ୍ତି। ଦି ଫ୍ୟାମିଲି ମ୍ୟାନ୍ ନିର୍ଦ୍ଦେଶକ ରାଜ ନିଦିମୋରୁଙ୍କୁ ସେ ଗୁପ୍ତ ଭାବେ ବିବାହ କରିଛନ୍ତି। ବିବାହର ଫଟୋ ଶେୟାର କରି ସାମନ୍ଥା କେବଳ ଲେଖିଛନ୍ତି, ୧.୧୨.୨୦୨୫। ସାମନ୍ଥା ଏବଂ ରାଜ ସୋମବାର ସକାଳେ ଇଶା ଯୋଗ କେନ୍ଦ୍ରର ଲିଙ୍ଗ ଭୈରବୀ ମନ୍ଦିରରେ ବିବାହ ବନ୍ଧନରେ ଆବଦ୍ଧ ହୋଇଛନ୍ତି। ବିବାହରେ ୩୦ ଜଣ ଅତିଥି ଯୋଗ ଦେଇଥିଲେ। ରାଜ ଏବଂ ସାମନ୍ଥା ଉଭୟଙ୍କ ପାଇଁ ଦ୍ୱିତୀୟ ବିବାହ। ରାଜଙ୍କ ପୂର୍ବତନ ସ୍ତ୍ରୀ ଶ୍ୟାମଳୀ ଦେ ମଧ୍ୟ ଇନ୍‌ଷ୍ଟାଗ୍ରାମରେ ଏକ ଷ୍ଟାଟସ ପୋଷ୍ଟ କରିଥିଲେ, ଯେଉଁଥିରେ ଲେଖାଥିଲା, ହତାଶ ଲୋକମାନେ ହତାଶ କାମ କରନ୍ତି। ଏହି ପୋଷ୍ଟ ସାମନ୍ଥା ଏବଂ ରାଜଙ୍କ ବିବାହକୁ ନେଇ ଚର୍ଚ୍ଚାକୁ ଆହୁରି ତ୍ୱରାନ୍ୱିତ କରିଥିଲା। ରାଜ ଏବଂ ଶ୍ୟାମଳୀ ୨୦୨୨ରେ ଛାଡପତ୍ର ନେଇଥିଲେ। ସାମନ୍ଥ ରୁଥ ପ୍ରଭୁଙ୍କ ପ୍ରଥମ ବିବାହ ନାଗା ଚୈତନ୍ୟଙ୍କ ସହିତ ହୋଇଥିଲା। ୨୦୨୧ରେ ସେମାନଙ୍କର ଛାଡପତ୍ର ହୋଇଗଲା। ନାଗା ଚୈତନ୍ୟ ମଧ୍ୟ ଅଭିନେତ୍ରୀ ସୋଭିତା ଧୂଳିପାଲାଙ୍କୁ ବିବାହ କରିଥିଲେ। ନାଗା ଚୈତନ୍ୟଙ୍କଠାରୁ ଅଲଗା ହେବା ପରେ, ସାମନ୍ଥା ଏବଂ ରାଜ ୱେବ ସିରିଜ 'ଦି ଫ୍ୟାମିଲି ମ୍ୟାନ ୨'ରେ ଏକାଠି କାମ କରିଥିଲେ। ଏହା ପରେ ସେମାନଙ୍କର ନିବିଡତା ବଢ଼ିଥିଲା।



**ମଣ୍ଡପ ସମସ୍ୟା**




# ବଡ଼ କମ୍ପାନୀକୁ ସାହାଯ୍ୟ କରିବାକୁ ବିଲ୍ ଆଣୁଛନ୍ତି ସରକାର: ରଣେନ୍ଦ୍ର

**ଭୁବନେଶ୍ୱର, ୧।୧୨(ସୁନିତ୍ ମିଶ୍ର)**

- ଗରିବ ଲୋକଙ୍କୁ ନିଯୁକ୍ତି ଦେବା ବିଲ୍‌ର ମୂଳ ଉଦ୍ଦେଶ୍ୟ: ଶ୍ରମମନ୍ତ୍ରୀ ଗଣେଶରାମ
- ଓଡ଼ିଶା ଦୋକାନ ଓ ବାଣିଜ୍ୟିକ ପ୍ରତିଷ୍ଠାନ(ସଂଶୋଧନ) ବିଲ୍, ୨୦୨୫ ଆଗତ

ରାଜ୍ୟ ସରକାର ଏବେ ବଡ଼ ବଡ଼ କମ୍ପାନୀକୁ ସୁରକ୍ଷା ଦେବା ଲାଗି ଅଣ୍ଟା ଭିଡ଼ିଛନ୍ତି। ଓଡ଼ିଶା ଦୋକାନ ଓ ବାଣିଜ୍ୟିକ ପ୍ରତିଷ୍ଠାନ(ସଂଶୋଧନ) ବିଲ୍, ୨୦୨୫ ଜରିଆରେ ଏଭଳି ନିଷ୍ପତ୍ତି ନେବା ଲାଗି ପ୍ରୟାସ କରିଛନ୍ତି ; ଯାହା ରାଜ୍ୟର ସାଧାରଣ ଗରିବ ଲୋକଙ୍କ ପାଇଁ ସମସ୍ୟା ସୃଷ୍ଟି କରିବାକୁ ଯାଉଛି। ୨୦ କିମ୍ବା ତା'ଠାରୁ ଅଧିକ କର୍ମଚାରୀ ରଖିଥିବା କମ୍ପାନୀ ଏଣିକି ଏହି ଆଇନ ଆସିବା ପରେ ପଞ୍ଜୀକରଣ ପ୍ରମାଣପତ୍ର ପାଇପାରିବେ। ଏହା ଅତ୍ୟନ୍ତ ସାଙ୍ଘାତିକ ବୋଲି ବିଜେଡି ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଛନ୍ତି।

ଶ୍ରମ, ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଗଣେଶ ରାମ ସିଂଖୁଣ୍ଟିଆ ସୋମବାର ଗୃହରେ ଓଡ଼ିଶା ଦୋକାନ ଓ ବାଣିଜ୍ୟିକ ପ୍ରତିଷ୍ଠାନ(ସଂଶୋଧନ) ବିଲ୍, ୨୦୨୫ ଉପସ୍ଥାପିତ କରିଛନ୍ତି। ଉକ୍ତ ବିଲ୍‌କୁ ନେଇ ବିଜେଡି ପକ୍ଷରୁ ରଣେନ୍ଦ୍ର ଏହି ଆଲୋଚନାରେ ପ୍ରଥମେ ଭାଗ ନେଇ କହିଛନ୍ତି, ବଡ଼ କମ୍ପାନୀକୁ ସାହାଯ୍ୟ କରିବା ପାଇଁ ଏହା ହେଉଛି ଏକ ବହୁତ ବଢ଼ିଆ ବାଟ। ଯଦି ୨୦ କିମ୍ବା ତଦୂର୍ଦ୍ଧ୍ୱ କର୍ମଚାରୀ ଥିବା କମ୍ପାନୀ ଏହି ଆଇନ ବଳରେ ପଞ୍ଜୀକରଣ କରିପାରିବେ, ତେବେ ତା'ଠାରୁ କମ୍ କର୍ମଚାରୀ ଥିବା କମ୍ପାନୀ କାହିଁକି ପଞ୍ଜୀକରଣ କରିପାରିବେ ନାହିଁ। ଏହାଦ୍ୱାରା ବଡ଼ କମ୍ପାନୀଗୁଡିକ ଏକାଧିକ ସଂସ୍ଥା କରି ସବୁଥିରେ ୧୯ ଜଣ ଲେଖା କର୍ମଚାରୀ ରଖି ଚଳାଇବାକୁ ବାଟ ପାଇଗଲେ। ଭବିଷ୍ୟତରେ ଏହା ବହୁ ବଡ଼ ସମସ୍ୟା ସୃଷ୍ଟିକରିବ। ସେ ଆହୁରି କହିଛନ୍ତି, ଅନ୍ତର୍ଜାତୀୟ ଶ୍ରମ ସଂଗଠନ କହୁଛି ଜଣେ କର୍ମଚାରୀ ଦିନ ଭିତରେ ୮ ଘଣ୍ଟା କାମ କରିବା ଦରକାର, ୮ ଘଣ୍ଟା ପରିବାର ସଦସ୍ୟଙ୍କୁ ସମୟ ଦେବା ସହ ବାକି ୮ ଘଣ୍ଟା ଶୋଇବାର ଆବଶ୍ୟକତା ରହିଛି। ହେଲେ ରାଜ୍ୟ ସରକାର ପ୍ରଥମେ ଜଣେ କର୍ମଚାରୀଙ୍କ କାର୍ଯ୍ୟ କରିବାର ସମୟ ପ୍ରଥମେ ୮ ଘଣ୍ଟା ବଦଳରେ ୯ ଘଣ୍ଟା କାର୍ଯ୍ୟ କରିବାକୁ ସ୍ଥିର କରିଥିବା ବେଳେ ଏବେ ତାହା ୧୦ ଘଣ୍ଟାକୁ ବୃଦ୍ଧି କରିବାକୁ ନିଷ୍ପତ୍ତି ନେଉଛନ୍ତି। ଏହାଦ୍ୱାରା କର୍ମଚାରୀଙ୍କ ଉପରେ ଚାପ ବଢ଼ିବ। ଜଣେ କର୍ମଚାରୀ ଓଭର ଟାଇମ୍ ସହ ଦିନକୁ ମୋଟ ୧୨ ଘଣ୍ଟା କାର୍ଯ୍ୟ କରିପାରିବେ। ମାସକୁ ୫୦ ଘଣ୍ଟା ବଦଳରେ ୧୪୪ ଘଣ୍ଟା ଓଭର ଟାଇମ୍‌କୁ ମିଶାଇ କାମ କରିପାରିବେ। ଯଦି ଜଣେ ମାସକୁ ୧୪୪ ଘଣ୍ଟା କାମ କଲେ ତେବେ ଏହାଦ୍ୱାରା ବହୁ ଜଣଙ୍କୁ ନିଯୁକ୍ତି ସୁଯୋଗ ହରାଇବାକୁ ପଡ଼ିବ। ୫୦ ଘଣ୍ଟାକୁ ଯେଉଁ ୧୪୪ ଘଣ୍ଟାକୁ ବଢ଼ାଗଲା, ଉକ୍ତ ଅଧିକ ସମୟ କାର୍ଯ୍ୟ ଆଉ ୨ ଜଣଙ୍କୁ ନିଯୁକ୍ତି ଦିଆଯାଇପାରି ଥାଆନ୍ତା। ଏହାଦ୍ୱାରା ରାଜ୍ୟର ଗରିବ ଲୋକଙ୍କ ଉପରେ ଚାପ ବଢ଼ିବା ସହ ଅଧିକ ନିଯୁକ୍ତି ସୁଯୋଗର ବାଟ ବନ୍ଦ କରାଗଲା। ସେହିପରି ମହିଳାମାନଙ୍କୁ ରାତ୍ରି ସମୟରେ କାର୍ଯ୍ୟ କରିବାକୁ ଅନୁମତି ଦେବା କଥା ସରକାର ଉଲ୍ଲେଖ କରିଛନ୍ତି। ହେଲେ ମହିଳାଙ୍କୁ ଯେଉଁ ସୁରକ୍ଷା ବ୍ୟବସ୍ଥା ମିଳିବା କଥା ତା'ର ବ୍ୟବସ୍ଥା ନ କରି ରାତ୍ରି ସମୟରେ କାର୍ଯ୍ୟ କରିବାକୁ ଖାଲି ଅନୁମତି ଦେଇଦେଲେ ଏହା କେତେ ଠିକ୍ ହେବ ସେକଥା ସରକାର ବିଚାର କରନ୍ତୁ ବୋଲି ରଣେନ୍ଦ୍ର କହିଛନ୍ତି। ବିଧାୟକ ପ୍ରତାପ ଦେବ ମଧ୍ୟ ଏହି ଆଲୋଚନାରେ ଭାଗନେଇ ଏଭଳି ବିଲ୍‌କୁ ନିନ୍ଦାକରିବା ସହ ଏହା ବ୍ୟବସାୟୀମାନଙ୍କୁ ସୁହାଇବା ଭଳି କାର୍ଯ୍ୟ ହେଉଥିବା କହିଛନ୍ତି।

ମନ୍ତ୍ରୀ ସିଂଖୁଣ୍ଟିଆ ବିରୋଧୀଙ୍କ ଅଭିଯୋଗର ଉତ୍ତରରେ କହିଛନ୍ତି, ଯେଉଁମାନେ ଏନ୍‌ଏସି, ମ୍ୟୁନିସିପାଲିଟି ଅଞ୍ଚଳରେ ରୁହନ୍ତି ସେମାନେ ଭାଗ୍ୟବାନ୍। ଏହି ସଂଶୋଧନ ମୁଖ୍ୟତଃ ସହରାଞ୍ଚଳ ଲୋକଙ୍କ କ୍ଷେତ୍ରରେ ଲାଗୁହେବ। କାରଣ ୪୫,୦୦୦ରୁ ଅଧିକ ବ୍ୟବସାୟିକ ପ୍ରତିଷ୍ଠାନ ସହରାଞ୍ଚଳରେ ରହିଛି। ଗରିବ ଲୋକଙ୍କୁ ନିଯୁକ୍ତି ଦେବା ଏହି ବିଲ୍‌ର ମୂଳ ଉଦ୍ଦେଶ୍ୟ। ୧୯ ଜଣ ପର୍ଯ୍ୟନ୍ତ ଯେଉଁ କମ୍ପାନୀରେ କର୍ମଚାରୀ ରହିଛନ୍ତି, ସେମାନଙ୍କୁ ପଞ୍ଜୀକୃତ କରାଯିବ ନାହିଁ। ହେଲେ ଯଦି ସେହି କମ୍ପାନୀଗୁଡିକ କର୍ମଚାରୀଙ୍କୁ ହଇରାଣ କରନ୍ତି ତେବେ ଛଡ଼ାଯିବ ନାହିଁ। ଆନ୍ଧ୍ର ପ୍ରଦେଶ, ତାମିଲନାଡୁ, ଛତିଶଗଡ଼, ତ୍ରିପୁରା ଭଳି ଅନେକ ରାଜ୍ୟରେ ଏହି ସଂଶୋଧିତ ବିଲ୍ ଲାଗୁ ହୋଇସାରିଛି ବୋଲି ସେ କହିଛନ୍ତି।

# ଭଲ ନିର୍ଦ୍ଦେଶ ; ଅଟକାଉଛନ୍ତି ଅମଲା


**ଭୁବନେଶ୍ୱର,୧।୧୨ (ରବିନାରାୟଣ ଜେନା)**

ଓଡ଼ିଶାକୁ ଦେଶର ସର୍ବଶ୍ରେଷ୍ଠ ରାଜ୍ୟରେ ପରିଗଣିତ କରିବା ପାଇଁ ରାଜ୍ୟ ସରକାର ଦିନରାତି ଏକ କରି ଦେଉଛନ୍ତି। ଏପରି କି ମୁଖ୍ୟମନ୍ତ୍ରୀ ଛୁଟିଦିନଗଡ଼ିକରେ ମଧ୍ୟ ଲୋକସେବା ଭବନରେ ବସି କାର୍ଯ୍ୟ କରୁଥିବା ଦେଖାଯାଉଛି। ଏହି ପରିପ୍ରେକ୍ଷୀରେ ରାଜ୍ୟର ବିକାଶ ଭିଜନ-୨୦୩୬କୁ ଦୃଷ୍ଟିରେ ରଖି ମୁଖ୍ୟମନ୍ତ୍ରୀ ଯେଉଁ ନିର୍ଦ୍ଦେଶନାମା ଜାରି କରୁଛନ୍ତି, ତାହା କାର୍ଯ୍ୟକାରୀ ବେଳେ କେତେକ କ୍ଷେତ୍ରରେ ଅମଲାଙ୍କ ସ୍ତରରେ ଅଟକି ଯାଉଛି। ଫଳରେ ସରକାରଙ୍କ ବିକାଶର ରଥ ଆଗକୁ ଗଡ଼ିପାରୁ ନ ଥିବା ଜଣାଯାଇଛି।

ତଥ୍ୟ ଅନୁଯାୟୀ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଜ୍ୟଭାର ସମ୍ଭାଳିବା ପରେ ଓଡ଼ିଶାର ସାମୂହିକ ବିକାଶ ଲାଗି ଇତିମଧ୍ୟରେ ୬୪ଟି ବ୍ୟକ୍ତିଗତ ନିର୍ଦ୍ଦେଶନାମା ବିଭାଗୀୟ ସଚିବମାନଙ୍କୁ ପ୍ରଦାନ କଲେଣି। ଏହାବାଦ୍ ବିଭିନ୍ନ ଯୋଜନା ସମ୍ବନ୍ଧୀୟ ୨୨୭ଟି ନିର୍ଦ୍ଦେଶନାମା ଅମଲାଙ୍କୁ ପ୍ରଦାନ କରିଛନ୍ତି। ଏଠାରେ କେତୋଟି ଉଦାହରଣ ଦିଆଯାଇପାରେ ଯଥା, ସେଥିମଧ୍ୟରେ କେଉଁଠାରେ ମନ୍ତ୍ରୀଙ୍କୁ 'ପ୍ରହରୀ ମନ୍ତ୍ରୀ' ଭାବେ ଜିଲାସ୍ତରରେ ଘୋଷଣା କରିବାକୁ ସରକାର ଲକ୍ଷ୍ୟ ରଖିଥିବାବେଳେ ଅନ୍ୟ କେଉଁଠାରେ 'ମହାପୁରୁଷ ଆଦର୍ଶ ଗ୍ରାମ ଯୋଜନା' କାର୍ଯ୍ୟକାରିତା, ଗୁଟ୍‌ଖାକୁ ସମ୍ପୂର୍ଣ୍ଣ ନିଷେଧ କରିବା, ପୁରୀ ମହାନଗର ନିଗମକୁ ପୂର୍ଣ୍ଣ କାର୍ଯ୍ୟକ୍ଷମ କରିବା, ମହାନଦୀ ମୁହାଁଣରେ ନୂତନ ବନ୍ଦର ନିର୍ମାଣ କରିବା ଭଳି ଶତାଧିକ ବ୍ୟକ୍ତିଗତ ନୋଟ୍‌ଶିଟ୍ ପ୍ରଦାନ କଲେଣି। ହେଲେ ଏପର୍ଯ୍ୟନ୍ତ ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ନିର୍ଦ୍ଦେଶନାମା ଶତପ୍ରତିଶତ କାର୍ଯ୍ୟକାରୀ ହୋଇପାରିନାହିଁ। ଏହାକୁ ନେଇ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଚିନ୍ତା ପ୍ରକଟ କରାଯିବା ପରେ ମଙ୍ଗଳବାର ଏହାର ସଚିବସ୍ତରୀୟ ସମୀକ୍ଷା ବୈଠକ କରାଯିବାକୁ ରହିଛି।

ଏ ସଂକ୍ରାନ୍ତରେ ଯୋଜନା ଓ ସଂଯୋଜନା ବିଭାଗ ପକ୍ଷରୁ ନିର୍ଦ୍ଦେଶକ(ଇ) ସୁଧାପ୍ରିୟା ଦାସ ସମସ୍ତ ବିଭାଗୀୟ ସଚିବଙ୍କୁ ପତ୍ର ଲେଖି ଅବଗତ କରାଇଛନ୍ତି। ଉକ୍ତ ପତ୍ରର ଅବିକଳ ନକଲ ଛପା ଯାଇଛି। ସେ ଦର୍ଶାଇଛନ୍ତି, ମୁଖ୍ୟଶାସନ ସଚିବ ମନୋଜ ଆହୁଜାଙ୍କ ଅଧ୍ୟକ୍ଷତାରେ ମଙ୍ଗଳବାର ଅପରାହ୍ଣ ୧୨ଟା ୩୦ମିନିଟ୍‌ରେ ଲୋକସେବାଭବନରେ ସମୀକ୍ଷା ବୈଠକ ଅନୁଷ୍ଠିତ ହେବ। ସେଥିରେ ପ୍ରଥମରେ ରହିଛି, ମୁଖ୍ୟମନ୍ତ୍ରୀ ପ୍ରଦାନ କରିଥିବା 'ୟୁଓଆଇ-ନୋଟ୍‌ଶିଟ୍'। ଏହା କେତେଦୂର ବିଭାଗୀୟ ସଚିବମାନେ କାର୍ଯ୍ୟକାରୀ କରିଛନ୍ତି ତାହାକୁ ତନ୍ନତନ୍ନ କରି ସମୀକ୍ଷା କରାଯିବ। ତଥ୍ୟ ଅନୁଯାୟୀ,ଏହି ସମୀକ୍ଷା ବୈଠକରେ ମୁଖ୍ୟମନ୍ତ୍ରୀଙ୍କ ୬୪ଟି ବ୍ୟକ୍ତିଗତ ନୋଟ୍‌ଶିଟ୍‌ର କାର୍ଯ୍ୟକାରିତା ଓ ୨୨୭ଟି ପ୍ରକଳ୍ପ ସଂକ୍ରାନ୍ତୀୟ ନିର୍ଦ୍ଦେଶନାମାର ପୁଙ୍ଖାନୁପୁଙ୍ଖ ଆଲୋଚନା ହେବ। କେଉଁ ବିଭାଗ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶନାମାକୁ କେତେଦୂର ଅନୁପାଳନ କରିଛନ୍ତି ତାହାର ସମୀକ୍ଷା କରାଯିବ। ଏହାପରେ ଜିଲାସ୍ତରରେ ବିଭିନ୍ନ ପ୍ରକଳ୍ପ କାର୍ଯ୍ୟକାରିତାର ସମୀକ୍ଷା ସାଙ୍ଗକୁ କର୍ମଚାରୀଙ୍କ 'ୱାର୍କ ପାସ୍ ବୁକ୍' କାର୍ଯ୍ୟକ୍ରମ କେତେଦୂର ଗଲା ତାହାର ମଧ୍ୟ ଆଲୋଚନା ହେବ। ଏହି ଅବସରରେ ବିଭାଗୀୟ ସଚିବମାନେ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶନାମାର ଆକ୍ସନ ଟେକେନ ରିପୋର୍ଟ(ଏଟିଆର୍) ମଧ୍ୟ ସାଙ୍ଗରେ ଆଣିବାକୁ କୁହାଯାଇଛି।

ଉଲ୍ଲେଖଯୋଗ୍ୟ, ଲୋକଙ୍କ ବିକାଶକୁ ଗୁରୁତ୍ୱ ଦେଇ ସରକାର ରାଜଭବନକୁ ଏବେ ଲୋକଭବନରେ ପରିଣତ କରିଛନ୍ତି। ଲୋକଙ୍କ କଥା ଶୁଣିବାକୁ ମୁଖ୍ୟମନ୍ତ୍ରୀ ବିଭିନ୍ନ ବୈଠକରେ ଗୁରୁତ୍ୱ ଦେଉଛନ୍ତି। ଏପରି କି ପ୍ରତିମାସରେ ଅନ୍ତତଃ ଥରେ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ଲୋକଙ୍କ ଗୁହାରି ଶୁଣି ତା'ର ତ୍ୱରିତ୍ ସମାଧାନ କରିବାକୁ ଗୁରୁତ୍ୱ ଦେଉଛନ୍ତି। ଏହି ପରିପ୍ରେକ୍ଷୀରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ୟମକୁ ବିଳମ୍ବିତ କରାଇବାରେ ଅନେକ ପ୍ରଚେଷ୍ଟା ଲାଗି ରହିଥିବା ଭଳି ପ୍ରତୀୟମାନ ହେଉଛି।



GOVERNMENT OF ODISHA
PLANNING & CONVERGENCE DEPARTMENT
*****

Letter No. 16784(40)/P., Bhubaneswar, Date 28/11/2025
PC-COODI-COODI-0002-2022

From
Smt Sudhapriya Das
Director(E)

To
All Additional Chief Secretaries to Government,
All Principal Secretaries to Government,
All Commissioners-cum Secretaries to Government

Sub: Meeting of All Secretaries on 2nd December, 2025 at 12.30 PM in the 2nd Floor Conference Hall of Loka Seva Bhawan

Madam / Sir,

In inviting a reference to the subject cited above, I am directed to say that the next Meeting of All Secretaries will be held on 2nd December, 2025 at 12.30 PM in the 2nd Floor Conference Hall of Loka Seva Bhawan under the Chairpersonship of Chief Secretary.

It is, therefore, requested to kindly make it convenient to attend the meeting as per the above schedule for discussion on the following agenda points.

1. Status of the UoI received from Hon'ble Chief Minister
2. Review of Implementation of District Level Projects relating to various Departments
3. Discussion on Work Pass Book
4. Any other matter with permission of the Chair.

The Action Taken on the subject mentioned in the enclosed UoI received from Office of Hon'ble CM and status report of the projects announced by Hon'ble Chief Minister (list enclosed) may kindly be updated.

Further, in order to facilitate incorporation of the Action Taken/ status report of the Projects, soft copy of the project details is being sent through google sheet in the Department's official e mail id. Details of the Link is also mentioned below for kind reference.

It is requested to kindly update the Action Taken/ status report in the google sheet by 29th November, 2025 for kind apprisal of Chief Secretary.

1.https://docs.google.com/spreadsheets/d/1IP4AItr_6X0pFoVB3KvxUr_9pmw77Hpn/edit?usp=sharing&ouid=108523836053301598718&rtpof=true&sd=true
2.https://docs.google.com/spreadsheets/d/15vWI4E7VUldYbjoou8h8g8n6ZaZJ2cpg/edit?usp=sharing&ouid=108523836053301598718&rtpof=true&sd=true.

Encl-As above

Yours faithfully,
24/11/25
Director (E)

PTO

# ଖାରବେଳ ଭବନରେ ଖୋଲିଲା ଶିଶୁବାଟିକା 'କଳିକା'

**ଭୁବନେଶ୍ୱର, ୧।୧୨ (ବନ୍ଦନା ସେଠୀ)**

ଖାରବେଳ ଭବନରେ କାର୍ଯ୍ୟ କରୁଥିବା ମା' ଏବଂ କର୍ମଚାରୀଙ୍କ ପିଲାମାନଙ୍କ ପାଇଁ ସେଠାରେ ଏକ ଶିଶୁବାଟିକା 'କଳିକା' ଆରମ୍ଭ ହୋଇଛି। ସୋମବାର ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଏହାକୁ ଉଦ୍‌ଘାଟନ କରିଛନ୍ତି। ଏହାଦ୍ୱାରା ଖାରବେଳ ଭବନରେ ପିଲାମାନଙ୍କୁ ନିରାପଦ, ପୋଷଣ ଡେ-କେୟାର ସହାୟତା ଯୋଗାଇବା ପାଇଁ ବିକଶିତ ପଦକ୍ଷେପ ସରକାରୀ ପ୍ରତିଷ୍ଠାନ ମଧ୍ୟରେ କାର୍ଯ୍ୟ ଜୀବନ ସନ୍ତୁଳନକୁ ମଜବୁତ କରିବ। ଏଥିସହ ଅନ୍ତର୍ଭୁକ୍ତ, ସହାନୁଭୂତିଶୀଳ କାର୍ଯ୍ୟକ୍ଷେତ୍ର ସହାୟତା ପ୍ରଣାଳୀରେ ଆଉ ଏକ ପଦକ୍ଷେପ ଆଗକୁ ବଢାଇବ ବୋଲି ଆଶା କରାଯାଉଛି। ମାତୃତ୍ୱ ଏବଂ ବୃତ୍ତିଗତ ଦାୟିତ୍ୱ ଏକାଠି ଚାଲିବା ଭଳି ଏକ କର୍ମକ୍ଷେତ୍ର ନିର୍ମାଣରେ ଏହି ଶିଶୁବାଟିକା 'କଳିକା' ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ କହିଛନ୍ତି। ଗୃହନିର୍ମାଣ ଓ ନଗର ଉନ୍ନୟନ ବିଭାଗର ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀ କହିଲେ, ଯତ୍ନ ଆମ କାର୍ଯ୍ୟ ସଂସ୍କୃତିର ଏକ ଅଂଶ। ଏହି ପଦକ୍ଷେପ କର୍ମଜୀବୀ ମା'ଙ୍କ ଜୀବନକୁ ସହଜ କରିବ ଏବଂ ଏକ ପରିବେଶ ସୃଷ୍ଟି କରିବ। 'କଳିକା'ରେ ଏଥିରେ ପିଲାମାନେ ପ୍ରେମ, ଶିକ୍ଷା ଏବଂ ନିରାପତ୍ତା ସହିତ ବିକଶିତ ହୋଇପାରିବେ। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ବିଭାଗର ସମସ୍ତ ବରିଷ୍ଠ ଅଧିକାରୀ ଓ କର୍ମଚାରୀମାନେ ଅଂଶଗ୍ରହଣ କରି କର୍ମଚାରୀ କଲ୍ୟାଣ ଓ ଶିଶୁ କେନ୍ଦ୍ରିକ ସୁବିଧା ବୃଦ୍ଧି ପାଇଁ ସହଭାଗୀ ପ୍ରତିବଦ୍ଧତା ବ୍ୟକ୍ତ କରିଥିଲେ।



ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଶିଶୁ ବାଟିକା 'କଳିକା'କୁ ଉଦ୍‌ଘାଟନ କରୁଛନ୍ତି।

# 'ମୋ' ହୃଦୟ ଯନ୍ତ୍ରଣାରେ ଭରିଯାଉଛି'

**ଭୁବନେଶ୍ୱର,୧।୧୨(ସତ୍ୟଜିତ ରାଉତ)**

## ସାମ୍ନାକୁ ଆସିଲା ପୂଜାଙ୍କ ପାଳିତ ମା'ଙ୍କ କୋହଭରା ଚିଠି

ଆମେରିକାରେ ପାଳିତ ମା'ଙ୍କ ନାଁରେ ମିଛ ନିର୍ଯାତନା ଅଭିଯୋଗ ଆଣି ଚର୍ଚ୍ଚାକୁ ଆସିଥିବା ଓଡ଼ିଆ ପୋଷ୍ୟକନ୍ୟା ପୂଜା ନାୟକ ଓରଫ ସେଜଲ ଜୋହନଙ୍କୁ ନେଇ ଚର୍ଚ୍ଚା ଲାଗିରହିଛି। ତେବେ ପୂଜା ବାଲେଶ୍ୱରରେ ଥିବାବେଳେ ତାଙ୍କ ପାଳିତ ମା' ସୁସି ଜୋହନ୍ ଲେଖିଥିବା ଏକ କୋହଭରା ଚିଠି ସୋମବାର ସାମ୍ନାକୁ ଆସିଛି। ଗତ ନଭେମ୍ବର ୨୧ରେ ପୂଜା ଆମେରିକା ଛାଡ଼ିବାବେଳେ ତାଙ୍କ ପାଳିତ ମା' ଏହି ଚିଠି ଦେଇଥିଲେ। ପୂଜାଙ୍କୁ ତାଙ୍କ ପାଳିତ ମା' କେତେ ଭଲପାଉଥିଲେ ତାହା ଉକ୍ତ ଚିଠିରୁ ବାରି ହେଇପଡୁଛି। ଇଂଲିଶରେ ଲେଖାଯାଇଥିବା ଉକ୍ତ ଚିଠିରେ ପାଳିତ ମା' ବେଦନାଭରା କଥା ଲେଖିଛନ୍ତି। ସେଥିରେ ସେ ଲେଖିଥିଲେ, 'ପ୍ରିୟ ସେଜ୍, ତୁମେ ଚାଲିଯାଉଥିବାରୁ ମୋ ହୃଦୟ କଷ୍ଟ ଓ ଯନ୍ତ୍ରଣାରେ ଭରିଯାଉଛି। ମୁଁ ଦୁଃଖିତ ଯେ, ତୁମେ ତୁମ ମା'ଙ୍କ ନାଁରେ କଳଙ୍କ ଲଗେଇଦେଲ। ତୁମେ ଜାଣିଛ, ମୁଁ କେବଳ ତୁମକୁ କେତେ ଭଲ ପାଉଥିଲି ଓ ଯତ୍ନ ନେଇଥିଲି। ତୁମ ତୁମର ଯତ୍ନ ନିଅ, ଭଗବାନ ତୁମର ମଙ୍ଗଳ କରନ୍ତୁ। ତୁମର ସବୁଠୁ ଛୋଟ ଆନନ୍ଦ ଓ ସବୁଠୁ ବଡ଼ ଦୁଃଖ ସମୟରେ ମୁଁ ତୁମ ସହ ଅଛି। ତୁମେ ସବୁଦିନ ମୋ' ହୃଦୟରେ ରହିବ, ସ୍ନେହ ସହ ମୁଁ ତୁମକୁ ବିଦାୟ ଦେଉଛି।'

ଅପରପକ୍ଷରେ ପ୍ରେମିକ ଅମର ଦାସଙ୍କୁ ବିବାହ କରିବାକୁ ପୂଜା ଚାହୁଁଥିବାବେଳେ ତାଙ୍କୁ କାଉନସେଲିଂ କରାଯାଉଛି। ଏବେ ପୂଜା ବାଲେଶ୍ୱରସ୍ଥିତ ନାରୀଶକ୍ତି ସଦନରେ ରହିଛନ୍ତି। ତାଙ୍କ ମାନସିକ ସ୍ଥିତି ସୁଧାରିବାକୁ ଜିଲା ସାମାଜିକ କଲ୍ୟାଣ ଅଧିକାରୀ ଓ କର୍ମଚାରୀମାନେ ବୁଝାଉଛନ୍ତି। ପୂଜା ଆମେରିକାରେ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ପାଠ ପଢ଼ିଥିବା ବେଳେ ସେ ଏଠାରେ ନର୍ସିଂ ପଢ଼ିବାକୁ ଚାହୁଁଛନ୍ତି ବୋଲି ସୂଚନା ମିଳିଛି। ତେବେ ପ୍ରଶାସନ ପକ୍ଷରୁ ପୂଜାଙ୍କ ପାଳିତ ମା'ଙ୍କୁ ମଧ୍ୟ ଯୋଗାଯୋଗ କରାଯାଇଛି। ପୂଜା ଚାହିଁଲେ ପୁଣି ଥରେ ପାଳିତ ମା'ଙ୍କ ପାଖକୁ ଆମେରିକା ଚାଲିଯାଇ ସୁନ୍ଦର ଭବିଷ୍ୟତ ଗଢ଼ିପାରିବେ ବୋଲି ମତ ପ୍ରକାଶ ପାଇଛି।

ସୂଚନା ଅନୁଯାୟୀ, ପୂଜାଙ୍କୁ ତାଙ୍କ ପାଳିତ ମା' ନିର୍ଯାତନା ଦେଉଥିବା ଘଟଣା ପ୍ରଚାରିତ ହୋଇଥିଲା। ପୂଜା ଅମରଙ୍କୁ ଭିଡିଓ ପଠାଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ନଭେମ୍ବର ୭ରେ ଏହି ଖବର ପ୍ରଚାର ହୋଇଥିଲା। ପୂଜା ଭିଡିଓ ସେୟାର କରିଥିବାବେଳେ ସେଥିରେ ସେ କାନ୍ଦି କାନ୍ଦି କୋହଭରା କଣ୍ଠରେ ପାଳିତ ମା'ଙ୍କ ବିରୋଧରେ ମିଛ କାହାଣୀ କହିଥିଲେ। ଏହାପରେ ପୂଜାଙ୍କୁ ରାଜ୍ୟ ସରକାରଙ୍କ ପ୍ରଚେଷ୍ଟାରେ ଗତ ୨୫ ତାରିଖରେ ଓଡ଼ିଶା ଫେରାଇ ଅଣାଯିବା ପରେ ସେ ପ୍ରେମ ପାଇଁ ମା'ଙ୍କ ବିରୋଧରେ ମିଛ କହିଥିଲେ ବୋଲି ପ୍ରକାଶ କରିଥିଲେ।



ପୂଜା ନାୟକ ଓରଫ ସେଜଲ ଜୋହନ



ମା' ସୁସି ଜୋହନ୍

# ଜଙ୍ଗଲରୁ ମିଳିଲେ ହଷ୍ଟେଲରୁ ନିଖୋଜ ୨୦ ଛାତ୍ର

**କୋରାପୁଟ,୧।୧୨ (ଅମିତାଭ ବେହେରା)**

କୋରାପୁଟ ବ୍ଲକ ଲଙ୍କାପୁଟ ପଞ୍ଚାୟତ ପ୍ରାଥମିକ ବିଦ୍ୟାଳୟ ହଷ୍ଟେଲରୁ ରବିବାର ରାତିରୁ ୨୦ ଛାତ୍ର ନିଖୋଜ ରହିଥିଲେ। ସୋମବାର ଅଭିଭାବକମାନେ ଘଟଣା ସମ୍ପର୍କରେ ଖବର ପାଇ ଖୋଜାଖୋଜି କରିଥିଲେ। ଅପରାହ୍ଣ ପ୍ରାୟ ୪ଟା ହଷ୍ଟେଲଠାରୁ ୯ କି.ମି. ଦୂର କୋଲାବ ଜଳଭଣ୍ଡାର ନିକଟ ଏକ ଗ୍ରାମର ଜଙ୍ଗଲରୁ ସେମାନଙ୍କୁ ଉଦ୍ଧାର କରାଯାଇଥିଲା। ସମସ୍ତ ଛାତ୍ର ହଷ୍ଟେଲକୁ ଫେରିଥିବା ସୂଚନା ମିଳିଛି। ଜିଲାପାଳ ମନୋଜ ସତ୍ୟବାନ ମହାଜନ ଘଟଣା ସମ୍ପର୍କରେ ଖବରପାଇ ତୁରନ୍ତ କୋରାପୁଟ ବିଡିଓ ଦେବାଶିଷ ଗୌଡ଼ଙ୍କୁ ଘଟଣାସ୍ଥଳକୁ ପଠାଇଥିଲେ। ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ବିଡିଓ ଗୌଡ଼, ଅତିରିକ୍ତ ଜିଲା ଶିକ୍ଷାଧିକାରୀ ଜଗନ୍ନାଥ ଭତ୍ରା ବିଦ୍ୟାଳୟରେ ପହଞ୍ଚି ତଦନ୍ତ କରିଥିଲେ। ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ଦାୟିତ୍ୱହୀନତା ନେଇ ଅଭିଭାବକମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ପିଲାମାନେ ଗୋଟିଏ ରାତି ନିଖୋଜ ଥିବା ବେଳେ ଏ ସମ୍ପର୍କରେ କେହି କିପରି ଜାଣିପାରିଲେ ନାହିଁ ବୋଲି ସେମାନେ ପ୍ରଶ୍ନ କରିଛନ୍ତି।

ସୂଚନାନୁଯାୟୀ, ଲଙ୍କାପୁଟ ସ୍କୁଲରେ ଆଖପାଖ ଶୁକୁ, ହାଟ ସୁକୁ, ପିତେଇ ଆଦି ଗ୍ରାମର ଆଦିବାସୀ ଛାତ୍ରମାନେ ରହି ପାଠ ପଢୁଛନ୍ତି। ଲଙ୍କାପୁଟ ହଷ୍ଟେଲରେ ପ୍ରଥମରୁ ୫ମ ଶ୍ରେଣୀ ଯାଏ ପଢୁଥିବା ୨୦ ଛାତ୍ର ରବିବାର ନିଖୋଜ ଥିବା ନେଇ ସେମାନଙ୍କ ଅଭିଭାବକଙ୍କୁ ବିଦ୍ୟାଳୟ ପକ୍ଷରୁ ଫୋନ ଯୋଗେ ଖବର ଦିଆଯାଇଥିଲା। ସୋମବାର ଅଭିଭାବକମାନେ ବିଦ୍ୟାଳୟରେ ପହଞ୍ଚି ଗ୍ରାମବାସୀଙ୍କ ସହ ମିଶି ଖୋଜାଖୋଜି କରିଥିଲେ। ଦୀର୍ଘ ସମୟ ଖୋଜିବା ପରେ ପ୍ରାୟ ୯ କି.ମି. ଦୂର ପୁଟକେରେଙ୍ଗା ଗ୍ରାମ ନିକଟ ପାହାଡ଼ରୁ ଛାତ୍ରମାନଙ୍କୁ ଉଦ୍ଧାର କରିଥିଲେ। ସ୍କୁଲ ପ୍ରଧାନଶିକ୍ଷୟିତ୍ରୀ ଛୁଟିରେ ରହିଥିବାରୁ ଦିନକ ପାଇଁ ଜଣେ ଶିକ୍ଷୟିତ୍ରୀ ତାଙ୍କ ଦାୟିତ୍ୱରେ ଅଛନ୍ତି। ମଙ୍ଗଳବାର ପ୍ରଧାନ ଶିକ୍ଷୟିତ୍ରୀ କାର୍ଯ୍ୟରେ ଯୋଗ ଦେବେ ବୋଲି ଜଣାପଡ଼ିଛି। ଘଟଣା ସମ୍ପର୍କରେ ଠିକ୍ ତଦନ୍ତ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅଭିଭାବକ ଓ ଗ୍ରାମବାସୀ ଦାବି କରିଛନ୍ତି। ଉଦ୍ଧାର ହୋଇଥିବା ୨୦ ଛାତ୍ର ସମ୍ପୂର୍ଣ୍ଣ ସୁସ୍ଥ ଥିବା ବିଡିଓ ସୂଚନା ଦେଇଛନ୍ତି। ଏ ନେଇ ଅତିରିକ୍ତ ଜିଲା ଶିକ୍ଷାଧିକାରୀ ଜଗନ୍ନାଥ ଭତ୍ରାଙ୍କୁ ପଚାରିବାରୁ ୫ମ ଶ୍ରେଣୀର ୨ ଛାତ୍ର ମାରପିଟ୍ କରିବାରୁ ପିଲାମାନେ ହଷ୍ଟେଲରୁ ପଳାଇଥିଲେ ବୋଲି କହିଛନ୍ତି। ପିଲାମାନଙ୍କ ମାନସିକ ସ୍ଥିତି ଠିକ୍ ନ ଥିବାରୁ ମଙ୍ଗଳବାର ସେମାନଙ୍କୁ କାଉନ୍‌ସେଲିଂ କରାଯିବା ପରେ ଘଟଣାର ସତ୍ୟତା ସ୍ପଷ୍ଟ ହେବ ବୋଲି ବିଡିଓ ଗୌଡ଼ କହିଛନ୍ତି। ତେବେ ଛାତ୍ରମାନେ ରବିବାର ରାତିଠାରୁ ନିଖୋଜ ଥିବା ନେଇ ଅଭିଭାବକମାନେ ଯେଉଁ ଅଭିଯୋଗ ଆଣିଛନ୍ତି, ବିଡିଓ ଗୌଡ଼ ତାହାକୁ ଖଣ୍ଡନ କରିଛନ୍ତି। ଛାତ୍ରମାନେ ସୋମବାର ସକାଳୁ ହଷ୍ଟେଲ ଛାଡ଼ିଥିବା ସେ କହିଛନ୍ତି। ବିଦ୍ୟାଳୟରେ ବହୁମାତ୍ରାରେ ଛାତ୍ର ରହି ପଢୁଥିବା ବେଳେ ହଷ୍ଟେଲ ଦାୟିତ୍ୱରେ କେହି ନ ଥିବା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।




କୋରାପୁଟ ବିଡିଓ ଦେବାଶିଷ ଗୌଡ଼ ଓ ଏଡିଇଓ ଜଗନ୍ନାଥ ଭତ୍ରା ସ୍କୁଲରେ ତଦନ୍ତ କରୁଛନ୍ତି।



# ଆଜି କ'ଣ କେଉଁଠି

**ଭୁବନେଶ୍ୱର**
- ପ୍ରଦୂଷଣ ନିରାକରଣ ସଚେତନତା ପଦଯାତ୍ରା, ସ୍ଥାନ: ସୈନିକ ସ୍କୁଲ, ସମୟ: ସକାଳ ୮ଟା।
- ବକ୍ସି ଜଗବନ୍ଧୁ ଇଂଲିଶ୍ ମିଡିୟମ୍ ସ୍କୁଲ୍‌ର ୫୧ତମ ଆନୁଆଲ୍ ଆଥ୍‌ଲେଟିକ୍ ମିଟ୍ ଉଦ୍‌ଘାଟନୀ କାର୍ଯ୍ୟକ୍ରମ, ସ୍ଥାନ: ସ୍କୁଲ୍ କ୍ୟାମ୍ପସ, ଏମ୍/୧୫ ବକ୍ସି ଜଗବନ୍ଧୁ ନଗର, ସମୟ: ସକାଳ ୮ଟା ୩୦।
- ମା' ମାଣିକେଶ୍ୱରୀ ଦେବୀଙ୍କ ୪ର୍ଥ ଜନ୍ମ ବାର୍ଷିକ ଉତ୍ସବର ଦଶ ମହାବିଦ୍ୟା ପୂଜା ଓ ପୂର୍ଣ୍ଣାହୁତି, ସ୍ଥାନ: ବାଲିଅନ୍ତା ବ୍ଲକର କାକରୁଦ୍ରପୁର ମେଳକସ୍ଥିତ ମା'ଙ୍କ ପୀଠ, ସମୟ: ସନ୍ଧ୍ୟା ୬ଟା।
- ଭାଗବତ ପ୍ରଚାର ସମିତି ପକ୍ଷରୁ ଭାଗବତ ମହାପୁରାଣ ପ୍ରବଚନ ଜ୍ଞାନଯଜ୍ଞ, ସ୍ଥାନ: ଗଡ ନହରକଣ୍ଟାସ୍ଥିତ ମହାଦେବ ସଭା ମଣ୍ଡପ, ସମୟ: ସନ୍ଧ୍ୟା ୬ଟା।

**ବାଲେଶ୍ୱର**
- ଶିଶୁ ସୁରକ୍ଷା ସମ୍ପର୍କିତ ପ୍ରଶିକ୍ଷଣ ଶିବିର, ସ୍ଥାନ: ଜିଲାପାଳଙ୍କ ଅଡିଟୋରିୟମ୍ ହଲ୍, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ଜିଲାସ୍ତରୀୟ ବାର୍ଷିକ କ୍ରୀଡ଼ା ଉତ୍ସବ, ସ୍ଥାନ: ପରମିଟ୍ ଫିଲ୍ଡ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୧ଟା।
- ଶ୍ରୀ ଭକ୍ତମାଳା ପ୍ରବଚନ ସଭା, ସ୍ଥାନ: ପୁରୁଣା ଷ୍ଟାଡିୟମ୍ ପଡ଼ିଆ, ବାଲେଶ୍ୱର, ସମୟ: ଅପରାହ୍ନ ୪ଟା।

**ଭଦ୍ରକ**
- ଗୀତାଜ୍ଞାନ ମହାଯଜ୍ଞ, ସ୍ଥାନ: ବାଲିମୁଣ୍ଡା, ପଦ୍ମପୁର, ବାସୁଦେବପୁର, ସମୟ: ପୂର୍ବାହ୍ନ ୧୦ଟା।
- ବିଜ୍ଞାନ ମେଳା, ସ୍ଥାନ: ଭଣ୍ଡାରିପୋଖରୀ, ସମୟ: ପୂର୍ବାହ୍ନ ୧୦ଟା।
- ଗାୟକ ଅନିରୁଦ୍ଧ ପାଣିଗ୍ରାହୀଙ୍କ ଶ୍ରାଦ୍ଧବାର୍ଷିକୀ, ପାଲା ପରିବେଷଣ, ସ୍ଥାନ: ସାରଣା, ଭଣ୍ଡାରିପୋଖରୀ, ସମୟ: ଅପରାହ୍ନ ୪ଟା।
- ତ୍ୟାଗଭୂମି ମହୋତ୍ସବର ଉଦ୍‌ଯାପନୀ, ସ୍ଥାନ: ମଠସାହି ଗୋପାଳଜୀଉ ପଡ଼ିଆ, ଭଦ୍ରକ, ସମୟ: ଅପରାହ୍ନ ୫ଟା।
- ଭଦ୍ରକ ମହୋତ୍ସବ, ସ୍ଥାନ: ଗାନ୍ଧୀପଡ଼ିଆ, ଭଦ୍ରକ, ସମୟ: ଅପରାହ୍ନ ୫ଟା।

**କେନ୍ଦୁଝର**
- ହନୁମାନ ମନ୍ଦିରରେ ରାମ ଚରିତ ମାନସ ପାଠ, ବେଦ ଶିକ୍ଷା, ହନୁମାନ ଚାଳିଶା ପାଠ, ସ୍ଥାନ: ହାବଲେଶ୍ୱର, ହାଟଡ଼ିହୀ, ସମୟ: ସକାଳ ୭ ଟା ଏବଂ ସନ୍ଧ୍ୟା ୬ ଟା।
- ହନୁମାନ ମନ୍ଦିରରେ ରାମ ଚରିତ ମାନସ ପାଠ, ବେଦ ଶିକ୍ଷା, ହନୁମାନ ଚାଳିଶା ପାଠ, ସ୍ଥାନ: ହାବଲେଶ୍ୱର, ହାଟଡ଼ିହୀ, ସମୟ: ସକାଳ ୭ଟା ଏବଂ ସନ୍ଧ୍ୟା ୬ ଟା।

**ମୟୂରଭଞ୍ଜ**
- ଖରିଫ ଋତୁ ଧାନ ସଂଗ୍ରହ ସମ୍ପର୍କିତ ସଚେତନତା ରଥ ଶୁଭାରମ୍ଭ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର, ବାରିପଦା, ସମୟ: ପୂର୍ବାହ୍ନ ୧୦ଟା।
- ମୟୂରଭଞ୍ଜ ମହୋତ୍ସବ,ସ୍ଥାନ:ଛଉ ପଡ଼ିଆ, ବାରିପଦା,ସମୟ: ଅପରାହ୍ନ ୫ଟା।

**ଅନୁଗୋଳ**
- ନବାହ୍ନ ପାରାୟଣରେ ପ୍ରବଚନ କାର୍ଯ୍ୟକ୍ରମ, ସ୍ଥାନ: ଆଠମଲ୍ଲିକ ମଲିପଦର, ସମୟ: ସନ୍ଧ୍ୟା ୭ଟା।

**ଜଗତ୍‌ସିଂହପୁର**
- ସାଂସ୍କୃତିକ ମହୋତ୍ସବ ଚତୁର୍ଥ ସନ୍ଧ୍ୟାରେ ଲେଡିଜ କ୍ଲବର ନାଟକ 'ଅଭିମାନିନୀ ଶ୍ରୀମତୀ' ପରିବେଷଣ, ସ୍ଥାନ: ଜୟଦେବ ଭବନ, ବଡ଼ପଡ଼ିଆ, ପାରାଦୀପ, ସମୟ: ସନ୍ଧ୍ୟା ୬ଟା।

**କେନ୍ଦ୍ରାପଡ଼ା**
- ଜିଲାସ୍ତରୀୟ ଯୁବ ଉତ୍ସବ ପାଇଁ ଦଳଗତ ପ୍ରତିଯୋଗିତା, ସ୍ଥାନ:ଏଚ୍‌ଏନ୍‌ଏସ୍ କଲେଜ, ଚାନ୍ଦୋଳ, ଡେରାବିଶ, କେନ୍ଦ୍ରାପଡା ସ୍ୱୟଂଶାସିତ ମହାବିଦ୍ୟାଳୟ, କେନ୍ଦ୍ରାପଡା, ପଟ୍ଟାମୁଣ୍ଡାଇ କଲେଜ, ପଟ୍ଟାମୁଣ୍ଡାଇ, ଏସ୍‌ଜେ କଲେଜ, ରାଜନଗର, ମାର୍ଶାଘାଇ କଲେଜ, ମାର୍ଶାଘାଇ, ଏଲ୍‌ଏନ୍ କଲେଜ, କୋରୁଆ, ଗରଦପୁର, ଏସ୍‌ଏସ୍‌ବି କଲେଜ, ମହାକାଳପଡା, ଏସ୍‌ଏନ୍ କଲେଜ, ରାଜକନିକା, ଆଳି କଲେଜ, ଆଳି, ସମୟ:ପୂର୍ବାହ୍ନ ୧୦ଟା ।

**ଯାଜପୁର**
- ସପ୍ତମ ବାର୍ଷିକ ବିଶ୍ୱ ଶାନ୍ତି ମହାଯଜ୍ଞ ଆରମ୍ଭ, ସ୍ଥାନ: ତାରିଣୀ ପୀଠ, ବାଲିବିଲ, ସମୟ: ସକାଳ ୮ଟା।
- ଶ୍ରୀମଦନ ମୋହନ ଜୀଉ ମନ୍ଦିରର ପ୍ରଥମ ବର୍ଷିକ ପ୍ରତିଷ୍ଠା ଦିବସ ଉପଲକ୍ଷେ କଳସ ଯାତ୍ରା, ସ୍ଥାନ: ବିଛାଖଣ୍ଡି, ଧର୍ମଶାଳା, ସମୟ: ସକାଳ ୭ଟା୩୦।

**ନୟାଗଡ଼**
- ବ୍ୟଞ୍ଜନ ଦ୍ୱାଦଶୀ ପର୍ବ, ସ୍ଥାନ: ଖଣ୍ଡପଡା ବ୍ଲକ ସିଦ୍ଧାମୂଳା ଗୋକୁଳାନନ୍ଦ ପୀଠ, ସମୟ: ସକାଳ ୭ଟା ।
- ଘୋଡଲାଗି ପର୍ବର ଷଷ୍ଠ ଦିବସ, ସ୍ଥାନ: କଣ୍ଟିଲୋ ନୀଳମାଧବ ମନ୍ଦିର, ସମୟ: ସକାଳ ୭ଟା।
- ଘୋଡ଼ଲାଗି ପର୍ବର ଷଷ୍ଠ ଦିବସ, ସ୍ଥାନ: ଖଣ୍ଡପଡ଼ା ଜଗନ୍ନାଥ ମନ୍ଦିର, ସମୟ: ସକାଳ ୭ଟା୩୦।
- ଘୋଡଲାଗି ପର୍ବର ଷଷ୍ଠ ଦିବସ, ସ୍ଥାନ: ନୟାଗଡ ଜଗନ୍ନାଥ ମନ୍ଦିର, ସମୟ: ସକାଳ ୭ଟା ୩୦।
- କନ୍ଧମାଳ ଏମ୍‌ପିଙ୍କ ପକ୍ଷରୁ ଖେଳ ମହୋତ୍ସବର ୨ୟ ଦିବସ, ସ୍ଥାନ: ଗଣିଆ କେସି ବିଦ୍ୟାପୀଠ, ସମୟ: ସକାଳ ୯ଟା ।
- ବାର୍ଷିକ କ୍ରୀଡ଼ା ସମାରୋହର ୨ୟ ଦିବସ, ସ୍ଥାନ: ଶ୍ରୀରାମକୃଷ୍ଣ ଆଦର୍ଶ ଶିକ୍ଷାକେନ୍ଦ୍ର ନୟାଗଡ, ସମୟ: ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୩ଟା ୩୦।
- ନୟାଗଡ ବ୍ଲକସ୍ତରୀୟ ବିଜ୍ଞାନମେଳା, ସ୍ଥାନ: ନୟାଗଡ ବ୍ଲକ ଲାଠିପଡା ପିଏମ୍‌ଶ୍ରୀ ହାଇସ୍କୁଲ, ସମୟ: ପୂର୍ବାହ୍ନ ୧୦ଟା ।
- ଖବରଦାତାଙ୍କୁ ମାଡମରା ଘଟଣାରେ ବିକ୍ଷୋଭ, ସ୍ଥାନ: ଏସ୍‌ପିଙ୍କ କାର୍ଯ୍ୟାଳୟ ସମ୍ମୁଖ,ସମୟ:ପୂର୍ବାହ୍ନ ୧୦ଟା ।
- ଏଡସ୍ ସଚେତନତା ଶିବିରର ଉଦ୍‌ଯାପନ ଦିବସ, ସ୍ଥାନ: ଖଣ୍ଡପଡା ମହିଳା ମହାବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା ୩୦।

**ରାୟଗଡ଼ା**
- ବ୍ଲକସ୍ତରୀୟ ଚଇତି ମହୋତ୍ସବ ପାଇଁ କଳସ ଯାତ୍ରା ଆରମ୍ଭ, ସ୍ଥାନ: କାଶୀପୁର, ସମୟ: ପୂର୍ବାହ୍ନ ୧୦ଟା।

**ନବରଙ୍ଗପୁର**
- ବ୍ଲକସ୍ତରୀୟ ବିଜ୍ଞାନ ମେଳା, ସ୍ଥାନ: ଡାବୁଗାଁ ବ୍ଲକ ଜୁନାପାଣିସ୍ଥିତ ପିଏମ୍‌ଶ୍ରୀ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୯ଟା।
- ବ୍ଲକ୍‌ସ୍ତରୀୟ ଶିଶୁ ବୈଜ୍ଞାନିକ ପ୍ରଦର୍ଶନୀ, ସ୍ଥାନ: ଉମରକୋଟ ଜମଗୁଡା ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ସମୟ: ସକାଳ ୯ଟା।
- ବ୍ଲକସ୍ତରୀୟ ଲୋକ ମହୋତ୍ସବ ମଣ୍ଡେଇ ପ୍ରସ୍ତୁତି ବୈଠକ, ସ୍ଥାନ:- ଡାବୁଗାଁ ବ୍ଲକ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୧ଟା।
- ପ୍ରତ୍ୟେକ ଶିଶୁ ଗୁରୁତ୍ୱପୂର୍ଣ୍ଣ ସମ୍ପର୍କୀୟ ତାଲିମ, ସ୍ଥାନ: ଡାବୁଗାଁ ବ୍ଲକ ସମ୍ମିଳନୀ କକ୍ଷ, ସମୟ: ମଧ୍ୟାହ୍ନ ୧୨ଟା।

**କୋରାପୁଟ**
- ମଶାଲ ଶୋଭାଯାତ୍ରା, ପରବ ଉଦ୍‌ଘାଟନ, ସ୍ଥାନ: ମିନି ଷ୍ଟାଡିୟମ, ସେମିଳିଗୁଡ଼ା, ସମୟ: ସକାଳ ୯ଟା।
- ପରବ ଉପଲକ୍ଷେ କ୍ରିକେଟ ପ୍ରତିଯୋଗିତା, ଭୈରବ ପଡ଼ିଆ, କୋଟପାଡ଼, ସମୟ: ସକାଳ ୯ଟା।
- ବ୍ଲକସ୍ତରୀୟ ପରବ ଉଦ୍‌ଘାଟନୀ ଉତ୍ସବ, ସ୍ଥାନ: ନନ୍ଦପୁର ଉଚ୍ଚ ବିଦ୍ୟାଳୟ ଖେଳ ପଡ଼ିଆ, ସମୟ: ପୂର୍ବାହ୍ନ ୧୦ଟା।
- ଜିଲାସ୍ତରୀୟ ଶିକ୍ଷା ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ, ସ୍ଥାନ: ବିଦ୍ୟାଳୟ ପରିସର, ସୁନାବେଡା, ସମୟ: ପୂର୍ବାହ୍ନ ୧୧ଟା।

# କିଟ୍ ବିଶ୍ୱବିଦ୍ୟାଳୟରେ ପୁଣି ଜଣେ ଛାତ୍ରଙ୍କ ଆତ୍ମହତ୍ୟା

- ପ୍ରେମ ସମ୍ପର୍କକୁ ନେଇ ସହପାଠିନୀଙ୍କୁ ଦାୟୀ କଲେ ଛାତ୍ରଙ୍କ ମା'
- ପ୍ରେମିକାଙ୍କ ବାପା, ମା'ଏବଂ ଭାଇ ନାମରେ ଥାନାରେ ମାମଲା
- ଘଟଣା ସମ୍ପର୍କରେ ଥାନାରେ ଜଣାଇଛୁ, ପୋଲିସ ତଦନ୍ତ କରୁଛି: କିଟ୍

ଭୁବନେଶ୍ୱର,୧।୧୨(ତ୍ରିନାଥ ମହାନ୍ତି)

କିଟ୍ ବିଶ୍ୱବିଦ୍ୟାଳୟରେ ପୁଣି ଜଣେ ଛାତ୍ର ରବିବାର ରାତିରେ ଆତ୍ମହତ୍ୟା କରିଛନ୍ତି। କ୍ୟାମ୍ପସ-୧୦ କେପି ୭ ଏବି ହଷ୍ଟେଲ ରୁମ୍‌ରୁ ଛାତ୍ରଙ୍କ ମୃତଦେହ ଜବତ କରାଯାଇଛି। ମୃତ ଛାତ୍ର ହେଲେ ଛତିଶଗଡ଼ ରାୟପୁରର ରାହୁଲ ଯାଦବ। ସେ କିଟ୍‌ରେ କମ୍ପ୍ୟୁଟର ସାଇନ୍ସ ପ୍ରଥମ ବର୍ଷର ଛାତ୍ର ଥିଲେ। ପୋଲିସ ଏନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ କରୁଛି। ସୋମବାର ଅପରାହ୍ନରେ ପରିବାର ଲୋକେ ପହଞ୍ଚିବା ପରେ ଏମ୍ସରେ ମୃତଦେହ ବ୍ୟବଚ୍ଛେଦ କରାଯାଇଛି। ସାଇଣ୍ଟିଫିକ ଟିମ୍, ପୋଲିସ କମିଶନର ସୁରେଶ ଦେବଦତ୍ତ ସିଂ, ଡିସିପି ଜଗମୋହନ ମୀନା ଏବଂ ଅନ୍ୟ ବରିଷ୍ଠ ଅଧିକାରୀ ରାହୁଲ୍ ଆତ୍ମହତ୍ୟା କରିଥିବା ହଷ୍ଟେଲକୁ ଯାଇ ଯାଞ୍ଚ କରିଥିଲେ। ଏପରିକି ହଷ୍ଟେଲରୁ ରାହୁଲଙ୍କ ଏକ ମୋବାଇଲ୍ ଫୋନ୍ ଏବଂ ଲାପ୍‌ଟପ ଜବତ କରି ପୋଲିସ ତଦନ୍ତ କରୁଛି। ଅପରପକ୍ଷରେ ପୁଅର ମୃତ୍ୟୁ ପାଇଁ ପରିବାର ଲୋକେ ଜଣେ ଯୁବତୀ ଏବଂ ତାଙ୍କ ପରିବାର ଲୋକଙ୍କୁ ଦାୟୀ କରିଛନ୍ତି।

ରାହୁଲଙ୍କ ମୃତ୍ୟୁକୁ ନେଇ କମିଶନରେଟ୍ ପୋଲିସ ପକ୍ଷରୁ କୁହାଯାଇଛି ଯେ, ରବିବାର ରାତି ପ୍ରାୟ ୧୦:୪୫ ସମୟରେ ଇନ୍‌ଫୋସିଟି ଥାନାକୁ ସୂଚନା ମିଳିବା ପରେ ଘଟଣାସ୍ଥଳକୁ ପୋଲିସ ଯାଇଥିଲା। ପୋଲିସ ଅଧିକାରୀ ଭିତରପଟୁ ବନ୍ଦ ଥିବା କବାଟର ଲକ୍ ଭାଙ୍ଗି ଖୋଲିଥିଲେ। ଘର ଭିତରେ ଫ୍ୟାନ୍‌ରେ ଝୁଲୁଥିବା ମୃତଦେହକୁଜବତ କରାଯାଇ ନିକଟ ଘରୋଇ ହସ୍ପିଟାଲକୁ ପଠାଇ ଦିଆଯାଇଥିଲା। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ହସ୍ପିଟାଲର ଏମ୍‌ଏଲ୍‌ସି ଆଧାରରେ ପୋଲିସ ଏକ ଅପମୃତ୍ୟୁ ମାମଲା କରିଥିଲା। ହଷ୍ଟେଲରେ ରହୁଥିବା ସାଙ୍ଗସାଥୀ, ରାହୁଲଙ୍କ ମା' ନିର୍ମଳା ଯାଦବଙ୍କ ବୟାନ ଏବଂ ସୋସିଆଲ ମିଡିଆ ଆଧାରରେ ପୋଲିସ ତଦନ୍ତ କରୁଛି। ନିର୍ମଳାଙ୍କ ସୂଚନା ଆଧାରରେ ଛତିଶଗଡ଼ର ଜଣେ ଯୁବତୀଙ୍କ ସହିତ ରାହୁଲଙ୍କ ପ୍ରେମସମ୍ପର୍କ ରହିଥିଲା। ସେ ଯୁବତୀ ବର୍ତ୍ତମାନ ମହାରାଷ୍ଟ୍ରରେ ପାଠ ପଢୁଛନ୍ତି। ହେଲେ ଯୁବତୀଙ୍କ ମା'ବାପା ଏବଂ ଭାଇ ରାହୁଲଙ୍କୁ ଧମକ ଦେବା ସହ ନିର୍ଯାତନା ଦେଉଥିଲେ, ଯେଉଁଥିପାଇଁ ରାହୁଲ ମାନସିକ ଚାପରେ ଆସି ଆତ୍ମହତ୍ୟା କରିଥିବା ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଥିବା କହିଛି। ରାହୁଲଙ୍କ ମା'ଙ୍କ ଅଭିଯୋଗ ଆଧାରରେ ପୋଲିସ ଉକ୍ତ ଯୁବତୀଙ୍କ ଭାଇ, ବାପା ଏବଂ ମା'ଙ୍କ ନାମରେ ଏକ ମାମଲା ରୁଜୁ କରି ତଦନ୍ତ କରୁଛି।

ଅନ୍ୟପଟରେ ନିର୍ମଳା କହିଛନ୍ତି ଯେ, ଅନେକ ସମୟରେ ତାଙ୍କ ପୁଅକୁ ଉକ୍ତ ଯୁବତୀଙ୍କ ଘର ଲୋକଙ୍କ ପକ୍ଷରୁ ଧମକ ଦିଆଯାଉଥିଲା। କିଛିଦିନ ହେବ ତାଙ୍କ ପୁଅ ମାନସିକ ଚାପରେ ରହୁଥିଲେ। ପୁଅ ଉପରେ ନଜର ରଖିବାକୁ ହଷ୍ଟେଲ କର୍ତ୍ତୃପକ୍ଷଙ୍କୁ ସେ କହିଥିଲେ। ହେଲେ ହଷ୍ଟେଲ କର୍ତ୍ତୃପକ୍ଷ ତାଙ୍କ କଥାକୁ ଗୁରୁତ୍ୱ ଦେଇ ନ ଥିଲେ, ଯେଉଁଥିପାଇଁ ତାଙ୍କ ପୁଅ ଆତ୍ମହତ୍ୟା କରିବାକୁ ସୁଯୋଗ ପାଇଲା ବୋଲି ନିର୍ମଳା କହିଛନ୍ତି। ଏହି ଆତ୍ମହତ୍ୟା ଘଟଣାକୁ ନେଇ କିଟ୍ ପକ୍ଷରୁ ସ୍ପଷ୍ଟୀକରଣ ରଖାଯାଇଛି। ପ୍ରେସ୍ ରିଲିଜ୍ ଜରିଆରେ ଲୋକ ସମ୍ପର୍କ ନିର୍ଦ୍ଦେଶିକା ଶ୍ରଦ୍ଧାଞ୍ଜଳି ନାୟକ କହିଛନ୍ତି, ଘଟଣା ସମ୍ପର୍କରେ ପୋଲିସକୁ ଜଣାଇ ଦିଆଯାଇଛି। ପୋଲିସ ତାହାର ତଦନ୍ତ କରୁଛି ବୋଲି କହିଛନ୍ତି। ସୂଚନାଯୋଗ୍ୟ, ଗତ ୧୦ମାସ ମଧ୍ୟରେ କିଟ୍‌ରେ ୩ଜଣ ଛାତ୍ରୀଛାତ୍ରଙ୍କ ମୃତ୍ୟୁ ଘଟଣା ଚର୍ଚ୍ଚାର ବିଷୟ ପାଲଟିଛି। ଗତ ଫେବ୍ରୁଆରୀ ୧୬ରେ ବିଟେକ୍ ଦ୍ୱିତୀୟ ବର୍ଷରେ ପଢୁଥିବା ଜଣେ ନେପାଳୀ ଛାତ୍ରୀ ପ୍ରକୃତି ଲାମ୍‌ସାଙ୍କ ମୃତ୍ୟୁ ଘଟିଥିବାବେଳେ ମେ ୧ତାରିଖରେ ଆଉ ଜଣେ ଛାତ୍ରୀ ତ୍ରିସାଙ୍କ ମୃତ୍ୟୁ ଘଟିଥିଲା।

ପ୍ରଥମ ପୃଷ୍ଠାରୁ...

## ୪ ଖେଳାଳିଙ୍କୁ...

ଓ ରାଜ୍ୟ ପାଇଁ ଯଶ ଆଣିଛନ୍ତି। ପ୍ରତ୍ୟେକ ଓଡ଼ିଆଙ୍କ ପାଇଁ ଆପଣମାନେ ପ୍ରେରଣା ହୋଇଛନ୍ତି''। ଆତ୍ମବିଶ୍ୱାସର ସହ ଏହି ବିଜୟ ଯାତ୍ରା ଜାରି ରଖିବାକୁ ସେ ଏହି ଅବସରରେ ଖେଳାଳିମାନଙ୍କୁ ଉପଦେଶ ଦେଇଛନ୍ତି। ଏହି ଅବସରରେ କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, କ୍ରୀଡ଼ା ଓ ଯୁବସେବା ବିଭାଗର କମିଶନର ତଥା ଶାସନ ସଚିବ ସଚିନ ରାମଚନ୍ଦ୍ର ଯାଦବ, ନିର୍ଦ୍ଦେଶକ ୟେଦୁଲା ବିଜୟ, ଦଳର କୋଚ ଦେବାଶିଷ ଜେନା ଏବଂ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

## ଦେଶବ୍ୟାପୀ ତଦନ୍ତ...

ଦେବାକୁ ଖଣ୍ଡପୀଠ ଆର୍‌ବିଆଇକୁ ନୋଟିସ ଜାରି କରିଛନ୍ତି। ହରିୟାଣାର ଏକ ବୟସ୍କ ଦମ୍ପତିଙ୍କ ଅଭିଯୋଗ ଆଧାରରେ ସୁପ୍ରିମକୋର୍ଟ ଉକ୍ତ ମାମଲାକୁ ନିଜ ଆଡୁ ଶୁଣାଣି ପାଇଁ ଗ୍ରହଣ କରିଥିଲେ। ଖଣ୍ଡପୀଠ କହିଛନ୍ତି, ମୁଖ୍ୟତଃ ବରିଷ୍ଠ ନାଗରିକମାନଙ୍କୁ ସାଇବର ଅପରାଧୀମାନେ ଟାର୍ଗେଟ କରି ସେମାନଙ୍କ କଷ୍ଟଲବ୍ଧ ଅର୍ଥକୁ ଶୋଷଣ କରୁଛନ୍ତି। ମାମଲାରେ ସବିଶେଷ ତଥ୍ୟ ସିବିଆଇକୁ ଦେବା ସହ ତଦନ୍ତରେ ସହାୟତା କରିବା ପାଇଁ ଖଣ୍ଡପୀଠ ସୂଚନା ପ୍ରଯୁକ୍ତି ମଧ୍ୟସ୍ଥମାନଙ୍କୁ କହିଛନ୍ତି। ବିଦେଶରୁ ଏହି ଅପରାଧ ପରିଚାଳିତ ହେଉଥିଲେ, ସାଇବର ଅପରାଧୀଙ୍କ ପାଖରେ ପହଞ୍ଚିବା ନିମନ୍ତେ ଇଣ୍ଟରପୋଲ୍‌ର ସହାୟତା ନେବା ପାଇଁ ସୁପ୍ରିମକୋର୍ଟ ସିବିଆଇକୁ ପରାମର୍ଶ ଦେଇଛନ୍ତି। ସେହିପରି ଟେଲିକମ୍ ସେବାପ୍ରଦାନକାରୀ ସଂସ୍ଥାଗୁଡ଼ିକ ଯେପରି ଜଣେ ୟୁଜର କିମ୍ବା ଗୋଟିଏ ସଂସ୍ଥାକୁ ଏକାଧିକ ସିମ୍ କାର୍ଡ ଇସ୍ୟୁ ନ କରିବେ, ତାହା ସୁନିଶ୍ଚିତ କରିବା ପାଇଁ ଖଣ୍ଡପୀଠ ଟେଲିକମ୍ ବିଭାଗକୁ କହିଛନ୍ତି। ସିବିଆଇ ସହିତ ଉତ୍ତମ ସମନ୍ୱୟ ପାଇଁ ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳ ଆଞ୍ଚଳିକ ତଥା ରାଜ୍ୟ ସାଇବର ଅପରାଧ ସମନ୍ୱୟ କେନ୍ଦ୍ର ସ୍ଥାପନ କରିବାକୁ କୁହାଯାଇଛି। ଏହିପ୍ରସଙ୍ଗରେ ସ୍ୱରାଷ୍ଟ୍ର, ଟେଲିକମ୍, ଅର୍ଥ ଏବଂ ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ମନ୍ତ୍ରଣାଳୟର ମତାମତ ସଂଗ୍ରହ କରିବା ପାଇଁ ଖଣ୍ଡପୀଠ ସଲିସିଟର ଜେନେରାଲ ତୁଷାର ମେହେଟାଙ୍କୁ କହିଛନ୍ତି।

## ବିଦା ହେଲେଣି ୪୯...

ଇତିମଧ୍ୟରେ ସମୁଦାୟ ୧୭୬୮ ସନ୍ଦିଗ୍ଧ ବ୍ୟକ୍ତିଙ୍କୁ ଯାଞ୍ଚ କରାଯାଇଛି। ସେଥିମଧ୍ୟରୁ ୫୧ ଜଣଙ୍କୁ ବେଆଇନ ବାଂଲାଦେଶୀ ଭାବେ ଘୋଷଣା କରାଯାଇଛି। ଏବେ ବି ୫୦ ସନ୍ଦିଗ୍ଧଙ୍କର ପରିଚୟପତ୍ର ଯାଞ୍ଚ ପ୍ରକ୍ରିୟା ଜାରି ରହିଛି। ସ୍ୱତନ୍ତ୍ର ଆପ୍ ଜରିଆରେ ଅନୁପ୍ରବେଶକାରୀ ବାଂଲାଦେଶୀ ଚିହ୍ନଟ କରାଯାଉଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଏଥିସହ ମୁଖ୍ୟମନ୍ତ୍ରୀ କହିଛନ୍ତି, ବାଂଲାଦେଶୀ ଚିହ୍ନଟ ପ୍ରକ୍ରିୟାକୁ ଅଧିକ ତ୍ୱରାନ୍ୱିତ ଓ ତଦାରଖ କରିବା ପାଇଁ ଗୋଇନ୍ଦା ବିଭାଗର ବରିଷ୍ଠ ଅଧିକାରୀମାନେ ସମ୍ଭାବ୍ୟ ବେଆଇନ ବାଂଲାଦେଶୀ ଅନୁପ୍ରବେଶ ଜିଲାଗୁଡ଼ିକୁ ଲଗାତର ପରିଦର୍ଶନ କରୁଛନ୍ତି। ଏତଦ୍‌ବ୍ୟତୀତ, ସୀମା ସୁରକ୍ଷା ବାହିନୀ, ପଶ୍ଚିମବଙ୍ଗ ଗୋଇନ୍ଦା ସଂସ୍ଥା, କେନ୍ଦ୍ର ଗୋଇନ୍ଦା ସଂସ୍ଥା, କେନ୍ଦ୍ର ଗୃହ ମନ୍ତ୍ରଣାଳୟ ସମନ୍ୱୟରେ ଅବୈଧ ଅନୁପ୍ରବେଶକାରୀଙ୍କୁଚିହ୍ନଟ ଏବଂ ଦେଶାନ୍ତର ପ୍ରକ୍ରିୟାକୁ ତ୍ୱରାନ୍ୱିତ କରାଯାଉଛି ବୋଲି ମୁଖ୍ୟମନ୍ତ୍ରୀ ଦର୍ଶାଇଛନ୍ତି।

## କେନ୍ଦ୍ରାପଡ଼ାରେ ଚିହ୍ନଟ...

କରିଥିବା ସମୟରେ ଜଙ୍ଗଲ ଜମିକୁ ଜବରଦଖଲ କରି ରହିବା ସୁଯୋଗ ପାଉଛନ୍ତି। ଏପରିକି ପ୍ରଶାସନିକ ଅଧିକାରୀ ଓ ବନ ବିଭାଗ ଜଙ୍ଗଲ ଜମି ଜବରଦଖଲ ସମୟରେ କୌଣସି କାରଣରୁ ନୀରବ ରହୁଛନ୍ତି। ଏହି ଜିଲାରେ ୧୯୨୯ ମସିହାରେ ଭୂବନ୍ଦୋବସ୍ତ ହୋଇଥିଲା। ତତ୍କାଳୀନ ସମୟରେ ଜଙ୍ଗଲ ଜମି ହ୍ରାସ ସମ୍ପର୍କରେ କୌଣସି ସମୀକ୍ଷା ହେଉନାହିଁ ଅପରପକ୍ଷରେ ୨୦୦୪ ମସିହାରେ ଚିହ୍ନଟ ହୋଇଥିବା ୧,୬୪୯ ଅନୁପ୍ରବେଶକାରୀଙ୍କ ମଧ୍ୟରୁ ମହାକାଳପଡ଼ା ବ୍ଲକର ୧,୫୫୧ଙ୍କୁ ଦେଶାନ୍ତର ନୋଟିସ ମିଳିଥିଲେ ମଧ୍ୟ ତାହା ଅଦ୍ୟାବଧି କାର୍ଯ୍ୟକାରୀ ହୋଇପାରିନାହିଁ। ଅନୁପ୍ରବେଶକାରୀଙ୍କୁ ଚିହ୍ନଟ ପାଇଁ ଜିଲା ପୋଲିସ ପକ୍ଷରୁ କେବଳ ଧରପଗଡ଼ ଚାଲିଛି। ସନ୍ଦେହରେ କେତେକ ବ୍ୟକ୍ତିଙ୍କୁ ଥାନାକୁ ଡକାଇ ଛାଡ଼ି ଦିଆଯାଉଥିବା ଲକ୍ଷ୍ୟ କରାଯାଉଛି। ଜିଲାରେ ସର୍ବାଧିକ ବାଂଲାଦେଶୀ ଅନୁପ୍ରବେଶକାରୀ ଥିବା ତଥ୍ୟ ଉଜାଗର କରୁଥିବା ସମୟରେ ଜଣେ ହେଲେ ଚିହ୍ନଟ ନ ହେବାରେ ପୋଲିସ ପ୍ରଶାସନ ବାଟବଣା ହୋଇଥିବା ଉପରୋକ୍ତ ବୁଦ୍ଧିଜୀବୀମାନେ ମତ ଦେଇଛନ୍ତି। ଏ ସମ୍ପର୍କରେ ଏସ୍‌ଡିପିଓ ଜ୍ୟୋତିରଞ୍ଜନ ଗୌଡ କହିଛନ୍ତି, ଖୁବ୍ ଶୀଘ୍ର ଜିଲା ପୋଲିସ ପକ୍ଷରୁ ଏନେଇ ସୂଚନା ମିଳିବ।

## 'ରାଜଭବନ' ହେଲା...

ରାଜ୍ୟପାଳମାନଙ୍କ ସମ୍ମିଳନୀ ସମୟରେ ହୋଇଥିବା ସୁପାରିସ ପରେ ଏହି ନିଷ୍ପତ୍ତି ନିଆଯାଇଛି। ଏଥିରେ ଉପନିବେଶ ଯୁଗର ଶବ୍ଦରୁ ଦୂରେଇଯାଇ ଗଣତାନ୍ତ୍ରିକ ମୂଲ୍ୟବୋଧକୁ ସୁଦୃଢ଼ କରିବା ପାଇଁ ସମଗ୍ର ଭାରତରେ ରାଜଭବନଗୁଡ଼ିକର ନାମକୁ 'ଲୋକ ଭବନ' ନାମରେ ବଦଳାଇବାକୁ ପ୍ରସ୍ତାବ ଦିଆଯାଇଥିଲା। ଏନେଇ ରାଜ୍ୟପାଳ କମ୍ଭମପାଟି କହିଛନ୍ତି, ନୂତନ ନାମକରଣ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦୃଷ୍ଟିକୋଣ ଅନୁଯାୟୀ ସୁଦୃଢ଼ ଜନସଂଯୋଗ ଏବଂ ଅଂଶଗ୍ରହଣ ପ୍ରତି ପ୍ରତିବଦ୍ଧତାକୁ ପ୍ରତିଫଳିତକରେ। 'ଲୋକ ଭବନ' ସ୍ୱଚ୍ଛତା, ସୁଗମତା ଏବଂ ପ୍ରଶାସନ ଏବଂ ଲୋକଙ୍କ ମଧ୍ୟରେ ଏକ ଗଭୀର ସମ୍ପର୍କର ପ୍ରତୀକ। ଏହି ପଦକ୍ଷେପ ନାଗରିକମାନଙ୍କୁ ସଶକ୍ତ କରିବା, ଶାସନ ବ୍ୟବସ୍ଥାକୁ ସୁଦୃଢ଼ କରିବା ଏବଂ ଅନ୍ତର୍ଭୁକ୍ତିମୂଳକ ଅଭିବୃଦ୍ଧି ସୁନିଶ୍ଚିତ କରିବାର ବ୍ୟାପକ ଦୃଷ୍ଟିକୋଣ ସହ ସମନ୍ୱିତ। 'ଲୋକ ଭବନ ' ଜନସାଧାରଣଙ୍କ ସହଭାଗିତା ଏବଂ ପରାମର୍ଶ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ମଞ୍ଚ ଭାବେ କାର୍ଯ୍ୟକରି ସମସ୍ତଙ୍କ ପାଇଁ ସୁଗମତା ଉପରେ ଧ୍ୟାନଦିଆଯିବ ବୋଲି ରାଜ୍ୟପାଳ କହିଛନ୍ତି।

## ଜନଶୁଣାଣି ଶିବିରରେ...

ବାପ ଘରେ ନିଜ ଛୋଟ ପୁଅ ସହ ରହି ବହୁ କଷ୍ଟରେ ଦିନ କାଟୁଛନ୍ତି। ସ୍ୱାମୀଙ୍କ ମୃତ୍ୟୁ ପରେ ପରିବାର ମଙ୍ଗଳ ଯୋଜନାରେ ସରକାରୀ ଅର୍ଥ ୨୦ହଜାର ଟଙ୍କା ପାଇବା ପାଇଁ ସସ୍ମିତା ବିଭାଗୀୟ ଅଧିକାରୀଙ୍କୁ ନିବେଦନ କରିଥିଲେ। ତେବେ ଲିଗାଲ ହେୟାର୍ ସାର୍ଟିଫିକେଟରେ ତ୍ରୁଟି ଥିବା ଦର୍ଶାଇ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ତାଙ୍କୁ ଫେରାଇ ଦେଇଥିଲେ। ପରେ ସେ ଏନେଇ ବାଙ୍କୀ ତହସିଲଦାର, ସ୍ଥାନୀୟ ଆର୍‌ଆଇ, ବିଡିଓ ଏବଂ ଉପଜିଲାପାଳଙ୍କୁ ଜଣାଇଥିଲେ। ଏହାସତ୍ତ୍ୱେ କୌଣସି ସୁଫଳ ନ ମିଳିବାରୁ ସସ୍ମିତା ଜିଲାପାଳଙ୍କ ନିକଟରେ ଦୁଇ ଥର ଅଭିଯୋଗ କରିଥିଲେ। ବ୍ଲକଠାରୁ ଜିଲା ପ୍ରଶାସନ ପର୍ଯ୍ୟନ୍ତ ସବୁଠି ବାରମ୍ବାର ଅଭିଯୋଗ ପରେ ବି ସହାୟତା ରାଶି ନ ମିଳିବାରୁ ସୋମବାର ଜିଲାପାଳଙ୍କ ଜନଶୁଣାଣି ଶିବିରରେ ପୁଅକୁ ନେଇ ପେଟ୍ରୋଲ ଢାଳି ଆତ୍ମହତ୍ୟା କରିବାକୁ ସସ୍ମିତା ନିଷ୍ପତ୍ତି ନେଇଥିଲେ। ଏନେଇ ଜିଲାପାଳଙ୍କୁ ଶିବିରରେ ଦେଖା କରିବା ପରେ ପୂର୍ବଭଳି ଉତ୍ତର ମିଳିବାରୁ ବାହାରକୁ ଆସି ପେଟ୍ରୋଲ୍ ଢାଳି ଆତ୍ମାହୁତି ଉଦ୍ୟମ କରିଥିଲେ ବୋଲି ସସ୍ମିତା ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ସାମାଜିକ କଲ୍ୟାଣ ଅଧିକାରିଣୀ ସସ୍ମିତା ସେଠୀଙ୍କୁ ପଚାରିବାରୁ ସେ କହିଲେ ତାଙ୍କ ଆବେଦନରେ ତ୍ରୁଟି ଥିଲା। ସେଥିପାଇଁ ଟଙ୍କା ମଞ୍ଜୁରୀ ହୋଇପାରିନାହିଁ। ବାଙ୍କୀ ଉପଜିଲାପାଳ ପ୍ରଣବ କୁମାର ବେହେରାଙ୍କୁ ପଚାରିବାରେ ସସ୍ମିତାଙ୍କ ଅଭିଯୋଗର ଯଥାଶୀଘ୍ର ସମାଧାନ କରାଯିବ ବୋଲି କହିଛନ୍ତି।

## ପୁଣି ଚର୍ଚ୍ଚାରେ ପ୍ଲାଷ୍ଟିକ୍ ବୋତଲରେ ପେଟ୍ରୋଲ

ବାଲେଶ୍ୱର ଏଫ୍‌ଏମ୍ କଲେଜ ଛାତ୍ରୀ ସୌମ୍ୟାଶ୍ରୀ ବିଶି ପେଟ୍ରୋଲ ଢାଳି ଆତ୍ମାହୁତି ଘଟଣା ସାରା ରାଜ୍ୟରେ ଚର୍ଚ୍ଚାର ବିଷୟ ପାଲଟିଥିଲା। ଏହାପରଠାରୁ ପ୍ଲାଷ୍ଟିକ ବୋତଲରେ ପେଟ୍ରୋଲ୍ ଦେବା ଉପରେ ନିଷେଧାଜ୍ଞା କରାଯାଇଥିଲା। ହେଲେ ଏ କଟକଣାକୁ ଖୋଲା ଉଲ୍ଲଂଘନ କରାଯାଉଥିବା ସୋମବାର ଘଟଣାରୁ ସ୍ପଷ୍ଟ ବାରି ହୋଇପଡୁଛି। ଜିଲାପାଳଙ୍କ ଜନଶୁଣାଣିରେ ପୋଲିସ ମୁତୟନ ସତ୍ତ୍ୱେ ମହିଳା ଜଣକ ପେଟ୍ରୋଲ କିପରି ଆଣି ଆସିଲେ, ତାକୁ ନେଇ ବଡ଼ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏହା ଗୋଇନ୍ଦା ବିଭାଗର ସମ୍ପୂର୍ଣ୍ଣ ବିଫଳତା ବୋଲି ବୁଦ୍ଧିଜୀବୀ ମହଲରେ ଆଲୋଚନା ହେଉଛି। ବାଙ୍କୀ ଅଞ୍ଚଳରେ ପୋଲିସ ଓ ଯୋଗାଣ ବିଭାଗ ପକ୍ଷରୁ ବିଭିନ୍ନ ପେଟ୍ରୋଲ ପମ୍ପରେ ଚଢ଼ାଉ ଠିକ୍ ଭାବେ ହେଉ ନ ଥିବାରୁ ବହୁ ପେଟ୍ରୋଲ ପମ୍ପରେ ଲୁଚାଛପା ପ୍ଲାଷ୍ଟିକ ବୋତଲରେ ଏବେବି ପେଟ୍ରୋଲ ବିକ୍ରି ହେଉଥିବା ସାଧାରଣରେ ଅଭିଯୋଗ ହେଉଛି।

## ଅଭିଯୋଗ ଶୁଣାଣିରେ...

ସେତେବେଳେ ଧଳ ପରିବାର ଲୋକେ ଓ ଗ୍ରାମର କେତେଜଣ ଭଦ୍ରବ୍ୟକ୍ତି ସାକ୍ଷୀ ଭାବେ ସେହି କାଗଜପତ୍ରରେ ଦସ୍ତଖତ କରିଥିଲେ। ଗତବର୍ଷ ପ୍ରଶାନ୍ତଙ୍କ ସାପ କାମୁଡ଼ାରେ ମୃତ୍ୟୁ ହୋଇଥିଲା। ଏହାର ତିନି/ଚାରି ମାସ ପରେ ପ୍ରଶାନ୍ତଙ୍କ ପରିବାର ଲୋକଙ୍କୁ ମହିଳା ଜଣକ ଟଙ୍କା ଫେରାଇବାକୁ କହିଥିଲେ। ସେମାନେ ଦେଇଦେବେ ବୋଲି ପ୍ରତିଶ୍ରୁତି ଦେଇ ଥରେ ୧୦ହଜାର ଟଙ୍କା ଦେଇଥିଲେ। ହେଲେ ପରେ ଆଉ ଧରାଛୁଆଁ ଦେଇ ନ ଥିଲେ। ବାରମ୍ବାର ଟଙ୍କା ମାଗିବାରୁ ସେମାନେ ଗାଳିଗୁଲଜ କରିବା ସହ ମାରପିଟ ମଧ୍ୟ କରିଥିଲେ। ଏନେଇ ସେତେବେଳେ ମହିଳା ଜଣକ ଗୁରାଣ୍ଡି ଥାନାର ଦ୍ୱାରସ୍ଥ ହୋଇଥିଲେ। ତତ୍କାଳୀନ ଥାନା ଅଧିକାରୀ ଏହାର ତଦନ୍ତ ଆରମ୍ଭ କରିଥିଲେ। ପରେ ଥାନା ଅଧିକାରୀଙ୍କ ବଦଳି ହୋଇଯିବାରୁ ନୂଆ ଅଧିକାରୀ ଭାବେ ଓମ୍‌ନାରାୟଣ ପାତ୍ର ଯୋଗଦେଇଥିଲେ। ମହିଳା ଜଣକ ନୂଆ ଥାନାବାବୁଙ୍କୁ ମଧ୍ୟ ତାଙ୍କ ଟଙ୍କା ଫେରାଇ ଆଣିବାକୁ ଅନୁରୋଧ କରିଥିଲେ। ହେଲେ ଥାନା ବାବୁ ନ୍ୟାୟ ଦେବା ପରିବର୍ତ୍ତେ ତାଙ୍କୁ ଅଶ୍ଳୀଳ ଇଙ୍ଗିତ କରିଥିଲେ। ଏନେଇ ମହିଳା ଜଣକ ଜିଲା ପ୍ରଶାସନର ଦ୍ୱାରସ୍ଥ ହୋଇଛନ୍ତି। ନ୍ୟାୟ ନ ପାଇଲେ ଜିଲାପାଳଙ୍କ କାର୍ଯ୍ୟାଳୟଠାରେ ହିଁ ଆତ୍ମହତ୍ୟା କରିବେ ବୋଲି କହି ଝରକାରେ ନିଜ ଶାଢ଼ି ପଣତକାନି ଗୁଡ଼ାଇ ଆତ୍ମହତ୍ୟା ଉଦ୍ୟମ କରିଥିଲେ। ଏହି ସମୟରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ମହାନ୍ତି ଦେଖି ତାଙ୍କୁ ଏପରି ନ କରିବା ପାଇଁ କହି ବୁଝାସୁଝା କରିବା ସହ ଘଟଣାର ତଦନ୍ତ କରାଯାଇ ନ୍ୟାୟ ପ୍ରଦାନ କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ମହିଳା ଶାନ୍ତ ପଡ଼ିଥିଲେ। ଏନେଇ ଥାନା ଅଧିକାରୀ ପାତ୍ରଙ୍କ କହିବା ହେଲା, ମହିଳା ତାଙ୍କ ବିରୋଧରେ ଯେଉଁ ଅଶାଳୀନ ବ୍ୟବହାର କରିବା ନେଇ ଅଭିଯୋଗ ଆଣିଛନ୍ତି, ତାହା ସମ୍ପୂର୍ଣ୍ଣ ମିଥ୍ୟା। ପ୍ରଶାନ୍ତଙ୍କ ମୃତ୍ୟୁ ପରେ ତାଙ୍କ ପୁଅ ଜଗଦୀଶଙ୍କୁ ଥାନାକୁ ଡକାଯାଇଛି। ଜଗଦୀଶ କୌଣସି କାଗଜରେ ଦସ୍ତଖତ କରି ନ ଥିବା କହିଛନ୍ତି। ତେଣୁ ଘଟଣାର ତଦନ୍ତ ଜାରି ରହିଛି ବୋଲି ପାତ୍ର କହିଛନ୍ତି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ଅଭାଗ୍ୟ କାଳେ ବିପରୀତ ବାଣୀ,**
**ଚାଳରୁ ମୂଷା ପଡ଼ି ମାରନ୍ତି କହୁଣି ।**

ଦୁର୍ଦ୍ଦିନ ପଡ଼ିଲେ ମଣିଷ ଅସହାୟ ହୋଇଯାଏ। ମଣିଷ ଉପରକୁ ଦୁଃଖର ପାହାଡ଼ ମାଡ଼ିଆସିବା ସହ ବିପଦରେ ପଡ଼ି ଘାଣ୍ଟି ଚକଟି ହେବା ସାର ହୋଇଥାଏ। ଏପରିସ୍ଥିତିରେ ଅତି ନ୍ୟୁନସ୍ତରର ବ୍ୟକ୍ତି ପରାକ୍ରମ ଦେଖାଇବାକୁ ବା ଦାଉ ସାଧିବାକୁ ତିଳେମାତ୍ର ପଛାଉ ନ ଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଅଇଁଠା ଭାତେ ଘିଅ,**
**ପ୍ରେତେ ଖାଇତେ ଦିଅ ।**

ସାଧାରଣତଃ ଅଇଁଠା ବା ଥଣ୍ଡା ଭାତରେ ଘିଅ ଦେବା ନେଇ ବାରଣ କରାଯାଇଥାଏ। ଅଇଁଠା ଭାତରେ ଘିଅ ଦେଇ ଖାଇବା ପ୍ରେତ ଖାଇବା ସହ ସମାନ ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ - ଫ୍ରେଣ୍ଡସ ପବ୍ଲିଶର୍ସ



ସୋମବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜିର ଗ୍ରହସ୍ଥିତି ମାନସିକ ସୁସ୍ଥତାକୁ ପରିପୁଷ୍ଟ କରିବ। ଅଣ୍ଡାଜନିତ ପୀଡ଼ାନୁଭବ ସାଙ୍ଗକୁ ଧୈର୍ଯ୍ୟହରା, ନୈରାଶ୍ୟ ବ୍ୟସ୍ତ ଓ ବିବ୍ରତ କରାଇପାରେ। କର୍ମକ୍ଷେତ୍ରରେ କୌଶଳପୂର୍ଣ୍ଣ ବ୍ୟବହାର ଅନ୍ୟମାନଙ୍କୁ ଆପଣାର କରିବାରେ ସାହାଯ୍ୟ କରିବ। ପାରିବାରିକ ଜୀବନରେ ଶାନ୍ତି ଓ ସ୍ଥିରତା ଅବ୍ୟାହତ ରହିବ।

**ବୃଷ** ଆଜିର ଚନ୍ଦ୍ରଙ୍କ ସ୍ଥିତି ପ୍ରଭାବରେ ବନ୍ଧୁଙ୍କ ସମସ୍ୟାର ସମାଧାନ ଦିଗରେ ମୁଣ୍ଡ ପୂରାଇବେ। କଥା କଥାକେ ମଉଜିଆ କଥା କହିବାକୁ ନେଇ କଳହ ଲାଗିପାରେ। ଅନ୍ୟମାନଙ୍କ ଉପରେ ବିରକ୍ତ ହୋଇ କାର୍ଯ୍ୟପ୍ରବାହକୁ ଅବରୁଦ୍ଧ କରିଦେବେ। ବନ୍ଧୁଙ୍କ ସହଯୋଗରେ ଶିଳ୍ପ, ବାଣିଜ୍ୟ, ପରିବହନ ଭଲରେ ଚାଲିବ।

**ମିଥୁନ** ମୁଖଭାବରେ ଗୁରୁଥିବାରୁ ଆପଣଙ୍କ ଇଚ୍ଛାନୁକୂଳ କାର୍ଯ୍ୟ ଓ ପ୍ରାପ୍ୟ ପାଇଁ ମାର୍ଗ ସୁଗମ କରିପାରେ। ପ୍ରତ୍ୟେକ କ୍ଷେତ୍ରରେ ବିଜୟଲାଭ କରିବା ସାଙ୍ଗକୁ ବନ୍ଧୁଙ୍କୁ ଆପେଣଇ ନେବାରେ ସମର୍ଥ କରାଇବ। ଯୋଜନା, ସାଂଗଠନିକ କାର୍ଯ୍ୟ କ୍ଷେତ୍ରରେ ଅନୁକୂଳ ବାତାବରଣ ସୃଷ୍ଟି ହେବ। ପରିବାରରେ ସମ୍ପର୍କ ହାନି ଫଳରେ ଚିନ୍ତା ପ୍ରକଟ କରିପାରନ୍ତି।

**କର୍କଟ** ଚନ୍ଦ୍ରଙ୍କ ପ୍ରତି ବୁଧଙ୍କ ଦୃଷ୍ଟିରୁ ବନ୍ଧୁଙ୍କ ସହ ବିବାଦ ଓ କିଛି ନୂତନ କାମରେ ପ୍ରତିବନ୍ଧକ ହେତୁ ଚିନ୍ତିତ ରହିବେ। ନିର୍ଦ୍ଦିଷ୍ଟ ସ୍ଥାନରେ ସହକର୍ମୀଙ୍କୁ ନ ପାଇ ବ୍ୟସ୍ତ ହେବେ। ପରିବାରରେ ପୂର୍ବ ସମସ୍ୟା ସମାଧାନ ହେବାରେ ନୀଚ ଜାତିର ବ୍ୟକ୍ତି ମୁଖ୍ୟ ଭୂମିକା ଗ୍ରହଣ କରିବେ। ପରିଜନଙ୍କ ସହ କୌଣସି ଯାତ୍ରା ଓ ନୂତନ କର୍ମାରମ୍ଭ ଆଲୋଚନା ଫଳପ୍ରଦ ହେବ।

**ସିଂହ** ଧନାଧିପତିଙ୍କ ପ୍ରଭାବରେ ଆଶାଜନକ ଅର୍ଥ ପ୍ରଦାନର ସୁଯୋଗ ନ ଦେଲେ ମଧ୍ୟ ବନ୍ଧୁଙ୍କ ସୁନ୍ଦର ବ୍ୟବହାରରେ ଖୁସି ରହିବେ। ପାରସ୍ପରିକ ସହଯୋଗ ପାରିବାରିକ ଜୀବନକୁ ରସାଣିତ କରିବ। କୌଣସି କ୍ଷେତ୍ରରେ ଆଜି ସତକଥା କହି ବିବାଦ ଘେରରେ ପଡ଼ିପାରନ୍ତି। ସାମାଜିକ ସ୍ତରରେ ସାହିତ୍ୟ, ବୈଷୟିକ କ୍ଷେତ୍ରରୁ ପ୍ରଶଂସିତ ହେବେ।

**କନ୍ୟା** ରାହୁଙ୍କ ପ୍ରଭାବରେ କୌଶଳ ପ୍ରୟୋଗକରି କାର୍ଯ୍ୟ ହାସଲ କରିବେ। ସନ୍ତାନଙ୍କ ସମସ୍ୟା ବ୍ୟସ୍ତବିବ୍ରତ କରାଇବାର ଆଶଙ୍କା ଉପୁଜିବାର ସୂଚନା ରହିଛି। ପ୍ରତ୍ୟେକ କ୍ଷେତ୍ରରେ ଯେତେ ଭଲ କାମ କଲେ ମଧ୍ୟ ଶନିଙ୍କ ପ୍ରଭାବରୁ ସନ୍ଦେହ ଘେରରେ ରହିବେ। ଟଙ୍କା ପଇସା ଦେଣନେଣକୁ କେନ୍ଦ୍ରକରି ସାମାନ୍ୟ ଝଗଡ଼ା ସୃଷ୍ଟି ହୋଇପାରେ।

**ତୁଳା** ଆଜି ଦୂରସ୍ଥାନକୁ ଯାତ୍ରା କିମ୍ବା କର୍ମକ୍ଷେତ୍ରରେ ସ୍ଥାନାନ୍ତର ପାଇଁ ବ୍ୟଗ୍ରତା ପ୍ରକାଶ କରିପାରନ୍ତି। ନୂତନ ବନ୍ଧୁ ସମ୍ପର୍କ ଓ ସୁଚିନ୍ତିତ କାର୍ଯ୍ୟଧାରା କାମକୁ ଅଗ୍ରଗାମୀ କରାଇବ। ତୃତୀୟାଧିପତିଙ୍କ ପ୍ରଭାବରେ ପଡ଼ୋଶୀ କିମ୍ବା ବନ୍ଧୁଙ୍କ ଜରିଆରେ ଦୀର୍ଘଦିନର ଆଶା ଫଳବତୀ ହେବ। ନିର୍ଦ୍ଦିଷ୍ଟ କାରଣ ନ ଥାଇ ସାୟାହ୍ନେ ମନଟା ଭଲ ଲାଗିବ ନାହିଁ।

**ବିଛା** କୋଣଭାବସ୍ଥ ଶନି ମାନସିକ ଉଦାସୀନତା ସୃଷ୍ଟିକରି ଅନ୍ୟମାନଙ୍କ ନିକଟରେ ସନ୍ଦେହାଚ୍ଛନ୍ନ କରି ରଖିପାରେ। ମନ ବୁଝିଲା ଭଳି କଥା କହି ବନ୍ଧୁଙ୍କୁ ଆପଣେଇ ନେବା ସକାଶେ ଦିନଟି ଭଲ। ସାହିତ୍ୟ, କ୍ରୀଡ଼ା, ଚଳଚ୍ଚିତ୍ର, ସଭା ସମିତି ଓ ମନୋରଞ୍ଜନରେ ଉତ୍ସାହିତ ହେବେ। ସାଧାରଣ କଥାକୁ କେନ୍ଦ୍ରକରି ଅପରାହ୍ନରେ ଟେନ୍‌ସନ୍ ବଢ଼ିପାରେ।

**ଧନୁ** ଅନୁକୂଳ ଗ୍ରହସ୍ଥିତିରୁ ଚିନ୍ତା କରିଥିବା ଯୋଜନାଟିକୁ କାର୍ଯ୍ୟକାରୀ କରିବା ସକାଶେ ମନ ବଳାଇ ପାରନ୍ତି। ବିବାଦୀୟ ଘଟଣାରେ ଦୁଃସାହସିକ ପଦକ୍ଷେପ ନେବା ଠିକ୍ ହେବନି। ପଡ଼ୋଶୀଙ୍କ ସହ ନୂତନ ସ୍ଥାନ ଭ୍ରମଣ ସୁଯୋଗ ଜୁଟିପାରେ। କର୍ମକ୍ଷେତ୍ରରେ ଅପ୍ରିୟ ସତ୍ୟ କହି ସହକର୍ମୀ କିମ୍ବା ଆତ୍ମୀୟମାନେ ଦୂରେଇ ରହିପାରନ୍ତି।

**ମକର** ଏକାଦଶସ୍ଥ ଗ୍ରହଜନିତ ସମ୍ପର୍କୀୟଙ୍କୁ ସାହାଯ୍ୟ ପ୍ରତିଶ୍ରୁତି ଦେଇ ଶ୍ରଦ୍ଧାଭାଜନ ହେବେ। ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ଘଟିବା ସାଙ୍ଗକୁ ସ୍ଥଗିତ କାମଗୁଡ଼ିକ ପାଇଁ ଯୋଜନା ବନେଇ ପାରନ୍ତି। ବନ୍ଧୁଙ୍କ କଥାରେ ପ୍ରଭାବିତ ହୋଇ କୌଣସି କାମ ପାଇଁ ଆଗଭର ହୋଇପାରନ୍ତି। ଆଜିର ଯାତ୍ରା, ବାଣିଜ୍ୟ, ବ୍ୟବସାୟ ଓ ପରିବହନରୁ ବିଶେଷ ଲାଭ ପାଇବେ।

**କୁମ୍ଭ** ଆଜି ଦିନରେ ବହୁତ ଭଲ କାମ କରିବେ। ପୂର୍ବ ଚିନ୍ତିତ ଆଶା ଓ ଅଭିଳାଷ ପୂରଣ ହେବା ସାଙ୍ଗକୁ ଅର୍ଥ ପାଇ କାର୍ଯ୍ୟକୁ ପୂର୍ଣ୍ଣାଙ୍ଗ କରିପାରିବେ। ଦ୍ୱାଦଶସ୍ଥାନକୁ ବୃହସ୍ପତିଙ୍କ ଦୃଷ୍ଟିରୁ ସ୍ୱର୍ଣ୍ଣାଳଙ୍କାର ପ୍ରଭୃତି କ୍ରୟ କରିବା ସକାଶେ ମନ ବଳିବ। ପରିବାର ମଧ୍ୟରେ ଛୋଟ କଥାକୁ ଧରିବସିଲେ ଅଯଥା ଅଶାନ୍ତିର ବାତାବରଣ ସୃଷ୍ଟି ହୋଇପାରେ।

**ମୀନ** କର୍ମକ୍ଷେତ୍ରରୁ ଫେରନ୍ତା ବାଟରେ ବନ୍ଧୁଙ୍କୁ ଭେଟି କାଲିର ଯୋଜନା ପ୍ରସ୍ତୁତ କରିପାରନ୍ତି। କେତୁଙ୍କ କୁପ୍ରଭାବରୁ ବାକି ରହିଥିବା ଅର୍ଥ ଆଦାୟ କରିବାକୁ ଯାଇ ବାକ୍ ଅସଂଯମତା ଯୋଗୁ ସୁସମ୍ପର୍କ ବ୍ୟାହତ ହୋଇପାରେ। ବ୍ୟବସାୟରେ ଲାଭ ମିଳିବ ଏବଂ କୌଣସି ଅନ୍ୟ ଏକ ଉଦ୍ଦେଶ୍ୟରେ ସେହି ଟଙ୍କାକୁ ବିନିଯୋଗ କରିପାରନ୍ତି।

ଆଜି ଡିସେମ୍ବର ୨ ତାରିଖ, ମାର୍ଗଶିର ଶୁକ୍ଳପକ୍ଷର ବ୍ୟଞ୍ଜନ ଦ୍ୱାଦଶୀ ମଙ୍ଗଳବାର। ଦିବା ଘ. ୦୩.୫୭ ଗତେ ଅନଙ୍ଗ ତ୍ରୟୋଦଶୀ। ରାଶିନକ୍ଷତ୍ର-ଅଶ୍ୱିନୀ/ମେଷ, ଦ୍ୱାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଏବଂ ତ୍ରୟୋଦଶୀର ପାର୍ବଣ ଶ୍ରାଦ୍ଧ। ଦିବା ଘ.୦୬.୦୯ ଗତେ ଘ.୦୬.୫୨ ମଧ୍ୟେ, ଘ.୦୮.୫୨ ଗତେ ଘ.୧୧.୧୪ ମଧ୍ୟେ ଶୁଦ୍ଧ ଶୁଭ ବେଳା। ଅପରାହ୍ନ ଘ.୦୨.୧୯ ଗତେ ଘ.୦୩.୪୦ ମଧ୍ୟେ ରାହୁ କାଳ।

# ସଡ଼କ ସୁରକ୍ଷା ୧୯ ମାସରେ ୫୯.୭୦ କୋଟି ଖର୍ଚ୍ଚ

## ଦୁର୍ଘଟଣାଜନିତ ମୃତ୍ୟୁ ହାର ହ୍ରାସ ଲକ୍ଷ୍ୟ ବହୁ ଦୂରରେ

ଯାଜପୁର,୧।୧୨
(ହର୍ଷବର୍ଦ୍ଧନ ବେହେରା)

ରାଜ୍ୟରେ ସଡ଼କ ଦୁର୍ଘଟଣାଜନିତ ମୃତ୍ୟୁ ହାର ହ୍ରାସ କରିବା ଲକ୍ଷ୍ୟ ରଖି ରାଜ୍ୟ ସରକାରଙ୍କ ପକ୍ଷରୁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଉଛି। ଏହିକ୍ରମରେ ୨୦୨୪ ଜାନୁଆରୀରୁ ୨୦୨୫ ଜୁଲାଇ ପର୍ଯ୍ୟନ୍ତ ୧୯ ମାସରେ ସରକାରଙ୍କ ତହବିଲରୁ ୫୯ କୋଟି ୭୦ ଲକ୍ଷ ୨୭ ହଜାର ୭୨୮ ଟଙ୍କା ଖର୍ଚ୍ଚ କରାଯାଇଛି। ତଥାପି ୨୦୨୪ର ଅର୍ଥାତ୍ ୩୬୫ ଦିନରେ ଓଡ଼ିଶାରେ ୧୨,୩୬୫ ଦୁର୍ଘଟଣା ଘଟି ୬,୧୪୨ ଜଣଙ୍କ ମୃତ୍ୟୁ ଘଟିଛି। ଅର୍ଥାତ୍ ଓଡ଼ିଶାରେ ଗୋଟିଏ ଦିନରେ ୧୬ରୁ ଊର୍ଦ୍ଧ୍ୱ ଜଣଙ୍କ ସଡ଼କ ଦୁର୍ଘଟଣାରେ ମୃତ୍ୟୁ ହେଉଥିବା ରାଜ୍ୟ ବାଣିଜ୍ୟ ଓ ପରିବହନ ବିଭାଗ ତଥ୍ୟରୁ ଜଣାପଡ଼ିଛି। ଅନ୍ୟପକ୍ଷେ ଗତ ୩ ବର୍ଷର ରିପୋର୍ଟକୁ ହିସାବକୁ ନେଲେ ଓଡ଼ିଶାରେ ୩୬,୦୩୦ ଦୁର୍ଘଟଣାରେ ୧୭,୩୪୮ ଜଣଙ୍କ ମୃତ୍ୟୁ ଘଟିଛି। ଦେଶରେ ସଡ଼କ ଦୁର୍ଘଟଣା ମୃତ୍ୟୁରେ ଏହା ସର୍ବାଧିକ। ଏଭଳିସ୍ଥିତିରେ ରାଜ୍ୟ ସରକାରଙ୍କ ପକ୍ଷରୁ ଖର୍ଚ୍ଚ ହୋଇଥିବା ଉପରୋକ୍ତ ବିପୁଳ କୋଟି ଟଙ୍କାର ଲାଭ କେତେ ମିଳିଲା ଏବଂ ଜନସାଧାରଣଙ୍କ ଧନଜୀବନର ସୁରକ୍ଷା କେତେ ହେଲା ତାହା ତଦନ୍ତସାପେକ୍ଷ ବୋଲି ମତପ୍ରକାଶ ପାଇଛି। ରୋଡ୍ ସେଫ୍ଟି ଫଣ୍ଡ ମ୍ୟାନେଜମେଣ୍ଟ କମିଟି ବୈଠକର ଏକ ରିପୋର୍ଟ ଉପରେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ରାଜ୍ୟ ସରକାରଙ୍କ ବାଣିଜ୍ୟ ଓ ପରିବହନ ବିଭାଗ ପକ୍ଷରୁ ଯୁଗ୍ମ ନିର୍ଦ୍ଦେଶକ ତପନ କୁମାର ମିଶ୍ର ୨୮।୧୧।୨୦୨୫ରେ କଟକ ପରିବହନ କମିଶନରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ରୋଡ ସେଫ୍ଟି ଫଣ୍ଡ ମ୍ୟାନେଜମେଣ୍ଟ କମିଟି ବୈଠକ ରିପୋର୍ଟଅନୁସାରେ ରାଜ୍ୟର ସର୍ବାଧିକ ଦୁର୍ଘଟଣାଜନିତ ମୃତ୍ୟୁ ହେଉଥିବା ପୋଲିସ ଜିଲା ସୁନ୍ଦରଗଡ଼, କେନ୍ଦୁଝର, ଗଞ୍ଜାମ, ମୟୂରଭଞ୍ଜ, ଯାଜପୁର, ଖୋର୍ଦ୍ଧା ଓ ରାଉରକେଲାରେ ୫୦୦ ଟ୍ରାଫିକ ୱାର୍ଡେନଙ୍କୁ ମୁତୟନ କରାଯାଇଛି। ଏଥିପାଇଁ ଜଣେ ଟ୍ରାଫିକ ୱାର୍ଡେନ ପିଛା ମାସକୁ ୨୩,୩୦୦ ଟଙ୍କା ହିସାବରେ ୩ ମାସ ପାଇଁ ୩ କୋଟି ୪୯ ଲକ୍ଷ ୫୦ ହଜାର ଟଙ୍କା ଖର୍ଚ୍ଚ ହୋଇଛି। ସେହିପରି ୮୧୦ ଜଣ ଛାତ୍ର ଟ୍ରାଫିକ ସ୍ୱେଚ୍ଛାସେବୀ(ଏସ୍‌ଟିଭି) ମୁତୟନ ହୋଇଥିବାବେଳେ ଜଣ ପିଛା ୨୦୦ ଟଙ୍କା ହିସାବରେ ୧୮୦ ଦିନ ପାଇଁ ୨ କୋଟି ୯୨ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇଛି। ଏହାବାଦ୍ ସଡ଼କ ସୁରକ୍ଷା ଉପରେ ସଚେତନତା କାର୍ଯ୍ୟକ୍ରମରେ ହେଭି ଭେହିକିଲ ଡ୍ରାଇଭରମାନଙ୍କୁ ମାଗଣାରେ ଚା ବଣ୍ଟନ ପାଇଁ ୫.୫୫ ଲକ୍ଷ ଟଙ୍କା, ନ୍ୟାଶନାଲ ରୋଡ ସେଫ୍ଟି ମାସ ପାଳନରେ ୨ କୋଟି ୧୦ ଲକ୍ଷ, ୬୩ ହଜାର ୯୪୯ ଟଙ୍କା, ପୁରସ୍କାର ବାବଦକୁ ୧୪.୨୦ ଲକ୍ଷ ଟଙ୍କା, ୨୦୨୪ ବାଲିଯାତ୍ରା ଉତ୍ସବରେ ସଡ଼କ ସୁରକ୍ଷା ଷ୍ଟଲ ପାଇଁ ୭ ଲକ୍ଷ ଟଙ୍କା, ରଥଯାତ୍ରା ସମୟରେ ଓଆର୍‌ଏସ୍ କ୍ରୟ ପାଇଁ ୧ ଲକ୍ଷ, ଦ୍ୱିତୀୟ ପର୍ଯ୍ୟାୟ ନ୍ୟାଶନାଲ ଶର୍ଟ ଫିଲ୍ମ ଫେଷ୍ଟିଭାଲ ପାଇଁ ୨୯,୪୬,୭୯୯ ଟଙ୍କା, ରାଜ୍ୟର ୮୦ ସିନେମା ହଲ୍‌ରେ ସଡ଼କ ସୁରକ୍ଷା ସଚେତନତା ବାର୍ତ୍ତା ପାଇଁ ୫୨.୧୭ ଲକ୍ଷ ଟଙ୍କା, ସ୍କୁଲଗୁଡ଼ିକରେ ଟ୍ରାଫିକ କ୍ଲବ୍ ଖୋଲିବା ପାଇଁ ୫୦ ଲକ୍ଷ ଟଙ୍କା ଇତ୍ୟାଦି ବାବଦକୁ ଖର୍ଚ୍ଚ କରାଯାଇଛି। ଭିତ୍ତିଭୂମି ନିର୍ମାଣ କ୍ଷେତ୍ରରେ ପୋଲିସ ଦ୍ୱାରା ସଡ଼କ ସୁରକ୍ଷା ଉପକରଣ କ୍ରୟ ବାବଦକୁ ୧୧ କୋଟି ୨୬ ଲକ୍ଷ ଟଙ୍କା, ମେଡିକାଲ ସେନ୍‌ସର ଇଣ୍ଡିଆ ପ୍ରାଇଭେଟ୍ ଲିଃ ଦ୍ୱାରା ସିଏମ୍‌ସି ଇକ୍ୟୁପମେଣ୍ଟ ସ୍ଥାପନ ପାଇଁ ୯୫.୯୫ ଲକ୍ଷ ଟଙ୍କା, ଦିଶା ପ୍ରକଳ୍ପରେ ନେଟ୍‌ୱର୍କ କନେକ୍ସନ ପାଇଁ ୧.୮୦ କୋଟି ଟଙ୍କା, ବିଏସ୍‌ଏନ୍‌ଏଲ୍‌କୁ ୧ କୋଟି ୨୮ ହଜାର ଟଙ୍କା, ଇଣ୍ଟରସେପ୍ଟର ଭେହିକିଲ ପାଇଁ ୧.୫୮ କୋଟି ଟଙ୍କା ଆଦି ଖର୍ଚ୍ଚ ହୋଇଛି। ସେହିପରି କ୍ୟାପାସିଟି ବିଲ୍ଡିଂ, ଗମନାଗମନ, କନସଲଟିଂ ଇତ୍ୟାଦି କ୍ଷେତ୍ରରେ ବହୁ କୋଟି ଟଙ୍କା ଖର୍ଚ୍ଚ କରାଯାଇଛି।

ବିଶେଷକରି ହେଲମେଟ୍ ପରିଧାନ ନ କରି ଗାଡ଼ି ଚଳାଇବା, ମଦ୍ୟପାନ ଓ ମୋବାଇଲ ଫୋନ ଧରିବା ସହ ଅଧିକ ବେଗରେ ଗାଡ଼ି ଚଳାଇବା ଆଦି ଦୁର୍ଘଟଣାର କାରଣ ବୋଲି ବିଭିନ୍ନ ବୈଠକରେ ମତପ୍ରକାଶ ପାଇଆସୁଛି। ଏହିକ୍ରମରେ ଗତ ୧୬ରୁ ୩୦ ତାରିଖ ପର୍ଯ୍ୟନ୍ତ ଦୁର୍ଘଟଣାଜନିତ ଶୂନ୍ୟମୃତ୍ୟୁପକ୍ଷ ପାଳନ ହୋଇଛି। ରାଜ୍ୟର ବିଭିନ୍ନ ଜାତୀୟ ରାଜପଥ(ଏନ୍‌ଏଚ୍)ରେ ଦୁର୍ଘଟଣାଜନିତ ମୃତ୍ୟୁସଂଖ୍ୟା ଅଧିକ ହେଉଥିବା ପୂର୍ବ ରିପୋର୍ଟକୁ ଅବଲୋକନ କଲେ ସ୍ପଷ୍ଟ ହେଉଛି। ତ୍ରୁଟିପୂର୍ଣ୍ଣ ଏନ୍‌ଏଚ୍ ନିର୍ମାଣ, ନିମ୍ନମାନର କାର୍ଯ୍ୟ ଯୋଗୁ ଏନ୍‌ଏଚ୍‌ରେ ଖାଲଢିପ ବୃଦ୍ଧି, ନିର୍ମାଣ ସମ୍ପୂର୍ଣ୍ଣରେ ବିଳମ୍ବ, ବେଆଇନ ପାର୍କିଂ ଆଦି ଯୋଗୁ ଦୁର୍ଘଟଣା ମୃତ୍ୟୁହାର ଅଣାୟତ୍ତ ହେଉଛି। ଯାଜପୁର ଜିଲା ଦେଇ ଯାଇଥିବା ୨୦ ନମ୍ବର, ୧୬ ନମ୍ବର ଓ ୫୩ ନମ୍ବର ଏନ୍‌ଏଚ୍‌କୁ ଏହାର ଉଦାହରଣ ଭାବେ ନିଆଯାଇପାରେ। ଅନ୍ୟପକ୍ଷେ ଦୁର୍ଘଟଣାରେ ଆହତମାନଙ୍କର ଉପଯୁକ୍ତ ଚିକିତ୍ସା ପାଇଁ ପାଣିକୋଇଲିଠାରେ ଟ୍ରମାକେୟାର ସେଣ୍ଟର ସମ୍ପୂର୍ଣ୍ଣ ହେବା ସତ୍ତ୍ୱେ କାର୍ଯ୍ୟକାରୀ ନ ହେବା ମୃତ୍ୟୁହାର ବୃଦ୍ଧିର ଅନ୍ୟତମ କାରଣ ବୋଲି ମତପ୍ରକାଶ ପାଇଛି।

# ରାଜ୍ୟରେ ତାପମାତ୍ରା ବୃଦ୍ଧି ସହ ହାଲୁକା ବର୍ଷା

## ଘନ କୁହୁଡ଼ି ନେଇ ୟେଲୋ ୱାର୍ନିଂ

ଭୁବନେଶ୍ୱର, ୧।୧୨ (ବନ୍ଦନା ସେଠୀ)

ଘୂର୍ଣ୍ଣିଝଡ଼ 'ଡିଟ୍‌ୱା' ପ୍ରଭାବରେ ରାଜ୍ୟରେ ବର୍ତ୍ତମାନ ଶୀତ ପ୍ରକୋପ ସାମାନ୍ୟ କମିଛି। ଅଧିକାଂଶ ସ୍ଥାନରେ ରାତି ତାପମାତ୍ରା କ୍ରମଶଃ ବୃଦ୍ଧି ପାଇଛି। ଦକ୍ଷିଣ ଉପକୂଳ ଓଡ଼ିଶାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ସର୍ବନିମ୍ନ ତାପମାତ୍ରା ପ୍ରାୟ ୨ ଡିଗ୍ରୀ ହ୍ରାସ ପାଇଛି। ଆଭ୍ୟନ୍ତରୀଣ ଓଡ଼ିଶାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ପ୍ରାୟ ୨ରୁ ୪ ଡିଗ୍ରୀ ସେଲ୍‌ସିୟସ ବୃଦ୍ଧି ପାଇଛି। ଅପରପକ୍ଷେ ଗତ ୨୪ ଘଣ୍ଟାରେ ଗଜପତି, ରାୟଗଡ଼ା, କୋରାପୁଟ, ବଲାଙ୍ଗୀର, କନ୍ଧମାଳ, ବରଗଡ଼, ସମ୍ବଲପୁର, ସୁନ୍ଦରଗଡ଼ ଏବଂ ଝାରସୁଗୁଡ଼ା ଜିଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ଅତି ହାଲୁକାରୁ ହାଲୁକା ଧରଣର ବର୍ଷା ହୋଇଛି। ସେହିପରି ଦକ୍ଷିଣ ଆଭ୍ୟନ୍ତରୀଣ ଓଡ଼ିଶାର କଳାହାଣ୍ଡି ଜିଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ମଧ୍ୟମ କୁହୁଡ଼ି ପଡ଼ିଥିବା ନେଇ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି। ମଙ୍ଗଳବାର ଓ ବୁଧବାର ସୁନ୍ଦରଗଡ଼, ଝାରସୁଗୁଡ଼ା, କୋରାପୁଟ ଏବଂ ଅନୁଗୋଳ ଜିଲାରେ ଘନ କୁହୁଡ଼ି ପଡ଼ିବା ନେଇ ୟେଲୋ ୱାର୍ନିଂ ଜାରି ହୋଇଛି। ରାଜ୍ୟରେ ବର୍ତ୍ତମାନ ପାଗ ଶୁଖିଲା ରହିଥିବାବେଳେ ଡିସେମ୍ବର ୬ ପର୍ଯ୍ୟନ୍ତ ବର୍ଷା ନେଇ କୌଣସି ସୂଚନା ଦିଆଯାଇ ନାହିଁ। ରାଜ୍ୟର ସର୍ବନିମ୍ନ ତାପମାତ୍ରା ଦାରିଙ୍ଗବାଡ଼ିଠାରେ ୧୧.୫ ଡିଗ୍ରୀ ହୋଇଥିବାବେଳେ ପୁରୀରେ ସର୍ବାଧିକ ୨୯.୨ ଡିଗ୍ରୀ ରେକର୍ଡ ହୋଇଥିଲା। ସେହିପରି ଝାରସୁଗୁଡ଼ାରେ ୧୩.୭ ଡିଗ୍ରୀ, ବୌଦ୍ଧ ୧୩.୮, ଫୁଲବାଣୀ, କେନ୍ଦୁଝରଗଡ଼ ଏବଂ ବୌଦ୍ଧରେ ୧୪, କୋରାପୁଟରେ ୧୪.୨, ରାଉରକେଲାରେ ୧୪.୫, ଅନୁଗୋଳ ଓ ଢେଙ୍କାନାଳରେ ୧୪.୬, କଟକରେ ୧୫.୬ ଏବଂ ଭୁବନେଶ୍ୱରରେ ୧୬ଡିଗ୍ରୀ ସେଲ୍‌ସିୟସ୍ ତାପମାତ୍ରା ରେକର୍ଡ କରାଯାଇଛି।

ଅପରପକ୍ଷେ ଦକ୍ଷିଣ-ପଶ୍ଚିମ ବଙ୍ଗୋପସାଗର ଏବଂ ସଂଲଗ୍ନ ଉତ୍ତର ତାମିଲନାଡୁ-ପୁଡୁଚେରୀ ଉପକୂଳରେ ସୃଷ୍ଟି ହୋଇଥିବା ଗଭୀର ଅବପାତ (ଘୂର୍ଣ୍ଣିଝଡ଼ ଡିଟ୍‌ୱାର ଅବଶିଷ୍ଟାଂଶ) ସୋମବାର ସକାଳ ୮.୩୦ରେ ଦକ୍ଷିଣ-ପଶ୍ଚିମ ବଙ୍ଗୋପସାଗର ଏବଂ ସଂଲଗ୍ନ ପଶ୍ଚିମ-କେନ୍ଦ୍ରୀୟ ବଙ୍ଗୋପସାଗର, ଉତ୍ତର ତାମିଲନାଡୁ-ପୁଡୁଚେରୀ ଏବଂ ଦକ୍ଷିଣ ଆନ୍ଧ୍ରପ୍ରଦେଶ ଉପକୂଳ ଉପରେ କେନ୍ଦ୍ରିତ ହୋଇଥିଲା। ଏହା ଉତ୍ତର ତାମିଲନାଡୁ-ପୁଡୁଚେରୀ ଏବଂ ଦକ୍ଷିଣ ଆନ୍ଧ୍ରପ୍ରଦେଶ ଉପକୂଳ ସହ ସମାନ୍ତରାଳ ଭାବେ ଧୀରେ ଧୀରେ ଉତ୍ତର ଆଡ଼କୁ ଗତିକରି ଆସନ୍ତା ୧୨ଘଣ୍ଟା ମଧ୍ୟରେ ଏକ ଅବପାତରେ ପରିଣତ ହେବା ସମ୍ଭାବନା ରହିଛି। ଏହି ପ୍ରଣାଳୀ ସୋମବାର ମଧ୍ୟାହ୍ନ ସୁଦ୍ଧା ଚେନ୍ନାଇ ଉପକୂଳରୁ ଅତି କମ୍‌ରେ ୩୦ କି.ମି. ଦୂରତା ମଧ୍ୟରେ ଦକ୍ଷିଣ-ପଶ୍ଚିମ ଏବଂ ସଂଲଗ୍ନ ପଶ୍ଚିମ କେନ୍ଦ୍ରୀୟ ବଙ୍ଗୋପସାଗର ଉପରେ କେନ୍ଦ୍ରୀଭୂତ ହେବ ବୋଲି ପାଣିପାଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।



ସୋମବାର କୋଣାର୍କ ଉତ୍ସବର ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଭାରତନାଟ୍ୟମ ନୃତ୍ୟ 'ଶିବଭହୋମ' ପରିବେଷଣ କରାଯାଉଛି। (ଜ୍ୟୋତିରାଜ ମହାନ୍ତି)

## ବିଜେଡି ଛାଡ଼ିଲେ ବାସୁଦେବପୁର ବ୍ଲକ୍ ଅଧ୍ୟକ୍ଷ

ବାସୁଦେବପୁର,୧।୧୨(କାଳିପଦ ରାୟ/ନାରାୟଣ ପ୍ରସାଦ ବାରିକ୍)


ନଗେନ୍ଦ୍ର ପ୍ରସାଦ ବିଶ୍ୱାଳ।

ଭଦ୍ରକରେ ବିଜେଡି ଗଡ଼ ଦୋହଲିବାରେ ଲାଗିଛି। ଜଣକ ପରେ ଜଣେ ନେତା ଦଳ ଛାଡ଼ି ଯାଉଛନ୍ତି। ଦୁଇଦିନ ତଳେ ବନ୍ତ, ଭଣ୍ଡାରିପୋଖରୀ ଓ ଭଦ୍ରକ ବ୍ଲକ୍ ଅଧ୍ୟକ୍ଷା ଅଧ୍ୟକ୍ଷ ବିଜେଡିରୁ ଇସ୍ତଫା ଦେବା ଚର୍ଚ୍ଚା ଥମି ନ ଥିବାବେଳେ ସୋମବାର ଦଳ ଛାଡ଼ିଛନ୍ତି ବାସୁଦେବପୁର ବ୍ଲକ୍ ଅଧ୍ୟକ୍ଷ ନଗେନ୍ଦ୍ର ପ୍ରସାଦ ବିଶ୍ୱାଳ, ଯାହାକି ବିଜେଡିକୁ ବଡ଼ ଝଟ୍‌କା ବୋଲି କୁହାଯାଉଛି। ବିଶ୍ୱାଳ ତାଙ୍କ ଇସ୍ତଫା ପତ୍ର ବିଜେଡି ଜିଲା ସଭାପତି ଜଗନ୍ନାଥ ସ୍ୱାଇଁଙ୍କ ନିକଟକୁ ପଠାଇଛନ୍ତି। ବ୍ୟକ୍ତିଗତ କାରଣ ଯୋଗୁ ସେ ଦଳ ଛାଡୁଥିବା ଇସ୍ତଫାପତ୍ରରେ ଉଲ୍ଲେଖ କରିଛନ୍ତି।

# ୨୦୮.୨୪ କୋଟି ଟଙ୍କାର ସମ୍ପତ୍ତି ଜବତ

## ଦେଢ଼ବର୍ଷରେ ୮୨ ସରକାରୀ କର୍ମଚାରୀଙ୍କ ଉପରେ ଚଢ଼ାଉ

ଭୁବନେଶ୍ୱର,୧।୧୨(ସତ୍ୟଜିତ ରାଉତ)

ରାଜ୍ୟରେ ବହୁ ଦୁର୍ନୀତିଗ୍ରସ୍ତ ସରକାରୀ ବାବୁ ଭିଜିଲାନ୍ସ ଜାଲରେ ଧରାପଡ଼ିବା ପରେ ସେମାନଙ୍କ ସମ୍ପତ୍ତି ସାମ୍ରାଜ୍ୟ ପଦାକୁ ଆସୁଛି। ଘର ଯାଞ୍ଚ ବେଳେ ବିପୁଳ ସୁନା ଅଳଙ୍କାର ଓ ନଗଦ ଟଙ୍କା ମିଳୁଛି। ସରକାରୀ କର୍ମଚାରୀଙ୍କ ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ଦେଖି ସମସ୍ତେ ଚକିତ ହେଉଛନ୍ତି। ରାଜ୍ୟରେ ଗତ ପ୍ରାୟ ଦେଢ଼ବର୍ଷ ମଧ୍ୟରେ ୮୨ଜଣ ସରକାରୀ କର୍ମଚାରୀଙ୍କ ଉପରେ ଚଢ଼ାଉ କରାଯାଇ ସେମାନଙ୍କଠାରୁ ୨୦୮.୨୪ କୋଟି ଟଙ୍କାର ସମ୍ପତ୍ତି ଜବତ କରାଯାଇଛି। ସୋମବାର ବିଧାନସଭାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ତଥ୍ୟ ରଖିଛନ୍ତି। ରାୟଗଡ଼ା ବିଧାୟକ କାଡ୍ରାକା ଆପଲ ସ୍ୱାମୀଙ୍କ ଅଣତାରକା ପ୍ରଶ୍ନରେ ମୁଖ୍ୟମନ୍ତ୍ରୀ ରଖିଥିବା ଉତ୍ତରରୁ ସରକାରୀ ବାବୁଙ୍କ ସମ୍ପତ୍ତି ସାମ୍ରାଜ୍ୟ ସାମ୍ନାକୁ ଆସିଛି। ମୁଖ୍ୟମନ୍ତ୍ରୀଙ୍କ ସୂଚନା ଅନୁଯାୟୀ, ନୂତନ ସରକାର ଆସିବା ପରେ ଅର୍ଥାତ ୨୦୨୪ ଜୁନ ୧୨ଠାରୁ ଚଳିତବର୍ଷ ନଭେମ୍ବର ୨୧ ତାରିଖ ମଧ୍ୟରେ ଭିଜିଲାନ୍ସ ନିର୍ଦ୍ଦେଶାଳୟ ଦ୍ୱାରା ମୋଟ ୩୧୮ ମାମଲା ରୁଜୁ କରାଯାଇ ଚଢ଼ାଉ କରାଯାଇଛି। ଏଥିମଧ୍ୟରୁ ୮୨ଜଣ ସରକାରୀ କର୍ମଚାରୀଙ୍କ ଉପରେ ଚଢ଼ାଉ କରାଯାଇଛି। ସେମାନଙ୍କଠାରୁ ୨୦୮.୨୪ କୋଟି ଟଙ୍କାର ସମ୍ପତ୍ତି ଜବତ କରାଯାଇଛି। ଲାଞ୍ଚ ମାମଲାରେ ୨୬୬ ଜଣ ସରକାରୀ ଅଧିକାରୀ ତଥା କର୍ମଚାରୀ, ୧୨ଜଣ ଅନ୍ୟ ଲୋକସେବକ ଏବଂ ୩୮ ଜଣ ସାଧାରଣ ବ୍ୟକ୍ତିଙ୍କୁ ଗିରଫ କରାଯାଇଛି। ବିଭିନ୍ନ ଭିଜିଲାନ୍ସ କୋର୍ଟରେ ୧୮୭ ଜଣ ସରକାରୀ କର୍ମଚାରୀ ଦୋଷୀ ସାବ୍ୟସ୍ତ ହୋଇଛନ୍ତି। ଏଥିସହ ଦଣ୍ଡାଦେଶ ଆଧାରରେ ୩୪ଜଣ ସରକାରୀ କର୍ମଚାରୀଙ୍କୁ ଚାକିରିରୁ ବହିଷ୍କୃତ କରାଯାଇଛି। ସେହିପରି ୬୫ ଜଣ ସରକାରୀ କର୍ମଚାରୀଙ୍କ ପେନସନ୍ ରାଶି ବନ୍ଦ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ୩୧ଜଣ ସରକାରୀ ଅଧିକାରୀଙ୍କ ବିରୋଧରେ ଏକାଧିକ ଥର ଭିଜିଲାନ୍ସ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିବା ସୂଚନା ଦିଆଯାଇଛି।

# ପୋଲିସ ବାବୁ ସମ୍ପତ୍ତି ତାଲିକା ନ ଦେଲେ କାର୍ଯ୍ୟାନୁଷ୍ଠାନ

## ଏସ୍‌ପି, ଡିସିପିଙ୍କୁ ନିର୍ଦ୍ଦେଶ ଦେଲେ ଡିଜିପି

### ସମ୍ପତ୍ତି ତାଲିକା ଦେଇ ନ ଥିବା ୪୪ଜଣ ପାଇଲେନି ପଦୋନ୍ନତି

ଭୁବନେଶ୍ୱର,୧।୧୨(ତ୍ରିନାଥ ମହାନ୍ତି)

ସରକାରୀ ଅଧିକାରୀ ଓ କର୍ମଚାରୀ ସମ୍ପତ୍ତି ତାଲିକା ଦେବାକୁ ସବୁ ବିଭାଗକୁ ସାଧାରଣ ପ୍ରଶାସନ ବିଭାଗ ଚିଠି ଲେଖିବା ପରେ ତତ୍ପର ହୋଇଛି ପୋଲିସ ବିଭାଗ। ଏବେ ସମସ୍ତ ପୋଲିସ ଅଧିକାରୀ ଓ କର୍ମଚାରୀ ନିଜର ସମ୍ପତ୍ତି ତାଲିକା ଦେବାକୁ ବାଧ୍ୟତାମୂଳକ କରାଯାଇଛି। ଏନେଇ ଡିଜିପି ୱାଇ. ବି. ଖୁରାନିଆ ସମସ୍ତ ଏସ୍‌ପି ଏବଂ ଡିସିପିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଜାନୁୟାରୀ ସୁଦ୍ଧା ସମ୍ପତ୍ତି ତାଲିକା ଦେବାକୁ କଡ଼ା ନିର୍ଦ୍ଦେଶ ଦିଆଯିବା ସହ ଉଲ୍ଲଂଘନ କଲେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେବାକୁ କୁହାଯାଇଛି। ସେମାନଙ୍କ ପଦୋନ୍ନତି ରୋକିବା ସହ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଡିଜିପି କହିଛନ୍ତି।

ପୋଲିସ ଅଧିକାରୀ ଓ କର୍ମଚାରୀଙ୍କୁ ସେମାନଙ୍କ ସମ୍ପତ୍ତି ତାଲିକା ଦେବାକୁ ପୂର୍ବରୁ ନିର୍ଦ୍ଦେଶ ଦିଆଯାଇଥିଲେ ମଧ୍ୟ ଅଧିକାଂଶ ତାହା ଦେଉନାହାନ୍ତି। ଫଳରେ ଗତ ୧୯ ତାରିଖ ଇନ୍ସପେକ୍ଟର ପଦୋନ୍ନତିରେ ସେମାନଙ୍କୁ ବାଦ୍ ଦିଆଯାଇଛି। ସମ୍ପତ୍ତି ତାଲିକା ଦେଇଥିବା ୪୭୫ ଜଣଙ୍କୁ ପଦୋନ୍ନତି ମିଳିଥିବା ବେଳେ ୪୪ ଏସ୍‌ଆଇଙ୍କୁ ପଦୋନ୍ନତି ମିଳିନାହିଁ। ହେଲେ ପରବର୍ତ୍ତୀ ସମୟରେ ସେମାନେ ଅଫଲାଇନ୍‌ରେ ସମ୍ପତ୍ତି ତାଲିକା ଦେଇଥିଲେ ମଧ୍ୟ ପଦୋନ୍ନତି ଦିଆଯାଇନାହିଁ।


ପୋଲିସ ମାନୁଆଲ ଅନୁସାରେ, ପୋଲିସ କର୍ମଚାରୀ ଘର, ଫ୍ଲାଟ୍, ଗାଡି ଓ ସୁନାଗହଣା କିଣିଲେ ବିଭାଗକୁ ଜଣାଇବା ଜରୁରୀ। କିନ୍ତୁ ବହୁ ପୋଲିସ ଗାଡ଼ି, ଘର ଏବଂ ଫ୍ଲାଟ୍ କିଣୁଥିଲେ ମଧ୍ୟ ଜଣାଇନାହାନ୍ତି। ପଦୋନ୍ନତି ଅପେକ୍ଷା ସେମାନେ କଳାଧନକୁ ଲୁଚାଇବାକୁ ଅଧିକ ଗୁରୁତ୍ୱ ଦେଉଛନ୍ତି। ବଡ଼ କଥା ହେଲା ରାଜଧାନୀରେ କାମ କରୁଥିବା ସର୍ବାଧିକ ପୋଲିସ କର୍ମଚାରୀ ସମ୍ପତ୍ତି ତାଲିକା ଦେଇ ନ ଥିବା ଜଣାପଡିଛି। ସମ୍ପତ୍ତି ତାଲିକା ଦେଇ ନ ଥିବାରୁ ନିକଟରେ ପଦୋନ୍ନତି ପାଇ ନ ଥିବା ୪୪ଜଣଙ୍କ ମଧ୍ୟରୁ ଅଧିକାଂଶ ଏସ୍‌ଆଇ ଭୁବନେଶ୍ୱରରେ କାମ କରୁଛନ୍ତି। ଏମାନଙ୍କ ମଧ୍ୟରୁ ଅଧିକାଂଶ ପୋଲିସ କର୍ମଚାରୀ ଲୁଚାଛପାରେ ଘର ଓ ଦାମୀ ଗାଡି କିଣିଥିବା ଜଣାପଡିଛି। ଏସବୁ ଜଣାଇଲେ ଭିଜିଲାନ୍ସ ଚଢ଼ାଉ ଭୟ ଥିବାରୁ ପଦୋନ୍ନତିକୁ ମଧ୍ୟ ସେମାନେ ଏଡାଇ ଦେଉଛନ୍ତି। ନିଲମ୍ବନ ଭଳି ସେମାନଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଗଲେ ରାଜ୍ୟ ସରକାର ଓ ଡିଜିପିଙ୍କ ନିର୍ଦ୍ଦେଶକୁ ଗୁରୁତ୍ୱ ଦେବେ ବୋଲି କୁହାଯାଉଛି।

# ପଦ୍ମପୁର ଉଦ୍ଧାର କେନ୍ଦ୍ରକୁ ଗଲା ହାତୀଛୁଆ

## ହାତୀଛୁଆକୁ ମା', ପଲ ଗ୍ରହଣ ନ କରିବା ଘଟଣା


କେନ୍ଦୁଝର,୧।୧୨
(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲା ବାଂଶପାଳ ବ୍ଲକ୍ ସୁକଡୋଳା ଗ୍ରାମ ଜଙ୍ଗଲରୁ ଉଦ୍ଧାର ହାତୀଛୁଆକୁ ତା'ର ମା' ଓ ପଲ ଗ୍ରହଣ ନ କରିବାରୁ ଶେଷରେ ପଦ୍ମପୁର ହାତୀଛୁଆ ଉଦ୍ଧାର କେନ୍ଦ୍ରକୁ ପଠାଯାଇଛି। ଦୀର୍ଘ ଦିନ ଧରି ବନ ବିଭାଗ ପକ୍ଷରୁ ହାତୀଛୁଆକୁ ପଲରେ ମିଶାଇବା ଉଦ୍ୟମ କରାଯାଉଥିଲା। ବନ କର୍ମଚାରୀ ନିରାଶହେବା ପରେ ୬ ବର୍ଷର ହାତୀଛୁଆକୁ ସଦର ବ୍ଲକ୍ ପଦ୍ମପୁର ମେଗା ନର୍ସରି ପରିସରରେ ଥିବା ଶିଶୁ ୟୁନିଟ୍‌ରେ ରଖି ଦେଖାରଖା କରାଯାଉଥିବା ଡିଏଫ୍‌ଓ ସୂଚନା ଦେଇଛନ୍ତି।



ପଦ୍ମପୁର ଉଦ୍ଧାର କେନ୍ଦ୍ରରେ ହାତୀଛୁଆ।

ସୂଚନାଯୋଗ୍ୟ, ୫ ଦିନ ପୂର୍ବେ ବାଂଶପାଳ ବ୍ଲକ୍ ସୁକଡୋଳା ଗ୍ରାମ ନିକଟ ଜଙ୍ଗଲରୁ ଛୁଆହାତୀଟି ଏକ ୫ ଫୁଟ୍ ଖାଲରେ ପଡ଼ିଥିଲା। ଗ୍ରାମବାସୀଙ୍କ ନିକଟରୁ ଖବର ପାଇ ବନ ବିଭାଗ ସେଠାକୁ ଯାଇ ଉଦ୍ଧାର କରିଥିଲା। ତାକୁ ନ ଛୁଇଁ ଉଦ୍ଧାର କରାଯାଇଥିଲେ ହେଁ ହାତୀପଲ ଓ ତା'ର ମା' ଗ୍ରହଣ କରି ନ ଥିଲେ। ପଲରେ ମିଶାଇବାକୁ ବାରମ୍ବାର ଉଦ୍ୟମ କରାଯାଇଥିଲା। ହାତୀପଲ ଗ୍ରହଣକରି ପୁଣି ଛାଡ଼ି ଦେଉଥିଲେ। ରବିବାର ରାତିରେ ଶେଷଥର ମିଶାଇବାକୁ ଉଦ୍ୟମ କରାଯାଇଥିଲା। ମାତ୍ର ପଲ ଗ୍ରହଣକରି ନ ଥିଲା। ସୋମବାର ବନ କର୍ମଚାରୀମାନେ ଡିଏଫ୍‌ଓଙ୍କ ନିର୍ଦ୍ଦେଶରେ ପଦ୍ମପୁରସ୍ଥିତ ମେଗା ନର୍ସରି ପରିସରରେ ଥିବା ଛୁଆହାତୀ ଉଦ୍ଧାର କେନ୍ଦ୍ର ଶିଶୁ ୟୁନିଟ୍‌ରେ ଛାଡ଼ିଥିଲେ। ସେଠାରେ ଛୁଆହାତୀର ଦେଖାରଖା କରାଯାଉଛି। ଚିକିତ୍ସା କରୁଥିବା ଡାକ୍ତରଙ୍କ କହିବା ଅନୁଯାୟୀ, ଛୁଆହାତୀର ସ୍ୱାସ୍ଥ୍ୟ ଭଲ ଅଛି, ସାଧାରଣ ଭାବେ ଚଳପ୍ରଚଳ କରୁଛି। ଝାଡ଼ା ଓ ପରିସ୍ରା କରିପାରୁଛି। ଥରକୁ ଦେଢ଼ରୁ ୨ ଲିଟର କ୍ଷୀର ପିଉଥିବା ବେଳେ ଦିନକୁ ୫ରୁ ୬ ଥର ଦିଆଯାଉଛି। ଡିଏଫ୍‌ଓ ଧନ୍‌ରାଜ ଏଚ୍‌ଡି କହିଛନ୍ତି, ବାରମ୍ବାର ଚେଷ୍ଟା କରିବା ଠିକ୍ ହେବ ନାହିଁ। ଏବେ ହାତୀ ଛୁଆର ସ୍ୱାସ୍ଥ୍ୟ ଅବସ୍ଥାକୁ ଦେଖିବାକୁ ହେବ। ସୁସ୍ଥ ଅଛି, ଡାକ୍ତରଙ୍କ ନିରୀକ୍ଷଣରେ ରହିଛି, କୌଣସି ସମସ୍ୟା ନାହିଁ। ପିସିସିଏଫ୍ (ବନ୍ୟପ୍ରାଣୀ)ଙ୍କ ଆଦେଶକୁ ଅପେକ୍ଷା କରାଯାଇଛି। ଯାହା ନିର୍ଦ୍ଦେଶ ହେବ ସେଭଳି ପଦକ୍ଷେପ ନିଆଯିବ।



ଭଗବତ୍ ପ୍ରେମର ଅବ୍ୟବହିତ ନିମ୍ନ ଦେଶରେ ରହିଛି ମଣିଷ ଭିତରେ ଭଗବାନଙ୍କୁ ଭଲ ପାଇବା। ଏଠାରେ ହିଁ ଲାଭ ହୁଏ ବହୁତ୍ୱର ଆନନ୍ଦ। ... ଭଗବତ ପ୍ରେମ ଓ ସର୍ବଭୂତରେ ଦୟାଭାବ ହେଲା ପୂର୍ଣ୍ଣଜ୍ଞାନର ପ୍ରଥମ ସୋପାନ। -ଶ୍ରୀଅରବିନ୍ଦ



# ଆରାବଳିକୁ ମାରିଦେବେ

ଆରାବଳି ଭାରତର ଉତ୍ତର-ପଶ୍ଚିମାଞ୍ଚଳ ଭାଗରେ ଅବସ୍ଥିତ ସବୁଠାରୁ ପୁରୁଣା ପର୍ବତମାଳା। ପ୍ରାୟ ୨୦୦ କୋଟି ବର୍ଷ ପୂର୍ବରୁ ଏହା ସୃଷ୍ଟି ହୋଇଥିଲା। ତୁଳନାତ୍ମକ ଭାବେ ଦେଖିଲେ ହିମାଳୟ ପର୍ବତମାଳା ୪୦ରୁ ୫୦ ନିୟୁତ ବର୍ଷ ପୂର୍ବେ ଗଠିତ ହୋଇଥିଲା। ଆରାବଳି ଦକ୍ଷିଣ-ପଶ୍ଚିମ ଦିଗରେ ପ୍ରାୟ ୬୭୦ କିଲୋମିଟର ଲମ୍ବିଛି, ଯାହା ଦିଲ୍ଲୀରୁ ଆରମ୍ଭ ହୋଇ ଦକ୍ଷିଣ ହରିୟାଣା, ରାଜସ୍ଥାନ ଦେଇ ଗୁଜରାଟର ଅହମଦାବାଦରେ ସରିଛି। ଆରାବଳି ପର୍ବତମାଳା ଭାରତର ସର୍ବାଧିକ ପୁରୁଣା ଫୋଲ୍ଡ ବା ଭଙ୍ଗିଳ ପର୍ବତମାଳା ଭାବେ ଜଣାଶୁଣା। ଆରାବଳି ସମ୍ପର୍କରେ ପିଲାଟି ବେଳୁ ପଢ଼ିଛୁ ଯେ, ଏହା ଜୈବବିବିଧତା ବଜାୟ ରଖିବା ସହ ଜଳସ୍ତରକୁ ପୁନଃଭରଣ କରିଥାଏ। ଏଥିସହିତ ଏହା ଉତ୍ତର ଭାରତ ଆଡ଼କୁ ପ୍ରବାହ ହେଉଥିବା ଗରମ ପବନର ଗତିରୋଧ କରିବା ଓ ଥାର୍ ମରୁଭୂମିର ଭାରତ-ଗାଙ୍ଗେୟ ସ୍ଥଳଭାଗ ଆଡ଼କୁ ଅଗ୍ରସର ହେବାକୁ ରୋକିବାରେ ସହାୟକ ହୋଇଥାଏ।

ଆରାବଳିକୁ ନେଇ ସଦ୍ୟ ଆଲୋଚନା ଆରମ୍ଭ ହୋଇଛି। ଏହାର ପ୍ରଚ୍ଛଦପଟରେ ଅଛି ସୁପ୍ରିମକୋର୍ଟରେ କରାଯାଇଥିବା ଏକ ଜନସ୍ୱାର୍ଥ ମାମଲା। ଆରାବଳିକୁ ନେଇ ହୋଇଥିବା ମାମଲାର ଉତ୍ତରରେ କେନ୍ଦ୍ର ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ଏକ କମିଟି ଗଠନ କରି ଯେଉଁ ରିପୋର୍ଟ ସର୍ବୋଚ୍ଚ ନ୍ୟାୟାଳୟକୁ ଦେଲେ, ତାହା ଆରାବଳି ପର୍ବତମାଳାର ସଂଜ୍ଞାରେ ପରିବର୍ତ୍ତନ ଚାହିଁଥିଲା। ମୂଳବିନ୍ଦୁଟି ରହିଲା ୧୦୦ ମିଟର ଉଚ୍ଚତା ପର୍ଯ୍ୟନ୍ତ ତାହା ଆରାବଳି ପର୍ବତ ଭାବେ ଗଣାଯିବ ନାହିଁ। ଅର୍ଥାତ୍ ମଣିଷର ଦୁଇଗୋଡ଼କୁ କାଟିଦେଇ କୁହାଯିବ ଦୌଡ଼ିବାକୁ। ଏଭଳି ଅବାଞ୍ଛିତ ମତକୁ ସୁପ୍ରିମକୋର୍ଟ ସମ୍ପୂର୍ଣ୍ଣ ଭାବେ ଗ୍ରହଣ କରିନେଇଛନ୍ତି। କେବଳ ସେତିକି ନୁହେଁ, ଏଠାରେ ମନେରଖିବାକୁ ହେବ ଯେ, ଆରାବଳି ପର୍ବତମାଳାର ୯୦ ପ୍ରତିଶତରୁ ଅଧିକ ପାହାଡ଼ ୧୦୦ ମିଟରଠାରୁ କମ୍ ଉଚ୍ଚତାରେ ଅଛି। ଏହି ଗୋଟିଏ ସଂଜ୍ଞା ପରିବର୍ତ୍ତନରେ ଆରାବଳିର ପ୍ରାୟ ୯୦ ପ୍ରତିଶତ ଧ୍ୱଂସ ପାଇଯିବ। ଅତି ଚତୁରତାର ସହିତ କେତେକ ବ୍ୟକ୍ତି ସୋସିଆଲ ମିଡିଆରେ ଯେଉଁ ପ୍ରକାର ମନ୍ତବ୍ୟ ସବୁ ଦେଉଛନ୍ତି, ସେଥିରେ ଏକ ତ୍ରୁଟିପୂର୍ଣ୍ଣ ଛବି ସୃଷ୍ଟି ହେଉଛି। ସେମାନେ ଦର୍ଶାଉଛନ୍ତି ଯେଉଁ ୧୦ ପ୍ରତିଶତ ସୁରକ୍ଷିତ ରହିବ, ସେଥିରେ କୌଣସି ଖଣି ଖନନ ବା ବିକାଶ କାର୍ଯ୍ୟ କରାଯିବ ନାହିଁ। ସତେଯେମିତି ସୁପ୍ରିମକୋର୍ଟଙ୍କ ରାୟ ଫଳରେ ଆରାବଳିର ରୂପରେଖ ସୁରକ୍ଷିତ ହୋଇଯିବ। କିନ୍ତୁ ବାସ୍ତବରେ ସେଠାରେ ଖଣି ଖନନ ଏବଂ ଅନ୍ୟାନ୍ୟ ଭିତ୍ତିଭୂମି ସୃଷ୍ଟି କାର୍ଯ୍ୟ ଅତିଶୀଘ୍ର ଆରମ୍ଭ ହୋଇଯିବ। ବିଭିନ୍ନ ରିପୋର୍ଟ ଅନୁଯାୟୀ, ପୂର୍ବାପେକ୍ଷା ଆରାବଳି ତା'ର ଚାରି ଭାଗରୁ ଏକ ଭାଗ ପର୍ବତ ହରାଇସାରିଲାଣି। ଏହାପଛରେ ମୁଖ୍ୟତଃ ମନୁଷ୍ୟକୃତ ବିପର୍ଯ୍ୟୟ ରହିଛି। ଏହି ପର୍ବତମାଳା କ୍ଷୟ ହେବାରେ ଲାଗିଥିବାରୁ ଭାରତର ରାଜଧାନୀ ଦିଲ୍ଲୀକୁ ଆସୁଥିବା ବାୟୁ ଅଧିକ ପ୍ରଦୂଷିତ ହେବ ବୋଲି କୁହାଗଲାଣି।

ତେଣେ ବମ୍ବେର ଅନ୍ୟ ଏକ ଘଟଣା ମଧ୍ୟ ଦୃଷ୍ଟି ଆକର୍ଷଣ କରୁଛି। ସେହି ବୃହତ୍ ମହାନଗର ପାର୍ଶ୍ୱରେ ଆରେ ଜଙ୍ଗଲ ଅଛି। ସେହି ଜଙ୍ଗଲକୁ କାଟି ସେଠାରେ ମେଟ୍ରୋ ରେଳର ଡିପୋ କରିବାର ଯୋଜନାକୁ କିଛି ବର୍ଷ ପୂର୍ବେ ଉଦ୍ଧବ ଠାକ୍‌ରେ ସରକାର ବନ୍ଦ କରିଦେଇଥିଲେ। ସେହି ସରକାର ପତନ ପରେ ଏକନାଥ ଶିନ୍ଦେ ମୁଖ୍ୟମନ୍ତ୍ରୀ ଥିବା ସମୟରେ ପୁନର୍ବାର ଆରେ ପ୍ରକଳ୍ପ ଆରମ୍ଭ କରାଗଲା, ଯାହାକୁ ସ୍ଥାନୀୟ ଜନସାଧାରଣ ପ୍ରବଳ ବିରୋଧ କଲେ। ଏବେ ଏକନାଥ ଶିନ୍ଦେ ସମର୍ଥିତ ଦେବେନ୍ଦ୍ର ଫଡନବିସଙ୍କ ଭାଜପା ସରକାର ସେହି ପ୍ରକଳ୍ପକୁ ତ୍ୱରାନ୍ୱିତ କରୁଛନ୍ତି। ତାହା ହେଲେ ବମ୍ବେ ସହରର ମୁଖ୍ୟ ଜଙ୍ଗଲର ବିରାଟକାୟ ଅଞ୍ଚଳ ଧ୍ୱଂସ ପାଇଯିବ। ସେହିଭଳି ଭୁବନେଶ୍ୱର ପାର୍ଶ୍ୱବର୍ତ୍ତୀ ଚନ୍ଦକା ଜଙ୍ଗଲକୁ ପୂର୍ବ ସରକାର ଘରୋଇ କମ୍ପାନୀ ମାଧ୍ୟମରେ ଧ୍ୱଂସ କରିବା କାର୍ଯ୍ୟ ଆରମ୍ଭ କରିଦେଇଛନ୍ତି। ଏଥିରୁ ବୁଝିବାକୁ ହେବ ଯେ, ଭାରତରେ ବିକାଶ ନାମରେ ପରିବେଶ ଧ୍ୱଂସ କାର୍ଯ୍ୟ ଚାରିଆଡ଼େ ଚାଲିଛି।

ଆଜିର ସମୟରେ ଦେଖାଯାଉଛି ଭାରତବର୍ଷର କୌଣସି ବିସ୍ତୃତ ପ୍ରାକୃତିକ ଅଞ୍ଚଳ ପଡ଼ିଥିଲେ ତାହାକୁ ବିକାଶ ନାମରେ ତତ୍‌କ୍ଷଣାତ୍ ବ୍ୟବହାର କରିଦିଆଯାଉଛି। ଏହା ଫଳରେ ଉତ୍ତରାଖଣ୍ଡରେ ନୂଆ ଚାରିଧାମ କରାଯାଇ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବାର ପରିଣତି କ'ଣ ଘଟୁଛି ଦେଶବାସୀ ଜାଣିପାରିଲେଣି। ଭୂମି, ଜଳ, ବାୟୁକୁ ନ୍ୟାୟସଙ୍ଗତ ଭାବେ ଉପଯୋଗ କରାଯାଉ ନ ଥିବାରୁ ଜଳବାୟୁ ପରିବର୍ତ୍ତନର ପ୍ରଭାବ ସିଧାସଳଖ ଅନୁଭୂତ ହେଲାଣି। ଦିଲ୍ଲୀ ସମେତ ଉତ୍ତର ଭାରତର ଅନେକ ସହରରେ ସାଧାରଣ ଜୀବନଯାପନ ଅତ୍ୟନ୍ତ କଷ୍ଟକର ହୋଇପଡ଼ିଲାଣି। ଆରାବଳି ଭଳି ପର୍ବତମାଳାକୁ ଧ୍ୱଂସ କରିଦେଲେ ଉତ୍ତର ଭାରତରେ ଆହୁରି ବହୁତ ଅଞ୍ଚଳ ଖୁବ୍‌ଶୀଘ୍ର ତୀବ୍ର ପାଣିପାଗଜନିତ ବିପର୍ଯ୍ୟୟର ସମ୍ମୁଖୀନ ହେବା ଥୟ। କିନ୍ତୁ ହାତଗଣତି କିଛି ବ୍ୟବସାୟୀ ପ୍ରବଳ ମାତ୍ରାର ଜମି ପାଇବା ସହିତ ଅର୍ଥ ଅର୍ଜନ କରିପାରିବେ। ଦେଶ ଧ୍ୱଂସ ହେଉ, କିନ୍ତୁ ଧନୀ ଆହୁରି ଅଧିକ ଧନୀ ହୁଅନ୍ତୁ। ସୁପ୍ରିମକୋର୍ଟଙ୍କ ଏଭଳି ରାୟ ପଛରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟକୁ ପାସୋରି ଯିବା ଉଚିତ ନୁହେଁ। ନିକଟ ଅତୀତକୁ ଦେଖିଲେ ଅବସର ଗ୍ରହଣ କରିବାର ଅଳ୍ପ କେତେକ ଦିନ ପୂର୍ବରୁ ଭାରତର ପ୍ରତ୍ୟେକ ପ୍ରଧାନ ବିଚାରପତି କେତୋଟି ମାରାତ୍ମକ ରାୟ ଦେଇ ବିଦାୟ ନେଉଛନ୍ତି। ଆରାବଳି ସମ୍ପର୍କିତ ରାୟକୁ ଅବସର ପୂର୍ବରୁ ବି.ଆର୍. ଗବଈ ରାୟ ଦେଇ ପଳାଇଗଲେ। ଏହି ରାୟ ପରେ ଗବଈ କହିଛନ୍ତି ତାଙ୍କ ମନ ଉଣ୍ୱାସିଆ ହୋଇଗଲା। ଅବସୋସର ବିଷୟ ଯେ ଦେଶର ଭବିଷ୍ୟତକୁ,ଏହିଭଳି ରାୟ, ଅନ୍ଧକାରକୁ ଠେଲିଦେଲା।



# ବିଶ୍ୱବ୍ରହ୍ମାଣ୍ଡ ସୃଷ୍ଟି ରହସ୍ୟ

ଡ. ନିଖିଳାନନ୍ଦ ପାଣିଗ୍ରାହୀ

'ଯୁକ୍ତରାଷ୍ଟ୍ର ଆମେରିକା ବ୍ରୁକଲିନଠାରେ ଜନ୍ମିତ କାର୍ଲ ସାଗନ (୧୯୩୪-୯୬) ଜଣେ ଜ୍ୟୋତିର୍ବିଜ୍ଞାନୀ, ବିଶ୍ୱତତ୍ତ୍ୱବିତ୍, ନଭୋବିଦ୍ୟାବିଶାରଦ ତଥା ଜ୍ୟୋତିର୍ଜୀବତତ୍ତ୍ୱବିତ୍। ଷାଠିଏଟି ଦେଶର ୫୦୦ ନିୟୁତ ଦର୍ଶକ ଦେଖିଥିବା 'କସ୍ମୋସ' ଟେଲିଭିଜନ ଧାରାବାହିକର ସେ ପ୍ରଣେତା। ତାଙ୍କର ଉକ୍ତି ପ୍ରଣିଧାନଯୋଗ୍ୟ। ଆମେ କିଏ ? ଏହି ବିଶ୍ୱବ୍ରହ୍ମାଣ୍ଡରେ ଯେତେ ନକ୍ଷତ୍ରପୁଞ୍ଜ, ଆକାଶଗଙ୍ଗା (ଗାଲାକ୍ସି) ଅଛି, ତାହାର ସଂଖ୍ୟା ଆମ ଲୋକସଂଖ୍ୟାଠାରୁ ଯଥେଷ୍ଟ ଅଧିକ। ତନ୍ମଧ୍ୟରୁ ଗୋଟିଏ ଗାଲାକ୍ସିର ଏକ ବିସ୍ମୃତ କୋଣରେ ଅବସ୍ଥିତ ଥିବା ସାଧାରଣ ନକ୍ଷତ୍ରଟିର ଏକ ନଗଣ୍ୟ ଗ୍ରହର ଆମେ ହେଉଛେ ଅଧିବାସୀ। ବିଶ୍ୱବ୍ରହ୍ମାଣ୍ଡର ବିଶାଳତା ଓ ବୈଚିତ୍ର୍ୟ ସମ୍ପର୍କରେ କାର୍ଲ ସାଗନ ଏହି ପ୍ରକାରେ ବୁଝାଇଛନ୍ତି। ତେବେ ପ୍ରଶ୍ନ ଉଠୁଛି ଏହା କିପରି ସୃଷ୍ଟି ହେଲା ? ଏଥିପାଇଁ ମୁଖ୍ୟତଃ ତିନୋଟି ମତବାଦ ପ୍ରଚଳିତ। ଏହି ତତ୍ତ୍ୱମାନ ହେଉଛି : ଷ୍ଟେଡି ଷ୍ଟେଟଥିଓରି ଅଫ୍ ୟୁନିଭର୍ସ, ବିଗ ବ୍ୟାଙ୍ଗ ଥିଓରି, ପଲସେଟିଙ୍ଗ ଥିଓରି।

ଷ୍ଟେଡି ଥିଓରିର ପ୍ରବର୍ତ୍ତକ ହେଉଛନ୍ତି ଅଷ୍ଟ୍ରିଆନ-ବ୍ରିଟିଶ୍ ଗଣିତଜ୍ଞ ତଥା ଜ୍ୟୋତିର୍ବିଜ୍ଞାନୀ ହରମାନ ବଣ୍ଡି (୧୯୧୯-୨୦୦୫), କାମ୍ବ୍ରିଜର ଜ୍ୟୋତିର୍ବିଜ୍ଞାନ ଅନୁଷ୍ଠାନରେ ଏକଦା କାର୍ଯ୍ୟରତ ଥିବା ବ୍ରିଟିଶ୍ ବିଜ୍ଞାନୀ ଫ୍ରେଡ୍ ହୟେଲ (୧୯୧୫-୨୦୦୧) ଓ କର୍ଣ୍ଣେଲ ବିଶ୍ୱବିଦ୍ୟାଳୟର ପ୍ରଫେସର ଥୋମାସ ଗୋଲ୍ଡ (୧୯୨୦-୨୦୦୪)। ପରବର୍ତ୍ତୀ କାଳରେ ଉଇଲିଅମ ଡଙ୍କାନ ମ୍ୟାକମିଲାନ ଓ ଅନ୍ୟ କେତେ ଜଣ ବିଶିଷ୍ଟ ବିଜ୍ଞାନୀ ଏହାର ସମର୍ଥକ ହେଲେ। ଏହି ଥିଓରି ଅନୁସାରେ ବିଶ୍ୱ ଅବିରତ ଭାବେ ସଂପ୍ରସାରିତ ହେଉଛି। କିନ୍ତୁ ସଦାସର୍ବଦା ଏହାର ସାନ୍ଦ୍ରତା ତଥା ବାହ୍ୟ-ରୂପ (ଆପିଅରେନ୍ସ) ଅପରିବର୍ତ୍ତନୀୟ ରହେ। ପୁରୁଣା ବସ୍ତୁ ଧ୍ୱଂସପ୍ରାପ୍ତ ହୁଏ। କିନ୍ତୁ ନୂତନ ଭାବେ ହାଇଡ୍ରୋଜେନ ସମଷ୍ଟି ସୃଷ୍ଟି ହୋଇ ସାନ୍ଦ୍ରତା ପୂର୍ବବତ୍ ମାପକୁ ବଜାୟ ରଖେ। ବ୍ରହ୍ମାଣ୍ଡ ସର୍ଜନାର ନିର୍ଦ୍ଦିଷ୍ଟ ଆରମ୍ଭ ଓ ବିଲୟ ସମୟ ନାହିଁ। ବିଂଶ ଶତାବ୍ଦୀରେ କେତେକ ପ୍ରମୁଖ ବୈଜ୍ଞାନିକଙ୍କ ଦ୍ୱାରା ଯଦିଓ ଏହା ସମର୍ଥିତ ହୋଇଥିଲା କିନ୍ତୁ; ସମୟ କ୍ରମେ ବିଭିନ୍ନ ପରୀକ୍ଷା-ନିରୀକ୍ଷାର ଫଳ ଏହା ସପକ୍ଷରେ ପ୍ରାପ୍ତ ନ ହେବାରୁ ଏହା ଗ୍ରହଣୀୟତା ହରାଇଲା। ପ୍ରକାଶଥାଉ କି ଏହି ମତ ପ୍ରଣୟନ ହେବାର ବହୁ ପୂର୍ବରୁ ଆଇନ୍‌ଷ୍ଟାଇନ୍ ୧୯୩୧ରେ ଗୋଟିଏ ଗବେଷଣା-ନିବନ୍ଧ ପ୍ରକାଶ କରି ଏହି ତତ୍ତ୍ୱର ମୂଳଦୁଆ ପକାଇଥିଲେ। କିନ୍ତୁ ପରେ ଏହା ତାଙ୍କ ଜୀବନର ଭୁଲ୍ ବୋଲି ସ୍ୱୀକାର କରି ଏଥିରୁ ଓହରି ଯାଇଥିଲେ। ଷ୍ଟେଡି ଷ୍ଟେଟ୍ ଥିଓରି ବିପକ୍ଷରେ ୧୯୫୦ ଦଶକରେ କ୍ୟାମ୍ବ୍ରିଜ୍‌ର ରେଡିଓ-ଆଷ୍ଟ୍ରୋନମର୍ ସାର୍ ମାର୍ଟିନ ରାଇଲ (୧୯୧୮-୮୪)



ପ୍ରତିକୂଳ ପ୍ରମାଣ ଉପସ୍ଥାପନ କଲେ। ନକ୍ଷତ୍ରପୁଞ୍ଜର କେନ୍ଦ୍ରରେ ବିଦ୍ୟମାନ ଅତ୍ୟନ୍ତ ଦୀପ୍ତ କ୍ୱାସର୍ ନାମକ ଖଗୋଳୀୟ ପିଣ୍ଡର ଉପସ୍ଥିତି ଷ୍ଟେଡି ଷ୍ଟେଟ୍ ଦ୍ୱାରା ବୁଝାଇ ହେଲା ନାହିଁ। ପୁଣି ଆମ ନିକଟରେ ଥିବା ରେଡିଓ-ଗାଲାକ୍ସିର ସଂଖ୍ୟାଠାରୁ ଦୂରସ୍ଥିତ ଏତାଦୃଶ ନକ୍ଷତ୍ରପୁଞ୍ଜର ସଂଖ୍ୟା ଅଧିକ। ଏହା ସୂଚାଏ ଯେ, ବିଶ୍ୱ ସମୟ କ୍ରମେ ବିବର୍ତ୍ତିତ ହୋଇଛି, ଯାହା କି ଡାରଉଇନ ଜୀବଜଗତ ସମ୍ପର୍କରେ କହିଥିଲେ।

ବିଗ ବ୍ୟାଙ୍ଗ ଥିଓରି ହେଉଛି ଷ୍ଟେଡି ଷ୍ଟେଟ ମତର ପରିପନ୍ଥୀ। ଏହି ଥିଓରିର ନାମକରଣ ପ୍ରତିଦ୍ୱନ୍ଦ୍ୱୀ ଫ୍ରେଡ ହେୟେଲଙ୍କ ଏଥିପ୍ରତି ଅପମାନସୂଚକ ଶବ୍ଦ 'ବିଗ୍ ବ୍ୟାଙ୍ଗ' (ପ୍ରଚଣ୍ଡ ବିସ୍ଫୋରଣ)ରୁ ଆହରଣ କରାଯାଇଛି। ଏହାର ପ୍ରଥମ ପ୍ରବର୍ତ୍ତକ ଥିଲେ ବେଲଜିଅମର ଜଣେ ଧର୍ମଯାଜକ ଫାଦର ଜର୍ଜ ଲିମଟର। ବ୍ରହ୍ମାଣ୍ଡ ଏକ ମହାଜାଗତିକ ଅଣୁ (କସ୍ମିକ ଆଟମ୍)ରୁ ଜାତ ବୋଲି ସେ କହିଲେ। ୧୯୨୦ ଦଶକରେ ଆମେରିକୀୟ ଜ୍ୟୋତିର୍ବିଜ୍ଞାନୀ ଏଡ୍‌ୱିନ ହୁବଲ ଆବିଷ୍କାର କଲେ ଯେ, ବହୁ ଦୂରରେ ଥିବା ନକ୍ଷତ୍ରପୁଞ୍ଜମାନ ଆମ ଗ୍ରହଠାରୁ ବିଭିନ୍ନ ଦିଗରେ ଦୂରେଇ ଯାଉଛନ୍ତି। ପୁଣି ସେମାନଙ୍କ ଦୂରତା ଆମଠାରୁ ଯେତେ ଅଧିକ, ସେହି ପ୍ରକାରେ ସେମାନଙ୍କ ଗତି ଆନୁପାତିକ ଭାବେ ବଢ଼ିଥାଏ। ବହୁ ଗବେଷକ ପରୀକ୍ଷା କରି ଏହି ଫଳାଫଳର ସତ୍ୟତା ସିଦ୍ଧ କଲେ। ଏହା ପ୍ରମାଣ କଲା ଯେ, ବିଶ୍ୱ ସଂପ୍ରସାରିତ ହେବାରେ ଲାଗିଛି। ପ୍ରକାରାନ୍ତରେ ବହୁ ବର୍ଷ ପୂର୍ବେ ସମସ୍ତ ବସ୍ତୁ ଓ ଶକ୍ତି ଗୋଟିଏ ଅତ୍ୟନ୍ତ ଉତ୍ତପ୍ତ ଓ କ୍ଷୁଦ୍ର ଆକାରରେ କେନ୍ଦ୍ରୀଭୂତ ହୋଇଥିଲା। ତେବେ ଏଥିରେ ଏକ ପ୍ରଚଣ୍ଡ ବିସ୍ଫୋରଣ ଘଟିଲା, ଯାହା ହେଉଛି 'ବିଗ ବ୍ୟାଙ୍ଗ'। ତା'ପରେ ଆରମ୍ଭ ହେଲା ଚତୁର୍ଦ୍ଦିଗରେ ବସ୍ତୁ ଓ ଶକ୍ତିର ଅଗ୍ରଗମନ। ଆମେ ଯଦି ଏହି ପରିକଳ୍ପନା ସ୍ୱୀକାର କରୁ ତେବେ ଧରାଯିବ ଯେ, ମହାକାଶର ସାଂପ୍ରତିକ ତାପମାତ୍ରା ପରମଶୂନ୍ୟ (ଆବସୋଲ୍ୟୁଟ ଜିରୋ)ଠାରୁ ଅଧିକ ହେବ। ୧୯୯୧ରେ କସ୍ମିକ ମାଇକ୍ରୋୱେଭ ବ୍ୟାକଗ୍ରାଉଣ୍ଡ ଏକ୍ସପ୍ଲୋରର୍ (ସିଓବିଇ) ଉପଗ୍ରହ ଯେଉଁ ବର୍ଣ୍ଣାଳୀ ରେକର୍ଡ କଲା, ତାହା ବିଗ୍ ବ୍ୟାଙ୍ଗ ପୂର୍ବରୁ ସୂଚନା ଦେଇଥିବା ନିଷ୍କର୍ଷ ସହ ସଂପୂର୍ଣ୍ଣ ମେଳ ଖାଇଲା।

ଯେତେବେଳେ ବିଶ୍ୱ ସଂପ୍ରସାରିତ ହେବାରେ ଲାଗିଲା, ବସ୍ତୁଗୁଡ଼ିକ ମିଳିତ ହୋଇ କେନ୍ଦ୍ରୀଭୂତ ହେବା ସହ ଘୂର୍ଣ୍ଣୟମାନ ହେଲେ। ଏହା ହେଉଛି ନକ୍ଷତ୍ରପୁଞ୍ଜର ପ୍ରାଥମିକ ଅବସ୍ଥା। ନକ୍ଷତ୍ରପୁଞ୍ଜର ଏହି ଆଦ୍ୟ ଅବସ୍ଥାରେ ଚାପ-ପରିବର୍ତ୍ତନ ଦ୍ୱାରା ଗ୍ୟାସ ଓ ଧୂଳିକଣାର ନିର୍ଦ୍ଦିଷ୍ଟ ସମଷ୍ଟିମାନ ଘଟିଲା। ଏହି ସମାହାରମାନଙ୍କ ମଧ୍ୟରୁ କେତୋଟିରେ ଅଧିକ ବସ୍ତୁ ଏକତ୍ରିତ ହେଲେ ଏବଂ ଉପଯୁକ୍ତ ବଳର କାର୍ଯ୍ୟକାରିତା ତଥା ମାଧ୍ୟାକର୍ଷଣ ଶକ୍ତି ଦ୍ୱାରା ସେଇ ସମଷ୍ଟିରେ ପତନ ଦେଖାଦେଲା। ଯେଉଁ କ୍ଷେତ୍ରରେ ଅତ୍ୟଧିକ ସଂକୋଚନ ଘଟେ, ନ୍ୟୁକ୍ଲିଅର ପ୍ରତିକ୍ରିୟା ଯୋଗୁ ନକ୍ଷତ୍ର ସୃଷ୍ଟି ହୁଏ।

କେବଳ ବ୍ରହ୍ମାଣ୍ଡ ନୁହେଁ, ଛାୟାପଥ (ମିଲ୍କ ୱେ)ର ବୟସ ମଧ୍ୟ ଅନୁମାନ କରାଯାଇଛି। ଛାୟାପଥ ହେଉଛି ଏକ ବିରାଟ ତାରକାଗୁଚ୍ଛ (ଗାଲାକ୍ସି), ଯେଉଁଥିରେ ସୌରମଣ୍ଡଳ ଅବସ୍ଥିତ। ଏଥିରେ ଗୁଚ୍ଛବଦ୍ଧ ଥିବା ନକ୍ଷତ୍ର-ସମାହାରରେ ସ୍ୱଭାବତଃ ହାଲୁକା ଓଜନ ବହନ କରୁଥିବା ହାଇଡ୍ରୋଜେନ ଓ ହିଲିଅମ ଅପେକ୍ଷା ଭାରି ଅଣୁଙ୍କ ସଂଖ୍ୟା କମ୍। ଏହା ସୂଚାଏ ଯେ, ଛାୟାପଥର ବୟସ ଏଗାରରୁ ଷୋହଳ ବିଲିଅନ ବର୍ଷ ମଧ୍ୟରେ। ତେଜସ୍କ୍ରିୟ ମୌଳିକ ଉପାଦାନ (ରେଡିଓଏକ୍ଟିଭ୍ ଏଲିମେଣ୍ଟ) ପଦ୍ଧତି ମଧ୍ୟ ଏହି ବୟସକୁ ଦୃଢ଼ୀକରଣ କରୁଛି।

ସୌରମଣ୍ଡଳ ଓ ପୃଥିବୀର ବୟସ ନିର୍ଣ୍ଣୟ କରିବାକୁ ରେଡିଓ-ଆକ୍ଟିଭ୍ ଏଲିମେଣ୍ଟମଙ୍କୁ ଟାଇମ୍-କିପର୍ (ସମୟ ନିର୍ଦ୍ଧାରକ) ଭାବେ ବ୍ୟବହାର କରାଯାଇଛି। ଆପୋଲୋ ଚନ୍ଦ୍ର ଯାତ୍ରାରୁ ଆନୀତ ଚନ୍ଦ୍ରର ମୃତ୍ତିକା ପରୀକ୍ଷଣରୁ ପୃଥିବୀ ସମେତ ସୌରମଣ୍ଡଳର ବୟସ ୪.୪ରୁ ୪.୫ ବିଲିଅନ ବର୍ଷ ମଧ୍ୟରେ। କାନାଡ଼ା ଓ ପଶ୍ଚିମ ଅଷ୍ଟ୍ରେଲିଆରୁ ସଂଗୃହୀତ ପ୍ରାଚୀନତମ ଶିଳା ପରୀକ୍ଷା ଏହି ସଂଖ୍ୟା ପ୍ରାୟ ୪.୩ ବିଲିଅନ ବର୍ଷ ବୋଲି ନିର୍ଦ୍ଧାରଣ କରିଛି। ଉଲ୍ଲେଖନୀୟ ଯେ, ସୂର୍ଯ୍ୟ ଓ ପୃଥିବୀକୁ ସମବୟସ୍କ ବୋଲି ଧରାଯାଏ।

ଅନ୍ୟ ଏକ ମତବାଦ ହେଉଛି ପଲସେଟିଙ୍ଗ ଥିଓରି, ଯାହାକି ଆସିଲେଟରି ୟୁନିଭର୍ସ ବା ବିଗ୍‌କ୍ରଞ୍ଚ ମଡେଲ ଭାବେ ନାମିତ। ଏହାର ଚିତ୍ର ଦୋଳନ (ଅସିଲେସନ) ବିଷୟରେ ଆମକୁ ସ୍ମରଣ କରାଯାଏ। କାନ୍ଥ ଘଡ଼ିର ଦୋଳକ (ପେଣ୍ଡୁଲମ)ର ଗତିରୁ ସ୍ପଷ୍ଟ ହୁଏ ଯେ, ଏହା ଗୋଟିଏ ସୀମା ପଟକୁ ଯିବା ପରେ ସେଠାରୁ ବାହୁଡ଼ି ବିପରୀତ ଦିଗର ସୀମାକୁ ଛୁଏଁ। ଏହି ପ୍ରକାରେ ଏହାର ଏପଟ-ସେପଟ ଗତି ଚାଲୁ ରହେ। ସେମିତି ଯଦି ବିଗ୍ ବ୍ୟାଙ୍ଗ ଘଟିଛି, ବିପରୀତ ପ୍ରତିକ୍ରିୟା ଭାବେ ବିଗ୍ କ୍ରଞ୍ଚ ଏଥିରୁ ଘଟିବ। ଅର୍ଥାତ୍ ଯେଉଁ ଅବସ୍ଥାରୁ ତା'ର ପ୍ରାରମ୍ଭ, ପୁଣି ସଂକୁଚିତ ହୋଇ ସେଇ ସ୍ଥିତିରେ ଉପନୀତ ହେବ। କିନ୍ତୁ ଏହା ସେମିତି ହୋଇ ଅଟକି ଯିବ ନାହିଁ। ତାହା ପୁଣି ସଂପ୍ରସାରିତ ହେବ। ଏହି ଧରଣରେ ସଂପ୍ରସାରଣ ଓ ସଂକୋଚନ ପ୍ରକ୍ରିୟା ନିରନ୍ତର ଘଟିବ। ସଂକୋଚନର କାରଣ ହେଉଛି ମାଧ୍ୟାକର୍ଷଣ ବଳ। ଏହାର ସମର୍ଥକ ବି ଥିଲେ ଆଇନଷ୍ଟାଇନ। ସେ ଯାହାହେଉ, ଏହି ତତ୍ତ୍ୱରୁ ମିଳେ ନିରନ୍ତର କ୍ରିୟାଶୀଳ ସୃଷ୍ଟିଚକ୍ରର ବାର୍ତ୍ତା।

ମୋ:୯୦୭୮୭୪୩୮୪୩



# ତୁମ ପାଇଁ ଅଛି ମୁଁ

ଡ. ଦ୍ୱିତୀ ଚନ୍ଦ୍ର ସାହୁ

ମୁଁ ତୁମ ପାଇଁ/ତୁମେ ମୋ ପାଇଁ/କୋଳାକୋଳି ହେବା ଆମେ / ଦୁହେଁ ଦୁହିଁଙ୍କ ପାଇଁ/ ସବୁକିଛି ଆମର/ ପର କଥା କି ଦରକାର /ବାକି ଯାହା ଛିଛାକର/ ଏତିକି କହି ଚିରୁଡ଼ାଏ ଚା'କୁ ଶୋଷିଦେଲେ ଧନ ମଉସା। ଗାଁର ଆଶୁକବି। ବଡ଼ ଗମାତିଆ ଲୋକ। ତାଙ୍କୁ କଥାରେ ଟିକେ ଚିମୁଟେଇଦେଲେ ମୁହଁରୁ ବାହାରିବ କବିତା ସାଏଁ ସାଏଁ। ରାଜ୍ୟ ତଥା ଦେଶର ବିଶେଷ ପରିସ୍ଥିତିରେ ଗାଁ ଚା'ଖଟିରେ ଟିକେ ଉଷ୍ମତା ବଢ଼ିଯାଏ। ସେଠି ଧନ ମଉସା ଆସିଗଲେ ଚର୍ଚ୍ଚା ରୋଚକ ହୋଇଯାଏ। ଧନ ମଉସା ଟାଉଁ ଟାଉଁ କବିତା ଗାଇ ଦେଲେ ଚା' ପିଉ ପିଉ। ଆଉ ବିଳମ୍ବ ନ କରି ବିଲକୁ ତରତର ହୋଇ ଚାଲିଗଲେ ସିନା ଗୁଡ଼ାଏ କଥା କବିତା ଭିତରେ ଛାଡି ଦେଇଗଲେ।

ଅନେକ ସମୟରେ ଆମକୁ କେହି ନା କେହି କହେ ଜମା ଚିନ୍ତା କରନି। ମୁଁ ପା ଅଛି। ସେତକ ଆଶ୍ୱାସନାରେ ମନ ଓ ହୃଦୟ ପୂରିଯାଏ। ଶତ ସିଂହର ବଳ ମିଳିଯାଏ। ଭଙ୍ଗା ମନ କ୍ରମଶଃ ଯୋଡିବା ଆରମ୍ଭ ହୁଏ। ପୁଣି ବଳ ଗୋଟାଇବାକୁ ମନ ହୁଏ। ଏହି ପୃଥିବୀରେ ଆସିବାମାତ୍ରେ ସମସ୍ତେ ଆମକୁ ନାମ, ପରିଚୟ, ଦାୟିତ୍ୱ ଦେଇଥାନ୍ତି। କିନ୍ତୁ କେବଳ କିଛି ଜଣେ ଅଲଗା ଲୋକ ଥାଆନ୍ତି ଯେଉଁମାନେ ଆମର ମନକୁ ଧରି ରଖନ୍ତି। ଲୁହଆସିବା ପୂର୍ବରୁ ସେମାନେ ଅନୁଭବ କରନ୍ତି। ହୃଦୟର କଥାକୁ ଧରି ସେହି ମୁହଁରେ ହସ ଫେରାଇ ଚକଚକିଆ କରିଦିଅନ୍ତି। ସେଇ ଜଣଙ୍କ ନିଶ୍ଚୁପରେ କହିଦିଏ କଥା 'ତୁମ ପାଇଁ ଅଛି ମୁଁ।' ଦୁଃଖକୁ ଜାଣିପାରେ। ମନକୁ ବୁଝିପାରେ। କାରଣ ସେ ସମ୍ପର୍କ କେବଳ କଥାରେ ସୀମିତ ନୁହଁ, ତାହା ହୃଦୟସ୍ପର୍ଶରେ ସମାହିତ। ଯେବେ ତୁମ ଛୋଟ ଛୋଟ କଥାରେ ଲୁହ ଲୁଚାଇ ରଖ। ସେ ବୁଝିଯାଏ। ଜୀବନ କେତେ ଧାଇଁ ଚାଲେ। ସକାଳରୁ ସନ୍ଧ୍ୟା, ଶୀତରୁ ଗ୍ରୀଷ୍ମ। ଦିନ ଶେଷରେ ଯେବେ ସବୁ ଆଲୋକ ଲିଭିଯାଏ। ଅନ୍ଧାର ମାଡି ଆସେ ସେତେବେଳେ ସେ ମନେପଡ଼େ। ଜୀବନର ଦୁର୍ବିପାକରେ ସେ ଛାଏଁ ଛାଏଁ ମନରେ ବସା ବାନ୍ଧେ। ହୃଦୟ ଭିତରେ ଗୋଟିଏ ଧ୍ୱନି ଅନୁରଣିତ ହୁଏ 'ମୋ ପାଇଁ ସେ ଅଛି।' ପୃଥିବୀ ବଦଳିଯାଇପାରେ, ପରିସ୍ଥିତି ଓଲଟିଯାଇପାରେ। କିନ୍ତୁ ଏହି ସତ୍ୟ ବଦଳିପାରେନି ତୁମ ପାଇଁ କିଏ ଜଣେ ଅଛି। ସେଇ ସ୍ନେହ ଓ ଶ୍ରଦ୍ଧା ଅବିଚଳିତ। ଯେବେ ତୁମ ସଫଳତା ମଞ୍ଚରୁ ଫେରି ଆସ। ହସୁଥିବା ମୁହଁରେ ଗର୍ବର ଆଲୋକ ମିଶିଥାଏ। ସେତେବେଳେ ଆପଣଙ୍କ ହୃଦୟ କହେ,'ଦେଖ, ସେ ଥିଲା ; ଆଜି ବି ଅଛି ବୋଲି ସୁରୁଖୁରୁରେ ସବୁ ହୋଇଗଲା।' ଆଉ ଯେବେ ବିଫଳତାର ଅନ୍ଧାର ରାତିରେ ତୁମ ମନ କ୍ଳାନ୍ତ, ସନ୍ଦେହରେ ଭାରି ଭାରି ଲାଗେ ସେତେବେଳେ ତା'ର ଅଦୃଶ୍ୟ କଣ୍ଠ ତୁମକୁ ମୃଦୁ ସ୍ୱରରେ କହିବ – ପୁଣି କି ଚିନ୍ତା ? 'ତୁମ ପାଇଁ ଅଛି ମୁଁ'।

ତୁମ ଜୀବନରେ ଯେବେ ବିଚଳିତରେ ଝାଳ ବହିଯାଉଥାଏ, ତୁମ ହୃଦୟ ଥକିଯାଏ। ତା'ର ହାତ ତୁମ ପିଠିରେ ହୋଇପାରେ ଗଛର ଛାଇ। ତା'ର କାନ୍ଧ ହେବ ସେଇ ଆଶ୍ରୟ ଯେଉଁଠାରେ ତୁମେ ନିର୍ଭୀକ ହୋଇପାରିବ। ତା'ର ସ୍ନେହ ହେଉଛି ଯୁଦ୍ଧପରର ମିଳୁଥିବା ଶାନ୍ତି। ତୁମ ପାଇଁ ରଖିଥିବା ସରଳ ଆଶ୍ରୟ। ମନେରଖନ୍ତୁ ତୁମେ କେବେ ଏକା ନୁହଁ। ତୁମର ଦୁଃଖକୁ ହସରେ ପରିଣତ କରିବା ପାଇଁ କିଏ ଜଣେ ଅଛି। ତୁମର ଲୁହକୁ ଶବ୍ଦ ବିନା



ବୁଝିବା ପାଇଁ ସେ ଅଛି। ତୁମ ହୃଦୟରେ ସାହସ ଭରିବାକୁ, ତୁମ ଆଖିରେ ସ୍ୱପ୍ନ ଜଳାଇ ରଖିବାକୁ ତୁମ ପାଇଁ ଆଉ କିଏ ଅଛି। ଦୁନିଆର ଏହି ଭିଡ଼-ଭାଡ଼ ମଧ୍ୟରେ ଯେବେ ଚୁପଚାପ ହେଇ ତୁମ ପଛ ବୟସକୁ ମନେପକାଉଥିବ। ସେ ମନେ ପଡେ। ଜୀବନ ଯେତେ ଜଟିଳ ହେଉ, ସମୟ ଯେତେ ଅନିଶ୍ଚିତ ହେଉ, ତୁମ ହସର ମୂଲ୍ୟ ତାରି ପାଖରେ ସବୁଠାରୁ ଅଧିକ। ତୁମ ଦୁଃଖ ତାରି ଅଶାନ୍ତି। ତୁମ ସଫଳତା, ତା'ର ଗର୍ବ। ତୁମ ହସ, ତା'ର ପରିପୂର୍ଣ୍ଣତା।

ଏବେ ପ୍ରଶ୍ନ ଉଠେ 'ତୁମ ପାଇଁ ଅଛି କିଏ ?' ସେ ହୋଇପାରନ୍ତି ଆମ ମାତାପିତା, ଆମ ମିତ୍ର, ପତି କିମ୍ବା ପତ୍ନୀ, ଭାଇ ଭଉଣୀ, ବନ୍ଧୁବାନ୍ଧବ ଅବା ଆମ ସମାଜ, କିମ୍ବା ସମସ୍ତ ସୃଷ୍ଟି, ଯାହା ପାଇଁ ଆମ ଅସ୍ତିତ୍ୱ ଅର୍ଥମୟ। ଜଣେ ମା' କହେ 'ପୁଅ, ତୋ ପାଇଁ ଅଛି ମୁଁ'। ସେହି ହେଉଛି ନିଷ୍ଠା। ଜଣେ ସେନାନୀ କହେ 'ଦେଶ ପାଇଁ ଅଛି ମୁଁ'। ଏହା ହେଉଛି ବଳିଦାନ। ଜଣେ ଶିକ୍ଷକ କହନ୍ତି 'ତୁମର ଭବଷ୍ୟତ ପାଇଁ ଅଛି ମୁଁ' ଏହା ହେଉଛି ଜ୍ଞାନଦାନର ତପସ୍ୟା। ଜଣେ ପ୍ରେମିକା କି ପ୍ରେମିକ କହେ 'ତୁମ ପାଇଁ ମୁଁ ପରା ଅଛି।' ଏହା ପବିତ୍ର ପ୍ରେମ। ଏସବୁ କେବଳ ଏକ ସମ୍ପର୍କ ନୁହେଁ। ଏହା ଜୀବନର ସର୍ବୋଚ୍ଚ ସତ୍ୟ। ଅହଂ ପରିବର୍ତ୍ତିତ ହୁଏ ମମତାରେ, ଶ୍ରଦ୍ଧାରେ, କରୁଣାରେ ଓ ପ୍ରେମରେ। ଏଠି ସୂର୍ଯ୍ୟ କୁହେ 'ଅନ୍ଧାର ପାଇଁ ଅଛି ମୁଁ।' ରାତି କୁହେ 'ଆତ୍ମାକୁ ଶାନ୍ତି କରିବାକୁ ଅଛି ମୁଁ।' ପ୍ରବଳ ତରଙ୍ଗ କୁହେ 'ଉଠିବାକୁ ଚେଷ୍ଟା କର, ପଡ଼ିଲେ ଧରିବାକୁ ଅଛି ମୁଁ।' ପ୍ରକୃତି କିନ୍ତୁ ଯାହା କହେନି, ସେହି ନୀରବତାକୁ ଆମେ ଶୁଣି ବି ଅଜଣା ହେଉ। ସେ କହେ ସକଳ ସୃଷ୍ଟିହେଉଛି ମୁଁ। ଆଉ କେବଳ ତୁମ ପାଇଁ ଅଛି ମୁଁ।

ଆଜି ଯେଉଁଠି ଧନ, କ୍ଷମତା, ପଦ ଓ ସ୍ୱାର୍ଥ ମହତ୍ତ୍ୱ ପାଉଛି, ସେଠି ଏହିତତ୍ତ୍ୱ ଆମକୁ ମନେପକାଏ ଜୀବନ କେବଳ ନିଜ ପାଇଁ ନୁହେଁ, ଅନ୍ୟଙ୍କ ପାଇଁ ହେଲେ ତାହାର ଅର୍ଥ ରହେ। ଯଦି ଜଣେ ଡାକ୍ତର ରୋଗୀ ପାଇଁ, ଜଣେ ବିଜ୍ଞାନୀ ମାନବଜାତି ପାଇଁ, ଜଣେ ଛାତ୍ର ତାଙ୍କ ପରିବାର ଓ ଦେଶ ପାଇଁ, ନେତା ସମାଜ ସେବା ପାଇଁ ସମର୍ପିତ ହୁଅନ୍ତି, ତେବେ ସେହି ହେଉଛି 'ତୁମ ପାଇଁ ଅଛି ମୁଁ'ର ସ୍ୱରୂପ। ଏକଥା ବୁଝିବାକୁ ମଣିଷକୁ ବହୁତ ସମୟ ଲାଗେ। ଜୀବନର ସବୁ ଭାଗ ସରିଆସିଲା ପରେ ଶେଷରେ ବୟସର ଭାରରେ ସବୁ ଉଦ୍ଦାମପଣ ସରି ସରି ଗଲେ ସେତେବେଳେ ମନେପଡନ୍ତି ଅନ୍ୟ ମଣିଷମାନେ। ଜୀବନଟା ଭାରି ନିଃସ୍ୱ ଲାଗେ।

ଜୀବନର ଆରମ୍ଭ ହୁଏ 'ମୁଁ'ରୁ। ମୋ ଶରୀର, ମୋ ପାଇଁ ଥିବା ସୁଖ, ମୋ ଆକାଂକ୍ଷା ସବୁକିଛି ମୋର ବୋଲି ମନେ ହୁଏ ଏକ ସମୟରେ। କିନ୍ତୁ ଯେବେ 'ମୁଁ' ନିଜ ସୀମା ଛାଡ଼ି 'ତୁମ' ପାଇଁ ବଞ୍ଚିବା ଶିଖେ, ସେଠାରୁ ଆରମ୍ଭ ହୁଏ ମନୁଷ୍ୟରୁ ମଣିଷତ୍ତ୍ୱ ଯାତ୍ରା। ତା'ପରେ ଜୀବନ ଏକ ନିଜସ୍ୱ କାହାଣୀ କହେ। ଏହା ହୁଏ ସମଗ୍ର ସୃଷ୍ଟି ପାଇଁ ଗାଥା। ଓଲଟିଯାଏ ଆମର ଚିନ୍ତା ଓ ଚେତନା। ସେଇଠୁ ଏକ ପ୍ରେମମୟ ଘୋଷଣା ଆତ୍ମ ଜାଗ୍ରତ ହୁଏ 'ତୁମ ପାଇଁ ଅଛି ମୁଁ।' ଆମେ ସବୁବେଳେ ଏମିତିରେ କହୁ 'ମୁଁ ଅଛି'। କିନ୍ତୁ ଯେତେବେଳେ ଆମେ କହୁ 'ତୁମ ପାଇଁ ଅଛି ମୁଁ। ସେତେବେଳେ ମାନବ ଜୀବନର ନୂଆ ଦ୍ୱାର ଖୋଲିଯାଏ। ସେଇ ଦ୍ୱାରର ଚାବିକାଠି ଖାସ୍ ଆପଣଙ୍କ ହାତରେ। ଥରେ ଖୋଲି ଦେଖନ୍ତୁ ନା ଆପଣଙ୍କୁ ବି ବାକି ଲୋକ କହିବେ – ତୁମ ପାଇଁ ଅଛି ମୁଁ !

ମୋ: ୯୪୩୭୯୦୯୬୭୧

## ଏଇ ଭାରତରେ

ଅରୁଣାଚଳ ପ୍ରଦେଶ ପାକ୍କେ ବ୍ୟାଘ୍ର ସଂରକ୍ଷଣ ଜଙ୍ଗଲର ଅନ୍ୟ ଏକ ଆକର୍ଷଣ ହେଉଛି ବିଭିନ୍ନ ରଙ୍ଗ ତଥା ପ୍ରଜାତିର ହର୍ନବିଲ। ଏହି ଜାତୀୟ ପକ୍ଷୀର ମାଂସ ଓ ଅଣ୍ଡା ପାଇଁ ସ୍ଥାନୀୟ ଅଞ୍ଚଳର ଆଦିବାସୀ ଏମାନଙ୍କୁ ଶିକାର କରିଥାନ୍ତି। ବ୍ୟାପକ ଶିକାର ହେତୁ ସମୟକ୍ରମେ ଏମାନଙ୍କ ସଂଖ୍ୟା ହ୍ରାସ ପାଇଚାଲିଲା ଓ ବିଲୁପ୍ତିର ଦ୍ୱାରଦେଶରେ ପହଞ୍ଚିଗଲେ। ଏହାକୁ ଲକ୍ଷ୍ୟକରି ଘୋରା ଆଭେ ସୋସାଇଟି ନାମକ ଏନ୍‌ଜିଓ, ନେଚର କଞ୍ଜରଭେଶନ ଫାଉଣ୍ଡେଶନ ଏବଂ ଅରୁଣାଚଳପ୍ରଦେଶ ଜଙ୍ଗଲ ବିଭାଗ ପ୍ରଥମେ ହର୍ନବିଲଙ୍କ ଜୀବନ ରକ୍ଷା ପାଇଁ ପଦକ୍ଷେପ ନେଇଥିଲେ। ପରେ ଏମାନଙ୍କ ସହ ପାକ୍କେ ପଗା ହର୍ନବିଲ ଫେଷ୍ଟିଭାଲ କମିଟି ଏବଂ ବିବେକାନନ୍ଦ କେନ୍ଦ୍ର ବିଦ୍ୟାଳୟ ଆଲୁମ୍ନି ଆସୋସିଏଶନ ସାମିଲ ହୋଇଛନ୍ତି। ଅରୁଣାଚଳପ୍ରଦେଶର ନାଇଶି ସମ୍ପ୍ରଦାୟର ଆଦିବାସୀମାନେ ହର୍ନବିଲଙ୍କୁ ଶିକାର କରି ସେମାନଙ୍କ ମାଂସ ଖାଇବା ସହ ଅଣ୍ଡା ବିକ୍ରି କରିଥାନ୍ତି। ଏବେ ଏହି ଆଦିବାସୀଙ୍କୁ 'ନେଷ୍ଟ ପ୍ରୋଟେକ୍ଟର' ବା ସଂରକ୍ଷକ ଭାବେ ଘୋଷଣା କରାଯାଇଛି। ଏମାନେ ବନ ହର୍ନବିଲଙ୍କ ସୁରକ୍ଷା କରିବା ସହ ସେମାନଙ୍କ ଛୁଆ କିଭଳି ମୃତ୍ୟୁମୁଖରେ ନ ପଡ଼ନ୍ତି ସେଥି ପାଇଁ ବସାରୁ ଛୁଆଙ୍କୁ ଉଦ୍ଧାର କରୁଛନ୍ତି। ଏବେ ସୁଦ୍ଧା ୨୩୮ଟି ହର୍ନବିଲ ଛୁଆକୁ ବଡ଼ କରି ଜଙ୍ଗଲରେ ଛାଡ଼ି ସାରିଲେଣି। କେବଳ ଏତିକି ନୁହେଁ ଏହି ପକ୍ଷୀଙ୍କ ସୁରକ୍ଷା ପାଇଁ ବର୍ଷକୁ ୬.୦୦୦ରୁ ୧୦,୦୦୦ ଗଛ ଲଗାଯାଉଛି।

## ୫୦ ବର୍ଷ ତଳର ଧରିତ୍ରୀ

### ୨ ଡିସେମ୍ବର ୧୯୭୬

- ୧୩ଟି ରାଜ୍ୟର ମୋଟ ୩୧ଟି ନୂଆ ପରିକଳ୍ପନା ନିମନ୍ତେ ଗ୍ରାମ୍ୟ ବିଦ୍ୟୁତ୍‌କରଣ କର୍ପୋରେଶନ ୯ କୋଟି ୧୫ ଲକ୍ଷ ଟଙ୍କା ଋଣ ମଞ୍ଜୁର କରିଛନ୍ତି।
- ବାଂଲାଦେଶର ସାମରିକ ଶାସନ କର୍ତ୍ତୃପକ୍ଷଙ୍କ ଆଦେଶରେ ପୂର୍ବତନ ରାଷ୍ଟ୍ରପତି ସାଣ୍ଡକାର ମୁସ୍ତାକ ଅହମ୍ମଦଙ୍କ ସମେତ ୯ ନେତା ଗିରଫ।

## ଚିରନ୍ତନୀ

ଏହି ପଥେ ଆସେ ଏହି ତରୁମୂଳେ ହୁଏ ସେ ଉଭା
ସୁକୁମାରୀ ଲତା ମୃଣାଳସମ ସେ, ବୟସ ଯୁବା ।
ହାସ ତାର ଦିଶେ କାଶଫୁଲ ତୋରା ଧବଳ ଅତି
ଏହି ପଥେ ପାଦ ପକାଇ ଚଳଇ ଚପଳ ମତି ।
-(ସେହି ମୁଁ ନିଜେ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## su | do | ku
Puzzles by Srikant Ghosh

## ସୁ-ଡୋ-କୁ

| | | | | | | | | |
|---|---|---|---|---|---|---|---|---|
| | 3 | 7 | | | 6 | | 5 | 9 |
| 5 | | | | 4 | | | | |
| | | 2 | | | 1 | | | |
| | | | | | | | | 5 |
| | 5 | 1 | 7 | | 3 | 9 | | |
| 8 | | | | | | | | 6 |
| 1 | | | | | | 7 | | |
| | 8 | | | | 4 | | | 2 |
| | | | | 6 | 8 | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 7 | 9 | 2 | 5 | 6 | 3 | 4 | 8 | 1 |
| 1 | 4 | 5 | 9 | 7 | 8 | 3 | 6 | 2 |
| 8 | 3 | 6 | 4 | 1 | 2 | 5 | 7 | 9 |
| 9 | 6 | 7 | 1 | 4 | 5 | 8 | 2 | 3 |
| 3 | 8 | 4 | 2 | 9 | 7 | 1 | 5 | 6 |
| 2 | 5 | 1 | 3 | 8 | 6 | 7 | 9 | 4 |
| 4 | 2 | 8 | 6 | 5 | 1 | 9 | 3 | 7 |
| 6 | 7 | 9 | 8 | 3 | 4 | 2 | 1 | 5 |
| 5 | 1 | 3 | 7 | 2 | 9 | 6 | 4 | 8 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଅର୍ଜୁନ ଯୋଜନା କେବେ

ମହାଶୟ,

ସରକାରଙ୍କ ସୁଭଦ୍ରା ଯୋଜନା ଦ୍ୱାରା ରାଜ୍ୟର ଲକ୍ଷ ଲକ୍ଷ ମହିଳା ଉପକୃତ ହେଉଛନ୍ତି, ହେବେ ମଧ୍ୟ। ପାଞ୍ଚ ବର୍ଷରେ ସେମାନେ କିଛି ଛୋଟମୋଟ ବ୍ୟବସାୟରେ ଅର୍ଥ ଖଟାଇ ଆତ୍ମନିର୍ଭରଶୀଳ ହେବେ। ଏହା ଏକ ଭଲ ଯୋଜନା। ମାତ୍ର ସ୍ତ୍ରୀ ଓ ପୁରୁଷ ହେଉଛନ୍ତି ମୁଦ୍ରାର ଦୁଇଟି ପାର୍ଶ୍ୱ। କେବଳ ତରାଜୁର ଗୋଟିଏ ପାଖକୁ ଓଜନିଆ କଲେ ଅପରପାଖଟି ଖାଲି ହୋଇଯାଉଛି। ଏହାକୁ ସମତୁଲ ରହିବାକୁ ହେଲେ ପୁରୁଷମାନଙ୍କ ନିମନ୍ତେ ତୁରନ୍ତ ଅର୍ଜୁନ ଯୋଜନା ପ୍ରଣୟନ କରିବାକୁ ହେବ। ସମ୍ପ୍ରତି ରାଜ୍ୟରେ ପାଠୁଆ, ଅଧାପାଠୁଆ ଲକ୍ଷ ଲକ୍ଷ ଅର୍ଜୁନ ବେକାର ହୋଇ ରହିଛନ୍ତି। ସେମାନଙ୍କ ନିମନ୍ତେ ସେମିତି କିଛି ଆଖିଦୃଶିଆ ଯୋଜନା ଥିଲାପରି ମନେହେଉନି। ଏଣୁ ଯଥାଶିଘ୍ର ବ୍ଲକ ଓ ୱାର୍ଡସ୍ତରରେ ଏମାନଙ୍କୁ ଚିହ୍ନଟ କରାଯାଇ ଅର୍ଜୁନ ଯୋଜନାରେ ସାମିଲ କରାଯାଉ ଓ କିଛି କିଛି ସହାୟତା ରାଶି ପ୍ରଦାନ କରାଯାଉ। ରାଜ୍ୟର ମାନବ ସମ୍ବଳର ସୁପରିଚାଳନା ନିମନ୍ତେ ଯୁବ ସମାଜକୁ ଆତ୍ମନିର୍ଭରଶୀଳ କରାଯିବା ଉଚିତ। ପ୍ରଶାସନ ଏଥିପ୍ରତି ବିଚାର କରି ତୁରନ୍ତ ପଦକ୍ଷେପ ନେବାକୁ ହେବ।

-ପ୍ରତାପଚନ୍ଦ୍ର ପାଢ଼ୀ, ନିଗମନଗର-ଆର୍କୋଲୀ, ବ୍ରହ୍ମପୁର, ଗଞ୍ଜାମ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଫୁଟ୍‌ପାଥ୍ ବିହୀନ ସହର ବାରିପଦା: ବଢୁଛି ଦୁର୍ଘଟଣା

ବାରିପଦା,୧।୧୨(ନୀଳାଦ୍ରି ବିହାରୀ ଦଣ୍ଡପାଟ)

କ୍ରମବର୍ଦ୍ଧିଷ୍ଣୁ ମୟୂରଭଞ୍ଜ ଜିଲା ବାରିପଦା ସହରରେ ଦିନକୁ ଦିନ ଜନଗହଳି ବୃଦ୍ଧି ପାଉଛି। ଦୂରଦୂରାନ୍ତରୁ ବସ୍ ଯୋଗେ ଆସୁଥିବା ଲୋକେ ଭିଡ଼ ଭିତରେ ବିପଦସଙ୍କୁଳ ଅବସ୍ଥାରେ ଚଳପ୍ରଚଳ କରୁଛନ୍ତି। ମୁଖ୍ୟ ରାସ୍ତା ପାର୍ଶ୍ୱ ଫୁଟ୍‌ପାଥ୍‌ଗୁଡ଼ିକ ଜବରଦଖଲକାରୀଙ୍କ କବ୍‌ଜାରେ ରହିଛି। ଜିଲା ଏବଂ ପୋଲିସ ପ୍ରଶାସନର ଅବହେଳା ଯୋଗୁ ଫୁଟ୍‌ପାଥ୍ ବିହୀନ ଏହି ସହରରେ ଦୁର୍ଘଟଣା ବଢ଼ିଚାଲିଛି।

ବାରିପଦା ସହର ଏକଦା ଭଞ୍ଜବଂଶୀୟ ରାଜାଙ୍କ ଉନ୍ନତ ନଗର ଯୋଜନାର ଅପୂର୍ବ ନିଦର୍ଶନ ଥିଲା। ଓଡ଼ିଶା ସହ ମୟୂରଭଞ୍ଜର ମିଶ୍ରଣ ପୂର୍ବରୁ ଭଞ୍ଜବଂଶର ଶାସନକାଳରେ ବାରିପଦାର ରାସ୍ତାଗୁଡ଼ିକ ଏତେ ପ୍ରଶସ୍ତ ଓ ସୁନ୍ଦର ଥିଲା ଯେ ପ୍ରଜାଙ୍କ ଯାତାୟାତ ସୁବିଧା ସହ ନଗରର ସୌନ୍ଦର୍ଯ୍ୟ ମଧ୍ୟ ବୃଦ୍ଧି ପାଉଥିଲା। ସୁନ୍ଦର ନଦୀନାଳ ବ୍ୟବସ୍ଥା ସହ ସୁସଂଗଠିତ ଯାତାୟାତ ବ୍ୟବସ୍ଥା ଦେଶବିଦେଶର ଲୋକଙ୍କୁ ଆକୃଷ୍ଟ କରୁଥିଲା। ମାତ୍ର ରାଜତନ୍ତ୍ର ପରେ ପ୍ରଶାସନର କ୍ରମାଗତ ଅବହେଳା ଓ ଲୋକଙ୍କ ଅନିୟନ୍ତ୍ରିତ କବ୍‌ଜା ଯୋଗୁ ଏହି ରାସ୍ତାଗୁଡ଼ିକ ସଂକୀର୍ଣ୍ଣ ହୋଇଗଲାଣି। ଉଠାଦୋକାନୀମାନେ ରାସ୍ତା ଉପରେ ନିଜ ଦୋକାନ ପସରା ମେଲାଇବା,



ଫୁଟ୍‌ପାଥ୍‌ରେ ଛିଡ଼ାହୋଇ ରହିଥିବା ଘରୋଇ ବସ୍।



ଦୋକାନୀମାନେ ଫୁଟ୍‌ପାଥ୍‌କୁ କବ୍‌ଜା କରି ରଖିଛନ୍ତି।

## ଜବରଦଖଲକାରୀଙ୍କ କବ୍‌ଜାରେ ରାସ୍ତା ପାର୍ଶ୍ୱ

ପାର୍କିଂ ବ୍ୟବସ୍ଥା ନ ଥାଇ ଭଡ଼ାଘରେ ବ୍ୟାଙ୍କ ଓ ଅଫିସ ଚାଲିବା, ବ୍ୟବସାୟିକ ଅନୁଷ୍ଠାନ, ଘରୋଇ ହସ୍ପିଟାଲକୁ ଆସୁଥିବା ଲୋକେ ରାସ୍ତାକୁ ପାର୍କିଂ ସ୍ଥଳ ଭାବେ ବ୍ୟବହାର କରିବା ଯୋଗୁ ସମସ୍ୟା ଦ୍ୱିଗୁଣିତ ହୋଇଛି। ଏହା ବ୍ୟତୀତ ବିଦ୍ୟୁତ୍ ବିଭାଗ ଟ୍ରାନ୍ସଫର୍ମର ସୁରକ୍ଷା ଆଳରେ ରାସ୍ତା ଉପରକୁ ମାଡ଼ିଗଲାଣି ତ ଆଉ କେଉଁଠି ୱାଟ୍‌କୋ ପକ୍ଷରୁ ପାନୀୟଜଳ ଯୋଗାଣ ନାମରେ ରାସ୍ତା ଖୋଳି ଦୀର୍ଘଦିନ ଧରି ସମାନ୍ତର ନ କରିବା ଏହି ସମସ୍ୟାକୁ ଅଧିକ ଜଟିଳ କରିଛି। ଫଳରେ ସହର ମଧ୍ୟ ଦେଇ ଯାଇଥିବା ପ୍ରମୁଖ ରାସ୍ତାଗୁଡ଼ିକରେ ଦୁର୍ଘଟଣା ବୃଦ୍ଧି ପାଉଛି ଏବଂ ନିରୀହ ଲୋକଙ୍କ ଜୀବନହାନି ହେଉଛି। ପୌର ପରିଷଦ, ପୋଲିସ ପ୍ରଶାସନ ଓ ଜିଲା ପ୍ରଶାସନ ପକ୍ଷରୁ ରାସ୍ତା ଅବରୋଧକାରୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନ ହେବା ଯୋଗୁ ସହରର ପ୍ରମୁଖ ରାସ୍ତାଗୁଡ଼ିକରେ ଯାତାୟାତ ପ୍ରାୟତଃ ବନ୍ଦ ହୋଇଯାଉଛି। ଗାଡ଼ିମୋଟର ଚଳାଚଳ ତ ଦୂରର କଥା, ଚାଲିବା ପାଇଁ ଥିବା ଫୁଟ୍‌ପାଥ୍‌ଗୁଡ଼ିକ ଆଉ ଦେଖାଯାଉ ନାହିଁ। ସହରରେ ପ୍ରଶାସନିକ ଅବହେଳାର ଚିତ୍ର ସ୍ପଷ୍ଟ ବାରିହୋଇ ପଡୁଛି।

ବାରିପଦା ସହରର ଦିନେ ଯେଉଁ ଐତିହାସିକ ଗୌରବ ଥିଲା ପ୍ରଶାସନିକ ଅବହେଳାରୁ ଏବେ ଏଭଳି ଦୁଃଖଦ ଚିତ୍ର ଦେଖିବାକୁ ମିଳୁଛି ବୋଲି ସ୍ଥାନୀୟ ବାସିନ୍ଦା ଶାନ୍ତନୁ ସାହୁ, ହରିଶଙ୍କର ସାହୁ, ନିମାଇଁ ତ୍ରିପାଠୀ ଓ ଶାନ୍ତନୁ କୁମାର ପାଲ କହିଛନ୍ତି। ସମସ୍ୟାର ତୁରନ୍ତ ସମାଧାନ ନ ହେଲେ ବାରିପଦା ସହରରେ ଏକ ବୃହତ୍ ଜନ ଆନ୍ଦୋଳନକୁ ଏଡାଇ ଦେଇହେବନାହିଁ। ଏ ସଂକ୍ରାନ୍ତରେ ବାରିପଦା ପୌର ପରିଷଦ ଅଧ୍ୟକ୍ଷ କୃଷ୍ଣାନନ୍ଦ ମହାନ୍ତି କୁହନ୍ତି, ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟର ଅଭାବ ଏହି ସମସ୍ୟାର ମୁଖ୍ୟ କାରଣ ସାଜିଛି। ଆମେ ଅନେକ ଥର ଉଠାଦୋକାନୀ ହଟାଇଛୁ, କିନ୍ତୁ ଅନ୍ୟ ବିଭାଗର ସହଯୋଗ ନ ମିଳିବା ଯୋଗୁ ସ୍ଥାୟୀ ସମାଧାନ ହେଉନାହିଁ। ଆଗକୁ ସମସ୍ତ ବିଭାଗ ପକ୍ଷରୁ ଏକ ଟାସ୍କଫୋର୍ସ ଗଠନକରି ରାସ୍ତା ଜବରଦଖଲ ହଟାଇବା, ଅନଧିକାର ପାର୍କିଂ ଉପରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପ୍ରସ୍ତାବ ଦିଆଯାଇଛି ବୋଲି ସେ କହିଛନ୍ତି। ସେହିପରି ଜବରଦଖଲକାରୀଙ୍କ ବିରୋଧରେ ଜିଲା ପ୍ରଶାସନ କଡ଼ା ଆଭିମୁଖ୍ୟ ଆପଣାଇବାକୁ ଯାଉଛି ବୋଲି ବାରିପଦା ଉପଜିଲାପାଳ ଡ. ଦୟାସିନ୍ଧୁ ପରିଡ଼ା କହିଛନ୍ତି। ପ୍ରଥମ ପର୍ଯ୍ୟାୟରେ ପାଲବଣିରୁ ମେଡିକାଲ କଲେଜ ପର୍ଯ୍ୟନ୍ତ ଜବରଦଖଲ ଉଚ୍ଛେଦ ସରିଛି । ଏବେ ଦ୍ୱିତୀୟ ପର୍ଯ୍ୟାୟରେ ପାଲବଣିରୁ କେ.ସି.ସର୍କଲ ପର୍ଯ୍ୟନ୍ତ ଉଚ୍ଛେଦ କରାଯିବ। ଆଗାମୀ ଦିନରେ ସହରରେ ସମ୍ପୂର୍ଣ୍ଣ ଜବରଦଖଲ ଉଚ୍ଛେଦ କରାଯିବ ଏବଂ ରାସ୍ତାଘାଟ ପୂର୍ବାବସ୍ଥା ଫେରିପାଇବ। ପୋଲିସ ପ୍ରଶାସନ, ଉପଜିଲାପାଳ ଓ ପୌର ପରିଷଦ ମିଳିତ ଭାବରେ ମିଶି ଆଗାମୀ ଦିନରେ ଟାସ୍କଫୋର୍ସ ଗଠନ କରାଯିବା ନେଇ ଆଲୋଚନା ସରିଛି ଏବଂ ରାସ୍ତାଘାଟରେ ଗାଡ଼ି ମଟର ରଖିଲେ ଆର୍‌ଟିଓଙ୍କ ସହ ମିଶି ପୋଲିସ ଫାଇନ ଆଦାୟ କରୁଛି। ଆଗକୁ ସହରରେ ଜବରଦଖଲ ହଟାଇବା ପାଇଁ ପୋଲିସ ସମସ୍ତ ବିଭାଗ ସହ ମିଶି ମିଳିତ ଭାବେ ପଦକ୍ଷେପ ନେବ ବୋଲି ମୟୂରଭଞ୍ଜ ଆଡିସନାଲ ଏସ୍‌ପି ଦୀପକ ଗୋଚ୍ଛାୟତ ପ୍ରକାଶ କରିଛନ୍ତି।

# ରାସ୍ତାରୁ ବାଡ଼ ହଟାଇଲା ପ୍ରଶାସନ



ପ୍ରଶାସନିକ ଅଧିକାରୀଙ୍କ ଉପସ୍ଥିତିରେ ରାସ୍ତାରୁ ବାଡ଼ ହଟାଯାଉଛି।

ମୋରଡ଼ା,୧।୧୨(ସ୍ୱାରକ ମାଜୀ)

ମୟୂରଭଞ୍ଜ ଜିଲା ମୋରଡ଼ା ବ୍ଲକ୍‌ଅଧୀନ ଜୁଆଳିଭଙ୍ଗା ପଞ୍ଚାୟତର ମହୁଲବଣି ଗ୍ରାମ ନିକଟରେ ରାସ୍ତାରେ ବାଡ଼ ଘେରା ଯିବା ଯୋଗୁ ଉତ୍ତେଜନା ପ୍ରକାଶ ପାଇଥିଲା। ଏନେଇ ଧରିତ୍ରୀରେ ଖବର ପ୍ରକାଶ ପାଇବା ପରେ ସୋମବାର ଏହି ବାଡ଼କୁ ହଟାଇଛି।

ସୂଚନା ଅନୁଯାୟୀ, କିଛି ମାସ ତଳେ ସୁବର୍ଣ୍ଣରେଖା କେନାଲ ନିର୍ମାଣ କାର୍ଯ୍ୟ ଶେଷ ହେବା ପରେ ପୂର୍ଣ୍ଣଚନ୍ଦ୍ରପୁର ଗ୍ରାମର ଯୋଗେଶ୍ୱର ମହାକୁଡ଼ କେନାଲ ରାସ୍ତାର ୩ଟି ସ୍ଥାନରେ ବାଡ଼ ଘେରାଇ ରାସ୍ତା ବନ୍ଦ କରିଦେଇଥିଲେ। ଫଳରେ ଚାଷୀମାନେ ବିଲରୁ ଧାନ ଆଣିବାକୁ ବହୁ ଅସୁବିଧାର ସମ୍ମୁଖୀନ ହେବା ସହିତ ପାଖ ଗ୍ରାମ ମାଇଗାଁକୁ ଯିବାକୁ ଲୋକଙ୍କୁ ୫ କି.ମି. ଅଧିକ ବାଟ ବୁଲି ଯିବାକୁ ପଡୁଥିଲା। ଗତ ୨୮ ତାରିଖରେ ଗ୍ରାମବାସୀ ଏକତ୍ରିତ ହୋଇ ଉକ୍ତ ବାଡ଼ ଘେରାକୁ ବିରୋଧ କରିଥିଲେ। ସୋମବାର ମୋରଡ଼ା ତହସିଲଦାର ବିଦ୍ୟାଧର ଦଣ୍ଡପାଟ, ସୁବର୍ଣ୍ଣରେଖା ଏସ୍‌ଡିଓ ବିଜୟ କୁମାର ସିଂ, ଚିତ୍ରଡ଼ା ଫାଣ୍ଡି ପୋଲିସ ପହଞ୍ଚି ଉକ୍ତ ରାସ୍ତାରୁ ବାଡ଼କୁ ହଟାଇଛନ୍ତି।

# ମେଘୁଆ ଆକାଶ ଦେଖି ଚାଷୀ ଛାନିଆ

ବୈଶିଙ୍ଗା,୧।୧୨(ରତନ ଦାଶ)

ମୟୂରଭଞ୍ଜ ଜିଲାର ବୈଶିଙ୍ଗା ଓ ବେତନଟୀ ଅଞ୍ଚଳରେ ସୋମବାର ଦିନ ତମାମ ଆକାଶ ମେଘାଚ୍ଛନ୍ନ ରହିବା ସହିତ ହାଲୁକା ଝିପିଝିପି ବର୍ଷା ହୋଇଛି। ଫଳରେ ଚାଷୀମାନଙ୍କ ବର୍ଷକର ଝାଳବୁହା ପରିଶ୍ରମର ଫଳ ଉଜୁଡି ଯିବା ଆଶଙ୍କା ପ୍ରକାଶ ପାଇଛି। କେତେଜଣ ଚାଷୀ ଧାନ କାଟି ସାରିବା ପରେ ସେସବୁକୁ ବୋହି ଆଣି ଖଳାରେ ରଖିଛନ୍ତି। ଆଉ କେତେଜଣ ଧାନ ଅମଳ ଏଯାଏ ଆରମ୍ଭ ମଧ୍ୟ କରିନାହାନ୍ତି। ଅପରାହ୍ଣରେ ଟିପି ଟିପି ମେଘ ପକାଇବା ପରେ ଚାଷୀମାନେ ଚିନ୍ତାରେ ପଡ଼ିଛନ୍ତି। ଚଳିତ ବର୍ଷ ଏହି ବ୍ଲକରେ ପାଖାପାଖି ୧୮ ହଜାର ହେକ୍ଟର ଧାନ ଚାଷ ହୋଇଥିବା ବେଳେ କୃଷି ବିଭାଗ ପକ୍ଷରୁ ଏପର୍ଯ୍ୟନ୍ତ କୌଣସି ଅଧିକାରୀ କ୍ଷେତ୍ର ପରିଦର୍ଶନ କରିନାହାନ୍ତି କିମ୍ବା ଚାଷୀମାନଙ୍କୁ ପାଣିପାଗ ବାବଦରେ କୌଣସି ପରାମର୍ଶ ଦେଇ ନ ଥିବା ଚାଷୀମାନେ କହିଛନ୍ତି।

# ଆରମ୍ଭ ହେଲା ମୟୂରଭଞ୍ଜ ମହୋତ୍ସବ

ବାରିପଦା,୧।୧୨(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ଜିଲାର କଳା, ସଂସ୍କୃତି ଓ ପରମ୍ପରାକୁ ଉଦ୍‌ଜୀବିତ କରୁଥିବା ମୟୂରଭଞ୍ଜ ମହୋତ୍ସବ ସୋମବାର ଉଦ୍‌ଘାଟିତ ହୋଇଛି। ମୁଖ୍ୟଅତିଥି ଭାବେ ଜିଲାପାଳ ହେମକାନ୍ତ ସୟ, ସମ୍ମାନୀତ ଅତିଥି ଭାବେ ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର କ୍ଷେତ୍ର ନିର୍ଦ୍ଦେଶକ ଡ. ପ୍ରକାଶ ଚାନ୍ଦ ଗୋଗେନାନୀ, ଏସ୍‌ପି ବରୁଣ ଗୁଣ୍ଟୁପାଲ୍ଲୀ ଯୋଗ ଦେଇଥିଲେ। ମହୋତ୍ସବ କମିଟିର ଅଧ୍ୟକ୍ଷ ସିନେ ଅଭିନେତା ଅସିତ ପତିଙ୍କ ପୌରହିତ୍ୟରେ ଅନୁଷ୍ଠିତ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ମହୋତ୍ସବ କମିଟି ସଭାପତି ତଥା ବାରିପଦା ନଗରପାଳ କୃଷ୍ଣାନନ୍ଦ ମହାନ୍ତି, କାର୍ଯ୍ୟକାରୀ ସଭାପତି ସଞ୍ଜୀବ ଦ୍ୱିବେଦୀ, ସାଧାରଣ ସମ୍ପାଦକ କଳିଙ୍ଗ କେଶରୀ ଜେନା, ବିପ୍ଳବ ଭଞ୍ଜନ ବୁଗୁଡେଇ, ସୁଜିତ ମହାନ୍ତି, ଅମର ସେଠୀ, ଶୁଭେନ୍ଦୁ ସାହୁ, ସଞ୍ଜିବ ରାଉତ, କାଶୀନାଥ ରଣା, ଅମିତାଭ ସାହୁ, ତରୁଣ ମହାନ୍ତି, ସତ୍ୟ ସ୍ୱରୂପ ଦାଶ, ସତ୍ୟଜିତ ସୋମ ପ୍ରମୁଖ ଉପସ୍ଥିତ ରହି ମହୋତ୍ସବ ମୟୂରଭଞ୍ଜ ଜିଲ୍ଲାର ସମସ୍ତ ଜନସାଧାରଣଙ୍କ କହିବା ସହିତ ସମସ୍ତଙ୍କ ସହଯୋଗ ପାଇଁ କୃତଜ୍ଞତା ଜଣାଇଥିଲେ।



ଉଦ୍‌ଘାଟନୀ ଉତ୍ସବରେ ଉପସ୍ଥିତ ଅତିଥିମାନେ।

# ମୟୂରଭଞ୍ଜରୁ ୧୬ ଖେଳାଳି ସାମିଲ୍

## ରାଜ୍ୟସ୍ତରୀୟ ୧୭ ବର୍ଷରୁ କମ୍ ବାଳିକା ଫୁଟବଲ ପ୍ରତିଯୋଗିତା

ବାରିପଦା,୧।୧୨(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ରାଜ୍ୟସ୍ତରୀୟ ୧୭ ବର୍ଷରୁ କମ୍ ବାଳିକା ଫୁଟବଲ ପ୍ରତିଯୋଗିତା ଚଳିତ ମାସ ୨ରୁ ୫ ତାରିଖ ପର୍ଯ୍ୟନ୍ତ କଳାହାଣ୍ଡି ଜିଲା ଭବାନୀପାଟଣାର ମାଣିକେଶ୍ୱର ସରକାରୀ ଉଚ୍ଚ ବିଦ୍ୟାଳୟଠାରେ ଅନୁଷ୍ଠିତ ହେବ। ମୟୂରଭଞ୍ଜ ଜିଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀଙ୍କ ମାର୍ଗଦର୍ଶନ ଓ ଜିଲା ଶାରୀରିକ ଶିକ୍ଷା ପରିଦର୍ଶକ ଭାଗିରଥି ମଲ୍ଲିକଙ୍କ ତତ୍ତ୍ୱାବଧାନରେ ମୟୂରଭଞ୍ଜ ଜିଲାରୁ ୧୬ଜଣ ଛାତ୍ରୀ ଏହି ପ୍ରତିଯୋଗିତାରେ ଯୋଗଦେବେ। ଜେନେରାଲ ମ୍ୟାନେଜର ଭାବେ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ଲୁହାଶିଳାର ପିଇଟି ଜଗତଜିତ ମାଝୀ ଓ ବାଳିକା ଟିମ୍ ମ୍ୟାନେଜର ଭାବେ ହରିଶ୍ଚନ୍ଦ୍ର ସରକାରୀ ଉଚ୍ଚ ବିଦ୍ୟାଳୟ ପାନ୍ଧର ପିଇଟି ଗୀତାଞ୍ଜଳି ସିଂ ଦେବସଚ୍ଚନଙ୍କ ନେତୃତ୍ୱରେ ଏହି ପ୍ରତିଯୋଗୀମାନେ ଯୋଗଦେବେ। ପ୍ରତିଯୋଗିତାରେ ସାମିଲ ହୋଇଥିବା ଖେଳାଳିମାନେ ହେଲେ ବର୍ଷା ସିଂ, ଫୁଲେଶ୍ୱରୀ ମୁର୍ମୁ, ରଜନୀ ମୁର୍ମୁ, ସୁମତୀ ହେମ୍ବ୍ରମ, ରାଇମଣି ସିଂ, ମାମା ସିଂ, ଜସ୍ମିତା ସିଂ, ପୂଜା ହାଁସଦା, ସାକ୍ରୁ ମୁର୍ମୁ, ଘନପ୍ରଭା ବାଗ, କରିନା ମୁର୍ମୁ, ମାହୀ ସୋରେନ, ଲକ୍ଷ୍ମୀପ୍ରିୟା ସୋରେନ, ଲିଲିମଣି ମାରାଣ୍ଡି, କାଇରୀ ନାଏକ ଓ ରଜନୀଗନ୍ଧା ନାୟକ। ମୟୂରଭଞ୍ଜ ଜିଲା ଶିକ୍ଷା କାର୍ଯ୍ୟାଳୟ ତରଫରୁ ସମସ୍ତଙ୍କୁ ଶୁଭେଚ୍ଛା ଜଣାଯିବା ସହ ରାଜ୍ୟସ୍ତରରେ ସେମାନଙ୍କ ସଫଳତା କାମନା କରାଯାଇଛି।



ପ୍ରତିଯୋଗିତାରେ ସାମିଲ ହୋଇଥିବା ମୟୂରଭଞ୍ଜ ଜିଲାର ଖେଳାଳିମାନେ।


**କେନ୍ଦୁଝର କେନ୍ଦ୍ର ସମବାୟ ବ୍ୟାଙ୍କ ଲିଃ**

ସା:ପୋ:– କେନ୍ଦୁଝରଗଡ଼, କେନ୍ଦୁଝର–୭୫୮୦୦୧ (ଓଡ଼ିଶା)

**KEONJHAR CENTRAL CO-OPERATIVE BANK LTD.**

AT/PO. : KEONJHARGARH, KEONJHAR-758001 (ODISHA)

Telephone : (06766) 255183, 251745, Fax : 253137

Email : kendujharccb@gmail.com

No.KCCB/5760/HRD/2025-26 Date : 01.12.2025

**Expression of Interest**

Expressions of Interest are invited from IRDA Accredited Insurance Companies for Fresh Group Mediclaim Insurance Policy for Bank Employees and Directors along with their dependents for the year 2026, commencing from 00 hour 01 Jan 2025 to midnight of 31st Dec 2026. The Tender documents must reach to the office of the undersigned in sealed envelope on or before 16.12.25 latest by 05.00 P.M. Delay in receipt of Tender documents/bids after the due date and time will not be entertained at all and the undersigned will be, in no way responsible for the same. The Quotations so received shall be opened at 11.00 A.M on 17.12.2025 in presence of bidders or their authorized representatives if any.

I. Opening of Technical bid - 17.12. 2025 at 11:00 AM in the Conference Hall of the Bank.

II. Opening of Price bid - 17.12.2025 4:00 PM in the Conference Hall of the Bank.

The detailed terms and conditions of the tender may be downloaded from our website www.kendujharccb.com. The Authority of the Bank reserves the right to accept or reject the quotation without assigning any reason thereof.

Sd./- Chief Executive Officer
Keonjhar Central Cooperative Bank Ltd.


# ୭ ପ୍ରଧାନଶିକ୍ଷକଙ୍କ ଦରମା ବନ୍ଦ

## ପୋଷାକ ବଣ୍ଟନରେ ଅବହେଳା

ବେତନଟୀ,୧।୧୨(ଧରଣୀଧର ମହାନ୍ତି)

ଛାତ୍ରୀଛାତ୍ରମାନଙ୍କୁ ପୋଷାକ ବଣ୍ଟନରେ ଅବହେଳା କାରଣ ପାଇଁ ମୟୂରଭଞ୍ଜ ଜିଲା ବେତନଟୀ ବ୍ଲକ ଅଧୀନ ଦୁଇଟି ପ୍ରାଥମିକ ଓ ୫ଟି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ମୋଟ ୭ ପ୍ରଧାନଶିକ୍ଷକମାନଙ୍କ ଦରମା ସ୍ଥଗିତ ରହିଛି। ସରକାରଙ୍କ ପକ୍ଷରୁ ପ୍ରଥମ ଶ୍ରେଣୀରୁ ଅଷ୍ଟମ ଶ୍ରେଣୀ ପିଲାମାନଙ୍କ ପାଇଁ ଏକସମୟରେ ପ୍ରତିଛାତ୍ରୀଛାତ୍ରଙ୍କୁ ବର୍ଷକୁ ଦୁଇ ହଳ ବିଦ୍ୟାଳୟ ପୋଷାକ (ୟୁନିଫର୍ମ) ଦେବାର ବ୍ୟବସ୍ଥା ରହିଛି। ଧାର୍ଯ୍ୟ ସମୟରେ ଏହି ପୋଷାକ ବଣ୍ଟା ନ ହେବାରୁ ବେତନଟୀ ବ୍ଲକ ଶିକ୍ଷା ଅଧିକାରୀ ବିପ୍ଳବ କର ୭ ଜଣ ପ୍ରଧାନ ଶିକ୍ଷୟିତ୍ରୀ ଶିକ୍ଷକଙ୍କର ଗତ ନଭେମ୍ବର ୨୯ ତାରିଖରୁ ଦରମା ସ୍ଥଗିତ ରଖିଥିବା ଜଣାପଡ଼ିଛି। ଏହି ବିଦ୍ୟାଳୟଗୁଡ଼ିକ ହେଉଛି ବାଉଁଶବାଗାନ ଓ ଅଙ୍ଗାରଗଡ଼ିଆ ପ୍ରାଥମିକ ବିଦ୍ୟାଳୟ ଓ ନଛିପୁରିଆ, ଗୋବିନ୍ଦରାୟପୁର, ମହିଷାଶୋଳ, ଆଗଡା, ବାହାନାଡ଼ା, ଉଚ୍ଚ ପ୍ରାଥମିକ ବିଦ୍ୟାଳୟ। ବେତନଟୀ ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ଚିଠି ନମ୍ବର ୩୦୬୫ ବଳରେ ପ୍ରଧାନଶିକ୍ଷକଙ୍କ ଦରମା ବନ୍ଦ ରଖିବା ବିଷୟ ଜିଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀଙ୍କୁ ମଧ୍ୟ ଅବଗତ କରିଛନ୍ତି। ଏସମ୍ପର୍କରେ ବ୍ଲକ ଶିକ୍ଷା ଅଧିକାରୀ କରଙ୍କୁ ପଚାରିବାରୁ ଉପରିସ୍ଥ ଅଧିକାରୀଙ୍କ ଏସମ୍ପର୍କରେ ବାରମ୍ବାର ତାଗିଦ ଆସୁଥିବା ବେଳେ ଏହି ପ୍ରଧାନ ଶିକ୍ଷକମାନଙ୍କୁ ଗତ ନଭେମ୍ବର ୧୪ରୁ ୨୦ ତାରିଖ ମଧ୍ୟରେ ପୋଷାକ ବାଣ୍ଟିବା ପାଇଁ ଚିଠି ଦ୍ୱାରା ନିର୍ଦ୍ଦେଶ ଦିଆଯାଇଥିଲା। ମାତ୍ର ସେମାନେ ଏହି କାର୍ଯ୍ୟ କରି ନ ପାରିବାରୁ ଗତ ୨୯ ତାରିଖଠାରୁ ତାଙ୍କ ଦରମା ବନ୍ଦ ରଖାଯାଇଥିବା କହିଛନ୍ତି।

# ଫୁଟବଲ ଟୁର୍ନାମେଣ୍ଟ: ଡି ଆଣ୍ଡ ଜେ ଟିମ୍ ଚାମ୍ପିୟନ

ଝାରପୋଖରିଆ,୧।୧୨ (ସୁଧୀର କୁମାର ମହାନ୍ତ)

ସାରସକଣା ବ୍ଲକ୍ ରାଜାଲୋକା ପଞ୍ଚାୟତ ସରଗଡ଼ା ଗ୍ରାମର ମା' ଅନ୍ଧାରୀ ସ୍ପୋର୍ଟିଂ କ୍ଲବ୍ ପକ୍ଷରୁ ଚାଲିଥିବା ଦୁଇ ଦିନିଆ ୧୫ତମ ଗ୍ରାମାଞ୍ଚଳ ଫୁଟବଲ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ଏହି ଟୁର୍ନାମେଣ୍ଟରେ ମୋଟ ୧୬ଟି ଫୁଟବଲ ଦଳ ଅଂଶ ଗ୍ରହଣ କରିଥିଲା ବେଳେ ଡି ଆଣ୍ଡ ଜେ ଦଳକୁ ଚାମ୍ପିୟନ ଘୋଷଣା କରାଯାଇଥିଲା। କ୍ଲବ୍‌ର ସଭାପତି ଦୁର୍ଯ୍ୟୋଧନ ମହାନ୍ତଙ୍କ ସଭାପତିତ୍ୱରେ ପୁରସ୍କାର ବିତରଣୀ ସଭା ଅନୁଷ୍ଠିତ ହୋଇଥିଲା। କ୍ଲବ୍ ସମ୍ପାଦକ ମହେଶ୍ୱର ବିନ୍ଧାଣୀ ବାର୍ଷିକ ବିବରଣୀ ପାଠ କରିଥିଲେ। କ୍ଲବର ସଭାପତି ଚାମ୍ପିୟନ ଦଳକୁ ୧୦ ହଜାର ଏକ ଟଙ୍କା ଓ ରନର ଅପ ଦଳ ଜାହିରତଲାକୁ ୭ହଜାର ଏକ ଟଙ୍କା ଅର୍ଥ ରାଶି ଦେଇ ପୁରସ୍କୃତ କରିଥିଲେ। ରେଫାରୀ ଭାବେ ଜୟପାଲ ମୁର୍ମୁ ଖେଳ ପରିଚାଳନା କରିଥିବା ବେଳେ ବୁଲୁ ନାଏକ ଧାରା ବିବରଣୀ ପ୍ରସାରଣ କରିଥିଲେ।


ଭା.କ.ନି. CCI

**ଭାରତୀୟ କପା ନିଗମ ଲିମିଟେଡ୍**

**ଶାଖା କାର୍ଯ୍ୟାଳୟ: ରାୟଗଡା**

ଭବନାରାୟଣ ନୀଳୟମ, ଜ୍ୟୋତି ମହଲ ହୋଟେଲ ନିକଟରେ, କନଭେଣ୍ଟ ରୋଡ୍, ରାୟଗଡା –୭୬୫୦୦୧

ମୋବାଇଲ ଆପ

ସଂଖ୍ୟା: ଭାକନି / ରାୟଗଡ଼ା / ୨୦୨୫-୨୬ ତାରିଖ: ୦୧.୧୨.୨୦୨୫

**କପା ଚାଷୀଙ୍କୁ ଆହ୍ୱାନ**

ଚଳିତ କପା ବିପଣନ ଋତୁ ୨୦୨୫-୨୬ ରେ, ଭାରତୀୟ କପା ନିଗମ (CCI) କପାଚାଷୀଙ୍କ ପାଇଁ "କପାସ କିଷାନ" ମୋବାଇଲ୍ ଆପ୍ ଲଞ୍ଚ କରିଛି, ଯାହା ମାଧ୍ୟମରେ ଚାଷୀମାନେ ସ୍ୱୟଂ-ପଞ୍ଜିକରଣ କରି ପାରିବେ ଏବଂ ସର୍ବନିମ୍ନ ସହାୟକ ମୂଲ୍ୟ (MSP)ରେ CCI କ୍ରୟ କେନ୍ଦ୍ରରେ ସେମାନଙ୍କର କପା ବିକ୍ରୟ କରିପାରିବେ। ସମ୍ପୃକ୍ତ ରାଜ୍ୟ ଦ୍ୱାରା ସ୍ୱୟଂ-ପଞ୍ଜିକରଣ ଅନୁମୋଦନ ହେବା ପରେ ପଞ୍ଜିକରଣ ସମ୍ପୂର୍ଣ୍ଣ ବୋଲି ବିବେଚନା କରାଯିବ, ଯାହା ପରେ ଚାଷୀମାନେ ମୋବାଇଲ୍ ଆପରେ ଉପଲବ୍ଧ ନିକଟତମ କ୍ରୟ କେନ୍ଦ୍ର / ଅଧିସୂଚିତ କାରଖାନାରେ ସେମାନଙ୍କର କପା ବିକ୍ରୟ କରିବା ପାଇଁ ଏକ ସ୍ଲଟ୍ ବୁକ୍ କରିପାରିବେ।

**ରାଜ୍ୟଗୁଡ଼ିକର ଅନୁରୋଧ ଏବଂ କୃଷକମାନଙ୍କ ସୁବିଧାକୁ ଦୃଷ୍ଟିରେ ରଖି, ପଞ୍ଜୀକରଣର ଶେଷ ତାରିଖ ୩୧ ଅକ୍ଟୋବର ୨୦୨୫ ରୁ ୩୧ ଡିସେମ୍ବର ୨୦୨୫ କୁ ବୃଦ୍ଧି କରାଯାଇଛି।**

ତେଣୁ, ସମସ୍ତ କପା ଚାଷୀଙ୍କୁ ଅନୁରୋଧ କରାଯାଉଛି ଯେ ସେମାନେ ନିର୍ଦ୍ଧାରିତ ସମୟ ମଧ୍ୟରେ କପାସ କିଶାନ ମୋବାଇଲ୍ ଆପ୍ ଡାଉନଲୋଡ୍ କରନ୍ତୁ ଏବଂ ସେମାନଙ୍କର ପଞ୍ଜୀକରଣ ସମାପ୍ତ କରନ୍ତୁ ଯାହା ଦ୍ୱାରା ସେମାନେ MSP ଯୋଜନାର ଲାଭ ପାଇପାରିବେ।

ଗୁଣବତ୍ତା ମାନଦଣ୍ଡ ଅନୁଯାୟୀ ଯଦି କପାରେ ଆର୍ଦ୍ରତା ୮% ଅତିକ୍ରମ ନକରେ, ତେବେ ଚାଷୀମାନଙ୍କୁ ସମ୍ପୂର୍ଣ୍ଣ ସର୍ବନିମ୍ନ ସହାୟକ ମୂଲ୍ୟ (MSP) ପ୍ରଦାନ କରାଯିବ। କିନ୍ତୁ, ଯଦି ଆର୍ଦ୍ରତା ୮% ଅତିକ୍ରମ କରି ୧୨% ପର୍ଯ୍ୟନ୍ତ ପହଞ୍ଚିଯାଏ, ତେବେ ୮% ରୁ ଅଧିକ ଆର୍ଦ୍ରତା ଅନୁପାତରେ ହ୍ରାସ କରି MSP ପ୍ରଦାନ କରାଯିବ।

ତେଣୁ, ନିଗମ ସମସ୍ତ କପା ଚାଷୀଙ୍କୁ ଅତ୍ୟଧିକ ଆର୍ଦ୍ରତା ଯୋଗୁଁ କୌଣସି କଟନିତୀକୁ ଏଡାଇବା ପାଇଁ କେବଳ ଶୁଖିବା ପରେ ସେମାନଙ୍କର କପା କେନ୍ଦ୍ରକୁ ଆଣିବାକୁ ଅନୁରୋଧ କରୁଛି। ତଥାପି, କୌଣସି ପରିସ୍ଥିତିରେ କପାରେ ଆର୍ଦ୍ରତା ୧୨% ଅତିକ୍ରମ କରିବା ଉଚିତ୍ ନୁହେଁ।

ଯଦି କୌଣସି ପ୍ରକାରର ସହାୟତା ଆବଶ୍ୟକ ହୁଏ, ତେବେ ଚାଷୀମାନେ ନିଗମର ରାୟଗଡ଼ା ଶାଖା କାର୍ଯ୍ୟାଳୟ ସହିତ ହ୍ୱାଟସଆପ୍ ହେଲ୍ପଲାଇନ୍ ନମ୍ବର ୬୩୭୦୦୧୧୯୨୦ରେ ଯୋଗାଯୋଗ କରିପାରିବେ।

ସ୍ୱା/-ଶାଖା ପ୍ରମୁଖ


# ବିଦ୍ୟାଳୟରେ ତାଲା ପକାଇଲେ ମହିଳା

## ସ୍ୱୟଂ ସହାୟିକା ଗୋଷ୍ଠୀଙ୍କୁ ମିଳୁନାହିଁ ମଧ୍ୟାହ୍ନଭୋଜନ ଅର୍ଥ

ଉଦଳା,୧।୧୨(ସନ୍ତୋଷ କୁମାର ବାଛିନୀ)

ବିଦ୍ୟାଳୟର ଛାତ୍ରୀଛାତ୍ରମାନଙ୍କୁ ସ୍ୱୟଂ ସହାୟିକା ଗୋଷ୍ଠୀ ଯୋଗାଉଥିଲେ ମଧ୍ୟାହ୍ନଭୋଜନ। ହେଲେ ଦୀର୍ଘ ୬ ମାସ ହେବ ମିଳିପାରିନାହିଁ ବକେୟା ଅର୍ଥ। ଏହାକୁ ନେଇ ଅସନ୍ତୁଷ୍ଟ ମହିଳାମାନେ ସୋମବାର ପୂର୍ବାହ୍ନ ୧୦ଟା ସମୟରେ ବିଦ୍ୟାଳୟ ଗେଟ୍‌ରେ ତାଲା ପକାଇ ପ୍ରତିବାଦ ଜଣାଇଛନ୍ତି। ମୟୂରଭଞ୍ଜ ଜିଲା ଉଦଳା ବ୍ଲକ୍ ଅଧୀନ ବହୁବନ୍ଧ ଆଶ୍ରମ ବିଦ୍ୟାଳୟରେ ଏଭଳି ଘଟଣା ଘଟିଛି।

ଏହି ବିଦ୍ୟାଳୟରେ ୨୭୨ ଛାତ୍ରୀଛାତ୍ର ପାଠ ପଢୁଥିବା ବେଳେ ସ୍ଥାନୀୟ ମା' ଦୁର୍ଗା ସ୍ୱୟଂ ସହାୟିକା ଗୋଷ୍ଠୀ ଛାତ୍ରୀଛାତ୍ରମାନଙ୍କୁ ମଧ୍ୟାହ୍ନଭୋଜନ ଯୋଗାଇ ଆସୁଛନ୍ତି। ହେଲେ ଗତ ୬ ମାସ ହେବ ସେମାନଙ୍କୁ ମଧ୍ୟାହ୍ନଭୋଜନ ଟଙ୍କା ମିଳିପାରିନାହିଁ । ଯାହା ଫଳରେ ସ୍ୱୟଂ ସହାୟିକା ଗୋଷ୍ଠୀ ମହିଳାମାନେ ଋଣ ଆଣି ମଧ୍ୟ ମଧ୍ୟାହ୍ନଭୋଜନ ପ୍ରସ୍ତୁତ କରି ଦେଇଆସୁଛନ୍ତି। ବାରମ୍ବାର ବକେୟା ଅର୍ଥ ପାଇଁ ପ୍ରଧାନ ଶିକ୍ଷକଙ୍କଠାରୁ ଆରମ୍ଭ କରି ଉପରିସ୍ଥ ଅଧିକାରୀଙ୍କୁ ଅବଗତ କରିଥିଲେ ସୁଦ୍ଧା କୌଣସି ସୁଫଳ ମିଳିପାରିନାହିଁ। ଏହି ବିଦ୍ୟାଳୟରେ ପୂର୍ବରୁ ଥିବା ପ୍ରଧାନ ଶିକ୍ଷୟିତ୍ରୀ ପ୍ରତିଭା ମଞ୍ଜରୀ ପଣ୍ଡାଙ୍କର ବଦଳି ପରେ ରଞ୍ଜନ ନାୟକ ନୂତନ ପ୍ରଧାନ ଶିକ୍ଷକ ଭାବେ ଦାୟିତ୍ୱ ନେଇଛନ୍ତି। କିନ୍ତୁ ପୂର୍ବତନ ପ୍ରଧାନ ଶିକ୍ଷୟିତ୍ରୀ ନିଜ ଦାୟିତ୍ୱ ହସ୍ତାନ୍ତର କରୁନାହାନ୍ତି, ପାସ୍ ବୁକ୍, ଚେକ୍ ବୁକ୍ ଆଦି କୌଣସି ଦସ୍ତାବିଜ ନୂତନ ପ୍ରଧାନ ଶିକ୍ଷକଙ୍କୁ ପ୍ରଦାନ କରୁନାହାନ୍ତି ; ଯେଉଁଥି ପାଇଁ ସ୍ୱୟଂ ସହାୟିକା ଗୋଷ୍ଠୀ ମଧ୍ୟାହ୍ନଭୋଜନ ଅର୍ଥ ପାଇପାରୁନାହାନ୍ତି। ବାରମ୍ବାର ଅର୍ଥ ପାଇଁ ସମସ୍ତ ଅଧିକାରୀଙ୍କୁ ଅବଗତ କରାଇଥିଲେ ମଧ୍ୟ କେହି ନ ଶୁଣିବାରୁ ବିଦ୍ୟାଳୟରେ ତାଲା ପକାଯାଇଥିବା କହିଛନ୍ତି ସ୍ୱୟଂ ସହାୟିକା ଗୋଷ୍ଠୀର ସଭାପତି ସିପ୍ରା ପରିଡ଼ା, ସମ୍ପାଦିକା ସ୍ନେହଲତା ପାଲ।

ତେବେ ଦୀର୍ଘ ସମୟ ଧରି ତାଲା ପଡ଼ିବା ଫଳରେ ବିଦ୍ୟାଳୟ ବାହାରେ ଶିକ୍ଷକ ଏବଂ ଛାତ୍ରୀଛାତ୍ରମାନେ ଛିଡ଼ାହୋଇ ରହିଥିଲେ। ଖବରପାଇ ଉଦଳା ବିଇଓ ଦୀପକ କୁମାର ମିଶ୍ର, ଏବିଇଓ ମିନତୀ ମଞ୍ଜରୀ ପଣ୍ଡାଙ୍କ ସମେତ ସିଆର୍‌ସିସି ବୈଶାଖୀ ସାହୁ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଥିଲେ। ୨ ଦିନ ମଧ୍ୟରେ ବକେୟା ପ୍ରାପ୍ୟ ପ୍ରଦାନ କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। ଯଦି ୨ ଦିନ ମଧ୍ୟରେ ଦାବି ପୂରଣ ନ ହୁଏ ତେବେ ପୁନଶ୍ଚ ଆନ୍ଦୋଳନ ବ୍ୟାପକ ରୂପ ନେବ ବୋଲି ସ୍ୱୟଂ ସହାୟିକା ଗୋଷ୍ଠୀ ସଦସ୍ୟା ନିର୍ମଳା ବେହେରା, ଶାନ୍ତିଲତା ପରିଡ଼ା, ଜୟନ୍ତୀ ପରିଡ଼ା, ପାର୍ବତୀ ଦେହୁରୀ, ମନୀଷା ରାଉତ, ଜୟନ୍ତୀ ପରିଡ଼ା ପ୍ରମୁଖ ଚେତାବନୀ ଦେଇଛନ୍ତି।



ମହିଳାମାନେ ବିଦ୍ୟାଳୟ ଗେଟ୍‌ରେ ତାଲା ପକାଇଥିବାରୁ ଶିକ୍ଷୟିତ୍ରୀ ଓ ଛାତ୍ରୀଛାତ୍ରମାନେ ବାହାରେ ଛିଡ଼ା ହୋଇଛନ୍ତି।


**EXECUTIVE ENGINEER, MINOR IRRIGATION DIVISION, BOKARO.**

e-Procurement Portal
(Two Envelope system)

E-Tender Reference No. WRD/MID/BOKARO/B.D/ M.M.S.L.I-02-/2025-26 Date : 29.11.2025

1. Date of Publication of Tender on website :- 15.12.2025 at 2.00 PM
2. Last date/Time for receipt of bids online bids :- e-Procurement Portal (Jharkhandtenders. gov.in)

Fee, Security and other documents :- 27.12.2025 up to 2.00 PM

3. Date of Opening of Tender on website :- 29.12.2025 at 3:00 PM
4. Name & address of office Inviting tender :- Executive Engineer, Minor Irrigation Division, Bokaro, Camp – II, Qr. No- D/1, B. S. City, Bokaro, Jharkhand, Pin no- 827001
5. (a) Contact no of e-Procurement officer :- 9773661712
(b) E-mail of e-Procurement officer :- eemidbok-cemr-jhr@nic.in
6. Helpline number of e-Procurement cell :- 9431510092

| Gr. No. | Name of the work | Estimated Cost (Rs.) | EMD | Cost of BOQ | Time of Completion |
|---|---|---|---|---|---|
| 1 | Construction of Mukhya mantri Solar L.I Scheme in vill- Ghagri, under Block-Chandankiyari, Bokaro. | 1,28,32,300.00 | 1,28,400.00 | 10,000.00 | 11 months |
| 2 | Construction of Mukhya mantri Solar L.I Scheme in vill- Madhukarpur, under Block-Kasmar, Bokaro. | 1,32,88,900.00 | 1,32,900.00 | 10,000.00 | 11 months |

Note :- (1) Only e-Tenders will be accepted.
(2) Published Estimated Cost may Increase or Decrease.
(3) Work will be awarded to those bidders (specially MNRE approved channel partners/MNRE approved manufacturers/ MNRE approved PV system integrators/ A registered manufacturers/Company/ Firm/ Corporation in India (including MSME of Jharkhand) of at least one of the major sub system namely pumps or PV System electronics (confirming to National/International Standards)/ any other agencies having experience of installation and commissioning of such solar powered irrigation schemes). Empanelled Indigenous Manufacturers of 10 HP pumps (AC Surface Motor Pumps) in the department with all accessories for off-grid standalone SPV water pumping systems can also take part in the bid for executing the whole work of the bid. However those bidders who have not yet registered in Water Resources Department can also submit their bid provided they will have to get themselves registered in Water Resources Department within two months from the date of allotment of work.

Further details can be seen on website http://jharkhandtenders.gov.in

Executive Engineer,
Minor Irrigation Division, Bokaro

PR.NO.367452 Minor Irrigation(25-26):D

## ପୋତାଗଲା ତିମି ମୃତଦେହ: ମାସକ ପରେ ମ୍ୟୁଜିୟମ୍ ନିଆଯିବ କଙ୍କାଳ

ବାସୁଦେବପୁର,୧।୧୨(ନାରାୟଣ ପ୍ରସାଦ ବାରିକ୍): ବାସୁଦେବପୁର ବ୍ଲକ କଷିଆ ସାମୁଦ୍ରିକ ମୁହାଣ ନିକଟରୁ ଶନିବାର ଠାବ କରାଯାଇଥିବା ପିଗିମ କିଲର ତିମି ମାଛର ମୃତଦେହ ସୋମବାର ବାଲିନଗର ଗ୍ରାମ ନିକଟସ୍ଥ ଚାରା ଉତ୍ପାଦନ କେନ୍ଦ୍ର ପରିସରରେ ବନ ବିଭାଗ ପକ୍ଷରୁ ପୋତି ଦିଆଯାଇଛି। କେନ୍ଦ୍ରାପଡ଼ା ଜିଲା ରାଜନଗର ଡିଭିଜନର ବିଶେଷଜ୍ଞ ଯଶୋବନ୍ତ ସୋମବାର ବାସୁଦେବପୁର ବନ ବିଭାଗ କାର୍ଯ୍ୟାଳୟ ପରିସରରେ ମୃତ ତିମିର କିଛି ଅତ୍ୟାବଶ୍ୟକ ସାମ୍ପୁଲ ସଂଗ୍ରହ କରିଥିଲେ। ତିମିର ବୟସ ପ୍ରାୟ ୧୫ ବର୍ଷ ହେବ ବୋଲି ଆକଳନ କରାଯାଇଥିବା ବେଳେ ଏହା ଏକ ମାଈ ପିଗିମ କିଲର ତିମି ବୋଲି ରେଞ୍ଜର ଅତୁଲ୍ୟ ମହାନ୍ତି କହିଛନ୍ତି। ଲୁଣ ଓ କେମିକାଲ ଦିଆଯାଇ ତିମି ମୃତଦେହ ପୋତି ଦିଆଯାଇଛି। ମାସକ ପରେ ଅଂଶବିଶେଷ ମାଟିରେ ମିଶିବା ପରେ ବିଶାଳକାୟ କଙ୍କାଳ(ସ୍କେଲିଟନ୍)କୁ ମାଟି ତଳୁ ଖୋଳାଯାଇ ରାଜନଗରସ୍ଥିତ ମ୍ୟୁଜିୟମ୍‌ରେ ପ୍ରଦର୍ଶନ ପାଇଁ ସୁରକ୍ଷିତ ଭାବେ ରଖାଯିବ ବୋଲି ବନ ବିଭାଗ ସୂଚନା ଦେଇଛି।

# ୨୨ବର୍ଷରେ ଏଡ୍ସରେ ଗଲାଣି ୩୦୧ ଜୀବନ


ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ସଚେତନତା ଶୋଭାଯାତ୍ରା ଶୁଭାରମ୍ଭ କରାଯାଉଛି।

**ବିଶ୍ୱ ଏଡ୍ସ ଦିବସ**
**ଜିଲାରେ ୧୨୭୩ ଆକ୍ରାନ୍ତ**

ଭଦ୍ରକ,୧।୧୨(ସନାତନ ରାଉତ)

୨୦୦୩ରୁ ୨୦୨୫ ଅକ୍ଟୋବର ସୁଦ୍ଧା ୨୨ ବର୍ଷ ମଧ୍ୟରେ ଭଦ୍ରକ ଜିଲାରେ ଏଡ୍ସରେ ୩୦୧ଜଣଙ୍କ ଜୀବନ ଯାଇଥିବା ବେଳେ ୧୨୭୩ ଜଣ ଆକ୍ରାନ୍ତ ହୋଇଛନ୍ତି। ସୋମବାର ବିଶ୍ୱ ଏଡ୍ସ ଦିବସ ପାଳନ ଅବସରରେ ଜିଲାପାଳ ଦିଲୀପ ରାଉତରାଏ ଏହି ସୂଚନା ଦେଇଛନ୍ତି।

ଓଡ଼ିଶା ଏଡ୍ସ ନିୟନ୍ତ୍ରଣ ସମିତି, ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଭଦ୍ରକ ଜିଲା ସ୍ୱାସ୍ଥ୍ୟ ସମିତି, ମିଶନ ପବ୍ଲିକ୍ ସ୍କୁଲ ଏବଂ ଜିଲା ପ୍ରଶାସନର ମିଳିତ ଉଦ୍ୟମରେ ଜିଲା ସଂସ୍କୃତି ଭବନରେ ବିଶ୍ୱ ଏଡ୍ସ ଦିବସ ପାଳନ କରାଯାଇଛି। ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରୁ ବାହାରିଥିବା ଏଡ୍ସ ସଚେତନତା ଶୋଭାଯାତ୍ରାକୁ ଜିଲାପାଳ ରାଉତରାଏ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଜିଲାପାଳଙ୍କ ସମେତ ଅତିରିକ୍ତ ଜିଲାପାଳ ରବିନାରାୟଣ ସାହୁ, ଡେପୁଟି କଲେକ୍ଟର କାର୍ତ୍ତିକ ନାଥ ମଣ୍ଡଳ, ଅତିରିକ୍ତ ଏସ୍‌ପି ଅଂଶୁମାନ ଦ୍ୱିବେଦୀ ଏବଂ ସିଡିଏମ୍‌ଓ ଡା. ସୁଧୀର ରଞ୍ଜନ ନାୟକ ଶୋଭାଯାତ୍ରାରେ ସାମିଲ ଥିଲେ। ସ୍ୱାସ୍ଥ୍ୟକର୍ମୀ ଓ ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ର ଏଡ୍ସ ସଚେତନତା ପ୍ଲାକାର୍ଡ ଧରି ସହର ପରିକ୍ରମା କରିଥିଲେ। ସଂସ୍କୃତି ଭବନରେ ଆୟୋଜିତ ସଭାରେ ଏଡ୍ସ ସଂକ୍ରମଣ ରୋକିବା ଏବଂ ସଂକ୍ରମିତ ବ୍ୟକ୍ତିଙ୍କ ସେବାକୁ ସୁଦୃଢ଼ କରିବା ପାଇଁ ଜିଲାପାଳ ଗୁରୁତ୍ୱ ଦେଇଥିଲେ। ଆଚରଣ, ଚିନ୍ତାଧାରା ଓ ବ୍ୟବହାରରେ ପରିବର୍ତ୍ତନ ଆଣିପାରିଲେ ଏହି ମାରାତ୍ମକ ରୋଗକୁ ନିୟନ୍ତ୍ରଣ କରିହେବ ବୋଲି ସେ ଆହ୍ୱାନ ଦେଇଥିଲେ। ୨୦୦୩ରୁ ଅଦ୍ୟାବଧି ଜିଲାରେ ମୋଟ ୭ ଲକ୍ଷ ୧୬ହଜାର ୨୭୬ ଜଣଙ୍କର ରକ୍ତ ନମୁନା ପରୀକ୍ଷା କରାଯାଇଥିବା ସେ ସୂଚନା ଦେଇଥିଲେ।

## ବିଜେଡିରୁ ଇସ୍ତଫା ଦେଲେ ଚାରିଗାଁ ସମିତିସଭ୍ୟ

ଆଗରପଡ଼ା,୧।୧୨(ସୁଶାନ୍ତ ଦାସ)

ବନ୍ତ ବ୍ଲକ ଚାରିଗାଁ ପଞ୍ଚାୟତର ସମିତିସଭ୍ୟ ଧରଣୀଧର କର ସୋମବାର ବିଜେଡିରୁ ଇସ୍ତଫା ଦେଇଛନ୍ତି। ସେ ତାଙ୍କ ଇସ୍ତଫାପତ୍ର ଜିଲା ବିଜେଡି ସଭାପତି ଜଗନ୍ନାଥ ସ୍ୱାଇଁଙ୍କ ନିକଟକୁ ପଠାଇଛନ୍ତି। ତାଙ୍କୁ ଦଳରେ ଅଣଦେଖା କରାଯାଉଥିବା ସହ ପଞ୍ଚାୟତରେ ବିକାଶ କାର୍ଯ୍ୟ ଠିକ୍ ଭାବେ ହେଉ ନ ଥିବା ଦର୍ଶାଇ ସେ ପ୍ରାଥମିକ ଓ ସକ୍ରିୟ ସଭ୍ୟ ପଦରୁ ଇସ୍ତଫା ଦେଇଥିବା ଦର୍ଶାଇଛନ୍ତି। ପ୍ରକାଶଥାଉ କି, ଗତ ଶନିବାର ବନ୍ତ ବ୍ଲକ ଅଧ୍ୟକ୍ଷ ମନୋରଞ୍ଜନ ଘଡ଼େଇ ବିଜେଡି ଛାଡ଼ିଥିବା ବେଳେ ରବିବାର ୫ଜଣ ସମିତିସଭ୍ୟ ଓ ବ୍ଲକ ଛାତ୍ର ସଭାପତି ବିଜେଡିରୁ ଇସ୍ତଫା ଦେଇଥିଲେ।

## ମିଳିତ ଜନଶୁଣାଣି ଶିବିର: ଆସିଲା ୧୭୬ ଅଭିଯୋଗ

ଭଦ୍ରକ,୧।୧୨(ସନାତନ ରାଉତ)

ଭଦ୍ରକ ଜିଲାପାଳଙ୍କ କାର୍ଯ୍ୟାଳୟର ସଦ୍‌ଭାବନା ସଭାଗୃହରେ ସୋମବାର ପୂର୍ବାହ୍ନ ୧୦ଟାରେ ଜିଲାପାଳ ଓ ଏସ୍‌ପିଙ୍କ ମିଳିତ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଦିଲୀପ ରାଉତରାଏ ଯୋଗଦେଇ ମୋଟ ୧୭୬ଟି ଅଭିଯୋଗ ଶୁଣିଥିଲେ। ସେଥିମଧ୍ୟରୁ ୧୪୧ଟି ବ୍ୟକ୍ତିଗତ ଓ ୩୫ଟି ସାମୂହିକ ଅଭିଯୋଗ ଥିଲା। ଚାଷୀ ପଞ୍ଜୀକରଣ, ମଧୁବାବୁ ପେନ୍‌ସନ, ଜବରଦଖଲ ଉଚ୍ଛେଦ, ଉଚ୍ଛେଦ ବ୍ୟବସାୟୀଙ୍କୁ ଥଇଥାନ, ରାଶନ କାର୍ଡ ସମ୍ବନ୍ଧୀୟ, ପ୍ରଧାନମନ୍ତ୍ରୀ ଆବାସ ହିତାଧିକାରୀ ଚୟନରେ ଅନିୟମିତତା ଆଦି ପ୍ରମୁଖ ଅଭିଯୋଗ ରହିଥିଲା। ୩୦ଟି ଅଭିଯୋଗର ତତ୍କାଳ ସମାଧାନ କରାଯାଇଥିଲା। ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୮ଜଣଙ୍କୁ ଓ ରେଡ୍‌କ୍ରସରୁ ୧୦ଜଣଙ୍କୁ ମୋଟ ୧ ଲକ୍ଷ ୩୭ ହଜାର ୫୦୦ ଟଙ୍କା ସହାୟତା ରାଶି ପ୍ରଦାନ କରାଯାଇଛି। ଅତିରିକ୍ତ ଜିଲାପାଳ(ରାଜସ୍ୱ) ରବିନାରାୟଣ ସାହୁ, ଅତିରିକ୍ତ ଜିଲାପାଳ(ସାଧାରଣ) ସରୋଜ ଦତ୍ତ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଶୁଭେନ୍ଦ୍ର ସାମଲ, ଅତିରିକ୍ତ ଏସ୍‌ପି ସମ୍ମିତ କୁମାର ମାଝୀ, ଡେପୁଟି କଲେକ୍ଟର ଜ୍ଞାନ ରଞ୍ଜନ ଦାସ, ଡା. ସଙ୍ଗୀତା ବଳଙ୍କ ସମେତ ବିଭିନ୍ନ ବିଭାଗ ଅଧିକାରୀ ଶିବିରରେ ଯୋଗ ଦେଇଥିଲେ।

## ରେଳଧାରଣାରୁ ଛାତ୍ରଙ୍କ ମୃତଦେହ ଜବତ

**ହତ୍ୟା ଅଭିଯୋଗ ଆଣିଲେ ବାପା**

ଭଦ୍ରକ,୧।୧୨(ସନାତନ ରାଉତ)

ଭଦ୍ରକ ବାଉଦପୁର ରେଳଷ୍ଟେଶନର ଅନତି ଦୂରରୁ ଜଣେ ଛାତ୍ରଙ୍କ ମୃତଦେହ ରବିବାର ଅପରାହ୍ନରେ ଜିଆର୍‌ପି ଜବତ କରିଛି। ମୃତ ଛାତ୍ର ହେଲେ ବାଂଶଡ଼ା ଥାନା ଅଧୀନ ବେଗୁନିଆ ରାଉତରାପୁର ଗ୍ରାମର ମୁକ୍ତିକାନ୍ତ ରାଉତଙ୍କ ପୁଅ ଧନେଶ୍ୱର(୨୧)। ସେ ଭଦ୍ରକରେ ମେସ୍‌ରେ ରହି ପିଜି ଅଧ୍ୟୟନ କରୁଥିଲେ। ସୂଚନା ଅନୁଯାୟୀ, ରବିବାର ଅପରାହ୍ନରେ ଜିଆର୍‌ପି ଏହି ଦୁର୍ଘଟଣା ସମ୍ବନ୍ଧରେ ଫୋନ୍ ମାଧ୍ୟମରେ ଧନେଶ୍ୱରଙ୍କ ଘରକୁ ଅବଗତ କରିଥିଲା। ପରିବାର ଲୋକେ ସନ୍ଧ୍ୟାରେ ପହଞ୍ଚି ମୃତଦେହ ଚିହ୍ନଟ କରିବା ପରେ ବ୍ୟବଚ୍ଛେଦ ପାଇଁ ଭଦ୍ରକ ମୁଖ୍ୟ ଚିକିତ୍ସାଳୟ ଶବ ଗୃହରେ ରଖାଯାଇଥିଲା। ସୋମବାର ମୃତଦେହ ବ୍ୟବଚ୍ଛେଦ କରାଯାଇଥିବା ବେଳେ ତାଙ୍କ ପୁଅକୁ ହତ୍ୟା କରି ରେଳ ଧାରଣାରେ ଫିଙ୍ଗି ଦିଆଯାଇଥିବା ନେଇ ମୁକ୍ତିକାନ୍ତ ଗ୍ରାମାଞ୍ଚଳ ଥାନାରେ ଅଭିଯୋଗ କରିଛନ୍ତି। ସେ ଦର୍ଶାଇଛନ୍ତି ଯେ, ଧନେଶ୍ୱର ଭଲ ପାଠ ପଢ଼ୁଥିଲେ ଏବଂ ଜଣେ ଶାନ୍ତ, ସରଳ ପିଲା। ସେ ଯୁଆଡ଼େ ବି ଯାଆନ୍ତି ତାଙ୍କୁ ଫୋନ୍‌ରେ ଜଣାଇ ଯାଇଥାନ୍ତି। କିନ୍ତୁ କେଉଁ ପରିସ୍ଥିତିରେ ସେ ଟ୍ରେନ୍ ଲାଇନକୁ ଆସିଲେ ଏବଂ ମୃତଦେହ ଯେଉଁଭଳି ଅବସ୍ଥାରେ ପଡ଼ିଥିଲା ତାହା ଦୁର୍ଘଟଣା ନୁହେଁ, ଏକ ହତ୍ୟାକାଣ୍ଡ ବୋଲି ତାଙ୍କର ସନ୍ଦେହ ହେଉଥିବା ମୁକ୍ତିକାନ୍ତ ଅଭିଯୋଗରେ ଉଲ୍ଲେଖ କରିଛନ୍ତି। ଏହାର ତଦନ୍ତ ସହ ଧନେଶ୍ୱରଙ୍କ ଫୋନ୍‌କଲ୍ ଯାଞ୍ଚ କରାଯିବାକୁ ସେ ପୋଲିସକୁ ଅନୁରୋଧ କରିଛନ୍ତି।

## 'ପ୍ରତ୍ନତତ୍ତ୍ୱ ଇତିହାସର ଏକ ଅବିଚ୍ଛେଦ୍ୟ ଅଂଶ'

**ଭଦ୍ରକର ପ୍ରତ୍ନତତ୍ତ୍ୱ ଉପରେ ପ୍ରକାଶିତ ପ୍ରଥମ ପୁସ୍ତକ ଲୋକାର୍ପିତ**


ଅତିଥିମାନେ ପୁସ୍ତକ ଲୋକାର୍ପଣ କରୁଛନ୍ତି।

ଭଦ୍ରକ,୧।୧୨(ସନାତନ ରାଉତ/ରବିନାରାୟଣ ଖିଲାର)

ପ୍ରତ୍ନତତ୍ତ୍ୱ ଇତିହାସର ଏକ ଅବିଚ୍ଛେଦ୍ୟ ଅଂଶ। ଆବାହମାନ କାଳରୁ ସମୟ ସ୍ରୋତରେ ପୁଣ୍ୟଭୂମି ଭଦ୍ରକରେ ହିନ୍ଦୁ, ଜୈନ, ବୌଦ୍ଧ, ଶିଖ୍, ଇସ୍‌ଲାମ୍, ଖ୍ରୀଷ୍ଟିଆନ୍ ଧର୍ମ ଆଦିର ଉତ୍‌ଥାନ ହୋଇଛି ବୋଲି ବିଶିଷ୍ଟ ଗବେଷକ ଡ. ପ୍ରଭାତ କୁମାର ମହାନ୍ତିଙ୍କ ପୁସ୍ତକ 'ଆର୍କୋଇଲୋଜି ଅଫ୍ ଭଦ୍ରକ' ଲୋକାର୍ପଣ ଉତ୍ସବରେ ଅତିଥି ଓ ବିଶିଷ୍ଟ ଗବେଷକମାନେ ମତବ୍ୟକ୍ତ କରିଛନ୍ତି। ରବିବାର ଅପରାହ୍ନରେ ସଂସ୍କୃତି ଭବନ ପରିସରରେ ଭଦ୍ରକ ପୂଜ୍ୟପୂଜା ସଂସଦ ଆନୁକୂଲ୍ୟରେ ଆୟୋଜିତ ଏହି ଉତ୍ସବରେ ଡ. ରାଇମୋହନ ମହାପାତ୍ର ପୌରୋହିତ୍ୟ କରିଥିଲେ। ମୁଖ୍ୟଅତିଥି ଭାବେ ଜିଲାପାଳ ଦିଲୀପ ରାଉତରାଏ ଯୋଗଦେଇ ଭଦ୍ରକର ପ୍ରତ୍ନତତ୍ତ୍ୱ ଉପରେ ପ୍ରକାଶିତ ପ୍ରଥମ ଗବେଷଣାମୂଳକ ନିବନ୍ଧ ଭାବେ ଏହି ପୁସ୍ତକ ଆଗାମୀ ଦିନରେ ଇତିହାସର ପ୍ରଚାର ପ୍ରସାର ଦିଗରେ ସହାୟକ ହେବ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ଡ. ଭାଗବତ ତ୍ରିପାଠୀ ଯୋଗଦେଇ କହିଥିଲେ, ଅତୀତରେ ଚୁଡ଼ାମଣି ବନ୍ଦର, ଧାମରା ବନ୍ଦର, ଚାନ୍ଦବାଲି ବନ୍ଦର ଆଦି ଭଦ୍ରକର ସମୃଦ୍ଧ ନୌବାଣିଜ୍ୟ ଏବଂ ଅର୍ଥନୈତିକ ଅଭିବୃଦ୍ଧିରେ ସହାୟକ ହୋଇଛି। ମନ୍ଦିର, ମସ୍‌ଜିଦ୍, ଗୀର୍ଜା, ଗୁରୁଦ୍ୱାର, ଚର୍ଚ୍ଚ ଆଦିର କୀର୍ତ୍ତିରାଜି ଭଦ୍ରକର ଅନନ୍ୟ ସମନ୍ୱୟର ଗାଥା ବହନ କରେ। ଅନ୍ୟତମ ଅତିଥି ଭାବେ ଅବସରପ୍ରାପ୍ତ ପ୍ରାଧ୍ୟାପକ ଡ. ଅଜୟ କୁମାର ନାୟକ ଓ ପବିତ୍ର ପାଣିଗ୍ରାହୀ ଯୋଗ ଦେଇଥିଲେ। ଅଧ୍ୟାପକ ଉଦୟ ରଞ୍ଜନ ଦାସ ପୁସ୍ତକ ସମ୍ବନ୍ଧରେ ବିସ୍ତୃତ ଆଲୋଚନା କରିଥିଲେ। ଏହି ଅବସରରେ ଗବେଷଣା, ପର୍ଯ୍ୟବେକ୍ଷଣ ଓ ସଂରକ୍ଷଣ କ୍ଷେତ୍ରରେ ବିଶେଷ ଅବଦାନ ପାଇଁ ଡ. ତ୍ରିପାଠୀ, ଡ. ନାୟକ ଓ ବିଶ୍ୱମ୍ଭର ରାଉତଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସଂସଦର ସହସମ୍ପାଦକ ବୈକୁଣ୍ଠ ବିଶ୍ୱାଳ ପ୍ରାକ୍ ସୂଚନା ଦେଇଥିବା ବେଳେ ସମ୍ପାଦକ ରୂପକ ବିହାରୀ ରାୟ ସ୍ୱାଗତ ଭାଷଣ ପ୍ରଦାନ ଓ କବି ବିଜୟ ବହଳୀ ଧନ୍ୟବାଦ ଅର୍ପଣ କରିଥିଲେ।

## କଲେଜରେ ବିଶ୍ୱ ଏଡ୍ସ ଦିବସ ପାଳିତ

ଧାମନଗର,୧।୧୨(ଦେବେନ୍ଦ୍ର ଆଦ୍ଦିଆ)

ଧାମନଗର କଲେଜ ପରିସରରେ ସୋମବାର ଯୁବ ରେଡ୍‌କ୍ରସ ଆନୁକୂଲ୍ୟରେ ବିଶ୍ୱ ଏଡ୍ସ ଦିବସ ପାଳିତ ହୋଇଯାଇଛି। ଅଧ୍ୟକ୍ଷ ଅଜୟ କୁମାର ବେଜଙ୍କ ପୌରୋହିତ୍ୟରେ କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ଇଂଲିଶ ବିଭାଗ ମୁଖ୍ୟ ପ୍ରାଧ୍ୟାପକ ପ୍ରଦୀପ କୁମାର ରାୟ ଯୁକ୍ତ ୨ ଛାତ୍ରୀଛାତ୍ରଙ୍କୁ ଏଡ୍ସ ସମ୍ପର୍କରେ ସଚେତନ କରାଇଥିଲେ। ଯୁବ ରେଡ୍‌କ୍ରସ କାଉନସିଲର ଅଧ୍ୟାପକ ଡ. ଦେବାଶିଷ ମଲ୍ଲିକ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଅଧ୍ୟାପକ ଅଧ୍ୟାପିକା ସ୍ମରଣିକା ପ୍ରଧାନ, ସଜଳ ମହାନ୍ତି, ଡ. ମନୋଜ କର, ସୁଶ୍ରୀ ସଙ୍ଗୀତା ନାୟକ, ଗୀତାଞ୍ଜଳି ଦେବତା, ଡ. ସାଜିଆ ତମକିନ, ଚିନ୍ମୟ ଜେନା ପ୍ରମୁଖ ଯୋଗ ଦେଇଥିଲେ। ଯୁକ୍ତ ୨ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଓଡ଼ିଆ ପ୍ରବନ୍ଧ ଓ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ୧ମ, ୨ୟ ଓ ୩ୟ ସ୍ଥାନ ଅଧିକାର କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଯୁବ ରେଡ୍‌କ୍ରସ ସଦସ୍ୟ ସଞ୍ଜୀବ ଗୋଚ୍ଛାୟତ ଧନ୍ୟବାଦ ଦେଇଥିଲେ।

## ଏଡ୍ସ ସଚେତନତା ଶୋଭାଯାତ୍ରା


ବାସୁଦେବପୁର ବ୍ଲକର କ୍ଷେମପୁର ଗ୍ରାମରେ ସଚେତନତା ଶୋଭାଯାତ୍ରା।

ବାସୁଦେବପୁର/ଭଣ୍ଡାରିପୋଖରୀ, ୧।୧୨(ନାରାୟଣ ପ୍ରସାଦ ବାରିକ୍/ ରାଜେନ୍ଦ୍ର ଶତପଥୀ)

ରାଜ୍ୟ ଏଡ୍ସ ନିୟନ୍ତ୍ରଣ ସମିତି ଆନୁକୂଲ୍ୟରେ ନିଖିଳ ଉତ୍କଳ ହରିଜନ ଆଦିବାସୀ ସେବା ସଂଘ ପକ୍ଷରୁ ସୋମବାର ବାସୁଦେବପୁର ବ୍ଲକ ଲକ୍ଷ୍ମୀଦାସପୁର ପଞ୍ଚାୟତର କ୍ଷେମପୁର ଗ୍ରାମରେ ବିଶ୍ୱ ଏଡ୍ସ ଦିବସ ପାଳନ କରାଯାଇଛି। ସରପଞ୍ଚ ଜାନକୀ ବାରିକ ଶୋଭାଯାତ୍ରାର ଶୁଭାରମ୍ଭ କରିଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ପ୍ରକଳ୍ପ ଅଧିକାରୀ ମନୋଜ ବାରିକ୍, ନୂହାସର କର୍ମକର୍ତ୍ତା ବଳରାମ ପାତ୍ର, ନମିତା ବଳ, ସର୍ବେଶ୍ୱର ମହାନ୍ତି, ଲକ୍ଷ୍ମୀ ବେହେରା, ସୁପ୍ରଭା ବେହେରା, ଶଙ୍କରଲାଲ ଜେନା ପ୍ରମୁଖ ଯୋଗ ଦେଇଥିଲେ।

ସେହିପରି ଭଣ୍ଡାରିପୋଖରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଅଧ୍ୟକ୍ଷ ଭରତ ଚନ୍ଦ୍ର କରଣଙ୍କ ସଭାପତିତ୍ୱରେ ଏହି ଦିବସ ପାଳନ କରାଯାଇଥିଲା। ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୟୁଥ୍ ରେଡ୍‌କ୍ରସ ଆନୁକୂଲ୍ୟରେ ସଚେତନତା ଶୋଭାଯାତ୍ରା ସ୍ଥାନୀୟ ବଜାର, ମେଡିକାଲ ଆଦି ପରିକ୍ରମା କରିଥିଲା। ଡ. ଅରୁଣ କୁମାର ନାୟକ ମୁଖ୍ୟଅତିଥି, ମେଡିକାଲ ଆଇସିଟିସି ସୁପରଭାଇଜର ଭାନୁମତୀ ପ୍ରଧାନ, ଅଧ୍ୟାପକ ଅନନ୍ତ କିଶୋର ମହାପାତ୍ର, ମମିତାରାଣୀ ନାୟକ ଓ ମଦନ ମୋହନ ପଣ୍ଡା ଅନ୍ୟତମ ଅତିଥି ଭାବେ ଯୋଗ ଦେଇଥିଲେ। ଯୁବ ରେଡ୍‌କ୍ରସ ସଂଯୋଜକ ଅଧ୍ୟାପକ ହରିହର ସାହୁ ଉଦ୍ଦେଶ୍ୟ ଜ୍ଞାପନ ଓ ଅଧ୍ୟାପିକା ଶ୍ରାବଣୀ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

## କାର୍‌ରେ ଗୋରୁ ଚାଲାଣ, ୨ ଗିରଫ

ଆଗରପଡ଼ା,୧।୧୨(ସୁଶାନ୍ତ ଦାଶ)

ଏକ କାର୍‌ରେ ଅତି ନୃଶଂସ ଭାବେ ୫ ଗୋରୁଙ୍କୁ ବୋଝେଇ କରି ନିଆଯାଉଥିବା ବେଳେ ଆଗରପଡ଼ା ଥାନା ପୋଲିସ କାର୍ ଜବତ କରିବା ସହ ୨ଜଣଙ୍କୁ ଗିରଫ କରିଛି। ସୂଚନା ଅନୁଯାୟୀ, ସୋମବାର ଭୋର ସମୟରେ ଇଣ୍ଡିଗୋ ସିଏସ୍ କାର୍ (ଓଆର୍–୦୫–ଏଏନ୍–୦୦୧୮୮) ଦ୍ରୁତଗତିରେ ଆଗରପଡ଼ା ମୁଖ୍ୟରାସ୍ତା ଦେଇ ଯାଉଥିଲା। ବାହାଘର ଭଡ଼ା କରି ଏକ ବୋଲେରୋ ଫେରୁଥିବା ବେଳେ ଉକ୍ତ କାର୍ ଉପରେ ସନ୍ଦେହ ହେବାରୁ ଡ୍ରାଇଭର ପିଛା କରିଥିଲେ। କାର୍ ଡ୍ରାଇଭର ଏହା ଜାଣିପାରି ଆହୁରି ଦ୍ରୁତ ଗତିରେ ଗାଡ଼ି ଚଲାଇବାରୁ ଭାରସାମ୍ୟ ହରାଇ ଆଗରପଡ଼ା ସିଟି ସ୍କୁଲ ଛକ ନିକଟରେ ନୟନଯୋରିକୁ ଓଲଟି ପଡ଼ିଥିଲା। ଡ୍ରାଇଭର ଓ ତାଙ୍କ ସହଯୋଗୀ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ପୁରୁଷଣ୍ଡ ଗାଁ ରାସ୍ତାରେ ୨ଜଣ ଯାଉଥିବା ବେଳେ ଲୋକେ ସେମାନଙ୍କୁ କାବୁ କରିଥିଲେ। କାର୍ ପଛ ସିଟ୍ କଟାଯାଇ ଡିକିରେ ୫ ଗୋରୁଙ୍କୁ ଭର୍ତ୍ତି କରାଯାଇଥିଲା। ଅଗ୍ନିଶମ କର୍ମଚାରୀମାନେ ଗୋରୁଙ୍କୁ ଉଦ୍ଧାର କରିଥିଲେ। ଏନେଇ ପୋଲିସ ଏକ ମାମଲା (ନଂ.୨୨୬/୨୫) ରୁଜୁ କରି ଭଦ୍ରକ ପୁରୁଣାବଜାର ଅଞ୍ଚଳର ସେକ୍ ସୁରଜ(୨୩) ଓ ଅବଦୁଲ ସାହି(୧୯)ଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଏଥିସହ ଇଣ୍ଡିଗୋ କାର୍‌କୁ ଜବତ କରି ଥାନାକୁ ଅଣାଯାଇଥିବା ଥାନାଧିକାରୀ ଦେବରାଜ ଜେନା କହିଛନ୍ତି।

## ୨୪ ଗୋରୁ ଉଦ୍ଧାର, ୨ ଗାଡ଼ି ଜବତ

ତିହିଡ଼ି,୧।୧୨(ସଞ୍ଜିତ ବଳ)

ଭଦ୍ରକ–ଚାନ୍ଦବାଲି ରାଜ୍ୟ ରାଜପଥର ୨ଟି ସ୍ଥାନରୁ ସୋମବାର ସକାଳେ ଗୋରୁ ବୋଝେଇ ୨ଟି ପିକ୍‌ଅପ୍ ଭ୍ୟାନ୍‌କୁ ପୋଲିସ ଜବତ କରିଛି। ମୋଟ ୨୪ ଗୋରୁଙ୍କୁ ଉଦ୍ଧାର କରାଯାଇଛି। ଏନେଇ ତିହିଡ଼ି ଓ ପୀରହାଟ ଥାନାରେ ୨ଟି ମାମଲା ରୁଜୁ ହୋଇଛି। ସୂଚନା ଅନୁଯାୟୀ, ଚାନ୍ଦବାଲିରୁ ୨ଟି ପିକ୍‌ଅପ୍ ଭ୍ୟାନ୍‌ରେ ଗୋରୁ ବୋଝେଇ ହୋଇ ଭଦ୍ରକ ଅଭିମୁଖେ ଯାଉଥିଲା। କୌଣସି ସୂତ୍ରରୁ ଖବର ପାଇ ପୀରହାଟ ପୋଲିସ ପଣ୍ଡାପୋଖରୀ ଛକରେ ଏକ ନମ୍ବର ବିହୀନ ଭ୍ୟାନ୍‌କୁ ଧରିବାକୁ ସକ୍ଷମ ହୋଇଥିଲା। ସେହି ଗାଡ଼ିରୁ ୧୨ ଗୋରୁଙ୍କୁ ପୋଲିସ ଉଦ୍ଧାର କରିଥିବା ବେଳେ ଚାଳକ ଫେରାର ହୋଇଯାଇଛନ୍ତି।

ସେହିପରି ଅନ୍ୟ ଏକ ଗୋରୁ ବୋଝେଇ ଭ୍ୟାନ୍ (ଓଡି ୦୫ବି ୧୪୧୧)କୁ ତିହିଡ଼ି ପୋଲିସ ପିଛା କରୁଥିବା ବେଳେ ଗାଡ଼ିଟି ମିର୍ଜାପୁରର ଏକ ବସ୍ତି ଭିତରକୁ ପଶି ଯାଇଥିଲା। ପୋଲିସ ଉକ୍ତ ଗାଡ଼ିରୁ ୧୨ ଗୋରୁଙ୍କୁ ଉଦ୍ଧାର କରିଥିଲା। ଅନ୍ୟ ଏକ ଗାଈ ମୃତ ବୋଲି ଜଣାପଡ଼ିଥିଲା। ଭ୍ୟାନ୍‌ରେ ଚାଲାଣ ସମୟରେ ପରସ୍ପର ଭିତରେ ଧକ୍କା ହୋଇ ଗାଈର ମୃତ୍ୟୁ ଘଟିଥିବା ଆଇଆଇସି ସତ୍ୟବ୍ରତ ଗ୍ରହାଚାର୍ଯ୍ୟ କହିଛନ୍ତି। ଉଦ୍ଧାର ହୋଇଥିବା ୨୪ ଗୋରୁଙ୍କୁ ବାଲେଶ୍ୱରର ମଇତାପୁରସ୍ଥିତ ଗୋଶାଳାରେ ଛଡ଼ାଯାଇଛି। ପୀରହାଟ ଥାନାରେ ଏକ ମାମଲା (ନଂ.୩୨୫/୨୫) ଏବଂ ତିହିଡ଼ି ଥାନାରେ ଏକ ମାମଲା (ନଂ. ୩୯୩/୨୫) ରୁଜୁ ହୋଇଛି।

**ରାଜ୍ୟସ୍ତରୀୟ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟ**

## ଅନୁଗୋଳ ଟିମ୍ ଚାମ୍ପିୟନ

ଧାମନଗର,୧।୧୨ (ଦେବେନ୍ଦ୍ର ଆଦ୍ଦିଆ)


ଅତିଥିଙ୍କଠାରୁ ଟ୍ରଫି ଗ୍ରହଣ କରୁଛନ୍ତି ଚାମ୍ପିୟନ ଟିମ୍‌ର ଖେଳାଳି।

ଧାମନଗରସ୍ଥିତ ବହୁମୁଖୀ ଇନ୍‌ଡୋର ଷ୍ଟାଡିୟମ୍‌ରେ ମା' ଦୁର୍ଗା ଆସୋସିଏଶନ ଆନୁକୂଲ୍ୟରେ ଆୟୋଜିତ ୭ମ ରାଜ୍ୟସ୍ତରୀୟ ଦିବାରାତ୍ର ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟ–୨୦୨୫ ରବିବାର ବିଳମ୍ବିତ ରାତିରେ ଉଦ୍‌ଯାପିତ ହୋଇଯାଇଛି। ଭଦ୍ରକ, ବାଲେଶ୍ୱର, ଯାଜପୁର, ବାରିପଦା, କେନ୍ଦୁଝର, କଟକ, ଭୁବନେଶ୍ୱର, ପୁରୀ, ଅନୁଗୋଳ, ସୋନପୁର, କୋରାପୁଟ, ବ୍ରହ୍ମପୁର, କେନ୍ଦ୍ରାପଡ଼ା, ସମ୍ବଲପୁରରୁ ଖେଳାଳିମାନେ ଏଥିରେ ଅଂଶଗ୍ରହଣ କରିଥିଲେ। ଅନୁଗୋଳ ଟିମ୍ ଚାମ୍ପିୟନ ହୋଇଛି। ଭୁବନେଶ୍ୱର ଟିମ୍ ରନରଅପ୍ ହୋଇଥିବା ବେଳେ ପୁରୀ ୩ୟ ଏବଂ କଟକ ୪ର୍ଥ ସ୍ଥାନରେ ରହିଥିଲା।

ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ପ୍ରତିନିଧି କୈଳାଶ ମହାପାତ୍ର, ଏମ୍‌ପିଙ୍କ ପ୍ରତିନିଧି ସରୋଜ ମହାପାତ୍ର, ଧାମନଗର ଏସ୍‌ଡିପିଓ ତ୍ରିଲୋଚନ ସେଠୀ, ଆଇନଜୀବୀ ବିଜୟ ରାମ ପ୍ରମୁଖ ଯୋଗଦେଇ ଖେଳାଳିମାନଙ୍କୁ ମେଡାଲ, ଟ୍ରଫି ଏବଂ ପୁରସ୍କାର ରାଶି ପ୍ରଦାନ କରିଥିଲେ। ଆସୋସିଏଶନର ସଭାପତି ସଞ୍ଜୟ କୁମାର ସ୍ୱାଇଁ, ସମ୍ପାଦକ ଅଜିତ ମହାପାତ୍ର, ଚିତ୍ତରଞ୍ଜନ ଜେନା, ବ୍ୟୋମକେଶ ମହାପାତ୍ର, ଶୁଭମ ବସନ୍ତରାୟ, ନୀତିନ ସାହୁ, ହୃଦାନନ୍ଦ ମହାପାତ୍ର, ସ୍ମୃତିରଞ୍ଜନ ବାରିକ, ଲିଲୁପ କୁମାର ସାମଲ, କିଶୋର ନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ମନ୍ମଥ ରାଉତ ଧନ୍ୟବାଦ ଦେଇଥିଲେ। ଓଡ଼ିଶା ବ୍ୟାଡ୍‌ମିଣ୍ଟନ ଆସୋସିଏଶନର ସ୍ୱୀକୃତିପ୍ରାପ୍ତ ରେଫରୀ ବ୍ରହ୍ମପୁରର ନୀଳମଣି ବିଶୋଇ ଓ ସମ୍ବଲପୁରର ହେମାନନ୍ଦ ଥାପ୍ପା ଖେଳ ପରିଚାଳନା କରିଥିଲେ।

## ବିପିଏମ୍‌ଙ୍କ ବଦଳି ପ୍ରତିବାଦରେ କାର୍ଯ୍ୟବନ୍ଦ ଆନ୍ଦୋଳନ

**ଧାରଣାରେ ବସିଲେ ସ୍ୱାସ୍ଥ୍ୟ କର୍ମଚାରୀ, ଆଶାକର୍ମୀ**

ତିହିଡ଼ି,୧।୧୨(ସଞ୍ଜିତ ବଳ)



ତିହିଡ଼ି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ସ୍ୱାସ୍ଥ୍ୟ କର୍ମଚାରୀ ଓ ଆଶାକର୍ମୀମାନେ ଧାରଣା ଦେଇଛନ୍ତି।

ତିହିଡ଼ି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ କାର୍ଯ୍ୟରତ ବ୍ଲକ ପ୍ରକଳ୍ପ ପରିଚାଳକ(ବିପିଏମ୍) ଶାନ୍ତିଲତା ମିଶ୍ରଙ୍କ ବଦଳି ପ୍ରତିବାଦରେ ସ୍ୱାସ୍ଥ୍ୟକର୍ମୀ, ସୁପରଭାଇଜର ଓ ଆଶାକର୍ମୀମାନେ ସୋମବାର ଡାକ୍ତରଖାନା ପରିସରରେ ଧାରଣା ଦେବା ସହ କାର୍ଯ୍ୟବନ୍ଦ ଆନ୍ଦୋଳନ କରିଛନ୍ତି। ବଦଳି ବାତିଲ ନ ହେବା ଯାଏ ସେମାନେ ଆନ୍ଦୋଳନ ଜାରି ରଖିବେ ବୋଲି ଚେତାବନୀ ଦେଇଛନ୍ତି। ସେମାନଙ୍କ ମଧ୍ୟରୁ କେତେଜଣ କର୍ମଚାରୀ ଓ ଆଶାକର୍ମୀ ଜିଲାପାଳଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି।

ସେମାନେ ଅଭିଯୋଗରେ ଦର୍ଶାଇଛନ୍ତି ଯେ, ବିପିଏମ୍ ମିଶ୍ର ସୁଚାରୁରୂପେ ନିଜର ଦାୟିତ୍ୱ ନିର୍ବାହ କରୁଥିବା ବେଳେ ତାଙ୍କୁ ଆକସ୍ମିକ ଭାବେ ବଦଳି କରାଯିବା ଯୁକ୍ତିସଙ୍ଗତ ନୁହେଁ। ତାଙ୍କ ସ୍ଥାନରେ ଯେଉଁ ନୂଆ ବିପିଏମ୍‌ଙ୍କୁ ନିଯୁକ୍ତି ଦିଆଯାଇଛି, ତାଙ୍କ ଘର ତିହିଡ଼ି ଅଞ୍ଚଳରେ ହୋଇଥିବାରୁ ବିଭିନ୍ନ ସମୟରେ ବିଶୃଙ୍ଖଳା ଉପୁଜିବା ସମ୍ଭାବନା ରହିଛି। ନୂଆ ବିପିଏମ୍‌ଙ୍କୁ ଅନ୍ୟତ୍ର ବଦଳି କରାଯାଉ ବୋଲି ଦାବି କରାଯାଇଛି। ତେବେ ନୂଆ ବିପିଏମ୍ ସୋମବାର କାର୍ଯ୍ୟରେ ଯୋଗଦେବାକୁ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସିଥିବା ବେଳେ ଆନ୍ଦୋଳନକାରୀମାନେ ତାଙ୍କୁ ବିରୋଧ କରି ଯୋଗଦେବାକୁ ଦେଇ ନ ଥିଲେ। ଆନ୍ଦୋଳନକାରୀମାନେ ସ୍ୱାସ୍ଥ୍ୟକେନ୍ଦ୍ର ଉପରତାଲାକୁ ଯାଇଥିବା ସିଡ଼ି ପାହାଚକୁ ଅବରୋଧ କରିଥିବାରୁ ଉପରତାଲାରେ ଥିବା କାର୍ଯ୍ୟାଳୟକୁ କୌଣସି ସ୍ୱାସ୍ଥ୍ୟ କର୍ମଚାରୀ ଯାଇ ନ ପାରିବାରୁ କାର୍ଯ୍ୟାଳୟ ବନ୍ଦ ଥିବା ଜଣାପଡ଼ିଛି। ଆଶାକର୍ମୀ ସଂଘ ସଭାପତି ଅନ୍ନପୂର୍ଣ୍ଣା ଦାସ, ସମ୍ପାଦିକା ଶ୍ରଦ୍ଧାଞ୍ଜଳି ନାୟକ, ସବିତା ଦାସ, ଭାରତୀ ପଣ୍ଡା, ଲିଜାଲିନ ପ୍ରଧାନ, ନିରୁପମା ପାଢ଼ୀ, ମମତା ଓଝା, ସେବତୀ ରାଉଳଙ୍କ ସମେତ ସୁକାନ୍ତିଲତା ନାୟକ, କନକକାନ୍ତି ଦାସ, ବିମଳାରାଣୀ ଗୋଛାୟତ, ଅର୍ଚ୍ଚନା ବେହେରା, ଜ୍ୟୋତିପ୍ରଭା ଜେନା, ମନୋଜ ମଞ୍ଜରୀ ମହାନ୍ତି, ସତ୍ୟବ୍ରତ ଗିରି, ଭାନୁପ୍ରତାପ ଓଝା, ଦୀପକ କୁମାର ମଲ୍ଲିକ ପ୍ରମୁଖ ସ୍ୱାସ୍ଥ୍ୟ କର୍ମଚାରୀ ଆନ୍ଦୋଳନରେ ସାମିଲ ହୋଇଛନ୍ତି।

# ଉଦୟପୁରରେ ବିଶ୍ୱ ଶାନ୍ତି ଗୀତାଯଜ୍ଞ

ପାଟଣା,୧।୧୨
(ବୀର କିଶୋର ଦାଶ)

କେନ୍ଦୁଝର ଜିଲା ସାହାରପଡ଼ା ବ୍ଲକ୍ ଅନ୍ତର୍ଗତ ଉଦୟପୁର ଗ୍ରାମର ମା’ ଅନ୍ଧାରୀ ଠାକୁରାଣୀଙ୍କ ମନ୍ଦିର ପରିସରରେ ସୋମବାର ଗୀତା ଜୟନ୍ତୀ ଅବସରରେ ଗୀତାଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଗୀତାର ସମସ୍ତ ଅଧ୍ୟାୟ ପାଠ କରାଯାଇଥିଲା। ଶେଷରେ ବିଶ୍ୱର ମଙ୍ଗଳ ନିମନ୍ତେ ଯଜ୍ଞ କରାଯାଇଥିଲା। କର୍ତ୍ତାଭାବେ ମାନସ ରଞ୍ଜନ ରାଜ ଓ ତାଙ୍କ ସ୍ତ୍ରୀ ଦେବନୀତି ସମ୍ପାଦନ କରିଥିଲେ। ପୂଜକଭାବେ ପ୍ରସନ୍ନ ପତି, ମନୋରଞ୍ଜନ ଭରଦ୍ୱାଜ ପୂଜାକାର୍ଯ୍ୟ ସମ୍ପାଦନ କରିଥିଲେ। ଶତାଧିକ ଶ୍ରଦ୍ଧାଳୁ ପୂର୍ଣ୍ଣାହୂତିରେ ଯୋଗ ଦେଇଥିଲେ।

# ଅସୁରକ୍ଷିତ ବାଉଁଶ ହୋର୍ଡିଂ

## ଦୁର୍ଘଟଣା ଆଶଙ୍କା, ପ୍ରଶାସନ ଚୁପ୍

କେନ୍ଦୁଝର,୧।୧୨(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ସହର ଗାନ୍ଧୀ ଛକ ନିକଟରେ ଦୀର୍ଘ ଦେଢ଼ ବର୍ଷ ହେବ ରାସ୍ତାକଡ଼ରେ ବିପଦପୂର୍ଣ୍ଣ ଅବସ୍ଥାରେ ଏକ ଭଙ୍ଗା ବାଉଁଶ ହୋର୍ଡିଂ ରହିଛି। ଏହାକୁ ପ୍ରଶାସନ ପକ୍ଷରୁ ହଟାଯାଉ ନ ଥିବାରୁ ଯେ କୌଣସି ସମୟରେ ବିପଦ ଆଶଙ୍କା କରାଯାଉଛି। ତୁରନ୍ତ ବାଉଁଶ ହୋର୍ଡିଂ ହଟାଇଦେବାକୁ ସ୍ଥାନୀୟ ଲୋକେ ଦାବି କରୁଛନ୍ତି। ନଚେତ୍ ଦୁର୍ଘଟଣା ଘଟିଲେ ପ୍ରଶାସନ ଦାୟୀ ରହିବ ବୋଲି କହିଛନ୍ତି।

ପ୍ରକାଶ ଯେ, ଦେଢ଼ ବର୍ଷ ପୂର୍ବେ ଉକ୍ତ ସ୍ଥାନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଏକ ବିଶାଳକାୟ ସ୍ୱାଗତ ତୋରଣ ଲଗାଯାଇଥିଲା। କାର୍ଯ୍ୟକ୍ରମ ଶେଷ ପରେ ଠିକା ନେଇଥିବା ସଂସ୍ଥା ଫଟୋ ନେଇ ପାର ହୋଇଗଲା, କିନ୍ତୁ ଫଟୋ ଲାଗିଥିବା ବାଉଁଶଗୁଡ଼ିକ ଅଦ୍ୟାବଧି ଅସୁରକ୍ଷିତ ଅବସ୍ଥାରେ ରହିଛି। ଏହି ବାଉଁଶ ଉପରେ ଯାଇଥିବା ବିଦ୍ୟୁତ୍ ଖୁଣ୍ଟରେ ଲାଗି ରହିଥିବାରୁ ବର୍ଷା ଦିନରେ ବିଦ୍ୟୁତ୍ ଆଘାତ ଭୟ ରହୁଛି। ସେହିପରି ବାଉଁଶଗୁଡ଼ିକ ସିଗ୍‌ନାଲ ଲାଇଟ ପୋଷ୍ଟ ଆଗରେ ଥିବାରୁ ଗାଡ଼ି ଚାଳକ ଦୂରରୁ ଟ୍ରାଫିକ୍ ସିଗ୍‌ନାଲ ଦେଖି ପାରୁନାହାନ୍ତି। ଫଳରେ ଏହାକୁ ନେଇ ଅନେକ ସମୟରେ ଦୁର୍ଘଟଣା ପରିସ୍ଥିତି ଉପୁଜୁଛି। ବାଉଁଶଗୁଡ଼ିକ ଖରା, ବର୍ଷା, କାକରରେ ପଡ଼ି ରହିଥିବାରୁ ନଷ୍ଟ ମଧ୍ୟ ହୋଇଗଲାଣି। ତେଣୁ କୌଣସି ସମୟରେ



ରାସ୍ତାକଡ଼ରେ ଥିବା ବିପଦପୂର୍ଣ୍ଣ ବାଉଁଶ ହୋର୍ଡିଂ।

ଖସି ପଡ଼ିବା ଆଶଙ୍କା ରହିଛି। ଖସି ବଡ଼ ଦୁର୍ଘଟଣା ଘଟିବା ପୂର୍ବରୁ ଉଠାଇନେବକୁ ସ୍ଥାନୀୟ ସାମାଜିକ କର୍ମୀ ଦୀଲିପ କୁମାର ସାହୁ, ଅଶୋକ ଶର୍ମା, ପିଣ୍ଟୁ ଶର୍ମା, ନାଗେଶ୍ୱର ସେଠୀଙ୍କ ସମେତ ବହୁ ସ୍ଥାନୀୟ ଲୋକେ ମତବ୍ୟକ୍ତ କରିଛନ୍ତି। ଏପରିକି ସହରରେ ଫୁଟ୍‌ପାଥ ଉଚ୍ଛେଦ କାର୍ଯ୍ୟ ଚାଲିଥିଲେ ହେଁ ପୌର କର୍ମଚାରୀ ଏହାକୁ ଉଠାଉ ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଉଛି। ସେହିପରି ଡ୍ୟୁଟି କରୁଥିବା ଟ୍ରାଫିକ୍ ପୋଲିସ, ଯିବା ଆସିବା କରୁଥିବା ପ୍ରଶାସନିକ ଅଧିକାରୀ ତଥା ପୌର ଅଧିକାରୀ ଆନ୍ତରିକତା ପ୍ରଦର୍ଶନ କରୁ ନ ଥିବାରୁ ସ୍ଥାନୀୟ ଲୋକେ ଅସନ୍ତୋଷ ବ୍ୟକ୍ତ କରୁଛନ୍ତି।

# ଓଏମ୍‌ସି ଫାଟକ ଆଗରେ ଛାତ୍ରୀଛାତ୍ରଙ୍କ ଧାରଣା



ଫାଟକ ସମ୍ମୁଖରେ ଅଭିଭାବକ ଓ ଛାତ୍ରୀଛାତ୍ର।

## ଛୋଟ ଗାଡ଼ି ଯୋଗାଣକୁ ନେଇ ଅସନ୍ତୋଷ

ବଡ଼ଳା,୧।୧୨(ଦୁର୍ଗା ପ୍ରସାଦ ଆୟଚ)

କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକ୍ ବାଙ୍ଗୋର ଓଏମ୍‌ସି ମାଇନ୍ସ ପକ୍ଷରୁ ସ୍ଥାନୀୟ ଛାତ୍ରୀଛାତ୍ରଙ୍କୁ ସ୍କୁଲ ନେବା ଆଣିବା କରିବାକୁ ପ୍ରଦାନ କରାଯାଇଥିବା ଗାଡ଼ି ପିଲାଙ୍କ ତୁଳନାରେ ଛୋଟ ହୋଇଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି। ବାରମ୍ବାର କର୍ତ୍ତୃପକ୍ଷଙ୍କୁ ଅବଗତ ପରେ ବି ସମସ୍ୟା ସମାଧାନ ହେଉନି। ଫଳରେ ସୋମବାର ସ୍ଥାନୀୟ ୩ ସ୍କୁଲର ଛାତ୍ରୀଛାତ୍ର, ଅଭିଭାବକ ଓଏମ୍‌ସି ମାଇନ୍ସ ଗେଟ୍ ସମ୍ମୁଖରେ ଧାରଣା ଦେଇଛନ୍ତି।

ପ୍ରକାଶ ଯେ, ସ୍ଥାନୀୟ ସୋସୋ ସରସ୍ୱତୀ ଶିଶୁ ମନ୍ଦିର, ନିଉଦାଣି ସରସ୍ୱତୀ ଶିଶୁ ମନ୍ଦିର ଓ ବିଦ୍ୟାଧରପୁର ବିଭିଏନ୍ ଇଂଲିଶ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କୁ ଓଏମ୍‌ସି ପକ୍ଷରୁ ବିଭିନ୍ନ ଗାଁରୁ ନେଇ ବିଦ୍ୟାଳୟରେ ଛାଡ଼ିଥାଏ। ଗତ କିଛି ଦିନ ହେଲା ଏକ ଛୋଟ ଗାଡ଼ି ଛାତ୍ରୀଛାତ୍ରଙ୍କୁ ନେଇ ଯାଉଥିବାରୁ ଗାଡ଼ି ଭିତରେ ପିଲା ଅଣନିଶ୍ୱାସି ହେବା ସହ କଷ୍ଟ ପାଉଛନ୍ତି। ଯାହାକୁ ନେଇ ଅଭିଭାବକ ଓ ବିଦ୍ୟାଳୟର ଶିକ୍ଷୟିତ୍ରୀ, ଶିକ୍ଷକ ଅସନ୍ତୋଷ ପ୍ରକାଶ କରିଥିଲେ। ଏହାକୁ ନେଇ ଓଏମ୍‌ସି କର୍ତ୍ତୃପକ୍ଷଙ୍କୁ ଜଣାଇଥିଲେ ବି ପଦକ୍ଷେପ ନ ନେବାରୁ ୩ ବିଦ୍ୟାଳୟର ଛାତ୍ରୀଛାତ୍ର, ଅଭିଭାବକ ଓ ଶିକ୍ଷୟିତ୍ରୀ, ଶିକ୍ଷକ ସଂଘମିତ୍ରା ସାହୁ, ସଞ୍ଜୟ ପାତ୍ର, ରଞ୍ଜନ ଶତପଥି, ସୁରେଶ ପଣ୍ଡା, ସୁଚସ୍ମିତା ସାହୁ ପ୍ରମୁଖ ଗେଟ୍ ସମ୍ମୁଖରେ ଧାରଣା ଦେଇ ଦାବି ଜଣାଇଥିଲେ। ପରେ କର୍ତ୍ତୃପକ୍ଷ ଘଟଣାସ୍ଥଳରେ ପହଞ୍ଚି ଅଭିଭାବକ, ଶିକ୍ଷୟିତ୍ରୀ, ଶିକ୍ଷକଙ୍କ ସହିତ ଆଲୋଚନା କରି ସମସ୍ୟା ସମାଧାନ ପ୍ରତିଶ୍ରୁତି ଦେବା ପରେ ଧାରଣାରୁ ଓହରିଥିଲେ।

# ବଲାଣିରେ ଗୁଳିଚାଳନା ଘଟଣାରେ ୬ ଗିରଫ

ବଡ଼ବିଲ,୧।୧୨ (ଜୟନ୍ତୀ ରଣା)

କେନ୍ଦୁଝର ଜିଲା ବଲାଣି ଥାନା ଅନ୍ତର୍ଗତ ଷ୍ଟିଲ ଅଥରିଟି ଅଫ୍ ଇଣ୍ଡିଆ(ସେଲ) କମ୍ପାନୀର ନିର୍ମାଣଧୀନ ସ୍ୱେରେଜ ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟ(ଏସ୍‌ଟିପି)ରେ ୨ ଠିକାଦାରଙ୍କ ମଧ୍ୟରେ ବିବାଦରୁ ରବିବାର ଗୁଳିଚାଳନା ହୋଇଥିଲା। ଘଟଣାରେ ପୋଲିସ ମାମଲା (ନଂ. ୧୬୪/୨୦୨୫)ରୁଜୁ କରି ରବିବାର ରାତିରେ ୬ ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତମାନେ ହେଲେ ଛତିଶଗଡ଼ ରାଜ୍ୟ ବିଳାଶପୁର ଜିଲା ସରକନ୍ଦା ଥାନା ରାଜୀବବିହାର ଅଞ୍ଚଳର ଉମେଶ ଦିୱାଙ୍ଗନ, କ୍ରୀଷ୍ଣା ଏନ୍‌କ୍ଲେଭ ଅଞ୍ଚଳର ମୁକେଶ ଦୁବେ, ବିହାର ରାଜ୍ୟ ଗୋପାଳଗ ଜିଲା ମଂଝା ଥାନା ଭଟୱାଲିଆର ଲବ କୁମାର ସିଂହ, ପଶ୍ଚିମବଙ୍ଗ ଆସୋନସଲସ୍ଥିତ ଉଷାଗ୍ରାମ ଅଞ୍ଚଳର ରମେଶ ରାମ ଏବଂ ୨ ବନ୍ଧୁକ ଧାରୀ ସୁରକ୍ଷାକର୍ମୀ ଉତ୍ତର ପ୍ରଦେଶ ଚିତ୍ରକୂଟ ଜିଲା ମାଉ ଥାନା ଅନ୍ତର୍ଗତ ମିଜରା ଚିତ୍ରାବାର ରାମକପୁରବାର ଅଖିଲେଶ ଶୁକ୍ଲା ଓ ମନୋଜ ଶୁକ୍ଲା। ସମସ୍ତଙ୍କୁ ସୋମବାର କୋର୍ଟଚାଲାଣ କରାଯାଇ ଅଧିକ ତଦନ୍ତ ଚାଲିଥିବା ପୋଲିସ କହିଛି।

# ୧୬୯ ଅଭିଯୋଗ ଆଗତ, ୨୯ଟିର ତୁରନ୍ତ ଫଇସଲା




ଜିଲାପାଳ ବିଶାଳ ସିଂହ ଓ ଅନ୍ୟ ଅଧିକାରୀ ଅଭିଯୋଗ ଶୁଣୁଛନ୍ତି।

## ଯୁଗ୍ମ ଅଭିଯୋଗ ଶୁଣାଣି

କେନ୍ଦୁଝର, ୧।୧୨ (ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲା ସଦର ମହକୁମାସ୍ଥ ଦରବାର ହଲଠାରେ ସୋମବାର କେନ୍ଦୁଝର ଜିଲାପାଳ ବିଶାଳ ସିଂହଙ୍କ ନେତୃତ୍ୱରେ ଯୁଗ୍ମ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଶୁଣାଣିରେ ମୋଟ ୧୬୯ ଅଭିଯୋଗ ଆଗତ ହୋଇଥିଲା। ଅଭିଯୋଗ ମଧ୍ୟରୁ ୨୭ଟି ଗୋଷ୍ଠୀ ସମସ୍ୟା, ୧୪୨ଟି ବ୍ୟକ୍ତିଗତ ଉପରେ ପର୍ଯ୍ୟବେସିତ ଥିଲା। ସେଥି ମଧ୍ୟରୁ ୨୯ଟି ଅଭିଯୋଗର ତୁରନ୍ତ ଫଇସଲା କରାଯାଇଥିଲା। ଜିଲା ରେଡ୍‌କ୍ରସ ପାଣ୍ଠିରୁ ସହାୟତା ପାଇଁ ୧୩ ଆବେଦନପତ୍ର ଗ୍ରହଣ ହୋଇଥିଲା। ଶୁଣାଣିରେ ଆରକ୍ଷୀ ଅଧିକ୍ଷକ ନୀତିନ କୁଶଲକର, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ କୁମାର ନାଗଭୂଷଣ, କେନ୍ଦୁଝର ଉପଜିଲାପାଳ ଉମାଶଙ୍କର ଦଳାଇ, ଜିଲା ମୁଖ୍ୟ ଚିକିତ୍ସା ଏବଂ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡା. ବିନୋଦ ବିହାରୀ ମିଶ୍ର, ଡେପୁଟି କଲେକ୍ଟର ଅଭିଲାଷ ପୁରୋହିତ, ସହକାରୀ ଜିଲାପାଳ ସରୋଜ ମଲ୍ଲିକଙ୍କ ସମେତ ଜିଲାସ୍ତରର ବିଭିନ୍ନ ବିଭାଗୀୟ ଅଧିକାରୀ ଯୋଗଦେଇଥିଲେ।

# ଶହୀଦ ସର୍ଦ୍ଦାର ରତନା ନାଏକଙ୍କ ବଳିଦାନ ଦିବସ

କେନ୍ଦୁଝର,୧।୧୨(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲାର ଅନ୍ୟତମ ବିପ୍ଳବୀ ବୀର ଶହୀଦ ସର୍ଦ୍ଦାର ରତନା ନାଏକଙ୍କ ୧୫୭ତମ ଶହୀଦ ଦିବସ ବଂଶପାଳ ବ୍ଲକ୍ ମୁଖ୍ୟାଳୟ ତାଙ୍କ ଜନ୍ମ ଗ୍ରାମ ନିକଟରେ ପାଳିତ ହୋଇଯାଇଛି। ଆୟୋଜିତ ବୈଠକରେ ଓଡ଼ିଶା ମହାସମାଜର କାର୍ଯ୍ୟକାରୀ ସଭାପତି, କେନ୍ଦୁଝର ଜିଲା ସାଂସ୍କୃତିକ ସଂଗଠନ ସଭାପତି ତଥା କର୍ମକର୍ତ୍ତା, ବାଂଶପାଳ ବ୍ଲକ୍ ଅଧ୍ୟକ୍ଷ, ବାଂଶପାଳ ବ୍ଲକ୍ ଅଧୀନସ୍ଥ ସମସ୍ତ ୬ପୀଢ଼ର ସଭାପତି, ସମ୍ପାଦକ, ସର୍ଦାର, ଅନ୍ୟ କାର୍ଯ୍ୟକର୍ତ୍ତା ଓ ସହିଦ ପରିବାରର ପ୍ରମୁଖ ଉତ୍ତରାଧିକାରୀମାନେ ଉପସ୍ଥିତ ଥିଲେ। ଅତିଥିମାନେ ଏ ମାଟିର ସନ୍ତାନ ଶହୀଦ ସର୍ଦ୍ଦାର ରତନା ନାଏକ, ଧରଣୀଧର ନାଏକ, ଜୀବନୀ ଇତିହାସ ଉପରେ ଗୁଣଗାନ ରଖିଥିଲେ। ତାଙ୍କର ଏ ଦେଶ ମାଟି ପ୍ରତି ବଳିଦାନର ମୁଖ୍ୟ ଉଦ୍ଦେଶ୍ୟ, ଲକ୍ଷ୍ୟର କାହାଣୀ, ପ୍ରେରଣା, ଉତ୍ସାହ, ଆକାଂକ୍ଷା ଉପରେ ସମ୍ୟକ ଧାରା ବିବରଣୀ ଉପସ୍ଥାନ କରିଥିଲେ। ସଭାରେ ବହୁ ଲୋକ ସମାଗମ ହୋଇଥିଲା। ବଣେଇଁ ଉପଖଣ୍ଡ ଓ ପାଲହାର ଉପଖଣ୍ଡରୁ ଅନେକ ସମାଜ ପ୍ରେମୀ ଉପସ୍ଥିତ ଥିଲେ। ଆଗାମୀ ଦିନରେ ସମସ୍ତ ପ୍ରାନ୍ତରୁ ଭୂୟାଁ ଅଧିବାସୀ ଆସି ଏକତ୍ରିତ ହୋଇ ସମାଜର ସଂଗଠନ ଦିଗରେ ଅଗ୍ରସର ହେବା ପାଇଁ ପ୍ରେରିତ କରିଥିଲେ।



ଅତିଥିଙ୍କୁ ଫୁଲତୋଡ଼ା ଦେଇ ସ୍ୱାଗତ କରାଯାଉଛି।

# ଗାଳ୍ପିକ ଶରତ ଚନ୍ଦ୍ରଙ୍କୁ ଅଖିଳଚନ୍ଦ୍ର-ଲାବଣ୍ୟବତୀ ସ୍ମୃତି ସମ୍ମାନ




କେନ୍ଦୁଝର,୧।୧୨(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲାର ଯୁବ ଗାଳ୍ପିକ ଶରତ ଚନ୍ଦ୍ର ମହାନ୍ତଙ୍କୁ ‘ମାଟିଫୁଲ’ର ରାଜ୍ୟସ୍ତରୀୟ ବାର୍ଷିକ ସାରସ୍ୱତ ସମାରୋହ-୨୦୨୫ରେ ଶ୍ରେଷ୍ଠ କ୍ଷୁଦ୍ରଗଳ୍ପ ପାଇଁ ଅଖିଳଚନ୍ଦ୍ର-ଲାବଣ୍ୟମଞ୍ଜରୀ ସ୍ମୃତି ପୁରସ୍କାରରେ ସମ୍ବର୍ଦ୍ଧିତ କରାଯାଇଛି। ମୟୂରଭଞ୍ଜ ଜିଲା ନୂଆସାହି କପ୍ତିପଦା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥିଭାବେ ପ୍ରାକ୍ତନ ସେନାଧିକାରୀ, ବିଶିଷ୍ଟ ସାହିତ୍ୟିକ ବିଷ୍ଣୁପଦ ସିଂହଦେଓ, ମୁଖ୍ୟ ବକ୍ତାଭାବେ ଅବସରପ୍ରାପ୍ତ ଅଧ୍ୟକ୍ଷ ରାଜେନ୍ଦ୍ର ସାମଲ, ସମ୍ମାନିତ ଅତିଥିଭାବେ ଭେଷଜ ବିଶେଷଜ୍ଞ ଡା. ଭାଗବତ ବେହେରା, ସାହିତ୍ୟିକ ଓ ଝାଡ଼ଖଣ୍ଡ ଉତ୍କଳ ସମ୍ମିଳନୀ ସଭାପତି ଅଜିତ ରାଉତ, ଶିକ୍ଷାବିତ ଓ ହିମାଂଶୁ ଶେଖର ଦାସ, ସ୍ତମ୍ଭକାର ଭାସ୍କର ବାରିକ, ସାହିତ୍ୟିକ ଶରତ ଚନ୍ଦ୍ର ମହାନ୍ତ ଯୋଗଦେଇ ଶରତ ଚନ୍ଦ୍ରଙ୍କୁ ମାନପତ୍ର ଓ ସାଲ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଶରତ ଚନ୍ଦ୍ର ବର୍ତ୍ତମାନ କେନ୍ଦୁଝର ସଦର ବ୍ଲକ୍ ଜନତା ନୋଡାଲ ଉଚ୍ଚ ବିଦ୍ୟାଳୟରେ ସହକାରୀ ଶିକ୍ଷକ ଭାବେ କାର୍ଯ୍ୟ କରୁଛନ୍ତି।

# ‘ଚାଷୀଙ୍କୁ ହଇରାଣ କଲେ କାର୍ଯ୍ୟାନୁଷ୍ଠାନ’

କେନ୍ଦୁଝର,୧।୧୨(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲାରେ ଚଳିତ ବର୍ଷ ଖରିଫ ଧାନ କିଣା କାରବାର ସ୍ୱଚ୍ଛତା ଓ ଶୃଙ୍ଖଳିତ ଭାବେ କରିବା ପାଇଁ ରାଜ୍ୟ ସରକାର ଏବଂ ଜିଲା ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ହୋଇଛି। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଧାନ ସଂଗ୍ରହ ଅଧିନିୟମ ମାର୍ଗଦର୍ଶିକା ଉଲ୍ଲଂଘନ କରି ଅସାଧୁ ଉପାୟ ଅବଲମ୍ବନ, କଟ୍‌ନୀ ଛଟ୍‌ନୀ ଓ ଚାଷୀଙ୍କୁ ହଇରାଣ କଲେ ଦୃଷ୍ଟାନ୍ତ ମୂଳକ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ରାଜ୍ୟ ଭାଜପା କୃଷକ ମୋର୍ଚ୍ଚା ସଭାପତି ମହେଶ୍ୱର ସାହୁ ଏକ ପ୍ରେସ୍ ବିଜ୍ଞପ୍ତିରେ ପ୍ରକାଶ କରିଛନ୍ତି।

କେନ୍ଦୁଝରରେ ଚଳିତ ବର୍ଷ ଖରିଫ ଧାନ କିଣା ପାଇଁ ୮୨ଟି ସେବା ସମବାୟ ସମିତି ମାଧ୍ୟମରେ ୯୫ଟି ମଣ୍ଡୀ ଖୋଲାଯାଇଛି। ୧୧ଟି ନୂତନ ଧାନମଣ୍ଡି ଖୋଲିବା ପାଇଁ ପ୍ରସ୍ତାବ ଆସିଛି। ଚଳିତ ବର୍ଷ ୭୯ ହଜାର ୧୦୮ ଜଣ ଚାଷୀ ଧାନ ବିକ୍ରି କରିବା ପାଇଁ ନାମ ପଞ୍ଜୀକରଣ କରିଛନ୍ତି। ଗତ ବର୍ଷ ଅପେକ୍ଷା ଚଳିତ ବର୍ଷ ୨୦ ହଜାର ଅଧିକ ଚାଷୀ ଧାନ ବିକ୍ରି ପାଇଁ ପଞ୍ଜୀକରଣ କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ କୃଷକ କଲ୍ୟାଣକାରୀ ଯୋଜନା, ପ୍ରୋତ୍ସାହନ ଫଳରେ ଚାଷ ପ୍ରତି ଜିଲାରେ ଶିକ୍ଷିତ ବେକାର ଯୁବକଙ୍କ ଆଗ୍ରହ ବଢ଼ିବା ଶୁଭ ଲକ୍ଷଣ ବୋଲି ମହେଶ୍ୱର କହିଛନ୍ତି। ଧାନ କିଣାରେ ଯେଉଁ ମିଲ୍‌ର, ପ୍ରଶାସନିକ ଅଧିକାରୀ ଅସାଧୁ ଉପାୟ ଅବଲମ୍ବନ କରିବେ ସେମାନଙ୍କ ବିରୋଧରେ କଠୋର ଦଣ୍ଡ ବିଧାନ କରାଯିବ। ମିଲର କୌଣସି ବାହ୍ୟ ଚାପରେ ନ ରହି ଧାନ କିଣନ୍ତୁ ବୋଲି ସେ କହିଛନ୍ତି।

# ସଚେତନ ଦ୍ୱାରା ବିଶ୍ୱ ଏଡ୍‌ସ ମୁକ୍ତ ହେବ

ବଞ୍ଚୋ,୧।୧୨
(ପ୍ରଦୋଷ କୁମାର ବିଶ୍ୱାଳ)

କେନ୍ଦୁଝର ଜିଲା ଆନନ୍ଦପୁର ମହାବିଦ୍ୟାଳୟର ନୂତନ ସମ୍ମିଳନୀ କକ୍ଷରେ ସୋମବାର ବିଶ୍ୱ ଏଡ୍‌ସ ଦିବସ ପାଳିତ ହୋଇଯାଇଛି। କଲେଜର ଅଧ୍ୟକ୍ଷ ଡ଼. ନାରାୟଣ ମିଶ୍ରଙ୍କ ଅଧ୍ୟକ୍ଷତା, ଅଧ୍ୟାପକ ରଘୁଦୀପ୍ତ ନାୟକଙ୍କ ସଂଯୋଜନାରେ ମୁଖ୍ୟ ବକ୍ତାଭାବେ ଆନନ୍ଦପୁର ଉପଖଣ୍ଡର ଶିଶୁରୋଗ ବିଶେଷଜ୍ଞ କୃଷ୍ଣଚନ୍ଦ୍ର ଦାସ, ବକ୍ତାଭାବେ ଡ. ଦିବ୍ୟଲୋଚନ ଭୂୟାଁ ଯୋଗଦେଇ ସଚେତନ ଦ୍ୱାରା ହିଁ ବିଶ୍ୱ ଏଡ୍‌ସ ମୁକ୍ତ ହେବ ବୋଲି ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥିଭାବେ ପ୍ରଧାପକ ଶିବ ଚରଣ ବେହେରା, ମାୟାଧର ନାୟକ ପ୍ରମୁଖ ଯୋଗଦେଇଥିଲେ। ଯୁବ ରେଡ୍‌କ୍ରସର ବରିଷ୍ଠ ଉପଦେଷ୍ଟା ପ୍ରଫୁଲ୍ଲ ପଣ୍ଡା ପରିଚାଳନା କରିଥିଲେ। ଏନ୍‌ସିସି, ଏନ୍‌ଏସ୍‌ଏସ୍, ସ୍କାଉଟ୍ ଆଣ୍ଡ ଗାଇଡ୍, ଯୁବ ରେଡ୍‌କ୍ରସର ସ୍ୱେଚ୍ଛାସେବୀ କଲେଜ ପ୍ରାଙ୍ଗଣରୁ ଏକ ସଚେତନତା ଶୋଭାଯାତ୍ରରେ ଆନନ୍ଦପୁର ବ୍ରିଜ ଛକ ପର୍ଯ୍ୟନ୍ତ ଯାଇଥିଲେ।




ହାଟଡ଼ିହୀ ଆଞ୍ଚଳିକ ମହାବିଦ୍ୟାଳୟ ଛାତ୍ରୀଛାତ୍ର ଶୋଭାଯାତ୍ରାରେ ଯାଉଛନ୍ତି।




ଯୋଡ଼ା ମହିଳା ମହାବିଦ୍ୟାଳୟରେ ଅନୁଷ୍ଠିତ ପ୍ରତିଯୋଗିତାରେ ପୁରସ୍କୃତ କୃତୀ ଛାତ୍ରୀମାନେ।

### ଆଞ୍ଚଳିକ ମହାବିଦ୍ୟାଳୟ

ବଡ଼ଳା/ଛେନାପଦି,(ଦୁର୍ଗା ପ୍ରସାଦ ଆୟଚ/ ନିରାକାର ପରିଡ଼ା): କେନ୍ଦୁଝର ଜିଲା ହାଟଡ଼ିହୀ ଆଞ୍ଚଳିକ ମହାବିଦ୍ୟାଳୟ ପକ୍ଷରୁ ବିଶ୍ୱ ଏଡ୍‌ସ ଦିବସ ୨୦୨୫ ପାଳିତ ହୋଇଯାଇଛି। ବିଦ୍ୟାଳୟର ଅଧ୍ୟକ୍ଷ ଚିତ ରଞ୍ଜନ ରାଉତଙ୍କ ଅଧ୍ୟକ୍ଷତାରେ ଏନ୍‌ଏସ୍‌ଏସ୍‌ର ପ୍ରୋଜେକ୍ଟର ଅଫିସର ଅଜୟ ଦାସ, ୱାଇଆରସି ବିଶ୍ୱ ରଞ୍ଜନ ଜେନାଙ୍କ ନେତୃତ୍ୱରେ କଲେଜ ଛକରୁ ତହସିଲ ଛକ ପର୍ଯ୍ୟନ୍ତ ଶୋଭାଯାତ୍ରା କରାଯାଇ ସଚେତନତା କରାଯାଇଥିଲା।

### ଟାଟା ଷ୍ଟିଲ୍ ଯୋଡ଼ା

ଯୋଡ଼ା,(ମାନସ ମହାନ୍ତି): ଟାଟା ଷ୍ଟିଲ ଯୋଡ଼ାରେ ସୋମବାର ବିଶ୍ୱ ଏଡ୍‌ସ ଦିବସ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମଗୁଡ଼ିକ ଯୋଡ଼ା ଟାଟା ମେନ୍ ହସ୍ପିଟାଲ, ଖଣ୍ଡବନ୍ଧ ଲୌହ ଖଣି, ଯୋଡ଼ା ଇଷ୍ଟ ଲୌହ ଖଣି, ବିଚାକୁଣ୍ଡି, ବାମେବାରି ଲୌହ ଖଣି ଏବଂ ନିକଟସ୍ଥ ବିଲେଇପଦା ସ୍ୱଞ୍ଚ କାରଖାନାଠାରେ ଅଭିଜ୍ଞ ଡାକ୍ତରଙ୍କ ଦାରା ଆୟୋଜିତ ହୋଇଥିଲା। ଏଥିରେ ପ୍ରାୟ ୩୦୦ରୁ ଊର୍ଦ୍ଧ୍ୱ କର୍ମଚାରୀ, ଅଧିକାରୀ ଉପସ୍ଥିତ ଥିଲେ। ଟାଟା ମେନ୍ ହସ୍ପିଟାଲର ମୁଖ୍ୟ ଚିକିତ୍ସା ଅଧିକାରୀ ଡ. ତାପସ ଷଡ଼ଙ୍ଗୀଙ୍କ ତତ୍ତ୍ୱାବଧାନରେ ଏଡ୍‌ସ ସମ୍ପର୍କରେ ଉପସ୍ଥିତ କର୍ମଚାରୀ ଏବଂ ଅଫିସରଙ୍କୁ ବୁଝାଯାଇଥିଲା।

### ଯୋଡ଼ା ମହିଳା ମହାବିଦ୍ୟାଳୟ

ଯୋଡ଼ା,(ମାନସ ମହାନ୍ତି): କେନ୍ଦୁଝର ଜିଲା ଯୋଡ଼ା ମହିଳା ମହାବିଦ୍ୟାଳୟରେ ବିଶ୍ୱ ଏଡ୍‌ସ ଦିବସ ପାଳିତ ହୋଇଯାଇଛି। କଲେଜର ରେଡ୍ ରିବନ କ୍ଲବ୍ ତରଫରୁ କଲେଜର ସଭାଗୃହରେ ଛାତ୍ରୀଙ୍କ ପାଇଁ ଏଚ୍‌ଆଇଭି-ଏଡ୍‌ସ ଉପରେ ଏକ ସଚେତନତା ସଭା ଆୟୋଜିତ ହୋଇଥିଲା। କଲେଜର ବରିଷ୍ଠ ଅଧ୍ୟାପିକା ଜୟଶ୍ରୀ ମହାନ୍ତି, ଅଧ୍ୟାପିକା ଶ୍ରୀଶ୍ରୀ ଶୁଭଦର୍ଶିନୀ ପଣ୍ଡା, ଅଧ୍ୟାପକ ବିଭୂତି ଭୂଷଣ ମହାନ୍ତି, ଅଧ୍ୟାପକ ଅନିଲ ଜେନା, ଛାତ୍ରୀ ଶୁଭଚନ୍ଦ୍ରା ମହାନ୍ତି ଓ ରଶ୍ମୀ କାରୁଆ ଭୟାବହ ଏଡ୍‌ସ ଉପରେ ବାର୍ତ୍ତା ଦେଇ ସଚେତନ କରାଇଥିଲେ। ଅଧ୍ୟାପକ ବିଭୂତି ଭୂଷଣ ମହାନ୍ତି, ଅଧ୍ୟାପକ ଅନୀଲ ଜେନା ଏଡ୍‌ସ ରୋଗ ସମ୍ପର୍କରେ ସଚେତନ କରିଥିଲେ। +୩ ରେଡ୍ ରିବନ କ୍ଲବ୍ ଦାୟିତ୍ୱରେ ଥିବା ଅଧ୍ୟାପକ ପବିତ୍ର ମୋହନ କର ପରିଚାଳନା କରିଥିବା ବେଳେ +୨ ରେଡ୍ ରିବନ କ୍ଲବ୍ ମୁଖ୍ୟ ଅଧ୍ୟାପିକା ଐଶର୍ଯ୍ୟାମୟୀ ପାତ୍ର ଧନ୍ୟବାଦ ପ୍ରଦାନ କରିଥିଲେ। ଏହି ଅବସରରେ ଅନୁଷ୍ଠିତ ପ୍ରତିଯୋଗିତାରେ ହୋଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା।

### ଛାତ୍ରୀଛାତ୍ରଙ୍କ ପକ୍ଷରୁ ଏଡ୍‌ସ ସଚେତନତା

ପାଟଣା,(ବୀର କିଶୋର ଦାଶ): କେନ୍ଦୁଝର ଜିଲା ପାଟଣା ବ୍ଲକ୍ ଅନ୍ତର୍ଗତ ତୁରୁମୁଙ୍ଗାସ୍ଥିତ ଦଧିବାମନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ରେଡ୍ ରିବନ କ୍ଲବ୍ ଓ ଯୁବ ରେଡ୍‌କ୍ରସ ପକ୍ଷରୁ ସୋମବାର ବିଶ୍ୱ ଏଡ୍‌ସ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସଚେତନା ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ପରେ ଅନୁଷ୍ଠିତ ସଭାରେ ବିଦ୍ୟାଳୟର ଅଧ୍ୟକ୍ଷା ଅନ୍ନପୂର୍ଣ୍ଣା ମିଶ୍ରଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥିଭାବେ ତୁରୁମୁଙ୍ଗା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ଆୟୁଷ ଡା. ସୁବାଷ ଚନ୍ଦ୍ର କର ଯୋଗଦେଇ ସଚେତନ କରିଥିଲେ।

ସେହିପରି ପାଟଣା ବ୍ଲକ୍ ମୁଖ୍ୟାଳୟରେ ଥିବା ଆଞ୍ଚଳିକ ମହାବିଦ୍ୟାଳୟ ସାମ ପାଟଣାରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସଚେତନତା ରାଲି କଲେଜରୁ ବାହାରି ବଜାର ପରିକ୍ରମା କରିଥିଲା। କ୍ରୀଡ଼ା ଶିକ୍ଷକ କ୍ୟାପଟେନ ଧର୍ମେନ୍ଦ୍ର ସାହୁ ଓ ଅଧ୍ୟକ୍ଷ ବିରେନ୍ଦ୍ର ସାହୁଙ୍କ ତତ୍ତ୍ୱାବଧାନରେ ପ୍ରଧାପକ ଅଶ୍ୱିନୀ ସାହୁ, ଡେମନଷ୍ଟ୍ରେଟର ବ୍ରଜେନ୍ଦ୍ର ପତି, ଭୁତ ମହାନ୍ତ ପ୍ରମୁଖ ସହଯୋଗ କରିଥିଲେ।

## ଆର୍‌ଏସ୍‌ଏସ୍‌ର ସମ୍ପର୍କ ଅଭିଯାନ

ଖାରପୋଖରିଆ,୧।୧୨(ସୁଧୀର କୁମାର ମହାନ୍ତ)- ସାରସକଣା ବ୍ଲକ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ(ଆର୍‌ଏସ୍‌ଏସ୍) ଶାଖା ପରିବାର ପକ୍ଷରୁ ଏକ ସମ୍ପର୍କ ଅଭିଯାନ ରବିବାର ପୂର୍ବାହ୍ନ ୧୧ଟା ସମୟରେ ଖାରପୋଖରିଆ ଗ୍ରାମ ଝାଡ଼େଶ୍ୱର ଶିବ ମନ୍ଦିର ପ୍ରାଙ୍ଗଣରେ ବନବାସୀ ରକ୍ଷା ପରିବାର ଦ୍ୱାରା ଆୟୋଜିତ ହୋଇଯାଇଛି। ବନବାସୀ ରକ୍ଷା ଫାଉଣ୍ଡେଶନର ଜିଲା ସଂଯୋଜକ ଚଣ୍ଡୀ ଚରଣ ପ୍ରଧାନଙ୍କ ପରିଚାଳନାରେ ମୁଖ୍ୟ ଅତିଥି ଭାବେ ବିଶ୍ୱହିନ୍ଦୁ ପରିଷଦର ଓଡ଼ିଶା ପ୍ରାନ୍ତର ସତସଙ୍ଗ ପ୍ରମୁଖ ହରିହର ତ୍ରିପାଠୀ ଏବଂ ସମ୍ମାନିତ ଅତିଥି ଭାବେ ଖାରପୋଖରିଆ ସରପଞ୍ଚ ମାଳତୀ ସିଂ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ସାରସକଣା ବ୍ଲକ ଅଧୀନ ୧୭ଟି ପଞ୍ଚାୟତର ବିଭିନ୍ନ ଗ୍ରାମରୁ ପ୍ରାୟ ୭୦ରୁ ଊର୍ଦ୍ଧ୍ୱ ମହିଳା ପୁରୁଷ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ। କର୍ମୀମାନଙ୍କୁ ଜିଲା ବାର୍ତ୍ତା ସଂଘର ଅଧିକାରୀ ତୁଷାରକାନ୍ତି ମହାନ୍ତ ବିଶ୍ୱହିନ୍ଦୁପରିଷଦ ସ୍ୱୟଂ ସେବକମାନେ ପ୍ରତି ପରିବାରକୁ ଗ୍ରସ୍ତ କରି ସନାତନ ଧର୍ମର ପ୍ରଚାର ପ୍ରସାର, ପଞ୍ଚ ପରିବର୍ତ୍ତନ ଉପରେ ଲୋକଙ୍କ ମଧ୍ୟରେ ସେଚେତନତା ସୃଷ୍ଟି କରିବେ ଓ ବାର୍ତ୍ତା ଦେବା ଉପରେ ବୁଝାଇ ଥିଲେ। ପଞ୍ଚ ପରିବର୍ତ୍ତନ ମଧ୍ୟରେ ହିନ୍ଦୁତ୍ୱ ଜାଗରଣ, ସ୍ୱଦେଶୀ ବ୍ୟବହାର , ଯୌଥ ପରିବାର ଗଠନ ପାଇଁ ସଚେତନତା ସୃଷ୍ଟି କରିବେ ବୋଲି ଜଣା ପଡ଼ିଛି। ଗ୍ରାମାଞ୍ଚଳରେ କାର୍ଯ୍ୟ କରୁଥିବା ସଦସ୍ୟମାନଙ୍କୁ ଠିକ୍ ମାର୍ଗରେ ଦିଗ୍‌ଦର୍ଶନ ଦେବା ପାଇଁ ସଂଘ ସମ୍ପାଦକ ଜୟକୃଷ୍ଣ ନାୟକ ଓ ସହ ସମ୍ପାଦକ ଭଗିରଥ ପ୍ରହରାଜଙ୍କୁ ନିଯୁକ୍ତି ପ୍ରଦାନ କରାଯାଇଛି। ସଂଘର ଖଣ୍ଡ କାର୍ଯ୍ୟବାହ ଦାମୋଦର ନାଏକ ଧନ୍ୟବାଦ ଦେଇଥିଲେ।

## ମାନସିକ ଯନ୍ତ୍ରଣା ସହି ନ ପାରି ଆତ୍ମହତ୍ୟା

ଲଙ୍ଗଳେଶ୍ୱର, ୧।୧୨ (କମଳାକାନ୍ତ ଦାସ)

ଘରଡ଼ିହ ଭାଗବଣ୍ଟାକୁ କେନ୍ଦ୍ର କରି ବଡ଼ ଭାଇର ମାନସିକ ଯନ୍ତ୍ରଣା ସହି ନ ପାରି ସାନ ଭାଇ ନିଜ ଶୋଇବା ଘର ଫ୍ୟାନ୍‌ରେ ବେକରେ ଚାଦର ଲଗାଇ ଆତ୍ମହତ୍ୟା କରିଛନ୍ତି। ଏଭଳି ଘଟଣା ଘଟିଛି ବାଲେଶ୍ୱର ଜିଲା ସିଂଲା ଥାନା ନାବରା ପଞ୍ଚାୟତ ନାବରା ଗ୍ରାମରେ। ନାବରା ଗ୍ରାମର ପୂର୍ଣ୍ଣଚନ୍ଦ୍ର ପାତ୍ର ଏବଂ ସାନ ଭାଇ ମୃତ୍ୟୁଞ୍ଜୟ ପାତ୍ର(୫୦)ଙ୍କ ମଧ୍ୟରେ ଦୀର୍ଘ ଦିନ ଧରି ଘରଡ଼ିହକୁ ନେଇ ପାରିବାରିକ କଳହ ଲାଗି ରହିଥିଲା। ବଡ଼ ଭାଇ ଓ ପୁତୁରା ଶିବନାରାୟଣ ପାତ୍ର ଦୁହେଁ ବାପ ପୁଅ ମିଶି ମୃତ୍ୟୁଞ୍ଜୟଙ୍କୁ ବିଭିନ୍ନ ସମୟରେ ମାନସିକ ନିର୍ଯ୍ୟାତନା ଦେଇଆସୁଥିଲେ। ମୀମାଂସା ପାଇଁ ଚେଷ୍ଟା କରି ମଧ୍ୟ ଗ୍ରାମବାସୀଙ୍କୁ ଗାଳିଗୁଲଜ କରିଥିଲେ ବାପ ପୁଅ। ସୋମବାର ଅପରାହ୍ନ ପ୍ରାୟ ୨ଟା ବେଳେ ଘରେ କେହି ନ ଥିବାର ସୁଯୋଗ ନେଇ ମୃତ୍ୟୁଞ୍ଜୟ ଶୋଇବା ଘର ଫ୍ୟାନ୍‌ରେ ଚାଦର ଲଗାଇ ଝୁଲୁଥିବା ଅବସ୍ଥାରେ ପରିବାର ଲୋକେ ସଙ୍ଗେ ସଙ୍ଗେ ନିକଟସ୍ଥ ବସ୍ତା ହସ୍‌ପିଟାଲକୁ ନେଇଯାଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ ମୃତ୍ୟୁଞ୍ଜୟଙ୍କ ପୁଅ ଚୈତନ୍ୟ ବଡ଼ବାପାଙ୍କ ଧମକ ଓ ମାନସିକ ଯନ୍ତ୍ରଣା ସହି ନ ପାରି ମୃତ୍ୟୁବରଣ କରିଛନ୍ତି। ମୋ ବାପାଙ୍କର ମୃତ୍ୟୁର କାରଣ ବଡ଼ବାପା ଏବଂ ତାଙ୍କ ପୁଅ ବୋଲି ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ। ତାଙ୍କ ଅଭିଯୋଗ ପାଇ ପୋଲିସ ତଦନ୍ତ ଚଳାଇଛି।

# ୨୫ ବର୍ଷ ପରେ ଘରକୁ ଫେରିଲେ ଶୁକଦେବ

ସିମୁଳିଆ, ୧।୧୨ (ସନ୍ତୋଷ ନାୟକ)



ପୁଅ ହରେକୃଷ୍ଣଙ୍କ ସହିତ ଶୁକଦେବ।

୨୫ ବର୍ଷ ହେଲା ଖୋଜଖବର ମିଳୁ ନ ଥିଲା। ସମସ୍ତେ କହୁଥିଲେ ଶୁକଦେବ ଆଉ ନାହାନ୍ତି। ହେଲେ ତାଙ୍କ ସ୍ତ୍ରୀ ଏହାକୁ ସତ ନ ମାନି ହାତରୁ ଶଙ୍ଖା ଓ ମୁଣ୍ଡରୁ ସିନ୍ଦୂର ପୋଛି ନ ଥିଲେ। ଅନେକ ଗୁଣିଆ ଓ ତାନ୍ତ୍ରିକ ଶୁକଦେବଙ୍କ ମୃତ୍ୟୁ ଘଟିଥିବା କହିଥିବା ବେଳେ ସମସ୍ତଙ୍କ କଥା ଭୁଲ୍ ପ୍ରମାଣିତ ହୋଇଛି। ଘରକୁ ଫେରିଆସିଛନ୍ତି ଶୁକଦେବ। ଏନେଇ ପରିବାରରେ ଖେଳିଯାଇଛି ଖୁସିର ମାହୋଲ। ଏଭଳି ଘଟଣା ଦେଖିବାକୁ ମିଳିଛି ବାଲେଶ୍ୱର ଜିଲା ସିମୁଳିଆ ବ୍ଲକ ବଙ୍ଗାଳପୁର ପଞ୍ଚାୟତ ଭଗିଆ ଅଞ୍ଚଳରେ। ଶୁକଦେବ ଦେବନାଥ (୬୫) ରବିବାର ରାତିରେ ଘରକୁ ଫେରିଛନ୍ତି। ତାଙ୍କୁ ଦେଖିବା ପାଇଁ ସୋମବାର ସକାଳେ ଗାଁ ଲୋକଙ୍କ ଭିଡ଼। ସେ ଘରୁ ଯିବା ପରେ ତାଙ୍କର ଦୁଇ ବଡ଼ ଭାଇଙ୍କ ସମେତ ଗାଁର ବୟସ୍କ ପଡ଼ୋଶୀମାନଙ୍କ ମୃତ୍ୟୁ ଘଟିଥିବା ଖବର ଶୁଣି କାନ୍ଦିଥିଲେ।

ପୂର୍ବରୁ ଶୁକଦେବ କଟକ ବଡ଼ମେଡିକାଲ ପାଖ ଫୁଟପାଥ୍‌ରେ ଥିବା ହୋଟେଲରେ କାମ କରୁଥିଲେ। ଖବର ପାଇ ପରିବାର ଲୋକ ପହଞ୍ଚିଥିଲେ। ଶୁକଦେବଙ୍କ ଦେହ ଅସୁସ୍ଥ ଥିବାରୁ ତାଙ୍କର ମୃତ୍ୟୁ ଘଟିଛି ଓ ତାଙ୍କର ସତ୍କାର ସରିଥିବାର ପାଖ ହୋଟେଲ କର୍ମଚାରୀମାନେ ସୂଚନା ଦେଇଥିଲେ। ତାଙ୍କ ପତ୍ନୀ ତପସ୍ୱୀ ଏକଥାକୁ ବିଶ୍ୱାସ କରି ନ ଥିଲେ। ପୂର୍ବରୁ ତାଙ୍କ ଝିଅ ରେବତୀଙ୍କ ବିବାହ ସରିଥିଲା। ତାମିଲନାଡୁରେ କାର୍ଯ୍ୟ କରୁଥିବା ତାଙ୍କ ପୁଅ ହରେକୃଷ୍ଣ ନିଜ ଅଞ୍ଚଳକୁ ଫେରି ଅଟୋ ଚଳାଇବା ପରେ ଅନ୍ୟ ଦୁଇଟି ଗାଡି କିଣି ବ୍ୟବସାୟ ଆରମ୍ଭ କରିବା ସହିତ ବିବାହ ମଧ୍ୟ କରିଥିଲେ। ପରେ ତାଙ୍କର ମଧ୍ୟ ଦୁଇ ଝିଅ ପୁଅ ହୋଇଛନ୍ତି। ତେବେ ମା’, ସ୍ତ୍ରୀ ଓ ଝିଅ ପୁଅ ଥିବା ସତ୍ତ୍ୱେ ବାପାଙ୍କ ଅଭାବ ତାଙ୍କୁ ଚିନ୍ତାଗ୍ରସ୍ତ କରୁଥିଲା। ବାପା ମିଳିଯାଆନ୍ତେ କି, ତାଙ୍କ ସେବା କରନ୍ତି, ସେ ନାତୁଣୀ ନାତିଙ୍କୁ ଦେଖନ୍ତେ, ଘରେ ବସି ରୁହନ୍ତେ ଏତିକି ଆଶା କେବଳ ଥିଲା। କେତେ ଠାକୁରଙ୍କୁ ଡାକିଛି, ଗୁଣିଆ ତାନ୍ତ୍ରିକଙ୍କ ପାଖକୁ ଯାଇଛି, ବାପାଙ୍କ ମୃତ୍ୟୁ ଘଟିଥିବା ସେମାନେ କହିବା ଓ ପୂର୍ବରୁ ଶୁଣିଥିବା କଥା ଅନୁସାରେ ଏକ ପ୍ରକାର ବାପା ନ ଥିବାର ଭାବି ନେଇଥିଲୁ। ଶେଷରେ ଠାକୁର ଡାକ ଶୁଣିଲେ, ବାପା ମିଳିଗଲେ ବୋଲି ଲୁହ ଛଳଛଳ ଆଖି କୋହଭରା କଣ୍ଠରେ ପ୍ରକାଶ କରିଛନ୍ତି ହରେକୃଷ୍ଣ।

ଶୁକଦେବଙ୍କ ଠାବ ମଧ୍ୟ ସେମିତି ଏକ ଦୈବୀ ସଂଯୋଗରୁ ହୋଇଛି। ସିମୁଳିଆ ବ୍ଲକ ଆଙ୍କିତିରା ଅଞ୍ଚଳର ମନୋରମା ନାମକ ଜଣେ ବୟସ୍କା ମହିଳା କଟକ ଡାକ୍ତରଙ୍କ ନିକଟକୁ ଯାଇଥିବା ବେଳେ ଲିଙ୍କ୍ ରୋଡର ନରେନ୍ଦ୍ର ସେଣଙ୍କ ଚାହା ଦୋକାନରେ ଶୁକଦେବଙ୍କ ସହିତ ଗତ ୫ଦିନ ପୂର୍ବରୁ ସାକ୍ଷାତ ହୋଇଥିଲା। ଶୁକଦେବ ସିମୁଳିଆ ବ୍ଲକର ଲୋକ ବୋଲି ଜାଣିବା ପରେ ତାଙ୍କୁ ସାଥିରେ ଚାଲ ଘରେ ଛାଡ଼ିଦେବି ବୋଲି ମନୋରମା କହିଥିଲେ। ପୁଅକୁ ଆସି ନେଇଯିବା ପାଇଁ କହିବ ବୋଲି ଶୁକଦେବ କହି ଚାଲିଯାଇଥିଲେ। ପରେ ସିମୁଳିଆ ବ୍ଲକ ମାର୍କୋଣାର ଏକ ଗୋଖାଦ୍ୟ ଦୋକାନରେ ମନୋରମା ଶୁକଦେବଙ୍କ ବିଷୟରେ ଦୋକାନୀଙ୍କୁ କହୁଥିବା ବେଳେ ଚନ୍ଦ୍ରଶେଖର ଦେବନାଥ ନାମକ ଜଣେ ଶିକ୍ଷକ ଶୁଣି ସୂଚନା ଦେଇଥିଲେ। ପରେ ଚାହା ଦୋକାନୀଙ୍କ ନିକଟରେ ପହଞ୍ଚିବାରୁ ଶୁକଦେବ କାମ କରୁଥିବା ମଧୁପାଟଣା ଅଞ୍ଚଳର ଏକ ହୋଟେଲର ଠିକଣା ଦେଇଥିଲେ। ସେଠାକାର ହୋଟେଲ ମାଲିକ ମନୋରଞ୍ଜନ ରାଉତରାୟ ତାଙ୍କୁ ଛାଡ଼ିବା ପାଇଁ ଅନିଚ୍ଛା ପ୍ରକାଶ କରିଥିଲେ। ପରେ କଟକ ମଧୁପାଟଣା ପୋଲିସ ସହଯୋଗରେ ଶୁକଦେବ ରବିବାର ଅପରାହ୍ନରେ ଘରକୁ ଫେରିଥିଲେ।

## ଘର ଥାଇ ବାରଣ୍ଡାରେ ଅସହାୟ ବୃଦ୍ଧ ଦମ୍ପତି


ଅସହାୟ ଦମ୍ପତି ଶ୍ୟାମସୁନ୍ଦର ମହାଳିକ ଓ ଜାଡି ମହାଳିକ।

ବାହାନଗା, ୧।୧୨ (ଅରୂପ୍ କୁମାର ଦାସ)

ବାଲେଶ୍ୱର ଜିଲା ବାହାନଗା ବ୍ଲକ ଖରାସାହାପୁର ପଞ୍ଚାୟତ ଶଙ୍କରପଦା ଗ୍ରାମର ୧୨ନମ୍ବର ୱାର୍ଡରେ ଏକ ବୃଦ୍ଧ ଦମ୍ପତି ଶ୍ୟାମସୁନ୍ଦର ମହାଳିକ ଓ ତାଙ୍କ ସ୍ତ୍ରୀ ଜାଡି ମହାଳିକ ଅସହାୟ ଅବସ୍ଥାରେ ଘର ଥାଇ ଘର ବାରଣ୍ଡାରେ ଶୀତ, କାକରରେ ପଡି ରହିଛନ୍ତି। ସେମାନେ ରହିବା ପାଇଁ ଘର ବଖରାଟିଏ ନାହିଁ।

ପୂର୍ବରୁ ଶ୍ୟାମସୁନ୍ଦର ଥିଲେ କାଠ ମିସ୍ତ୍ରୀ। ସେ କାଠ କାମ କରି କବାଟ, ପଲଙ୍କ ଆଦି କରିବାରେ ଭଲ ନାଁ କମେଇଥିଲେ। ଶ୍ୟାମସୁନ୍ଦରଙ୍କର ଦୁଇଟି ପୁଅ ଓ ଜଣେ ଝିଅ। ବଡପୁଅ ବେଣୁଧର ଘରଜ୍ୱାଇଁ ହୋଇ ବାହାରେ ରହିଥିବା ବେଳେ ସାନ ପୁଅ ବାହା ହୋଇଥିଲେ ମଧ୍ୟ କର୍କଟ ରୋଗରେ ମୃତ୍ୟୁବରଣ କରିଛନ୍ତି। ତେବେ ସାନପୁଅଙ୍କ ବିଧବା ସ୍ତ୍ରୀ ସାବିତ୍ରୀ ନିଜର ପିଲାଛୁଆଙ୍କୁ ମଣିଷ କରିବା ପାଇଁ ବାହାରକୁ ଯାଇ କାମ କରି ନିଜର ଗୁଜୁରାଣ ମେଣ୍ଟାଇଥାନ୍ତି। ତେବେ ବୁଢାବୁଢୀଙ୍କ ସେବା କରିବା ପାଇଁ କେହି ନ ଥିବା ବେଳେ ବିବାହିତ ଝିଅ ରୁନୁଲତା ମହାଳିକ ନିଜର ଶ୍ୱଶୁର ଘରୁ ପଳାଇଆସି ବାପ ଘରେ ରହି ମା’ ବାପାଙ୍କର ଦେଖାଶୁଣା କରୁଛନ୍ତି। ସାନପୁଅ ଥିଲା ବେଳେ ଗୋଟିଏ ଇନ୍ଦିରା ଆବାସ ପାଇଥିଲେ। ସେଥିରେ ସେ ଦୁଇବଖରା ଘର କରିଥିଲେ। ମାତ୍ର ଗୋଟିଏ ଘର ଶୋଇବା ଘର ଥିବା ବେଳେ ଅନ୍ୟ ଏକ ଘରେ ଉଭୟ ବୃଦ୍ଧ ଦମ୍ପତି ରହିବାର ସୁବିଧା ଥିଲେ ମଧ୍ୟ ସାନବୋହୂ ଘର ଭିତରକୁ ପୂରାଉ ନ ଥିବା ଶାଶୁ ଅଭିଯୋଗ କରିଥିଲେ। ଏପରିକି ସେମାନଙ୍କୁ ନିର୍ଯ୍ୟାତନା ଦେଉଥିବା ଶାଶୁ ଅଭିଯୋଗ କରିଛନ୍ତି। ବଡପୁଅ ଆସୁ ନ ଥିବା ବେଳେ ମା’ ବାପାଙ୍କ କଥା କିଛି ବୁଝୁ ନ ଥିବା ସମ୍ପର୍କରେ ଦମ୍ପତି କୋହଭରା କଣ୍ଠରେ ପ୍ରକାଶ କରିଛନ୍ତି। ପୁରୁଣା ଭଙ୍ଗା ମାଟି ଘରେ ବିବାହିତା ଝିଅ ରହୁଛନ୍ତି। ଏହି ଅବସ୍ଥାରେ ଶ୍ୟାମସୁନ୍ଦରଙ୍କ ଆଖି ନଷ୍ଟ ହୋଇପଡିଛି। ଆଖି ଅପରେଶନ କରିବା ପାଇଁ ଝିଅ ଘରୋଇ ଅର୍ଥ ଲଗାଣକାରୀ ବ୍ୟାଙ୍କ ସଂସ୍ଥାରୁ ଲୋନ୍ ଆଣି ବାପାଙ୍କ ଚିକିତ୍ସା କରାଇଥିଲେ ମଧ୍ୟ କୌଣସି ସୁଫଳ ମିଳି ନ ଥିଲା। ଦେଢମାଣ ଜମି ଅଛି। ଅର୍ଥ ଅଭାବରୁ ଝିଅ ମା’ ବାପାଙ୍କର ଠିକ୍ ଭାବେ ଚିକିତ୍ସା କରିପାରୁ ନ ଥିବା ବେଳେ ପ୍ରଶାସନ ପକ୍ଷରୁ ସହାୟତା ଯୋଗାଇ ଦେବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି। ବୃଦ୍ଧ ଦମ୍ପତିଙ୍କୁ ସରକାରୀ ଜରାଶ୍ରମରେ ରଖି ସେବା ଯୋଗାଇ ଦେବା ପାଇଁ ଗ୍ରାମର ସଭାପତି ଆକାଶ ରାୟ ଦାବି କରିଛନ୍ତି।

## ଜିଲାପାଳ, ଏସ୍‌ପିଙ୍କ ମିଳିତ ଜନଶୁଣାଣି

ବାଲେଶ୍ୱର, ୧।୧୨ (ବାଞ୍ଛାନିଧି ଦେ)

ବାଲେଶ୍ୱର ଜିଲାପାଳଙ୍କ ଅଭିଯୋଗ ଶୁଣାଣି ପ୍ରକୋଷ୍ଠରେ ସୋମବାର ମିଳିତ ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ ଓ ଏସ୍‌ପି ପ୍ରତ୍ୟୁଷ ଦିବାକରଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଜିଲାର ବିଭିନ୍ନ ସ୍ଥାନରୁ ଆସିଥିବା ୧୬୨ ଜଣ ଅଭିଯୋଗକାରୀ ଅଭିଯୋଗ ଫର୍ଦ୍ଦ ଉପସ୍ଥାପନ କରିଥିଲେ। ସେଗୁଡିକ ମଧ୍ୟରୁ ୧୪୫ ଗୋଟି ବ୍ୟକ୍ତିଗତ, ୪ ଗୋଟି ସାମୂହିକ, ୧୨ଟି ମୁଖ୍ୟମନ୍ତ୍ରୀ ସହାୟତା ପାଣ୍ଠି ଏବଂ ୧ ଗୋଟି ରେଡକ୍ରସ୍ ସହାୟତା ସମ୍ପର୍କିତ ଅଭିଯୋଗ ଥିଲା। ତନ୍ମଧ୍ୟରୁ ୨୧ଟି ଅଭିଯୋଗର ତତକ୍ଷଣାତ୍ ଫଇସଲା ହୋଇଥିଲା। ଅତିରିକ୍ତ ଜିଲାପାଳ (ସାଧାରଣ) ସୁଧାକର ନାୟକ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ସଞ୍ଜୟ କୁମାର ରାଉତ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ପ୍ରଭାତ କୁମାର ବେହେରା, ଉପ-ଜିଲାପାଳ ଶିବ ମାଲବୀୟଙ୍କ ସମେତ ଜିଲାର ବିଭିନ୍ନ ବିଭାଗୀୟ ପଦାଧିକାରୀ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ଏହି ଅବସରରେ ସମସ୍ତ ଅଭିଯୋଗର ସମାଧାନ ନିମନ୍ତେ ସମ୍ପୃକ୍ତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା।

# ୩ ପ୍ରକଳ୍ପର ଶିଳାନ୍ୟାସ କଲେ ବିଧାୟକ


ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ ଅବସରରେ ଉପସ୍ଥିତ ଅତିଥି।

ଖଇରା, ୧।୧୨ (ଉତ୍କଳବନ୍ଧୁ ପଣ୍ଡା)

ସିମୁଳିଆ ବିଧାୟକ ପଦ୍ମଲୋଚନ ପଣ୍ଡା ରବିବାର ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ବରଦା ପଞ୍ଚାୟତରେ ୩ଟି ପ୍ରକଳ୍ପର ଶିଳାନ୍ୟାସ କରିଛନ୍ତି। ଏଥିମଧ୍ୟରେ ୩୫ଲକ୍ଷ ବ୍ୟୟରେ ନୂତନ ପଞ୍ଚାୟତ ଭବନ, ୨୫ଲକ୍ଷ ବ୍ୟୟରେ ମିଶନ ଶକ୍ତି ଗୃହ ଏବଂ ୧୦ଲକ୍ଷ ବ୍ୟୟରେ ନିର୍ମିତ ହେବାକୁ ଥିବା ମାର୍କେଟ କମ୍ପ୍ଲେକ୍ସର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ଏହି ପରିପ୍ରେକ୍ଷୀରେ ସ୍ଥାନୀୟ ସରପଞ୍ଚ ପରୀକ୍ଷିତ ମହାପାତ୍ରଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ବିଧାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ବରଦା ପଞ୍ଚାୟତ ବାଲେଶ୍ୱର ଭଦ୍ରକ ଜିଲାର ସୀମାନ୍ତବର୍ତ୍ତୀ ପଞ୍ଚାୟତ ହୋଇଥିବାରୁ ଏହା ଉପରେ ସ୍ୱତନ୍ତ୍ର ଦୃଷ୍ଟି ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ବ୍ଲକ ଅଧ୍ୟକ୍ଷା ଅଭିଲିପ୍ସା ସାହୁ, ସମିତିସଭ୍ୟ ଅକ୍ଷୟ ଜେନା, ବଡଜୟପୁର ସରପଞ୍ଚ ଅନ୍ନପୂର୍ଣ୍ଣା ମହାନ୍ତି, ରପେୟା ସରପଞ୍ଚ ପ୍ରତିନିଧି ଅଜୟ କୁମାର ସାମଲ, ମିଶନଶକ୍ତିର ବ୍ଲକ ସଂଯୋଜିକା ସୁଚିସ୍ମିତା ପରିଡା, ବ୍ଲକ ପରିଚାଳକ ପୀତବାସ ବିଶ୍ୱାଳ ପ୍ରମୁଖ ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇଥିଲେ। ବରଦାରେ ଥିବା ଆୟୁଷ୍ମାନ ଆରୋଗ୍ୟ ମନ୍ଦିରକୁ ନୂତନ ଡାକ୍ତର ଯୋଗାଇଦେବାକୁ ସ୍ଥାନୀୟ ବାସିନ୍ଦାଙ୍କ ଦାବି ଉପରେ ବିଚାର କରିବାକୁ ବିଧାୟକ ପ୍ରତିଶ୍ରୁତି ଦେଇଥିଲେ।

## ଏଫ୍‌ଏମ୍‌ୟୁରେ ବିଶ୍ୱ ଏଡ୍‌ସ ଦିବସ

### ଗାଁରେ ଗୋଷ୍ଠୀଭିତ୍ତିକ ସଚେତନତା କାର୍ଯ୍ୟକ୍ରମ


ଗାଁରେ ଆୟୋଜିତ ସଚେତନତା କାର୍ଯ୍ୟକ୍ରମ।

ବାଲେଶ୍ୱର, ୧।୧୨ (ବାଞ୍ଛାନିଧି ଦେ)

ବାଲେଶ୍ୱର ଫକୀର ମୋହନ ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ସାମାଜିକ କାର୍ଯ୍ୟବିଭାଗ ପକ୍ଷରୁ ବିଶ୍ୱ ଏଡ୍‌ସ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଛାତ୍ରୀଛାତ୍ରମାନେ ଫୁଲକିଆରିସାହି, ନୂଆପାଢ଼ୀ ଓ ମର୍ଦ୍ଦରାଜପୁର ଗାଁରେ ଗୋଷ୍ଠୀଭିତ୍ତିକ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରିଥିଲେ। ଏଚ୍‌ଆଇଭି/ଏଡ୍‌ସ ରୋଗର ପ୍ରତିରୋଧ, ଅଜ୍ଞାନତା ଓ ଅପମାନବୋଧ ହ୍ରାସ, ସ୍ୱାସ୍ଥ୍ୟଜାଗୃକ ଆଚରଣ ବିଷୟରେ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ। ଗ୍ରାମବାସୀଙ୍କ ସହ ପାରସ୍ପରିକ ଆଲୋଚନା, ଘରକୁ ଘର ଯାଇ ଜଣସଧାରଣଙ୍କୁ ସଚେତନଶୀଳ କରିବା ଓ ଏଡ୍‌ସ ସମ୍ପର୍କିତ ଆବଶ୍ୟକ ସୂଚନାମାନ ପ୍ରଦାନ କରିବା ସହ ବିଭିନ୍ନ ସମୁଦାୟ ଅଂଶଗ୍ରହଣ ଆଧାରିତ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ଦୃଷ୍ଟିପୂର୍ଣ୍ଣ ପରିଚାଳନା ଅଧୀନରେ କାର୍ଯ୍ୟକ୍ରମ ସଞ୍ଚାଳିତ ହୋଇଥିଲା। ସମାଜମୁଖୀ କାର୍ଯ୍ୟସୂଚୀରେ କୁଳପତିଙ୍କ ନେତୃତ୍ୱ ଛାତ୍ରୀଛାତ୍ରଙ୍କୁ ସର୍ବଦା ପ୍ରେରିତ କରିଆସୁଛି। ବିଭାଗୀୟ ସଂଯୋଜକ ଡ. ଗ୍ରେସ୍ ବି ମୁଣ୍ଡୁ କାର୍ଯ୍ୟକ୍ରମର ପ୍ରାୟୋଗିକ ସହଯୋଗ ପ୍ରଦାନ କରିଥିଲେ। ସହାୟକ ଅଧ୍ୟାପିକା ରଶ୍ମିରେଖା ରାଉତ ଓ ସୁପ୍ରିୟା ରାଉତ ଛାତ୍ରୀଛାତ୍ରଙ୍କ ସହ ପୋଷ୍ୟ ଗ୍ରାମଗୁଡିକ ଭ୍ରମଣ କରି ଗ୍ରାମବାସୀଙ୍କୁ ଏଚ୍‌ଆଇଭି/ଏଡ୍‌ସ ସମ୍ବନ୍ଧୀୟ ସଚେତନତା ବାର୍ତ୍ତା ପ୍ରଚାର ସହ, ପ୍ରତିରୋଧମୂଳକ ଉପାୟ ଓ ସ୍ୱାସ୍ଥ୍ୟଗତ ସୁରକ୍ଷା ସମ୍ପର୍କରେ ଅବଗତ କରାଇଥିଲେ।

## କଲେଜରେ ବିଶ୍ୱ ଏଡ୍‌ସ ଦିବସ



ଏଡ୍‌ସ ଦିବସ ପାଳନ ଅବସରରେ ଉପସ୍ଥିତ ଛାତ୍ରୀଛାତ୍ର।

ରସୁଲପୁର, ୧।୧୨ (ଶରତ ସାମଲ)

ବାଲେଶ୍ୱର ସହର ନିକଟବର୍ତ୍ତୀ କୁରୁଡ଼ା ନିକଟସ୍ଥ ବାଙ୍ଗରାସ୍ଥିତ ନୀଳକଣ୍ଠେଶ୍ୱର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବିଶ୍ୱ ଏଡ୍‌ସ ଦିବସ ଶୁକ୍ରବାର ପାଳିତ ହୋଇଛି। ଅଧ୍ୟକ୍ଷ ଶଶୀଭୂଷଣ କରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଏଡ୍‌ସର ଭୟାବହତା ସମ୍ପର୍କରେ ଅଧ୍ୟକ୍ଷ ବୁଝାଇଥିଲେ। ଯୁବ ରେଡକ୍ରସର କାଉନସେଲର ମାନସ ରଞ୍ଜନ ମିଶ୍ର ଏଡ୍‌ସ ସଚେତନତା ସମ୍ପର୍କରେ ଆଲୋକପାତ କରିଥିଲେ। ଅଧ୍ୟାପକ ଜଗଦାନନ୍ଦ ବିଶ୍ୱାଳ, ଗୌରାଙ୍ଗ ଚରଣ ବେହେରା, ରମେଶ ଚନ୍ଦ୍ର ଗିରି, ଭାରତ କୁମାର ଘଡ଼ିଆ ଓ ଅଧ୍ୟାପିକା ଡ. ଅସ୍ମିତା ସିଂହ ପ୍ରମୁଖ ଏଡ୍‌ସ ରୋଗର କାରଣ ଓ ନିରାକରଣ ସମ୍ପର୍କରେ ସଚେତନତା କରାଇଥିଲେ। ବକ୍ତୃତା, ପ୍ରବନ୍ଧ ଓ କୁଇଜ୍ କରାଯାଇ କୃତୀ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କୃତ କରାଯାଇଥିଲା। ପରେ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ବାଙ୍ଗରା ଗ୍ରାମ ପରିକ୍ରମଣ କରି ଏଡ୍‌ସ ସଚେତନତା କରାଇଥିଲେ।

# ଦୋଷୀଙ୍କୁ ୫ବର୍ଷ ସଶ୍ରମ କାରାଦଣ୍ଡ

ନୀଳଗିରି, ୧।୧୨ (ପ୍ରଶାନ୍ତ ବିଶ୍ୱାଳ)

ଏକ ମରଣାନ୍ତକ ଆକ୍ରମଣ ମାମଲାର ବିଚାର କରି ନୀଳଗିରିର ସହକାରୀ ଦୌରାଜଜ୍ ସୁନନ୍ଦା ପ୍ରଧାନ ବରହମପୁର ଥାନା ବାଉରିଓରା ଗ୍ରାମର ରମାକାନ୍ତ ନାୟକଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ୫ବର୍ଷ ଜେଲଦଣ୍ଡ ସହ ୧ ହଜାର ଟଙ୍କା ଜରିମାନା ଶୁଣାଇଛନ୍ତି।

### ମରଣାନ୍ତକ ଆକ୍ରମଣ ଘଟଣା

୨୦୧୯ ମେ ୪ ତାରିଖ ସନ୍ଧ୍ୟାରେ ବାଉରିଓରା ଗ୍ରାମରେ ସପ୍ତାଙ୍ଗ ଚାଲିଥିବା ବେଳେ ରମାକାନ୍ତ ଲୋକଙ୍କୁ କଟୁରୀ ଧରି ଭୟଭୀତ କରୁଥିବା ବେଳେ ସୁକାନ୍ତ ନାୟକ ନାମକ ଯୁବକ ସାମ୍ନାକୁ ଆସିଯିବାରୁ କଟୁରୀରେ ତା’ ମୁଣ୍ଡକୁ ଚୋଟ ମାରି ଖସି ପଳାଇଯାଇଥିଲେ। ଫଳରେ ସୁକାନ୍ତ ଗୁରୁତର ଆହତ ହୋଇଥିଲେ। ଗ୍ରାମବାସୀ ସୁକାନ୍ତଙ୍କୁ ଉଦ୍ଧାର କରି ବରହମପୁର ଡାକ୍ତରଖାନା ନେଇ ଚିକିତ୍ସା କରିଥିଲେ। ୫ ତାରିଖରେ ସୁକାନ୍ତ ବରହମପୁର ଥାନାରେ ଏତଲା ଦେବାପରେ ଏକ ମାମଲା (ନଂ.୨୩/୧୯) ରୁଜୁ ହୋଇଥିଲା। ୫ବର୍ଷ ପରେ ଉକ୍ତ ଘଟଣାର ବିଚାର କରି ୬ଜଣ ସାକ୍ଷୀ ଏବଂ ଦସ୍ତାବିଜ୍‌କୁ ଆଧାର କରି ୩୦୭ ଦଫାରେ ଦୋଷୀ ସାବ୍ୟସ୍ତ କରିଛନ୍ତି। ଉକ୍ତ ମକଦ୍ଦମାକୁ ସରକାରଙ୍କ ତରଫରୁ ଆଡିଶନାଲ ପିପି ଅମରେନ୍ଦ୍ର ପଟ୍ଟନାୟକ ପରିଚାଳନା କରିଥିଲେ।

## ହ୍ୟୁମାନ ସାଗରଙ୍କୁ ଶ୍ରଦ୍ଧାଞ୍ଜଳି

ନୀଳଗିରି, ୧।୧୨ (ପ୍ରଶାନ୍ତ ବିଶ୍ୱାଳ)

ନୀଳଗିରି ଉପଖଣ୍ଡ ଔପଦା ବ୍ଲକ ଅନ୍ତର୍ଗତ ସନ୍ତରାଗଡ଼ିଆ ବଜାର ଦୁର୍ଗାମଣ୍ଡପ ସମ୍ମୁଖରେ ହ୍ୟୁମାନ ସାଗରଙ୍କ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ବାବା ପଞ୍ଚଲିଙ୍ଗେଶ୍ୱର ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଶାନ୍ତ କୁମାର ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସନ୍ତରାଗଡ଼ିଆ ବଜାର କମିଟି ତଥା ସନ୍ତରାଗଡ଼ିଆ ସାଂସ୍କୃତିକ ଓ କଳାକାର ମଞ୍ଚର ସଦସ୍ୟମାନେ ଉପସ୍ଥିତ ରହି ହ୍ୟୁମାନ ସାଗରଙ୍କ ସଙ୍ଗୀତ ପ୍ରତି ଅବଦାନ ବିଷୟରେ ସମବେତ ଜନତା ମତବ୍ୟକ୍ତ କରିଥିଲେ। ଖୁବ୍ କମ୍ ସମୟରେ ୨୦ହଜାରରୁ ଊର୍ଦ୍ଧ୍ୱ ସଙ୍ଗୀତରେ କଣ୍ଠଦାନ କରି ପ୍ରତିଟି ଯୁବ ପ୍ରାଣରେ ସଂଗୀତ ପାଇଁ ଦୁର୍ବଳତା ସୃଷ୍ଟି କରି ପାରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ହିମାଂଶୁ ଶେଖର ସେନାପତି, ମହେନ୍ଦ୍ର ନାଥ ମଲିକ, ଅଜିତ କୁମାର ପାଣିଗ୍ରାହୀ, ଅଲେଖ ଚନ୍ଦ୍ର ଜେନା, କପିଳ ସାମଲ, ନିହାର ଜେନା, ବଳରାମ ରାଉତ, ସତ୍ୟନାରାୟଣ ପଣ୍ଡା, ଭାଗିରଥି ସାହୁ, ପ୍ରେମାନନ୍ଦ ମହାନ୍ତି, ଉଦୟ ମହାନ୍ତି, ମନୋଜ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

## ଫ୍ୟାନରେ ଲୁଗା ଲଗାଇ ଝୁଲି ପଡିଲେ ମହିଳା

ଭୋଗରାଇ, ୧।୧୨ (ପ୍ରଦୀପ ଦାସ)

ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ କୁମ୍ଭୀରଗଡି ପଞ୍ଚାୟତ ବାଇଁଶଖଣା ଗ୍ରାମର ଲକ୍ଷ୍ମୀଧର ବେହେରାଙ୍କ ସ୍ତ୍ରୀ କାଞ୍ଚନ ବେହେରା (୨୮) କୌଣସି କାରଣରୁ ଘରେ ଫାଶୀ ଲଗାଇ ଆତ୍ମହତ୍ୟା କରିଥିବା ସୂଚନା ମିଳିଛି। ମହିଳାଙ୍କ ସ୍ୱାମୀ ଲକ୍ଷ୍ମୀଧର ବାହାର ରାଜ୍ୟରେ ଦାଦନ ଶ୍ରମିକ ଭାବେ ରହି କାର୍ଯ୍ୟ କରନ୍ତି। କାଞ୍ଚନ ଏକା ଘରେ ୨ ଟି ଛୋଟ ଛୋଟ ପିଲାଙ୍କୁ ନେଇ ରହୁଥିଲେ। ସୋମବାର ସକାଳେ ପଡ଼ୋଶୀ ତାଙ୍କ ଘରକୁ ଯାଇ ଡାକିବାରୁ ସେ ଶୁଣି ନ ଥିଲେ। ସେମାନେ ଝରକା ଦେଇ ଦେଖିବାରୁ କାଞ୍ଚନ ଫ୍ୟାନରେ ଲୁଗା ଲଗାଇ ଝୁଲୁଥିବା ଦେଖି ସଙ୍ଗେ ସଙ୍ଗେ ଭୋଗରାଇ ଥାନାକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ଶବକୁ ଜବତ କରିବା ସହିତ ଜଳେଶ୍ୱରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମୃତଦେହ ବ୍ୟବଚ୍ଛେଦ କରାଇ ଗ୍ରାମବାସୀଙ୍କୁ ହସ୍ତାନ୍ତର କରିଛି। ଏନେଇ ଭୋଗରାଇ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୩୩/୨୫) ରୁଜୁ କରାଯାଇ ଅଧିକ ତଦନ୍ତ ଚାଲିଛି।

## ନିଖୋଜ ଯୁବକଙ୍କ ମୃତଦେହ ଜବତ

ଜଳେଶ୍ୱର, ୧।୧୨ (ନବୀନ ସାହୁ)

ବାଲେଶ୍ୱର ଜିଲା ଜଳେଶ୍ୱର ବ୍ଲକ ଖୁଦିଆମାଝୀ ସାହି ପଞ୍ଚାୟତ ମୁଣ୍ଡୁତୁଣିଆ ଗ୍ରାମର ସାଲୁକ୍ ମାରାଣ୍ଡିଙ୍କ ପୁଅ ସୁରେଶ (୪୧) ଗତ ନଭେମ୍ବର ୧୯ ତାରିଖରୁ ନିଖୋଜ ଥିଲେ। ସେ ସୋମବାର ସକାଳେ ରାଇବଣିଆ ଥାନା ଦକ୍ଷିଣ ପ୍ରହରାଜପୁର ପଞ୍ଚାୟତ ଗୁଆଗଡ଼ିଆ ଗ୍ରାମ ପାଖରେ ଲୋକ ଏକ ମୃତଦେହ ଭାସୁଥିବା ଅବସ୍ଥାରେ ଦେଖିବାକୁ ପାଇଥିଲେ ଓ ରାଇବଣିଆ ପୋଲିସକୁ ଖବର ଦେଇଥିଲେ। ରାଇବଣିଆ ଥାନା ଆଇଆଇସି ଚମ୍ପାବତୀ ସୋରେନ, ଏଏସ୍‌ଆଇ କାଳିନ୍ଦୀ ସାହୁ ଏବଂ ପରିବାର ପକ୍ଷରୁ ସ୍ତ୍ରୀ ପାନ ମାରାଣ୍ଡି, ଭାଇ ତପନ, ପଞ୍ଚାୟତର ନାଏବ ସରପଞ୍ଚ କ୍ଷୀତିଶ ଚନ୍ଦ୍ର ଦେ ପହଞ୍ଚିଥିଲେ। ମୃତଦେହ ପିନ୍ଧିଥିବା ଗାମୁଛାରୁ ସୁରେଶ ମାରାଣ୍ଡି ବୋଲି ସ୍ତ୍ରୀ ଚିହ୍ନଟ କରିଥିଲେ। ମୃତଦେହକୁ ଜବତ କରି ଜଳେଶ୍ୱରକୁ ଜିକେଭଞ୍ଜ ହସ୍ପିଟାଲ୍‌କୁ ବ୍ୟବଚ୍ଛେଦ ପାଇଁ ନିଆଯାଇଥିଲା।

# ୫ରେ ପ୍ରାଥମିକ ଶିକ୍ଷକ ମହାସଂଘର ଆନ୍ଦୋଳନ ଡାକରା

ବାଲେଶ୍ୱର, ୧।୧୨ (ବାଞ୍ଛାନିଧି ଦେ)


ବୈଠକରେ ଉପସ୍ଥିତ ଶିକ୍ଷକ ସଙ୍ଘର କର୍ମକର୍ତ୍ତା।

ବାଲେଶ୍ୱର ଜିଲା ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ମିଶନ ପ୍ରାଇମେରୀ ସ୍କୁଲ ପ୍ରାଙ୍ଗଣରେ ରବିବାର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଜିଲା ଅଧୀନ ୧୨ ଟି ବ୍ଲକର ଶିକ୍ଷୟିତ୍ରୀ ଶିକ୍ଷକ ଯୋଗଦେଇଥିଲେ। ଶିକ୍ଷକ ନେତା ସୁଶାନ୍ତ କୁମାର ବେହେରା ଏଥିରେ ସଭାପତିତ୍ୱ କରିଥିଲେ। ଡିସେମ୍ବର ୫ରେ ଭୁବନେଶ୍ୱରରେ ପ୍ରାଥମିକ ଶିକ୍ଷକ ମହାସଂଘ ପକ୍ଷରୁ ଆନ୍ଦୋଳନ ଡାକରା ଦିଆଯାଇଛି। ବାଲେଶ୍ୱର ଜିଲାର ଶିକ୍ଷୟିତ୍ରୀଶିକ୍ଷକମାନେ ଏହି ଆନ୍ଦୋଳନରେ ଯୋଗଦେବାକୁ ସ୍ଥିର ହୋଇଥିଲା। କନଭେନର ଭାବେ ପ୍ରଦୀପ କୁମାର ମହାନ୍ତିଙ୍କୁ ମନୋନୀତ କରାଯାଇଥିଲା। କୋଡିନେସନ କମିଟିରେ ସୋର ବ୍ଲକ ତରଫରୁ ରବିନାରାୟଣ ଦାସ, ନୀଳଗିରି ବ୍ଲକ ତରଫରୁ ବିଜୟ କୁମାର ଦାସ, ବାଲିଆପାଳ ବ୍ଲକ ତରଫରୁ ପୂର୍ଣ୍ଣେନ୍ଦୁ ଦାସ, ଜଳେଶ୍ୱର ବ୍ଲକ ତରଫରୁ ସ୍ନେହାଶିଷ ପାତ୍ର, ବସ୍ତାରୁ କୌଶିକ ରଞ୍ଜନ ଗିରି, ରେମୁଣାରୁ ସଞ୍ଜୟ କୁମାର ସ୍ୱାଇଁ, ସିମୁଳିଆରୁ ଜନ୍ମେଜୟ ଶୁକ୍ଳ, ଖଇରାରୁ ସୁଶାନ୍ତ କୁମାର ମହାପାତ୍ର, ବାହାନଗାରୁ ବିବେକାନନ୍ଦ ସାହୁ, ଭୋଗରାଇରୁ ଅଶୋକ କୁମାର ସାହୁଙ୍କୁ ଦାୟିତ୍ୱ ଅର୍ପଣ କରାଯାଇଥିଲା।

ନିଷ୍ପତ୍ତି ଅନୁସାରେ ଡିସେମ୍ବର ୧ ଓ ୨ ତାରିଖରେ ରାଲି ମାଧ୍ୟମରେ ସମସ୍ତ ବ୍ଲକସ୍ତରରେ ବିଇଓଙ୍କୁ ଦାବିପତ୍ର ପ୍ରଦାନ କରାଯିବ। ଶିକ୍ଷକ ସୁରେଶ ଚନ୍ଦ୍ର ଗିରି, କୃଷ୍ଣଚନ୍ଦ୍ର ପ୍ରଧାନ, ଆନନ୍ଦ କୁମାର ଗିରି, ମନୋରଞ୍ଜନ ବେହେରା, ଉମାକାନ୍ତ ସାହୁ, ବସନ୍ତ କୁମାର ଦାସ, ଚନ୍ଦ୍ରମୋହନ ସାହୁ, ଅରବିନ୍ଦ ପଣ୍ଡା, ରାମମୋହନ ମୁର୍ମୁ, ସୁଧାଂଶୁ ଶେଖର ପାତ୍ର, ବିମ୍ବାଧର ମହାପାତ୍ର, ସନ୍ତୋଷ କୁମାର ଜେନା, ଗୋବିନ୍ଦ ସିଂ, ଶ୍ୟାମସୁନ୍ଦର ଦେ, ଉତ୍ତମ କୁମାର ଦାସ, ଚିତ୍ତରଞ୍ଜନ ଜେନା ପ୍ରମୁଖ ଉପସ୍ଥିତ ଥିଲେ। ପ୍ରାଥମିକ ଶିକ୍ଷକମାନଙ୍କର ନାର୍ଯ୍ୟ ଦାବି ମୂଳ ପୋଷ୍ଟ ଅପଗ୍ରେଡ କରି ୪୨ଶହ ଗ୍ରେଡ ପେ’ ଅନୁଯାୟୀ ମୂଳ ବେତନକୁ ୩୫ ହଜାର ୪ଶହ ଟଙ୍କା ପ୍ରଦାନ ଏବଂ ୬ ବର୍ଷ ଠିକା କାର୍ଯ୍ୟକାଳକୁ ମୂଳ ଚାକିରିରେ ଗଣନା ଆଦି ଦାବି ପୂରଣ ହେଉ ନ ଥିବାରୁ ଆନ୍ଦୋଳନ କରାଯିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା।

### ପୂରଣ ହେଉନି ନ୍ୟାଯ୍ୟ ଦାବି

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................

ବୟସ:..................................

ଜନ୍ମ ତାରିଖ: ..............................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଦେଢ଼ବର୍ଷରେ ଜେଲରୁ ୧୩ କଏଦୀ ଫେରାର

**ଭୁବନେଶ୍ୱର,୧।୧୨(ସତ୍ୟଜିତ ରାଉତ)**

### ପୋଲିସ ହେପାଜତରୁ ଖସିପଳାଇଛନ୍ତି ୩୯ ଅଭିଯୁକ୍ତ

- ଏବେ ବି ୭ କଏଦୀଙ୍କ ପତ୍ତା ମିଳୁନାହିଁ
- ୮ କରିଛନ୍ତି ଆତ୍ମହତ୍ୟା

ରାଜ୍ୟରେ ଥିବା ଜେଲଗୁଡ଼ିକରେ ଢିଲା ସୁରକ୍ଷା ବ୍ୟବସ୍ଥା କାରଣରୁ କଏଦୀମାନେ ଏହାର ଫାଇଦା ଉଠାଉଛନ୍ତି। ଏପରିକି ସେମାନେ ଅନେକ ଜେଲ କର୍ମଚାରୀଙ୍କୁ ହାତରେ ରଖି ଫେରାର ହେବାକୁ ଯୋଜନା କରୁଛନ୍ତି। ଗତ ଦେଢ଼ବର୍ଷରେ ରାଜ୍ୟର ବିଭିନ୍ନ ଜେଲରୁ ୧୩ ଜଣ କଏଦୀ ଫେରାର ହୋଇଯାଇଛନ୍ତି। ଏମାନଙ୍କ ମଧ୍ୟରୁ ମାତ୍ର ୬ଜଣ ଧରାପଡ଼ିଥିବାବେଳେ ଏବେ ବି ପୋଲିସ ବିଭାଗ ୭ ଜଣଙ୍କ ପତ୍ତା ପାଇପାରିନାହିଁ। ସେହିପରି ବିଭିନ୍ନ ଥାନାରେ ପୋଲିସ ହେପାଜତରୁ ୩୯ ଜଣ ଅଭିଯୁକ୍ତ ଖସି ପଳାଇବାରେ ସକ୍ଷମ ହୋଇଛନ୍ତି। ସୋମବାର ବିଧାନସଭାରେ ଲକ୍ଷ୍ମୀପୁର ବିଧାୟକ ପବିତ୍ର ସାଉଁତାଙ୍କ ଅଣତାରକା ପ୍ରଶ୍ନର ଉତ୍ତରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ତଥ୍ୟ ଦେଇଛନ୍ତି।

୨୦୨୪ ଜୁଲାଇ ୧ରୁ ଏ ପର୍ଯ୍ୟନ୍ତ ଖସିପଳାଇଥିବା କଏଦୀଙ୍କ ମଧ୍ୟରୁ ଚୌଦ୍ୱାର ମଣ୍ଡଳ କାରାଗାରରୁ ୨, ସମ୍ବଲପୁର ମଣ୍ଡଳ କାରାଗାରରୁ ଜଣେ, କେନ୍ଦୁଝର ଜିଲା କାରାଗାରରୁ ଜଣେ, ବାଲେଶ୍ୱର ଜିଲା କାରାଗାରରୁ ଜଣେ, ଭବାନୀପାଟଣା ଜିଲା କାରାଗାରରୁ ୨, ରାଉରକେଲା ସ୍ୱତନ୍ତ୍ର କାରାଗାରରୁ ଜଣେ, ପଦ୍ମପୁର ଉପକାରାଗାରରୁ ୨, ସୋର ଉପକାରାଗାରରୁ ଜଣେ ଏବଂ ଜାମୁଝରୀ ବିଜୁ ପଟ୍ଟନାୟକ ମୁକ୍ତାକାଶ ଆଶ୍ରମରୁ ୨ଜଣ କଏଦୀ ରହିଛନ୍ତି। ତେବେ ସମ୍ବଲପୁର, କେନ୍ଦୁଝର ଓ ବାଲେଶ୍ୱର ଜେଲରୁ ଖସିପଳାଇଥିବା ସମସ୍ତ ୩, ପଦ୍ମପୁର ସବ୍‌ଜେଲରୁ ୨ ଏବଂ ଭବାନୀପାଟଣା ଜେଲରୁ ଫେରାର ହୋଇଥିବା ୨ଜଣଙ୍କ ମଧ୍ୟରୁ ଜଣଙ୍କୁ ପୁଣି ଧରାଯାଇଛି। ଗତ ଦେଢ଼ବର୍ଷରେ ମୋଟ ୩୧ ଜଣ ବିଚାରାଧୀନ କଏଦୀ ମୃତ୍ୟୁବରଣ କରିଥିବା ବେଳେ ୭୪ ହଜାର ୨୩୬ ଜଣ କଏଦୀ କାରାଗାରରୁ ମୁକୁଳିଛନ୍ତି। ନଭେମ୍ବର ୨୪ ସୁଦ୍ଧା ରାଜ୍ୟର ଜେଲଗୁଡ଼ିକରେ ୧୮ ହଜାର ୬୫୯ ଜଣ କଏଦୀ ଥିବା ମୁଖ୍ୟମନ୍ତ୍ରୀ ବିଧାନସଭାରେ ତଥ୍ୟ ରଖିଛନ୍ତି। ଚୌଦ୍ୱାର ଜେଲରେ ୩, କୋରାପୁଟ ଜେଲରେ ଜଣେ, ପୁରୀ ଜିଲା ଜେଲରେ ଜଣେ, ବରଗଡ଼ ଜିଲା ଜେଲରେ ୨ ଏବଂ ବଡ଼ବିଲ ସବ୍‌ଜେଲରେ ଜଣେ କଏଦୀଙ୍କୁ ମିଶାଇ ମୋଟ୍ ୮ଜଣ ଆତ୍ମହତ୍ୟା କରିଛନ୍ତି। ଜେଲରେ ନିଶାଦ୍ରବ୍ୟ କାରବାର ସମ୍ପର୍କରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ସରକାରଙ୍କ ପକ୍ଷରୁ କୌଣସି ପ୍ରକାର ମଦ ଓ ନିଶା ସାମଗ୍ରୀ ଆଦି ଜେଲ ଭିତରକୁ ପ୍ରବେଶ କରିବାକୁ କଠୋର ଭାବେ ନିଷେଧ କରାଯାଇଛି। ଏନେଇ ମିଳୁଥିବା ସୂଚନାକୁ ଗୁରୁତ୍ୱର ସହ ଯାଞ୍ଚ କରାଯିବା ସହ ନିଶା କାରବାର ରୋକିବାକୁ ଜେଲ ପ୍ରଶାସନ ଦ୍ୱାରା ନିୟମିତ ତଲାସି, ଚଢ଼ାଉ କରାଯିବା ସହ ସୁରକ୍ଷା ବୃଦ୍ଧି କରାଯାଇଛି। ଅନିୟମିତତା ଚିହ୍ନଟ ହେଲେ ତାହା ବିରୋଧରେ ନିୟମ ଅନୁଯାୟୀ ଜେଲ ପ୍ରଶାସନ ପକ୍ଷରୁ ତତ୍‌କ୍ଷଣାତ୍ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି ବୋଲି ମୁଖ୍ୟମନ୍ତ୍ରୀ ପ୍ରକାଶ କରିଛନ୍ତି। ଅପରପକ୍ଷରେ ଥାନାଗୁଡ଼ିକରେ ସୁରକ୍ଷା ବ୍ୟବସ୍ଥା ଢିଲା ନେଇ ବଡ଼ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଥାନା ହାଜତ ତଥା ପୋଲିସ ହେପାଜତରୁ ଫେରାର ହୋଇଯାଇଥିବା ଅଭିଯୁକ୍ତଙ୍କ ମଧ୍ୟରେ ନନ୍ଦନକାନନ, ସାଲେପୁର, ବଡ଼ମ୍ବା, ଭଦ୍ରେଶ୍ୱର, ତିର୍ତ୍ତୋଲ, ଜଳେଶ୍ୱର, ପଦ୍ମପୁର, ବଲାଙ୍ଗୀର ଟାଉନ ଥାନା, ପଇଁତଳା, ମୁରିବାହାଲ, ମୋହନା, ଝରିଗାଁ, ତେନ୍ତୁଳିଖୁଣ୍ଟି, ମାଲକାନଗିରି, ମାଥିଲି, ଭବାନୀପାଟଣା ଟାଉନ, ବଡ଼ବିଲ, କେନ୍ଦୁଝର, ଆନନ୍ଦପୁର, ଉଦିତନଗର, ଖୋର୍ଦ୍ଧା ଆଦର୍ଶ ଥାନା ଓ ସହଦେବଖୁଣ୍ଟା ଆଦର୍ଶ ଥାନାର ଜଣେ ଲେଖାଏ ଅଭିଯୁକ୍ତ ରହିଥିବାବେଳେ ଗୋପ, ବାରିପଦା ଟାଉନ ଥାନା, ବରଗଡ଼ ଟାଉନ ଥାନା, ନବରଙ୍ଗପୁର, ରାଜଗାଙ୍ଗପୁରରୁ ୨ ଏବଂ ବୌଦ୍ଧ ଓ ଢେଙ୍କାନାଳ ଟାଉନ ଥାନାରୁ ୩ ଜଣ ଲେଖାଏ ଅଭିଯୁକ୍ତ ରହିଛନ୍ତି।

# ଟ୍ରକ୍ ଚାଳକଙ୍କୁ ଛୁରାମାଡ଼ କରି ଲୁଟ୍

**ବଡ଼ବିଲ/ଯୋଡ଼ା,୧।୧୨**
**(ଜୟନ୍ତୀ ରଣା/ମାନସ ମହାନ୍ତି)**

### ଜାତୀୟ ରାଜପଥରେ ଲୁଟେରାଙ୍କ ଆତଙ୍କ

କେନ୍ଦୁଝର ଜିଲା ବଡ଼ବିଲ ଥାନା ରୋଇଡ଼ା ଛକ ୫୨୦ ନମ୍ବର ଜାତୀୟ ରାଜପଥରେ ଲୁଟେରେ ଆତଙ୍କ ଖେଳାଇଛନ୍ତି। ସୋମବାର ଭଦ୍ରାସାହି-ଯୋଡ଼ା ରାସ୍ତାରେ ଜଣେ ଖଣିଜ ବୋଝେଇ ଟ୍ରକ୍ ଚାଳକଙ୍କୁ ଦୁର୍ବୃତ୍ତ ଛୁରାମାଡ଼ କରି ମୋବାଇଲ ଓ ଟଙ୍କା ନେଇଯାଇଛନ୍ତି। ଛୁରାମାଡ଼ରେ ଝାଡ଼ଖଣ୍ଡ ଅଞ୍ଚଳର ଡ୍ରାଇଭର ସତ୍ୟନାରାୟଣ ବିଶ୍ୱକର୍ମା ଗୁରୁତର ହୋଇଛନ୍ତି। ତାଙ୍କୁ ସ୍ଥାନୀୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି।

ସୂଚନା ଅନୁଯାୟୀ, ଚାଳକ ଖଣିଜ ଖାଲି କରିବାକୁ ଟ୍ରକ୍(ଓଡି ୦୯ ସି ୯୪୩୫) ନେଇ ଗୁଆଲିରୁ ବିଲେଇପଦା ଆସୁଥିଲେ। ଭଦ୍ରାସାହି-ଯୋଡ଼ା ରାସ୍ତାର ରୋଇଡ଼ା ଛକ ନିକଟରେ ପହଞ୍ଚିବା ବେଳକୁ ୨ ଦୁର୍ବୃତ୍ତ ତାଙ୍କ ଗାଡ଼ିକୁ ଅଟକାଇ ଲୁଟ୍ ଉଦ୍ୟମ କରିଥିଲେ। ଡ୍ରାଇଭର ବିରୋଧ କରିବାରୁ ଦୁର୍ବୃତ୍ତମାନେ ଛୁରାମାଡ଼ କରି ମୋବାଇଲ, ଟଙ୍କା ନେଇଯାଇଥିଲେ। କୌଣସିମତେ ଚାଳକ ସେମାନଙ୍କ କବଳରୁ ମୁକୁଳି ଝାଡ଼ଗାଁରେ ପହଞ୍ଚିବା ପରେ ତାଙ୍କୁ ଗୁରୁତର ଅବସ୍ଥାରେ ବଡ଼ବିଲ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସତ୍ୟନାରାୟଣଙ୍କ ହାତ ଓ ମୁଣ୍ଡରେ ଗଭୀର ଆଘାତ ଲାଗିଛି। ଖବର ପାଇ ଘଟଣାସ୍ଥଳରେ ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ରାଜପଥରେ ପୂର୍ବରୁ ମଧ୍ୟ ଟ୍ରକ୍ ଚାଳକଙ୍କୁ ଆକ୍ରମଣ କରି ଲୁଟ୍‌ପାଟ ହୋଇଛି। ଏ ନେଇ ବାରମ୍ବାର ଅଭିଯୋଗ ସତ୍ତ୍ୱେ ପୋଲିସ ପକ୍ଷରୁ ଆଖିଦୃଶିଆ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି।

# ଦୋଷୀଙ୍କୁ ୨୦ ବର୍ଷ ଜେଲ

**କେନ୍ଦୁଝର,୧।୧୨**
**(ନରେଶ ଚନ୍ଦ୍ର ପଟ୍ଟନାୟକ)**

### ନାବାଳିକା ବଳାତ୍କାର ମାମଲା

କେନ୍ଦୁଝର ଫାଷ୍ଟ ଟ୍ରାକ୍ କୋର୍ଟରେ ସୋମବାର ଜଣେ ନାବାଳିକାଙ୍କୁ ବଳାତ୍କାର ମାମଲାର ରାୟ ପ୍ରକାଶ ପାଇଛି। ବିଚାରପତି ବିଜୟ କୁମାର ମିଶ୍ର ୪ ବର୍ଷୀୟା ନାବାଳିକା ବଳାତ୍କାର ମାମଲାର ବିଚାର କରି ହରିଚନ୍ଦନପୁର ଥାନା ଅନ୍ତର୍ଗତ ଶିରିଷପାଳ ଗ୍ରାମର ଅଭିଯୁକ୍ତ ଟୁନା ହାଁସ୍‌ଦା(୩୫)ଙ୍କୁ ଦୋଷୀ ସାବ୍ୟସ୍ତ କରି ୨୦ ବର୍ଷ ଜେଲଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୧୦ ହଜାର ଟଙ୍କା ଜରିମାନା ଅନାଦେୟ ଅଧିକ ୬ ମାସ କାରାଦଣ୍ଡ ଶୁଣାଇଛନ୍ତି। ଏଥିସହ ପୀଡ଼ିତାଙ୍କୁ ୫ ଲକ୍ଷ ଟଙ୍କା ଅନୁକମ୍ପାମୂଳକ ରାଶି ପ୍ରଦାନ ପାଇଁ ଜିଲା ଆଇନସେବା ପ୍ରାଧିକରଣକୁ ସୁପାରିସ୍ କରିଛନ୍ତି। ୨୦୨୪ ନଭେମ୍ବର ୧୪ରେ ପୀଡ଼ିତାଙ୍କୁ ଚୁନା ବିସ୍କୁଟ ଦେଇ ଜଣଙ୍କ ଘରକୁ ଡାକିନେଇ ବଳାତ୍କାର କରିଥିବା ପୀଡ଼ିତାଙ୍କ ମା' ଥାନାରେ ଅଭିଯୋଗ କରିଥିଲେ।

# ଖଣି ଅଧିକାରୀ, ଏନ୍‌ଫୋର୍ସମେଣ୍ଟ ଟିମ୍‌କୁ ଘଣ୍ଟାଏ ଅଟକ ରଖିଲେ ଚାଲାଣକାରୀ

### ପଶ୍ଚିମବଙ୍ଗକୁ ବାଲି ଚାଲାଣ ବେଳେ ଚଢ଼ାଉ

**ଭୋଗରାଇ, ୧।୧୨( ପ୍ରଦୀପ ଦାସ )**

ବାଲେଶ୍ୱର ଜିଲାରେ ପ୍ରବାହିତ ସୁବର୍ଣ୍ଣରେଖା ନଦୀରୁ ଚାଲାଣକାରୀମାନେ ବେଧଡକ ବାଲି ଉତ୍ତୋଳନ କରି ପଶ୍ଚିମବଙ୍ଗକୁ ଶହ ଶହ ଟ୍ରକ ଚାଲାଣ କରି ମାଲାମାଲ ହେଉଛନ୍ତି। ନଦୀପାର୍ଶ୍ୱସ୍ଥ ଗାଁଗୁଡିକ ନଦୀଗର୍ଭକୁ ଚାଲିଯିବା ଅବସ୍ଥାରେ ରହିଛି। ଏଭଳି ସ୍ଥିତିରେ ଜିଲାପାଳ ତଥା ଜିଲା ଖଣି ଅଧିକାରୀଙ୍କ ନିର୍ଦ୍ଦେଶକ୍ରମେ ସୋମବାର ଭୋଗରାଇ ଲକ୍, ଆରୁହାବୃତ୍ତି-୨ ଓ ଦହମୁଣ୍ଡାରେ ଜିଲା ଜୁନିୟର ଖଣି ଅଧିକାରୀଙ୍କ ସହିତ ଏନଫୋର୍ସମେଣ୍ଟ ଟିମ୍ ବାଲି ଚାଲାଣକାରୀଙ୍କ ଉପରେ ଅଚାନକ ଚଢ଼ାଉ କରିଥିଲେ। ଭୋଗରାଇ ଲକ, ଆରୁହାବୃତ୍ତି, ଦହମୁଣ୍ଡା ନିକଟରେ ବେଆଇନ ଭାବେ ଡଙ୍ଗା ସାହାଯ୍ୟରେ ବାଲି ଉତ୍ତୋଳନ କରି ଗଚ୍ଛିତ ରଖିଥିବା ସମସ୍ତ ବେଆଇନ ବାଲିକୁ ଖଣି ଅଧିକାରୀ ଜେସିବି ମାଧ୍ୟମରେ ତାଡ଼ି ନଦୀକୁ ଫିଙ୍ଗି ଦେଇଥିଲେ। ଏଥିରେ ଉତ୍ତ୍ୟକ୍ତ ହୋଇ ସ୍ଥାନୀୟ କେତେକ ଗ୍ରାମବାସୀ ଖଣି ଅଧିକାରୀଙ୍କୁ ୧ଘଣ୍ଟା ଅଟକ ରଖି ଗାଳିଗୁଲଜ କରି ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ। ଖବରପାଇ କମର୍ଦ୍ଦା ଥାନା ପୋଲିସ ପହଞ୍ଚି ଖଣି ଅଧିକାରୀଙ୍କୁ ଉଦ୍ଧାର କରି ଆଣିଥିଲେ।



ଖଣି ଅଧିକାରୀଙ୍କୁ ଅଟକ ରଖିଛନ୍ତି ଚାଲାଣକାରୀ।

ସୂଚନା ଅନୁଯାୟୀ, ବାଲେଶ୍ୱର ଜିଲା ଭୋଗରାଇ ଲକ୍ ନିକଟରେ ଦୀର୍ଘ ଦିନ ଧରି ସୁବର୍ଣ୍ଣରେଖା ନଦୀରୁ ଡଙ୍ଗା ସାହାଯ୍ୟରେ ବାଲି ଉତ୍ତୋଳନ କରି ପଶ୍ଚିମବଙ୍ଗକୁ ଚୋରା ଚାଲାଣ କରିଆସୁଥିଲେ। ଖବରପାଇ ଜିଲା ଜୁନିଅର ଖଣି ଅଧିକାରୀ ତାପସ କୁମାର ବେହେରା, ଭୋଗରାଇ ତହସିଲଦାର ସୂର୍ଯ୍ୟ କୁମାର ନାୟକ, ଭୋଗରାଇ ଆଇଆଇସି ରୋହିତ ବଳ ତଥା ଏନଫୋର୍ସମେଣ୍ଟ ଟିମ୍ ସୋମବାର ଭୋଗରାଇ ଲକ୍‌ଠାରେ ପହଞ୍ଚି ଥିଲେ। ଏହିସବୁ କାର୍ଯ୍ୟ ଦେଖି ବାଲି ଚୋରାଚାଲାଣକାରୀଙ୍କ ଛନକା ପଶିଥିଲା। ସେହିପରି ଅପରାହ୍ନରେ ଖଣି ଅଧିକାରୀ ତାପସ କୁମାର ବେହେରା ତାଙ୍କ ଟିମ୍ ଆରୁହାବୃତ୍ତି-୨ ଓ ଦହମୁଣ୍ଡାଠାରେ ବେଆଇନ ଗଚ୍ଛିତ ବାଲିକୁ ଜେସିବିରେ ବାଲି ତାଡି ଫିଙ୍ଗି ଦେବା ସମୟରେ ସ୍ଥାନୀୟ କିଛି ଗ୍ରାମବାସୀ ଏହାର ପ୍ରତିବାଦ କରିବା ସହ ଅଧିକାରୀଙ୍କୁ ଅଟକ ରଖିଥିଲେ। ଏ ସମ୍ପର୍କରେ ଖଣି ଅଧିକାରୀ ତାପସ କୁମାର ବେହେରା କହିଛନ୍ତି ଯେ, ବେଆଇନ ଗଚ୍ଛିତ ବାଲି ତାଡି ଦେବାରୁ ଆକ୍ରୋଶର ସମ୍ମୁଖୀନ ହେବାକୁ ପଡିଲା। ସେମାନଙ୍କ ନାମରେ କମର୍ଦ୍ଦା ଥାନାରେ ଏତଲା ଦିଆଯାଇଛି।

# ଜେଲ ଗଲେ କଷ୍ଟମର ରିଲେଶନ୍ ଅଫିସର

### ଫାଇନାନ୍ସ କମ୍ପାନୀ କିସ୍ତି ଟଙ୍କା ହଡ଼ପ ମାମଲା

**ବାଲେଶ୍ୱର, ୧।୧୨(ବାଞ୍ଛାନିଧି ଦେ)**

ଏକ ଫାଇନାନ୍ସ କମ୍ପାନୀର ଋଣ କିସ୍ତି ଟଙ୍କା ହଡ଼ପ ମାମଲାରେ ବାଲେଶ୍ୱର ଜିଲା ରୂପସା ଥାନା ପୋଲିସ ଚଢ଼ାଉ କରି ସୋମବାର ଉକ୍ତ କମ୍ପାନୀର କଷ୍ଟମର ରିଲେଶନ୍ ଅଫିସରଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ବାଲିଆପାଳ ଥାନା ନାବଦା ଗ୍ରାମର ହରିନାରାୟଣ ସାହୁ (୨୬)। ଗିରଫ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ସୂଚନା ଯେ, ଆଇଆଇଏଫ୍‌ଏଲ୍ ସମସ୍ତା ଫାଇନାନ୍ସ କମ୍ପାନୀର ଏକ ବ୍ରାଞ୍ଚ ଅଫିସ ରୂପସା ପାଟପୁର ବଜାରରେ ଥିଲା। କମ୍ପାନୀ ତରଫରୁ ଗ୍ରାମାଞ୍ଚଳର ଗରିବ ମହିଳାମାନଙ୍କୁ ଋଣ ଦିଆଯାଇ ମାସିକ କିସ୍ତି ଆଦାୟ କରାଯାଉଥିଲା। ଅଭିଯୁକ୍ତ ଅଫିସର ଜଣକ ମହିଳାଙ୍କଠାରୁ ନିୟମିତ କିସ୍ତି ଆଦାୟ କରି ଅଫିସରେ ଜମା କରୁ ନ ଥିବା ନେଇ ବ୍ରାଞ୍ଚ ମ୍ୟାନେଜର ଥାନାରେ ଅଭିଯୋଗ କରିଥିଲେ।


# Classified Everyday

0674-2580101, 9692975378



REAL ESTATE

SALE

ଭୁବନେଶ୍ୱର ଦଇଶି ପାଟଣା ଟୋଲଗେଟ୍ ନିକଟରେ, ଘରବାଡ଼ି ପାଚେରି ପ୍ଲଟ୍, 25ft. road ପଟ୍ଟାରୁ ବିକ୍ରିହେବ। 9437754190.
D- 2685




All types of physiotherapy Contact number 9556924059/ 7656969134, Jharapada.
D-2686

AFFIDAVIT

By virtue of an affidavit sworn before Executive Magistrate, Aul, dated 18.11.25, I Basant Kumar Parida, Address At- Mahasahani, P.O.- Singiri, P.S.- Aul, Dist.- Kendrapara, PIN- 754215, Odisha declare that I have changed my name from Sameer Alam to Basant Kumar Parida. Henceforth, I shall be known as Basant Kumar Parida for all purposes.
Basant Kumar Parida
D-2730

By virtue of an affidavit sworn before the Notary Public, Titilagarh, Dtd.- 01.12.2025, I, Panchanan Dandasena, S/o.- Basudeb Dandasena, R/o. Village At- Nabjiban Chowk, P.O.- Saintala, P.S.- Saintala, Dist.- Balangir (Odisha), PIN- 767032, declare that now I have changed my daughter's name from Samia Shree Dandasena to Somyashree Dandasena. Henceforth, my daughter shall be known as Somyashree Dandasena for all purposes.
Panchanan Dandasena
D-2731

Before Executive Magistrate, Khallikote, Ganjam, I, Gangadhar Mallik (old name), S/o.- Somanath Behera, Kandara Bangala Sahi, Ward No.- 11, At/P.O./ P.S.- Rambha, Ganjam, Odisha vide affidavit No.- A/743/15.10.25, That now onwards I shall be known as Jahala Behera (new name), S/o.- Somanath Behera for all future purposes.
D-2732

I, Minu Kaur, W/o.- Sandeep Singh, R/o. Flat No.- 305, Kanheiya Building, Brijdham Housing society, Near Church, P.S.- Town, P.O./Dist.- Sambalpur, PIN- 768001 declare by this affidavit No.- 1908, date- 03.09.2025 that now onwards I shall be known as Minu Kour for all purposes. D-2733

By virtue of an affidavit before Notary Public, Kantabanji on 28.11.2025 that before my marriage and in my educational documents, Aadhaar Card, Bank Account of Bank of Baroda, Kantabanji my name is recorded as "ASTAMEE NAG", after marriage to Santosh Harijan I updated my Aadhaar Card and I known as Astamee Harijan, whereas Astamee Nag and Astamee Harijan, W/o.- Santosh Harijan of Village- Kenduguda, P.O.- Kendupati, P.S.- Khariar, Dist.- Nuapada, Odisha is same and one person.
D-2732

## ମନେ ପଡ଼ନ୍ତି

ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ରବିନ୍ଦ୍ରନାଥ ପ୍ରତିହାରୀ
ଗାରେଡିପାଞ୍ଚଣ, ବାଲିପାଟଣା, ଖୋର୍ଦ୍ଧା
ଆବିର୍ଭାବ: ୨୦।୧୧।୧୯୪୬
ତିରୋଧାନ: ୨୨।୧୧।୨୦୨୫
ଆପଣ ଥିଲେ ଆମର ପଥ ପ୍ରଦର୍ଶକ। ଆପଣଙ୍କ ବିନା ଆମେ ଦିଗହୀନ। ଆପଣଙ୍କ ନିଷ୍ଠାପର କର୍ମ, ସ୍ପଷ୍ଟବାଦିତା ଆପଣଙ୍କୁ ସର୍ବଦା ଅମର କରି ରଖିବ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ:
ପୁତ୍ର, ପୁତ୍ରବଧୂ, କନ୍ୟା, ଜାମାତା, ନାତିନାତୁଣୀ, ମା କଲ୍ୟାଣ ମଣ୍ଡପ ପରିବାରବର୍ଗ।

## LEGAL NOTICE

Letter No.- 2015, dtd.- 13.11.2025

ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ୍ ଅଦାଲତ ନମ୍ବର- ୪ ଶ୍ରୀ ପ୍ରଦୀପ କୁମାର ନାୟକ, ଭାରତୀୟ ପ୍ରଶାସନିକ ସେବା, ଚତୁର୍ଥ ମହଲା, ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା
ଓ.ଏସ୍.ଏସ୍. କେସ୍ ନମ୍ବର- ୭୨୦/ ୨୦୨୨
(ଦେୱାନୀ କାର୍ଯ୍ୟବିଧି ସଂହିତାର ଆଦେଶ ନମ୍ବର ୫ ଏବଂ ନିୟମ ନମ୍ବର ୨୦ ମୁତାବକ)

ଶ୍ରୀ ସମ୍ବିତ୍ ନନ୍ଦ ......ବାଦୀ/ଦରଖାସ୍ତକାରୀ

ବନାମ

ତ୍ରାହି ଜଗନ୍ନାଥ କନ୍‌ଷ୍ଟ୍ରକ୍ସନ ପ୍ରାଇଭେଟ୍ ଲିମିଟେଡ,
ନିର୍ଦ୍ଦେଶକ ଶ୍ରୀ ସୁଶାନ୍ତ କୁମାର ପଣ୍ଡା ଓ ଅନ୍ୟମାନେ ...ପ୍ରତିବାଦୀ/ଅପରପକ୍ଷ

ପ୍ରାପ୍ତେଷୁଙ୍କ ନାମ ଓ ଠିକଣା:
ପ୍ରତିବାଦୀ ନଂ.୧- ତ୍ରାହି ଜଗନ୍ନାଥ କନ୍‌ଷ୍ଟ୍ରକ୍ସନ ପ୍ରାଇଭେଟ ଲିମିଟେଡ, ନିର୍ଦ୍ଦେଶକ ଶ୍ରୀ ସୁଶାନ୍ତ କୁମାର ପଣ୍ଡା, ପିତା- ଶ୍ରୀ ନିରାକର ପଣ୍ଡା, ପ୍ଲଟ୍ ନଂ.- ୭୨୬/ସି, ନୟାପଲ୍ଲୀ, ବେହେରା ସାହି, ପୋଷ୍ଟ/ଥାନା- ନୟାପଲ୍ଲୀ, ଭୁବନେଶ୍ୱର, ଜିଲ୍ଲା - ଖୋର୍ଦ୍ଧା।

ଏତଦ୍ୱାରା ସମସ୍ତ ପ୍ରତିବାଦୀଙ୍କ ଅବଗତି ନିମନ୍ତେ ସମ୍ବାଦପତ୍ର ଦ୍ୱାରା ଜଣାଇ ଦିଆଯାଉଅଛି ଯେ, ଉପରୋକ୍ତ ମୋକଦ୍ଦମାରେ ବାଦୀ ନିମ୍ନୋକ୍ତ ଜମିର ହାଲ୍ ଜମିଜମାର ଚୂଡ଼ାନ୍ତ ପ୍ରକାଶନର ରେକର୍ଡ ରିଭିଜନ ନିମନ୍ତେ ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ୍ ଅଦାଲତ ନମ୍ବର- ୪ରେ ଦାଖଲ କରିଛନ୍ତି। ପ୍ରତିବାଦୀଙ୍କୁ ମୋକଦ୍ଦମାର ଶୁଣାଣି ନିମନ୍ତେ ପଞ୍ଜିକୃତ ଡାକ ଦ୍ୱାରା ନୋଟିସ୍ ଜାରି ହୋଇଥିଲା, କିନ୍ତୁ ଉକ୍ତ ନୋଟିସ୍ ବିଭିନ୍ନ କାରଣ ଦର୍ଶାଯାଇ ଫେରସ୍ତ ଆସିଅଛି। ଏଣୁ ଉପରଲିଖିତ ମୋକଦ୍ଦମାର ଶୁଣାଣି ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ୍ ଅଦାଲତ ନମ୍ବର- ୪, ଚତୁର୍ଥ ମହଲା, ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ, ଭୁବନେଶ୍ୱର, ଇଜିଲାସରେ ଆସନ୍ତା ତା.୦୮।୧୨।୨୦୨୫ରିଖ ଦିବା ୧୧.୩୦ ଘଟିକା ସମୟରେ ଶୁଣାଣି କରାଯିବା ନିମନ୍ତେ ସ୍ଥିର କରାଯାଇଅଛି ।

ଜମିର ବିବରଣୀ

ଜିଲ୍ଲା- ଖୋର୍ଦ୍ଧା, ତହସିଲ- ଜଟଣୀ, ଥାନା- ଚନ୍ଦକା, ଥାନା ନଂ.୧୭, ମୌଜା- ଗ୍ରାମଡ଼ିହି

ସାବକ

ଖାତା ନମ୍ବର- ୧୨୮, ପ୍ଲଟ୍ ନମ୍ବର- ୨୬୨, କିସମ- ବାଜେ ଦୋ ଫସଲ- ୨, ରକବା- ମୋଟ ଏ୬.୦୨୧ରୁ ଏ୩.୬୧୨.୬ରୁ ଏ୧.୨୦୦ରୁ ଏ୦.୦୬୧.୯୮ ଡେସିମିଲ, ସ୍ୱତ୍ୱ- ସ୍ଥିତିବାନ, ଖାତା ନମ୍ବର- ୧୨୮, ପ୍ଲଟ୍ ନମ୍ବର- ୨୫୯, କିସମ- ବାଜେ ଦୋ ଫସଲ- ୨, ରକବା- ମୋଟ ଏ୨.୩୧୩ରୁ ଏ୨୬୨.୬ରୁ ଏ୦.୦୫୨.୮ ଡେସିମିଲ, ସ୍ୱତ୍ୱ- ସ୍ଥିତିବାନ।

ହାଲ୍

ଖାତା ନମ୍ବର- ୯୬, ପ୍ଲଟ୍ ନମ୍ବର- ୬୭୪, କିସମ- ଶାରଦ ଅଣ ଜଳସେଚିତ ଦୁଇ, ରକବା- ମୋଟ ଏ୩.୮୪୭ରୁ ଏ୦.୦୬୧.୯୮ ଡେସିମିଲ, ସ୍ୱତ୍ୱ- ସ୍ଥିତିବାନ୍, ଖାତା ନମ୍ବର- ୯୬, ପ୍ଲଟ୍ ନମ୍ବର- ୬୭୨, କିସମ- ଶାରଦ ଅଣ ଜଳସେଚିତ ଦୁଇ, ରକବା- ମୋଟ ଏ୦.୧୫୨ରୁ ଏ୦.୦୫୨.୮ ଡେସିମିଲ, ସ୍ୱତ୍ୱ- ସ୍ଥିତିବାନ।

ଏଣୁ ଉପରୋକ୍ତ ମୋକଦ୍ଦମାର ପ୍ରତିବାଦୀମାନେ ନିଜେ କିମ୍ବା ସେମାନଙ୍କର ଉତ୍ତରାଧିକାରୀମାନେ ତାଙ୍କରି କ୍ଷମତାପ୍ରାପ୍ତ ଓକିଲଙ୍କ ଜରିଆରେ ଏହି ଧାର୍ଯ୍ୟ ତାରିଖ ଏବଂ ସମୟରେ ଉକ୍ତ ଇଜିଲାସରେ ଉପସ୍ଥିତ ରହି ମୋକଦ୍ଦମାର ଶୁଣାଣିରେ ଅଂଶଗ୍ରହଣ କରିବେ, ଅନ୍ୟଥା ନିୟମ ଅନୁଯାୟୀ ଉକ୍ତ ମୋକଦ୍ଦମା ବିଚାର କରାଯିବ ।

ତା.- ୧୩।୧୧।୨୦୨୫
ଭୁବନେଶ୍ୱର

ଅତିରିକ୍ତ ଆୟୁକ୍ତଙ୍କ ଆଦେଶ ଅନୁଯାୟୀ
ସ୍ୱା- କୋର୍ଟ ଅଫିସର
ଧ-୨୬୯୪


# ହତ୍ୟା ଅଭିଯୋଗ ଆଣିଲେ ମୃତକଙ୍କ ଭାଇ

**ପାତ୍ରପୁର,୧।୧୨(ଉମା ଚରଣ ନେପାକ)**

### ମହିଳାଙ୍କ ମୃତଦେହ ଜବତ

ଗଞ୍ଜାମ ଜିଲା ଜରଡା ଥାନା ଅଧୀନ ପଦାଦିଗି ପଞ୍ଚାୟତ ଅନ୍ତର୍ଗତ ନରଣପୁର ଗ୍ରାମରୁ ସୋମବାର ସକାଳେ ପୋଲିସ ଜଣେ ମହିଳାଙ୍କ ମୃତଦେହ ଜବତ କରିଛି। ସେ ହେଲେ ନରଣପୁର ଗ୍ରାମର କୃଷ୍ଣ ପ୍ରଧାନଙ୍କ ସ୍ତ୍ରୀ କୁମାରୀ(୫୦)। ତେବେ ତାଙ୍କୁ ହତ୍ୟା କରାଯାଇଥିବା କୁମାରୀଙ୍କ ଭାଇ ଅଭିଯୋଗ ଆଣିଛନ୍ତି।

ନରଣପୁର ଗ୍ରାମରେ ଜଣେ ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଥିବା ଜରଡା ପୋଲିସ ଖବର ପାଇ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲା। ସେଠାରେ ମୃତକ କୁମାରୀଙ୍କ ଭାଇ ଖରିଣିପଡା ଗ୍ରାମର ନିରଞ୍ଜନ ପ୍ରଧାନ ପହଞ୍ଚି ତାଙ୍କ ନାନୀଙ୍କୁ ସ୍ୱାମୀ କୃଷ୍ଣ ନିର୍ଯାତନା ଦେଇ ଆସୁଥିଲେ। ସେ ହିଁ ତାଙ୍କ ନାନୀଙ୍କୁ ହତ୍ୟା କରିଛନ୍ତି ବୋଲି ନିରଞ୍ଜନ ପୋଲିସ ନିକଟରେ ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷରେ କୁମାରୀ ରବିବାର ବିଳମ୍ବିତ ରାତିରେ ନିଜ ଘରେ ରଶି ବାନ୍ଧି ଆତ୍ମହତ୍ୟା କରିଥିବା କୃଷ୍ଣ ଆଖପାଖ ସମ୍ପର୍କୀୟଙ୍କୁ ସୂଚନା ଦେଇଥିଲେ। କୁମାରୀଙ୍କ ଭାଇ ମଧ୍ୟ ସୂଚନା ପାଇ କୃଷ୍ଣଙ୍କ ଘରେ ପହଞ୍ଚିଥିଲେ। ଭାଇ ନିରଞ୍ଜନ ପହଞ୍ଚି ଦେଖିବା ବେଳକୁ ଭଉଣୀ କୁମାରୀଙ୍କ ଦେହରୁ ପ୍ରଚୁର ରକ୍ତସ୍ରାବ ହେଉଥିଲା। ଏହା ଦେଖି ସେ ତାଙ୍କ ନାନୀଙ୍କୁ ହତ୍ୟା କରାଯାଇଥିବା ଜରଡା ପୋଲିସ ନିକଟରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଗୁରୁତ୍ୱ ଦେଇ ପୋଲିସ ନଂ. ୪୦୧/୨୫ରେ ଏକ ମାମଲା ରୁଜୁକରି ମୃତଦେହ ଜବତକରି ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ପଠାଇଛି। କୃଷ୍ଣଙ୍କୁ ଥାନାକୁ ଆଣି ଅଟକ ରଖି ପଚରାଉଚରା କରୁଛି। ଘଟଣାସ୍ଥଳରୁ ଗୋଟିଏ ଲେଶୁଣି ଓ ପ୍ଲାଷ୍ଟିକ ଚେୟାର ଜବତ ହୋଇଥିବା ଭାରପ୍ରାପ୍ତ ଥାନା ଅଧିକାରୀ ମୀନାକ୍ଷୀ ଦଳବେହେରା କହିଛନ୍ତି।

# ଘର ଭିତରେ ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ



ନାଲ୍‌କୋ କଲୋନିରେ ମହିଳାଙ୍କ ମୃତ୍ୟୁ ପରେ ପୋଲିସ ପକ୍ଷରୁ ତଦନ୍ତ କରାଯାଉଛି।

**ବଣ୍ଡାରପାଳ,୧।୧୨ (ସୁବାସ ସାହୁ)**

ଅନୁଗୋଳ ଜିଲା ନାଲ୍‌କୋନଗର ଥାନା ଅନ୍ତର୍ଗତ ନାଲ୍‌କୋ କଲୋନୀ ପରିସରରେ ଥିବା ଏକ ୩ ମହଲା ଘର ଭିତରେ ସୋମବାର ଜଣେ ମହିଳାଙ୍କ ମୃତ୍ୟୁ ହୋଇଛି। ମୃତ ମହିଳା ହେଉଛନ୍ତି ନାଲ୍‌କୋରେ ଚାକିରି କରୁଥିବା ଜଣେ କର୍ମଚାରୀଙ୍କ ସ୍ତ୍ରୀ। ପୋଲିସର ସୂଚନା ଅନୁଯାୟୀ, ମହିଳାଙ୍କ ସ୍ୱାମୀ ପୂର୍ବାହ୍ନରେ ଅଫିସକୁ ଯାଇଥିଲେ। ମଧ୍ୟାହ୍ନରେ ସେ ଘରକୁ ଖାଇବାକୁ ଆସିଥିବା ବେଳେ ସ୍ତ୍ରୀ କବାଟ ଖୋଲି ନ ଥିଲେ। ସ୍ୱାମୀ ଘରର ପଛପଟ କବାଟ ଦେଇ ଘର ଭିତରକୁ ଯାଇଥିଲେ। ୱାଶିଂ ମେଶିନ ଚାଲିଥିବା ବେଳେ ସ୍ତ୍ରୀ ରୁମ୍ ମଝିରେ ଅଚେତ ଅବସ୍ଥାରେ ପଡ଼ିଥିବା ଦେଖି ସମ୍ପୃକ୍ତ କର୍ମଚାରୀ ତୁରନ୍ତ ତାଙ୍କୁ ନାଲ୍‌କୋ ଡାକ୍ତରଖାନାକୁ ଆଣିଥିଲେ। ସେଠାରେ ଡାକ୍ତର ମହିଳାଙ୍କୁ ମୃତ ଘୋଷଣା କରିବା ସହ ପୋଲିସକୁ ସୂଚନା ଦେଇଥିଲେ। ନାଲ୍‌କୋ ପୋଲିସ ଅଧିକାରୀ ଶ୍ୟାମଲାଲ ଓରାମ ଓ ଏସ୍‌ଡିପିଓ ରମାକାନ୍ତ ମହାଳିକ ମୃତଦେହ ଜବତ କରିବା ସହ ତଦନ୍ତ ଆରମ୍ଭ କରିଛନ୍ତି। ଅନୁଗୋଳରୁ ସାଇଣ୍ଟିଫିକ ଟିମ୍ ଓ ସନ୍ଧାନୀ କୁକୁର ସହାୟତାରେ ଘର ଭିତରେ ତଦନ୍ତ କରାଯାଇଛି।

# ନଭେମ୍ବରରେ ୧.୭୦ ଲକ୍ଷ କୋଟି ଜିଏସ୍‌ଟି ସଂଗ୍ରହ

ଭୁବନେଶ୍ୱର,୧।୧୨




୨୦୨୫ ନଭେମ୍ବରରେ ଭାରତର ମୋଟ ୧ ଲକ୍ଷ ୭୦ ହଜାର ୨୭୬ କୋଟି ଟଙ୍କା ସେବା ଓ ସାମଗ୍ରୀ କର (ଜିଏସ୍‌ଟି) ସଂଗ୍ରହ ହୋଇଛି। ଏହା ଗତବର୍ଷ ନଭେମ୍ବରରେ ୧.୬୯ ଲକ୍ଷ କୋଟି ସଂଗ୍ରହ ତୁଳନାରେ ୦.୭ ପ୍ରତିଶତ ଅଧିକ ହୋଇଥିବାବେଳେ ୨୦୨୫ ଅକ୍ଟୋବର ରେକର୍ଡ ୧.୯୬ ଲକ୍ଷ କୋଟି ତୁଳନାରେ ବହୁତ କମ୍। ଅକ୍ଟୋବରରେ ଦୀପାବଳି, ଦଶହରା ଆଦି ବଡ଼ ପର୍ବପର୍ବାଣି ଯୋଗୁ ଲୋକଙ୍କ ଖର୍ଚ୍ଚ ବଢ଼ିଥିବା ବେଳେ ନଭେମ୍ବରରେ ସେହି ଉତ୍ସାହ କମିଯିବାରୁ ସଂଗ୍ରହରେ ହ୍ରାସ ଦେଖାଯାଇଛି। ଏଥର ସେଣ୍ଟ୍ରାଲ ଜିଏସ୍‌ଟି ୩୪,୮୪୩ କୋଟି, ରାଜ୍ୟ ଜିଏସ୍‌ଟି ୪୨,୫୨୨ କୋଟି ଏବଂ ଇଣ୍ଟିଗ୍ରେଟେଡ୍ ଜିଏସ୍‌ଟି ୪୬,୯୩୪ କୋଟି ଟଙ୍କା ରହିଛି। ଆମଦାନୀ ଉପରେ ଜିଏସ୍‌ଟି ୧୦.୨ ପ୍ରତିଶତ ବଢ଼ି ୪୫,୯୭୬ କୋଟି ଟଙ୍କା ହୋଇଥିବା ବେଳେ ରିଫଣ୍ଡ ପରେ ଘରୋଇ କାରବାରରୁ ନେଟ୍ ସଂଗ୍ରହ ୧.୫ ପ୍ରତିଶତ ହ୍ରାସ ପାଇଁ

## ଅକ୍ଟୋବର ତୁଳନାରେ ବଡ଼ ହ୍ରାସ

୧,୧୫,୫୪୮ କୋଟି ଟଙ୍କା ରହିଛି। ତଥାପି ଆମଦାନୀ-ରପ୍ତାନିକୁ ମିଶାଇ ନେଟ୍ ସଂଗ୍ରହ ୧୧.୬% ବଢ଼ି ୩୬,୫୨୧ କୋଟି ଟଙ୍କା ହୋଇଛି। ୨୦୨୫ ଏପ୍ରିଲରୁ ନଭେମ୍ବର ପର୍ଯ୍ୟନ୍ତ ମୋଟ ନେଟ୍ ଜିଏସ୍‌ଟି ସଂଗ୍ରହ ୭.୩% ବଢ଼ି ୧୨.୭୯ ଲକ୍ଷ କୋଟି ଟଙ୍କା ହୋଇସାରିଛି। ମାତ୍ର କମ୍ପେନସେଶନ ସେସ୍‌ରେ ବଡ଼ ଧରଣର ପତନ ଦେଖାଯାଇଛି। ଘରୋଇ ସେସ୍ ଗତବର୍ଷର ୧୨,୩୯୮ କୋଟିଠାରୁ ଖସି ମାତ୍ର ୪,୭୩୭ କୋଟି ଟଙ୍କା ରହିଛି ଏବଂ ନେଟ୍ ସେସ୍ ୪,୦୦୬ କୋଟି ଟଙ୍କାକୁ ଖସିଛି। ଏହା ରାଜ୍ୟଗୁଡ଼ିକର କ୍ଷତିପୂରଣ ପାଣ୍ଠି ଉପରେ ଅଧିକ ଚାପ ସୃଷ୍ଟି କରୁଛି। ରାଜ୍ୟଭିତ୍ତିକ ପ୍ରଦର୍ଶନରେ କେରଳ ସର୍ବାଧିକ ୭% ଏସ୍‌ଜିଏସ୍‌ଟି ବୃଦ୍ଧି ସହ ପ୍ରଥମ ସ୍ଥାନରେ ରହିଛି। ମହାରାଷ୍ଟ୍ର ୩ ପ୍ରତିଶତ ଏବଂ ବିହାର ୧ ପ୍ରତିଶତ ବୃଦ୍ଧି ସହ ପଛରେ ରହିଛନ୍ତି। ଅର୍ଥନୀତିବିତ୍‌ମାନେ ମତ ଦେଇଛନ୍ତି ଯେ ପର୍ବପର୍ବାଣି ପରେ ଖର୍ଚ୍ଚ ହ୍ରାସ ଏବଂ କିଛି ସାମଗ୍ରୀରେ ଜିଏସ୍‌ଟି ହାର କମାଇବା ଯୋଗୁ ନଭେମ୍ବରରେ ଏହି ପତନ ହୋଇଛି, ତଥାପି ବାର୍ଷିକ ହିସାବରେ ସଂଗ୍ରହ ସ୍ଥିର ରହିଛି।

# ଜାନୁଆରୀରେ ଭାରତ ପହଞ୍ଚିବ ୪୦ ଲକ୍ଷ ବ୍ୟାରେଲ ତେଲ

ଭୁବନେଶ୍ୱର,୧।୧୨

ରୁଷିଆର ତେଲ କମ୍ପାନୀ ରୋସନେଫ୍ଟ ଓ ଲୁକଅଏଲ ଉପରେ ଆମେରିକାର ଲଗାଇଥିବା ପ୍ରତିବନ୍ଧକ ଯୋଗୁଁ ଭାରତର ଡିସ୍କାଉଣ୍ଟରେ ରୁଷିଆ ତେଲ ଆମଦାନି ବାଧାପ୍ରାପ୍ତ ହୋଇଛି। ଭାରତ ଏବେ ଦକ୍ଷିଣ ଆମେରିକାର ଦୂରବର୍ତ୍ତୀ ଦେଶ ଗୁଇଆନାରୁ କ୍ରୁଡ ଅଏଲ ଆଣିବା ଆରମ୍ଭ କରିଛି। ବ୍ଲୁମବର୍ଗର ଶିପ-ଟ୍ରାକିଙ୍ଗ ଡାଟା ଅନୁଯାୟୀ, ନଭେମ୍ବର ଶେଷରେ ୨ ବଡ଼ ଟ୍ୟାଙ୍କର 'କୋବାଲ୍ଟ ନୋଭା' ଓ 'ଓଲିମ୍ପିକ ଲାଇନ' ଗୁଇଆନାରୁ ୟୁନିଟି ଓ ଲିଜା ଗ୍ରେଡର ପ୍ରାୟ ୪୦ ଲକ୍ଷ ବ୍ୟାରେଲ ତେଲ ନେଇ ଭାରତ ଅଭିମୁଖେ ଯାତ୍ରା କରିଛନ୍ତି। ଏହି ଟ୍ୟାଙ୍କରଗୁଡ଼ିକ ୧୭,୭୦୦ କିଲୋମିଟର ଦୂର ଅତିକ୍ରମ କରି ଜାନୁଆରିରେ ପାରାଦୀପ ଓ ମୁମ୍ବାଇ/ବିଶାଖାପାଟଣା ପହଞ୍ଚିବେ।

# ସିଜିୟୁରେ ଏଚ୍‌ଆର୍ କନ୍‌କ୍ଲେଭ୍ 'ବିମର୍ଶ'



ଭୁବନେଶ୍ୱର,୧।୧୨(ଅନୁରାଧା ମହାରଣା)

ଭୁବନେଶ୍ୱରସ୍ଥିତ ସି.ଭି. ରମଣ ଗ୍ଲୋବାଲ ୟୁନିଭର୍ସିଟି(ସିଜିୟୁ) ଏଚ୍‌ଆର୍ କନ୍‌କ୍ଲେଭ୍ ୨୦୨୫- ବିମର୍ଶ ଅନୁଷ୍ଠିତ ହୋଇଯାଇଛି। ସମ୍ମିଳନୀକୁ ମୁଖ୍ୟ ଅତିଥି ଭାବେ ଜେଏସ୍‌ଏଲ୍(ଅନୁଗୋଳ)ର ସଭାପତି ଏବଂ ସିଏଚ୍‌ଆର୍‌ଓ ଦିଲୀପ ସିହ୍ନା, ଫାଲ୍‌କନ୍ ମେରାଇନ୍ ଏକ୍ସପୋର୍ଟସ ଲିମିଟେଡ୍ ଗ୍ରୁପ୍ ହେଡ୍ (ଏଚ୍‌ଆର୍) ଅନିଲ ପ୍ରସାଦ ମହାନ୍ତି ଯୋଗଦେଇଥିଲେ। ଡିଜିଟାଲ ରୂପାନ୍ତରଣ ଦ୍ୱାରା ଭବିଷ୍ୟତରେ କର୍ମକ୍ଷେତ୍ର କିପରି ଭାବେ ପରିଚାଳିତ ହେବ ସେ ବିଷୟରେ ବକ୍ତବ୍ୟ ରଖିଥିଲେ। ଅନିଲ ପ୍ରସାଦ ମହାନ୍ତି ସମାନ ଓ ଅନ୍ତର୍ଭୁକ୍ତ ସାଂଗଠନିକ ସଂସ୍କୃତିର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡ. ବଂଶୀଧର ମାଝୀ, ପ୍ରୋ ଭାଇସ୍ ଚାନ୍ସେଲର ପ୍ରଫେସର ଡ. ଜି. ଶ୍ରୀଦେବୀ ଉପଦେଷ୍ଟା ଅମୂଲ୍ୟ ମହାପାତ୍ର ଓ ମ୍ୟାନେଜମେଣ୍ଟ ବିଭାଗର ମୁଖ୍ୟ ଡ. ସଞ୍ଜିତା ଲେଙ୍କା କାର୍ଯ୍ୟ ଜଗତରେ ଦ୍ରୁତ ପରିବର୍ତ୍ତନ ପାଇଁ ଶିକ୍ଷା-ଶିଳ୍ପ ସଂଯୋଗକୁ ସୁଦୃଢ଼କରି କିପରି ଛାତ୍ରୀଛାତ୍ରମାନଙ୍କୁ ପ୍ରସ୍ତୁତ କରାଯିବ ସେ ବିଷୟରେ ଆଲୋକପାତ କରିଥିଲେ। ଶେଷରେ ମ୍ୟାନେଜମେଣ୍ଟ ବିଭାଗର ଡ. ସସ୍ମିତା ମିଶ୍ର ଧନ୍ୟବାଦ ଦେଇଥିଲେ।

# ହରମନପ୍ରୀତ କୌର ପିଏନ୍‌ବିର ପ୍ରଥମ ମହିଳା ବ୍ରାଣ୍ଡ ଆମ୍ବାସାଡର



ଭୁବନେଶ୍ୱର,୧।୧୨

ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ (ପିଏନ୍‌ବି) ଭାରତୀୟ ମହିଳା କ୍ରିକେଟ ଦଳର ଅଧିନାୟିକା ହରମନପ୍ରୀତ କୌରଙ୍କୁ ନିଜର ପ୍ରଥମ ମହିଳା ବ୍ରାଣ୍ଡ ଆମ୍ବାସାଡର ଭାବେ ନିଯୁକ୍ତ କରିଛି। ସୋମବାର ନୂଆଦିଲ୍ଲୀସ୍ଥିତ ବ୍ୟାଙ୍କ ମୁଖ୍ୟ କାର୍ଯ୍ୟାଳୟରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ହରମନପ୍ରୀତ ସହ କେନ୍ଦ୍ର ଆର୍ଥିକ ସଚିବ ଏମ୍. ନାଗରାଜୁ ଓ ପିଏନ୍‌ବି ଏମ୍‌ଡି ଅଶୋକ ଚନ୍ଦ୍ର ବ୍ୟାଙ୍କର ୪ଟି ନୂଆ ଉତ୍ପାଦ 'ପିଏନ୍‌ବି ରୁପେ ମେଟାଲ କ୍ରେଡିଟ୍ କାର୍ଡ 'ଲକ୍ସୁରା', 'ପିଏନ୍‌ବିୱାନ୍ ୨.୦', 'ଡିଜି ସୂର୍ଯ୍ୟଘର' ଏବଂ 'ପିଏନ୍‌ବି ଅନ୍ ଦ ଆଇଆଇବିଏକ୍ସ ପୋର୍ଟାଲ'ର ଉନ୍ମୋଚନ କରିଛନ୍ତି। ହରମନପ୍ରୀତ ନିଜେ ୧୮ ବର୍ଷ ବୟସରୁ ପିଏନ୍‌ବି ଗ୍ରାହକ ଥିବା କହି ଲକ୍ସୁରା କାର୍ଡର ପ୍ରଥମ ଗ୍ରାହକ ହୋଇଥିବା କହିଛନ୍ତି। ଏହି ଐତିହାସିକ ଘୋଷଣା ପିଏନ୍‌ବିର ମହିଳା ସଶକ୍ତୀକରଣ ଓ ଡିଜିଟାଲ ନବୀକରଣ ପ୍ରତି ପ୍ରତିବଦ୍ଧତାକୁ ଆହୁରି ସୁଦୃଢ଼ କରିଛି।

# ୧୬ ମାସରେ ନିଯୁକ୍ତି ପାଇଛନ୍ତି ୨୫୨୮

ଭୁବନେଶ୍ୱର,୧।୧୨(ଅନୁରାଧା ମହାରଣା)

ରାଜ୍ୟରେ ସୂଚନା ପ୍ରଯୁକ୍ତି କ୍ଷେତ୍ରରେ ୧୬ ମାସ ମଧ୍ୟରେ ୩୩ଟି ନୂଆ କମ୍ପାନୀ ଓଡ଼ିଶାରେ ନିଜର ୟୁନିଟ୍ ସ୍ଥାପନ କରିଛନ୍ତି। ସୂଚନା ଓ ପ୍ରଯୁକ୍ତି କ୍ଷେତ୍ରରେ ବର୍ତ୍ତମାନ ରାଜ୍ୟରେ ଅନ୍ୟୂନ ୩୫୦ରୁ ଅଧିକ କମ୍ପାନୀ ସେମାନଙ୍କର କାର୍ଯ୍ୟାଳୟ ସ୍ଥାପନ କରିଛନ୍ତି ଏବଂ ୩୫ ହଜାରରୁ ଅଧିକ ଯୁବତୀଯୁବକ ସେହି କମ୍ପାନୀରେ

## ରାଜ୍ୟରେ ନୂଆ ୩୩ କମ୍ପାନୀର ୟୁନିଟ୍

କାର୍ଯ୍ୟରତ ଅଛନ୍ତି। ବିଧାନସଭାରେ ରାମଚନ୍ଦ୍ର କାଡାମ ୧୬ ମାସରେ କାର୍ଯ୍ୟକାରୀ ହୋଇଥିବା କମ୍ପାନୀଗୁଡ଼ିକ ମଧ୍ୟରେ କେତେଜଣ ଓଡ଼ିଆ ଯୁବତୀଯୁବକ ନିଯୁକ୍ତି ପାଇଛନ୍ତି ବୋଲି ପ୍ରଶ୍ନ କରିଥିଲେ। ଏହାର ଉତ୍ତରରେ ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ ଡା. ମୁକେଶ ମହାଲିଙ୍ଗ ଏହି ତଥ୍ୟ ରଖିଛନ୍ତି। ୧୬ ମାସରେ ନିଯୁକ୍ତି ପାଇଥିବା ମୋଟ ୨୫୨୮ କର୍ମଚାରୀଙ୍କ ମଧ୍ୟରୁ ୧୭୩୦ ଜଣ ଯୁବକ ଥିବାବେଳେ ୭୯୮ ଜଣ ଯୁବତୀ ଅଛନ୍ତି। ମାତ୍ର ସେମାନଙ୍କ ମଧ୍ୟରୁ କେତେଜଣ ଓଡ଼ିଆ ଯୁବତୀଯୁବକ ଅଛନ୍ତି ସେନେଇ ତଥ୍ୟ ମିଳିପାରି ନାହିଁ।

# ଓଡ଼ିଶାରେ ମୋବାଇଲ ଗ୍ରାହକ ସଂଖ୍ୟା ୩.୫୯ କୋଟିକୁ ବୃଦ୍ଧି

ଭୁବନେଶ୍ୱର,୧।୧୨(ଅନୁରାଧା ମହାରଣା)


## ଜିଓର ସର୍ବାଧିକ ୧.୬୯ କୋଟି ଗ୍ରାହକ

**ଟ୍ରାଇ ତଥ୍ୟ**

ଅକ୍ଟୋବରରେ ଓଡ଼ିଶାରେ ମୋଟ ମୋବାଇଲ ଗ୍ରାହକଙ୍କ ସଂଖ୍ୟା ୧.୫୯ ଲକ୍ଷ ବୃଦ୍ଧି ସହ ଅକ୍ଟୋବର ୩୧ ସୁଦ୍ଧା ୩.୫୯ କୋଟି ଅତିକ୍ରମ କରିଛି। ଭାରତୀୟ ଟେଲିକମ୍ ନିୟାମକ ପ୍ରାଧିକରଣ (ଟ୍ରାଇ) ଦ୍ୱାରା ପ୍ରକାଶିତ ସଦ୍ୟତମ ଟେଲିକମ୍ ଉପଭୋକ୍ତା ତଥ୍ୟରେ ଏହା ପ୍ରକାଶ କରାଯାଇଛି। ଏହା ମଧ୍ୟରେ ରିଲାଏନ୍ସ ଜିଓ ୨୦୨୫ ଅକ୍ଟୋବର ମାସରେ ଓଡ଼ିଶାରେ ସର୍ବାଧିକ ୧.୬୭ ଲକ୍ଷରୁ ଅଧିକ ନୂତନ ମୋବାଇଲ ଗ୍ରାହକ ଏବଂ ୨୭,୦୦୦ରୁ ଅଧିକ ନୂତନ ହୋମ୍ ବ୍ରଡ୍‌ବ୍ୟାଣ୍ଡ ଗ୍ରାହକ ଯୋଡ଼ିଛି। ଅକ୍ଟୋବରରେ ରିଲାଏନ୍ସ ଜିଓ ଓଡ଼ିଶାରେ ସର୍ବାଧିକ ୧.୬୭ ଲକ୍ଷରୁ ଅଧିକ ନୂତନ ମୋବାଇଲ ଗ୍ରାହକ ଯୋଡ଼ିଥିବାବେଳେ ଉଭୟ ଏୟାରଟେଲ ଏବଂ ବିଏସ୍‌ଏନ୍‌ଏଲ୍ ସେହି ସମାନ ସମୟରେ ରାଜ୍ୟରେ ହଜାର ହଜାର ମୋବାଇଲ ଗ୍ରାହକ ହରାଇଛନ୍ତି। ଜିଓ ୩୧ ଅକ୍ଟୋବର ୨୦୨୫ ସୁଦ୍ଧା ଓଡ଼ିଶାରେ ୧.୬୯ କୋଟିରୁ ଅଧିକ ମୋବାଇଲ ଗ୍ରାହକ ଏବଂ ୪୭ ପ୍ରତିଶତରୁ ଅଧିକ ମୋବାଇଲ ଗ୍ରାହକ ବଜାର ଅଂଶ ହାସଲ କରିଛି। ଜିଓର ସେବା ପ୍ରତି ଗ୍ରାହକଙ୍କ ଅତୁଳନୀୟ ବିଶ୍ୱାସ ଏବଂ ରାଜ୍ୟବ୍ୟାପୀ ଏହାର ଅତ୍ୟାଧୁନିକ ୪ଜି ଓ ୫ଜି ନେଟ୍‌ୱାର୍କ ପ୍ରଯୁକ୍ତିର ଶ୍ରେଷ୍ଠତା ଦ୍ୱାରା ଏହି ମାଇଲଖୁଣ୍ଟ ସମ୍ଭବ ହୋଇଛି। ଅତି ସୁଲଭ ଜିଓ ଭାରତ ୪ଜି ଫୋନ ବଳରେ ବିଶେଷକରି ସାରା ଓଡ଼ିଶାର ଗ୍ରାମୀଣ ଏବଂ ଦୂରଦୂରାନ୍ତ ଅଞ୍ଚଳରେ ହଜାର ହଜାର ୨ଜି ଗ୍ରାହକ ୪ଜିକୁ ଅପ୍‌ଗ୍ରେଡ୍ କରିବାରେ ସକ୍ଷମ ହୋଇଛନ୍ତି। ସୂଚନା ଥାଉକି, ଜାତୀୟ ସ୍ତରରେ, ରିଲାଏନ୍ସ ଜିଓ ଅକ୍ଟୋବର ୨୦୨୫ରେ ଭାରତର ଟେଲିକମ୍ ଅଭିବୃଦ୍ଧିର ନେତୃତ୍ୱ ନେଇ ଏୟାରଟେଲ ଅପେକ୍ଷା ଦେଢ଼ ଗୁଣ ଅଧିକ ଗ୍ରାହକ ଯୋଡ଼ିବା ସହ ଏହାର ଗ୍ରାହକ ବଜାର ଅଂଶ ୪୧.୪ ପ୍ରତିଶତକୁ ବୃଦ୍ଧି ପାଇଛି।

# ଫ୍ୟାଶନ ଫ୍ୟାକ୍ଟ୍ରିରେ ଫ୍ରି ଶପିଂ ଉଇକ୍

ଭୁବନେଶ୍ୱର,୧।୧୨




ରିଲାଏନ୍ସ ରିଟେଲର ପ୍ୟାନ୍-ଇଣ୍ଡିଆ ଡିସ୍କାଉଣ୍ଟ ଫ୍ୟାଶନ ଷ୍ଟୋର ଫ୍ୟାଶନ ଫ୍ୟାକ୍ଟ୍ରି 'ଫ୍ରି ଶପିଂ ଉଇକ' ଅଫର ଘୋଷଣା କରିଛି। ଏହି ଅଫର ଅନୁଯାୟୀ ଗ୍ରାହକମାନେ ମାତ୍ର ୨୦୦୦ ଟଙ୍କା ଦେଇ ୫୦୦୦ ଟଙ୍କା (ଏମ୍‌ଆର୍‌ପିର)ର ପୋଷାକ ନେଇପାରିବେ ଏବଂ ସେହି ୨୦୦୦ ଟଙ୍କା ମଧ୍ୟ ସମ୍ପୂର୍ଣ୍ଣ ଫେରିପାଇଯିବେ। ଅର୍ଥାତ୍ ଶୂନ୍ୟ ଖର୍ଚ୍ଚରେ ବ୍ରାଣ୍ଡେଡ୍ ପୋଷାକ ଘରକୁ ଆଣିପାରିବେ। ଏହି ସୀମିତ ସମୟର ଅଫର ଡିସେମ୍ବର ୩ରୁ ୭ ପର୍ଯ୍ୟନ୍ତ ଚାଲିବ। ଗ୍ରାହକମାନେ ୫୦୦୦ ଟଙ୍କାର ପୋଷାକ ବିଲ୍ କରି ମାତ୍ର ୨୦୦୦ ଟଙ୍କା ଦେବେ। ଅବଶିଷ୍ଟ ୨୦୦୦ ଟଙ୍କା ପାଇବା ପାଇଁ ୨ଟି ବିଶେଷ ଉପହାର ପାଇପାରିବେ। ୧୦୦୦ ଟଙ୍କାର ନିଶ୍ଚିତ ମାଗଣା ଉପହାର ସହ ୧୦୦୦ଟଙ୍କାର ଗିଫ୍ଟ ଭାଉଚର ମିଳିବ। ଏହି ଅଫର ମୁଖ୍ୟତଃ ବଜେଟ-ସଚେତନ ପରିବାର, ଯୁବପିଢ଼ି ଏବଂ ଫ୍ୟାଶନପ୍ରେମୀଙ୍କ ଉଦ୍ଦେଶ୍ୟରେ ଘୋଷଣା କରାଯାଇଛି। ଫ୍ୟାଶନ ଫ୍ୟାକ୍ଟ୍ରିରେ ବର୍ଷ ସାରା ୨୦%ରୁ ୭୦% ପର୍ଯ୍ୟନ୍ତ ରିହାତି ରହୁଛି। ଅଫର ଦେଶର ସବୁ ଫ୍ୟାଶନ ଫ୍ୟାକ୍ଟ୍ରିଷ୍ଟୋରରେ ଉପଲବ୍ଧ।

## ଖେଳ ଖବର

# ଗମ୍ଭୀର, ଅଗରକରଙ୍କୁ ହଠାତ୍ ଡକାଇଲା ବିସିସିଆଇ



ଗୌତମ ଗମ୍ଭୀର ଓ ଅଜିତ ଅଗରକର।

ମୁମ୍ବାଇ,୧।୧୨

ଦକ୍ଷିଣ ଆଫ୍ରିକା ବିପକ୍ଷରେ ବୁଧବାର ଖେଳାଯିବାକୁ ଥିବା ଦ୍ୱିତୀୟ ଦିନିକିଆ ମ୍ୟାଚ୍ ପୂର୍ବରୁ ଭାରତୀୟ ଦଳର ମୁଖ୍ୟ କୋଚ୍ ଗୌତମ ଗମ୍ଭୀର ଓ ସିଲେକ୍ସନ କମିଟି ମୁଖ୍ୟ ଅଜିତ ଅଗରକରଙ୍କୁ ଏକ ବୈଠକ ଲାଗି ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ପକ୍ଷରୁ ଡାକରା ଦିଆଯାଇଛି। ଏହି ବୈଠକରେ ଜରୁରିକାଳୀନ ଭିତ୍ତିରେ କିଛି ଗୁରୁତ୍ୱପୂର୍ଣ୍ଣ ବିଷୟ ଉପରେ ଆଲୋଚନା କରାଯିବ। ଭାରତୀୟ ଦଳର ଦୁଇ ଭେଟେରାନ ବିରାଟ କୋହଲି ଓ ରୋହିତ ଶର୍ମାଙ୍କ ଭବିଷ୍ୟତକୁ ନେଇ ଚର୍ଚ୍ଚା ଲାଗି ରହିଥିବା ବେଳେ ଏହି ବୈଠକ ଡକା ଯାଇଛି। ଦୁଇ ସିନିୟର ଖେଳାଳି ଗତ କିଛି ମ୍ୟାଚ୍‌ରେ ଜବରଦସ୍ତ ପ୍ରଦର୍ଶନ କରିଛନ୍ତି।

ଏକ ରିପୋର୍ଟ ମୁତାବକ, ଏହି ଆଲୋଚନାରେ ବିସିସିଆଇ ସମ୍ପାଦକ ଦେବଜିତ ସାଇକିଆ, ଯୁଗ୍ମ ସମ୍ପାଦକ ପ୍ରଭତେଜ ସିଂ ଭାଟିଆଙ୍କ ସହ ଗମ୍ଭୀର ଓ ଅଗରକର ଯୋଗ ଦେବେ। ତେବେ ନୂଆ ବିସିସିଆଇ ସଭାପତି ମିଥୁନ ମନହାସ ଯୋଗ ଦେବେ କି ନାହିଁ, ତାହା ରିପୋର୍ଟରେ ସ୍ପଷ୍ଟ କରାଯାଇ ନାହିଁ। ମ୍ୟାଚ୍ ଦିନ ବୈଠକ ଥିବାରୁ ଏଥିରେ ରୋହିତ ଓ କୋହଲିଙ୍କ ଭଳି ସିନିୟର ଖେଳାଳିଙ୍କର ସାମିଲ ହେବାର ବିଶେଷ ସମ୍ଭାବନା ନାହିଁ। ବିସିସିଆଇର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି, ଘରୋଇ ଟେଷ୍ଟ ସିଜନ ବେଳେ ଫିଲ୍ଡ ଭିତରେ ଓ ବାହାରେ ଦଳର ଟାକ୍ଟିସକୁ ନେଇ ଦ୍ୱନ୍ଦ୍ୱ ଦେଖାଦେଇଥିଲା। ପରବର୍ତ୍ତୀ ଘରୋଇ ଟେଷ୍ଟ ସିରିଜ୍‌କୁ ୮ ମାସ ଥିବାରୁ ଆମେ ସ୍ପଷ୍ଟ ଯୋଜନା ସହ ଆଗକୁ ବଢ଼ିବାକୁ ଚାହୁଁ। ଆସନ୍ତା ବର୍ଷ ହେବାକୁ ଥିବା ଟି୨୦ ବିଶ୍ୱକପ୍‌ରେ ଭାରତୀୟ ଦଳ ତା'ର ଟାଇଟଲ ଡିଫେଣ୍ଡ କରିବା ଲାଗି ଫେଭରାଇଟ୍ ଓ ୨୦୨୭ ବିଶ୍ୱକପ୍ ହାତେଇବା ଲାଗି ପ୍ରବଳ ଦାବିଦାର ଥିବାରୁ ଆମେ ଯଥା ଶୀଘ୍ର ଏ ସମସ୍ୟାର ସମାଧାନ କରିବାକୁ ଚାହୁଁ।



ନୂଆଦିଲ୍ଲୀରେ ଅନୁଷ୍ଠିତ ଜାତୀୟ ସ୍କୁଲ ଗେମ୍ସ ସନ୍ତରଣର ବାଳକ ୨୦୦ ମିଟର ବ୍ରେଷ୍ଟଷ୍ଟ୍ରୋକ୍‌ରେ ବ୍ରୋଞ୍ଜ ପଦକ ବିଜୟୀ ଓଡ଼ିଶାର ସୌରଭ ପୁଟେଲ।

# ଭାରତ ଆଜି ସୁଇଜରଲାଣ୍ଡକୁ ଭେଟିବ

ମଦୁରାଇ, ୧।୧୨ (ପି.ଟି.)

## ଏଫ୍‌ଆଇଏଚ୍ ଜୁନିୟର ହକି

ଚଳିତ ଏଫ୍‌ଆଇଏଚ୍ ଜୁନିୟର ହକି ବିଶ୍ୱକପ୍ ପ୍ରତିଯୋଗିତାର ନକ୍‌ଆଉଟ ପର୍ଯ୍ୟାୟ ପୂର୍ବରୁ ପୁଲ୍ 'ବି'ରେ ଭାରତ ଓ ସୁଇଜରଲାଣ୍ଡ ମଙ୍ଗଳବାର ସେମାନଙ୍କ ଅନ୍ତିମ ଲିଗ୍ ମ୍ୟାଚରେ ପରସ୍ପରକୁ ଭେଟିବେ। ଉଭୟ ଭାରତ ଓ ସୁଇଜରଲାଣ୍ଡ ସେମାନଙ୍କ ଗ୍ରୁପ୍‌ରେ ଅପରାଜେୟ ରହିଛନ୍ତି। ଦୁଇଦଳ ଏପର୍ଯ୍ୟନ୍ତ ସୁଦ୍ଧା ଦୁଇଟି ଗେମ୍‌ରେ ବିଜୟ ଲାଭ କରିଛନ୍ତି। ଗୋଲ୍ ବ୍ୟବଧାନ ଦୃଷ୍ଟିରୁ ଭାରତ ପୁଲ୍ 'ବି' ଟେବୁଲରେ ଶୀର୍ଷ ସ୍ଥାନ ଅଧିକାର କରିଛି। ଭାରତ ଚେନ୍ନାଇଠାରେ ଖେଳିଥିବା ଏହାର ପ୍ରଥମ ଦୁଇଟି ଗେମ୍‌ରେ ଯଥାକ୍ରମେ ଚିଲିକୁ ୭-୦ ଏବଂ ଓମାନକୁ ୧୭-୦ ଗୋଲ୍‌ରେ ପରାସ୍ତ କରିଛି। ଅନ୍ୟପକ୍ଷରେ ଓମାନ ବିପକ୍ଷରେ ସୁଇଜରଲାଣ୍ଡ ୪-୦ ଗୋଲ୍‌ରେ ବିଜୟୀ ହୋଇଥିବା ବେଳେ ଚିଲିକୁ ସ୍ୱଳ୍ପ ବ୍ୟବଧାନରେ ୩-୨ ଗୋଲ୍‌ରେ ପରାସ୍ତ କରିଛି। ଏହି ଦୃଷ୍ଟିରୁ ମଙ୍ଗଳବାର ସୁଇଜରଲାଣ୍ଡ ବିପକ୍ଷ ମ୍ୟାଚରେ ବିଶ୍ୱର ୨ ନମ୍ବର ମାନ୍ୟତାପ୍ରାପ୍ତ ଭାରତୀୟ ଦଳ ଉନ୍ନତ ପ୍ରଦର୍ଶନ କରିବ ବୋଲି ଆଶା କରାଯାଉଛି। ମାତ୍ର ନକ୍‌ଆଉଟ ପର୍ଯ୍ୟାୟ ପୂର୍ବରୁ ଭାରତୀୟ ଦଳ ପାଇଁ କିଛି ଚିନ୍ତା ରହିଛି। ଡିଫେନ୍ସ ବିଭାଗକୁ କ୍ୱଚିତ ପରୀକ୍ଷାର ସମ୍ମୁଖୀନ ହେବାକୁ ପଡ଼ିଛି। ଗୋଲ୍‌କିପର ଦୀପ୍ ସିଂ ଓ ବିକ୍ରମଜିତ୍ ସିଂଙ୍କୁ ମଧ୍ୟ ଚାପର ସାମ୍ନା ହେବାକୁ ପଡ଼ିନାହିଁ। ପେନାଲ୍‌ଟି କର୍ନରରୁ ଡ୍ରାଗ୍ ଫ୍ଲିକ୍‌କୁ ଗୋଲରେ ପରିଣତ କରିବା ଆଉ ଏକ ସମସ୍ୟା। ଅଧିନାୟକ ରୋହିତ ହେଉଛନ୍ତି ଦଳର ପ୍ରମୁଖ ଡ୍ରାଗ୍‌ଫ୍ଲିକର। ତାଙ୍କୁ ପ୍ରଦର୍ଶନରେ ସୁଧାର ଆଣିବାକୁ ପଡ଼ିବ। ଏହାର ଅର୍ଥ ନୁହେଁ ଯେ, ଭାରତ ପେନାଲ୍ଟି କର୍ନରରୁ ସ୍କୋର କରିନାହିଁ, କିନ୍ତୁ ଅଧିକାଂଶ ଗୋଲ୍ ଇନ୍‌ଡାଇରେକ୍ଟ ଭାରିଏଶନ ଓ ରିବାଉଣ୍ଡରୁ ହୋଇଛି। ଫରୱାର୍ଡ ଲାଇନ୍ ଓ ମିଡ୍ ଫିଲ୍ଡରେ ଚମତ୍କାର ପ୍ରଦର୍ଶନ ଯୋଗୁ ଭାରତ ପ୍ରଥମ ଦୁଇଟି ଗେମ୍ ସହଜରେ ବିଜୟ ଲାଭ କରିଥିଲା। ଦିଲରାଜ ସିଂ ୬ଟି ଗୋଲ୍ ସହ ଟୁର୍ନାମେଣ୍ଟରେ ଯୁଗ୍ମ ଟପ୍ ସ୍କୋରର ହୋଇଛନ୍ତି। ତନ୍ମଧ୍ୟରେ ତାଙ୍କର ଓମାନ ବିପକ୍ଷରେ ହ୍ୟାଟ୍ରିକ୍ ଅନ୍ୟତମ। ମନମିତ୍ ସିଂ, ଅଜିତ ଯାଦବ ଓ ଇଙ୍ଗାଲେମ୍ବା ଲୁୱାଙ୍ଗ ଥୋଉଜାମ ମଧ୍ୟ ଗୋଲ ସ୍କୋର କରିଛନ୍ତି। ଚେନ୍ନାଇରେ ଅବଶିଷ୍ଟ ମ୍ୟାଚ ଖେଳିବା ଲାଗି ପ୍ରତ୍ୟାବର୍ତ୍ତନ କରିବା ପୂର୍ବରୁ ଭାରତ ମଦୁରାଇରେ ସୁଇଜରଲାଣ୍ଡ ବିପକ୍ଷରେ ଏକମାତ୍ର ଗେମ୍ ଖେଳିବ।

# କିଟ୍ ମହିଳା ହକି ଦଳ ଫାଇନାଲରେ

ଭୁବନେଶ୍ୱର, ୧।୧୨ (ବିଜୟ ରଣା)

## ଖେଲୋ ଇଣ୍ଡିଆ ୟୁନିଭର୍ସିଟି ଗେମ୍ସ

କିଟ୍ ବିଶ୍ୱବିଦ୍ୟାଳୟର ରାଜସ୍ଥାନରେ ଚାଲିଥିବା ଖେଲୋ ଇଣ୍ଡିଆ ୟୁନିଭର୍ସିଟି ଗେମ୍ସ (କେଆଇୟୁଜି)ର ମହିଳା ହକି ଟୁର୍ନାମେଣ୍ଟର ଫାଇନାଲରେ ପ୍ରବେଶ କରିଛି। ଭଲିବଲ ଓ ଟେନିସରେ ମଧ୍ୟ ଏହି ବିଶ୍ୱବିଦ୍ୟାଳୟ ଭଲ ପ୍ରଦର୍ଶନ କରିଛି। ମହିଳା ହକିରେ କିଟ୍ ପେନାଲ୍‌ଟି ଶୁଟ୍‌ଆଉଟରେ ଗୁରୁ ନାନକ ଦେବ ବିଶ୍ୱବିଦ୍ୟାଳୟକୁ ୩-୨ରେ ବିଜୟ ଲାଭ କରି ଫାଇନାଲକୁ ଉନ୍ନୀତ ହୋଇଛି। ମ୍ୟାଚର ନିର୍ଦ୍ଧାରିତ ସମୟ ଖେଳ ଗୋଲ୍‌ଶୂନ୍ୟ ଭାବେ ଶେଷ ହୋଇଥିଲା। କିଟ୍ ବୁଧବାର ଫାଇନାଲ ମ୍ୟାଚରେ ଆଇଟିଏମ୍ ଗ୍ୱାଲିୟରକୁ ଭେଟିବ। ସେହିପରି ମହିଳା ଭଲିବଲ୍‌ରେ କିଟ୍ ୩-୧ (୨୫-୨୧, ୨୫-୧୯, ୨୧-୨୫, ୨୫-୧୯) କୋଟାୟମାସ୍ଥିତ ମହାତ୍ମା ଗାନ୍ଧୀ ବିଶ୍ୱବିଦ୍ୟାଳୟକୁ ପରାସ୍ତ କରିଛି। କିଟ୍ ଏହାର ପରବର୍ତ୍ତୀ ମ୍ୟାଚ୍ ଲଭ୍‌ଲି ପ୍ରଫେସନାଲ ୟୁନିଭର୍ସିଟିକୁ ଭେଟିବ। ଅନ୍ୟପକ୍ଷରେ କିଟ୍ ପୁରୁଷ ଟେନିସ ଦଳ ଗୁଜରାଟ ୟୁନିଭର୍ସିଟିକୁ ପରାସ୍ତ କରି ପରାସ୍ତ କରି ସେମିଫାଇନାଲକୁ ଉନ୍ନୀତ ହୋଇଛି। ସିଙ୍ଗଲ୍ସରେ ଦେବାଶିଷ ସାହୁ ୬-୧, ୬-୨ରେ ସୁରଜ ଡାଲଙ୍କୁ ଏବଂ କବୀର ହଂସ ୬-୦,୬-୨ରେ ବରୁଣ ମେହୁଲ ଧଣ୍ଡହୁଆକିୟାଙ୍କୁ ହରାଇ ଦେଇଛନ୍ତି। ସେହିପରି ପୁରୁଷ ଡବଲ୍ସରେ କବୀର ହଂସ ଓ ଅଂଶୁମାନ ସିଂ ଦେ ୬-୩, ୬-୪ରେ କନିଷ୍କ ଜେଟ୍‌ଲୀ ଓ ମାନବେନ୍ଦ୍ର ରାୱତଙ୍କୁ ୬-୩, ୬-୪ରେ ହରାଇ ଦେଇଛନ୍ତି।




ଫାଇନାଲରେ ପ୍ରବେଶ କରିଥିବା କିଟ୍ ମହିଳା ହକି ଦଳ।

# ଗିଲ୍‌ଙ୍କ ଫିଟ୍‌ନେସ ଆସେସ୍‌ମେଣ୍ଟ ଆରମ୍ଭ

ନୂଆଦିଲ୍ଲୀ,୧।୧୨(ପି.ଟି.)

ଭାରତର ଟେଷ୍ଟ ଅଧିନାୟକ ଶୁବମନ ଗିଲ ସୋମବାର ତାଙ୍କର ବାଧ୍ୟତାମୂଳକ ଫିଟନେସ ଆସେସ୍‌ମେଣ୍ଟ ଲାଗି ବେଙ୍ଗାଲୁରୁସ୍ଥିତ ସେଣ୍ଟର ଅଫ୍ ଏକ୍ସିଲେନ୍ସ (ସିଓଇ)ରେ ଯୋଗ ଦେଇଛନ୍ତି। ଏଥିରୁ ସେ ଆସନ୍ତା ୯ ତାରିଖରୁ ଦକ୍ଷିଣ ଆଫ୍ରିକା ବିପକ୍ଷ ୫ ମ୍ୟାଚ୍ ବିଶିଷ୍ଟ ଟି୨୦ ସିରିଜ୍ ଲାଗି ଉପଲବ୍ଧ ହେବେ କି ନାହିଁ, ତାହା ସ୍ପଷ୍ଟ ହେବ। ଗିଲ ଦକ୍ଷିଣ ଆଫ୍ରିକା ବିପକ୍ଷ ପ୍ରଥମ ଟେଷ୍ଟର ଦ୍ୱିତୀୟ ଦିନରେ ବେକଜନିତ ଆହତ ସମସ୍ୟାର ସମ୍ମୁଖୀନ ହୋଇଥିଲେ। ସେବେଠାରୁ ସେ ପଡ଼ିଆରୁ ଦୂରେଇ ରହିଛନ୍ତି। ଆଗାମୀ ଟି୨୦ ସିରିଜ୍ ଲାଗି ଭାରତୀୟ ଦଳରେ ବିଶେଷ ପରିବର୍ତ୍ତନ ହେବାର ସମ୍ଭାବନା ନ ଥିବାରୁ ଅଜିତ ଅଗରକରଙ୍କ ନେତୃତ୍ୱାଧୀନ ସିଲେକ୍ସନ କମିଟି ଗିଲ୍‌ଙ୍କ ଫିଟ୍‌ନେସ ରିପୋର୍ଟ ଅପେକ୍ଷା ରହିଛି।

"ଆହତ ସମସ୍ୟା କାରଣରୁ ଗିଲ୍ ମ୍ୟାଚ୍‌ରୁ ବାଦ୍ ପଡ଼ିବା ପରେ ତାଙ୍କୁ ଇଞ୍ଜେକ୍‌ଶନ ଦିଆଯିବା ସହ ୨୧ ଦିନ ଲାଗି ବିଶ୍ରାମ ଓ ତାଙ୍କ ବେକର ମାଂସପେଶୀକୁ ସଶକ୍ତ କରିବା ପାଇଁ ନିର୍ଦ୍ଦିଷ୍ଟ କିଛି ଏକ୍ସରସାଇଜ କରିବାକୁ ପରାମର୍ଶ ଦିଆଯାଇଥିଲା। ସ୍କିଲ୍ସ ଟ୍ରେନିଂ ଆରମ୍ଭ କରିବା ପୂର୍ବରୁ ଗିଲଙ୍କୁ ବାଧ୍ୟତାମୂଳକ ଫିଟ୍‌ନେସ ଟେଷ୍ଟର ସମ୍ମୁଖୀନ ହେବାକୁ ପଡ଼ିବ। ସ୍କିଲ୍ସ ଟ୍ରେନିଂ ବେଳେ ସ୍ପୋର୍ଟ୍ସ ସାଇନ୍ସ ଟିମ୍ ଦ୍ୱାରା ତାଙ୍କ ଗତିବିଧିର ମୂଲ୍ୟାଙ୍କନ ନ କରାଯିବା ପର୍ଯ୍ୟନ୍ତ କିଛି କୁହାଯାଇପାରିବ ନାହିଁ। ବର୍ତ୍ତମାନ ସୁଦ୍ଧା ତାଙ୍କର ଆଗାମୀ ଟି୨୦ ସିରିଜ୍‌ରେ ଖେଳିବାର ସମ୍ଭାବନା ୫୦-୫୦ ରହିଛି" ବୋଲି ବିସିସିଆଇ ସୂତ୍ରରୁ କୁହାଯାଇଛି।

## ହାର୍ଦ୍ଦିକ ସ୍ମାଟରେ ଖେଳିବେ

ଭାରତୀୟ ଅଲରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟାଙ୍କୁ ଟି୨୦ ଫର୍ମାଟକୁ ପ୍ରତ୍ୟାବର୍ତ୍ତନ କରିବା ପାଇଁ ଅନୁମତି ମିଳିଛି। ସେ ଅଢ଼େଇ ମାସର ବ୍ୟବଧାନ ପରେ କ୍ରିକେଟ ପଡ଼ିଆକୁ ଫେରିବାକୁ ଯାଉଛନ୍ତି। ସେ ମଙ୍ଗଳବାର ବରୋଦା ପାଇଁ ପଞ୍ଜାବ ବିପକ୍ଷରେ ସୟଦ ମୁସ୍ତାକ ଅଲୀ (ସ୍ମାଟ) ଟି୨୦ ମ୍ୟାଚ୍ ଖେଳିଥିଲେ। ଏହାପରେ ୪ ତାରିଖରେ ଗୁଜରାଟ ବିପକ୍ଷ ମ୍ୟାଚ୍‌ରେ ଖେଳିବେ। ଉଭୟ ମ୍ୟାଚ୍‌ରେ ହାର୍ଦ୍ଦିକଙ୍କ ଫିଟ୍‌ନେସ ଯାଞ୍ଚ କରିବା ପାଇଁ ଜାତୀୟ ଚୟନକର୍ତ୍ତା ପ୍ରଜ୍ଞାନ ଓଝା ଉପସ୍ଥିତ ରହିବେ।

# ଓଭର ଫ୍ରେଣ୍ଡ୍ଲି

**ଫୁର୍ସତ୍ ମିଳିଲେ କିଛି ସମୟ କଥାବାର୍ତ୍ତା କରି ମନକୁ ହାଲୁକା କରିବାକୁ ଇଚ୍ଛା ହୁଏ। ହେଲେ ଏମିତି କେତେଜଣ ଓଭର ଫ୍ରେଣ୍ଡ୍ଲି ଥା'ନ୍ତି ଯେଉଁମାନଙ୍କ ପାଖ ଛାଡ଼ିବା କାଠିକର ପାଠ ହୋଇଯାଏ। ସେପରି ଲୋକଙ୍କ ସହ ମିଶିବା ସମୟରେ ନିଜ ଚାତୁରି ଦେଖାଇବାକୁ ଭୁଲନ୍ତୁ ନାହିଁ...**



ସମସ୍ତଙ୍କ ଜୀବନରେ ବନ୍ଧୁମାନଙ୍କର ଆବଶ୍ୟକତା ରହିଛି। ବନ୍ଧୁଙ୍କ ସହିତ ଦି'ପଦ ସୁଖ ଦୁଃଖ ହେଲେ ଅନେକ ସମସ୍ୟାର ସମାଧାନ ହୋଇଯାଏ। ଅଫିସ ହେଉ ବା ଘର ପାଖ ପଡ଼ୋଶୀଙ୍କ ସହ କିଛି ସମୟ କଥାବାର୍ତ୍ତା ହୋଇଗଲେ ମନ ହାଲୁକା ହୋଇଯାଏ। ହୃଦୟକୁ ଶାନ୍ତି ମିଳିଥାଏ। ହେଲେ ଅତ୍ୟଧିକ ବନ୍ଧୁପଣ ଦେଖାଇ କେତେଜଣ ନିଜ ବିଷୟରେ ତଥା ଅନ୍ୟାନ୍ୟ ପ୍ରସଙ୍ଗରେ ଏତେ ଅଧିକ ଗପନ୍ତି ଯାହା ଶୁଣିବା ପାଇଁ ବୋର୍ ଲାଗେ। ତାଙ୍କ ସହ କିଛି ସମୟ କଥାବାର୍ତ୍ତା ହେବା ପରେ ଆରମ୍ଭ ହୁଏ ମୁଣ୍ଡବିନ୍ଧା। ସେମାନେ ଏତେ ଗପନ୍ତି ଯେ ପାଖ ଛାଡ଼ି ଯିବା ପାଇଁ ବିଭିନ୍ନ ପ୍ରକାରର ବାହାନା ଖୋଜିବାକୁ ପଡ଼େ। ଆଉ ଏମିତି ସ୍ୱଭାବର ଲୋକମାନଙ୍କୁ କୁହାଯାଏ ଓଭର ଫ୍ରେଣ୍ଡ୍ଲି। ବେଳେବେଳେ ଏଭଳି ଲୋକଙ୍କ ସହିତ କଥାବାର୍ତ୍ତା ହେବା ଦ୍ୱାରା ବିଭିନ୍ନ ସମସ୍ୟା ସୃଷ୍ଟି ହୋଇଥାଏ। ଅଫିସ ହେଉ କି ଘର ସବୁ ସ୍ଥାନରେ ଡିଷ୍ଟର୍ବ ହୋଇଥାଏ। ବେଳେବେଳେ କାମ ଭୁଲ୍‌ଭାଲ୍ ହୋଇଯାଏ। ତେଣୁ ସେମାନଙ୍କ ସହିତ କିଭଳି ମିଶିବେ ତାହା ଏକ ସମସ୍ୟା ଭଳି ହୋଇଥାଏ। ହେଲେ ବିଭିନ୍ନ କୌଶଳ ଆପଣାଇ ଏଭଳି ଲୋକଙ୍କ ସହିତ ଏକ ନିର୍ଦ୍ଦିଷ୍ଟ ଦୂରତା ରକ୍ଷା କରିହେବ।

**ସ୍ପଷ୍ଟ କୁହନ୍ତୁ:** ଓଭର ଫ୍ରେଣ୍ଡ୍ଲି ଲୋକଙ୍କର ପ୍ରକୃତିକୁ ଆପଣ ବଦଳାଇ ପାରିବେ ନାହିଁ। ଏହା ବ୍ୟତୀତ ଆପଣ ମଧ୍ୟ ତାଙ୍କ ସହିତ ସମ୍ପର୍କକୁ ହଠାତ୍ ଭାଙ୍ଗିପାରିବେ ନାହିଁ। ତେଣୁ ସେଭଳି ଲୋକଙ୍କ ସହିତ ମିଶିବାକୁ ହେଲେ ସତର୍କ ରହିବାକୁ ହେବ। କଥାବାର୍ତ୍ତା ହେବା ସମୟରେ ଏକ ନିର୍ଦ୍ଦିଷ୍ଟ ସମୟ ସୀମା ନିର୍ଦ୍ଧାରଣ କରନ୍ତୁ। କିଛି ସମୟ କଥାବାର୍ତ୍ତା ହେବା ପରେ ଯଦି ସେ ଆପଣଙ୍କ ବ୍ୟକ୍ତିଗତ ଜୀବନକୁ ଆକ୍ଷେପ କରି କିଛି ଅଧିକ କହିବାକୁ ଚେଷ୍ଟା କରନ୍ତି ତେବେ ତାଙ୍କୁ ସଙ୍ଗେ ସଙ୍ଗେ ବିରୋଧ କରନ୍ତୁ। ସ୍ପଷ୍ଟଭାବେ ନମ୍ରତାର ସହ ଜଣାଇ ଦିଅନ୍ତୁ କି ଏଭଳି କଥାବାର୍ତ୍ତା କରି ବ୍ୟକ୍ତିଗତ ଜୀବନକୁ ଆକ୍ଷେପ କରିବା ଠିକ୍ ନୁହେଁ। ଏମିତି ସ୍ପଷ୍ଟଭାବେ କହି ବିରୋଧ କରିବା ଦ୍ୱାରା ଯଦି ସେ ଆପଣଙ୍କ କଥାକୁ ଖରାପ ଭାବନ୍ତି ତେବେ ସେଥିପାଇଁ ବ୍ୟସ୍ତ ହୁଅନ୍ତୁ ନାହିଁ କି ଅଧିକ ଚିନ୍ତା କରନ୍ତୁ ନାହିଁ।

**ବ୍ୟସ୍ତ ଦେଖାନ୍ତୁ:** ଓଭର ଫ୍ରେଣ୍ଡ୍ଲି ବ୍ୟକ୍ତିଙ୍କ ସାମ୍ନାରେ ଆପଣ ଯଦି ସ୍ପଷ୍ଟଭାବେ କିଛି କହି ପାରୁନାହାନ୍ତି ତେବେ ଅନ୍ୟ ଉପାୟରେ ମଧ୍ୟ ଓଭର ଫ୍ରେଣ୍ଡ୍ଲି ବ୍ୟକ୍ତିଙ୍କ ପାଖ ଛଡ଼ାଇ ପାରିବେ। କଥାବାର୍ତ୍ତା ସମୟରେ ଯଦି ତାଙ୍କୁ କିଛି କହିପାରୁନାହାନ୍ତି ତେବେ ନିଜକୁ ଅଧିକ ବ୍ୟସ୍ତ ଥିବାର ଦେଖେଇ ହୁଅନ୍ତୁ। ଏହାପରେ କିଛି ନା କିଛି କାମର ବାହାନା କରି ତାଙ୍କ ପାଖରୁ ଚାଲି ଆସନ୍ତୁ। ବାରମ୍ବାର ଏପରି ବ୍ୟବହାର କରିବା ଫଳରେ ସେ ଆପେ ଆପେ ବୁଝିଯିବେ କି ଆପଣ ତାଙ୍କ ସହିତ ବେଶି ସମୟ କଥାବାର୍ତ୍ତା ହେବାକୁ ଚାହୁଁନାହାନ୍ତି।

**ସବୁ କଥାର ଉତ୍ତର ଦିଅନ୍ତୁ ନାହିଁ:** କଥାର କିଛି ଉତ୍ତର ମିଳିଲେ ହିଁ ଜଣେ ଅନ୍ୟଜଣଙ୍କ ସହିତ କଥା ହୋଇଥାନ୍ତି। ନଚେତ୍ କଥାବାର୍ତ୍ତାର ମଜା ଆସେନି। ତେଣୁ ଓଭର ଫ୍ରେଣ୍ଡ୍ଲି ଲୋକଙ୍କ ସହିତ କଥାବାର୍ତ୍ତା ହେବା ସମୟରେ ଆପଣ ଖୁବ୍ କମ୍ କଥାର ଉତ୍ତର ଦିଅନ୍ତୁ। ସବୁ କଥାର ଉତ୍ତର ଦିଅନ୍ତୁ ନାହିଁ। ଫଳରେ ଓଭର ଫ୍ରେଣ୍ଡ୍ଲି ବନ୍ଧୁଜଣକ ତାଙ୍କ କଥା କହିବାର ମଜା ପାଇପାରିବେ ନାହିଁ। ନିଜଆଡୁ ଅଧିକ ଗପିବାର ଚେଷ୍ଟା କରି ବିଫଳ ହେବେ ଓ ସେହି ସ୍ଥାନରୁ ଚାଲିଯିବେ।

**କମ୍ କଥା କୁହନ୍ତୁ:** ଏଭଳି ବ୍ୟକ୍ତିମାନଙ୍କ ସହିତ ବେଶି କଥାବାର୍ତ୍ତା କରନ୍ତୁ ନାହିଁ। କେବଳ ତାଙ୍କ କଥା ଶୁଣି ସେହି ଅନୁସାରେ ନିହାତି ଆବଶ୍ୟକ ହେଲେ କିଛି କୁହନ୍ତୁ। ବେଳେବେଳେ ଏଭଳି ବ୍ୟକ୍ତିମାନେ ଅଧିକ କଥା କହି ଆପଣଙ୍କଠାରୁ କିଛି ଶୁଣିବା ପାଇଁ ଚାହାନ୍ତି ଓ ପର ମୁହୂର୍ତ୍ତରେ ଆପଣଙ୍କ କଥାକୁ ଅନ୍ୟମାନଙ୍କ ଆଗରେ ଭୁଲ୍ ଉପସ୍ଥାପନା କରି ମଜା ନିଅନ୍ତି। ତେଣୁ କମ୍ କଥା ହେଲେ ତାଙ୍କୁ ସେଭଳି ମଉକା ମିଳିବ ନାହିଁ।









## ଏମାନେ କ'ଣ କରନ୍ତି



**ବାହାନା କରି ଚାଲିଆସେ:** ଆମ ଘର ପାଖରେ ଜଣେ ମାଉସୀ ଅଛନ୍ତି ଯଦି ତାଙ୍କ ସହ ଦେଖା ହୋଇଯାଏ ସେ ଏତେ ଗପନ୍ତି ଯେ ସେଠୁ ଆସିବା ପାଇଁ ମତେ ବାହାନା ଖୋଜିବାକୁ ପଡ଼େ। ମତେ ତ ଆଶ୍ଚର୍ଯ୍ୟ ଲାଗେ କି ସେ ଏତେ ପ୍ରସଙ୍ଗରେ ଏତେ ଶୀଘ୍ର ଶୀଘ୍ର କେମିତି ଗପି ପାରୁଛନ୍ତି। ନିଜେ ଗପି ସାରିବା ପରେ ସେ ଆମ ଘର କଥା ଶୁଣିବା ପାଇଁ ବିଭିନ୍ନ ପ୍ରକାରର କଥା ପଚାରନ୍ତି। ହେଲେ ମୁଁ ତାଙ୍କୁ କିଛି କହେନି। ଖାଲି ଖିଆପିଆ କି ଅନ୍ୟ କିଛି କଥା କହି ତାଙ୍କ ପାଖରୁ ଜଲ୍‌ଦି ଚାଲିଆସେ। ମୋର ଫାଙ୍କା ସମୟ ଥିଲେ ତାଙ୍କ ପାଖରେ ଅଧିକ ସମୟ ରହିଯାଏ।

*– **ରାଜଲକ୍ଷ୍ମୀ ପାଣି,** ଗୃହିଣୀ, ସମେଇଗାଡ଼ିଆ, ଭୁବନେଶ୍ୱର*



**ଗପିଲେ ଭଲ ଲାଗେ:** ଆମ ଅଫିସରେ ଜଣେ ଅଛନ୍ତି ତାଙ୍କର ଓଭର ଫ୍ରେଣ୍ଡ୍ଲି ଗୁଣ ଅଛି ସତ କିନ୍ତୁ ସେ ବହୁତ ଭଲ। କେବଳ ଅଧିକ ଗପିବା ତାଙ୍କ ଅଭ୍ୟାସ କିନ୍ତୁ କାହାକୁ ଅସୁବିଧାରେ ପକାଇବା ପାଇଁ ସେ କେବେ କିଛି କରନ୍ତି ନାହିଁ। ସେଥିପାଇଁ ତାଙ୍କୁ ଭଲ ଲାଗେ। ତାଙ୍କ ସହ ଗପିଲେ ସେ ବହୁତ ମଜା କରନ୍ତି। ବୋର୍ ନ ହେବା ପାଇଁ ଏଣୁତେଣୁ ଗପି ସମସ୍ତଙ୍କ ମନ ହାଲୁକା କରିଦିଅନ୍ତି। ନିଜ ବିଷୟରେ ସେ ସବୁ କଥା ଖୋଲି କୁହନ୍ତି। ତାଙ୍କ ଆଗରେ କିଛି କଥା କହିଲେ ଅନ୍ୟ ଆଗରେ ସେକଥା କହନ୍ତି ନାହିଁ। ବରଂ କିଛି ସମସ୍ୟା ଥିଲେ ସେ ସାହାଯ୍ୟ କରିବା ପାଇଁ ଆଉ କାହା ସହ କଥା ହେବାକୁ ଆବଶ୍ୟକ ଥିଲେ ତୁରନ୍ତ ସାହାଯ୍ୟ କରନ୍ତି। ସେଥିପାଇଁ ତାଙ୍କୁ ବହୁତ ଭଲ ଲାଗେ।

*– **ସ୍ମରଣୀକା ପଟ୍ଟନାୟକ,** କର୍ମଜୀବୀ, କିଟ୍, ଭୁବନେଶ୍ୱର*



**ଭଲ ବନ୍ଧୁ:** ଜଣେ କଲିଗ୍‌ଙ୍କ ସହ ସବୁଦିନ ଚା ପିଇବାକୁ ଯାଏ। ଟିକେ ସମୟ ବାହାରକୁ ଯାଇ ବୁଲି ଆସିଲେ ଫ୍ରେଶ ଲାଗେ ସତ, ହେଲେ ସବୁଦିନ ଯିବାକୁ ସମୟ ମିଳେନି। କିନ୍ତୁ ମୁଁ ନ ଯିବା ପର୍ଯ୍ୟନ୍ତ ସେ ପାଖରେ ରହି ଏତେ ଗପିବେ ଯେ ନ ଯାଇ ରହି ହବନି। ଅବଶ୍ୟ ସେ ତାଙ୍କ କାମ ସାରିବା ପରେ ହିଁ ଯାଆନ୍ତି। ତାଙ୍କର ଅଧିକ ଗପିବା ସ୍ୱଭାବ ପାଇଁ ଅଫିସ୍‌ର ବିଭିନ୍ନ ଖବର ବିଷୟରେ ଜାଣିପାରେ। ସେ କେବେ ଅନ୍ୟମାନଙ୍କ ନାଁରେ ଗପି କାହାର କୌଣସି ପ୍ରକାରର କ୍ଷତି କରନ୍ତିନି, ବରଂ ମଜା କଥା କହି ଖୁବ୍ ହସାନ୍ତି। ଆଉ ଅନେକ ସମୟରେ ସାହାଯ୍ୟ କରିବା ପାଇଁ ବିଭିନ୍ନ କଥା କୁହନ୍ତି। ତେଣୁ ତାଙ୍କୁ ଅଫିସରେ ଜଣେ ଭଲ ବନ୍ଧୁଭାବେ ଗ୍ରହଣ କରିଛି।

*– **ସ୍ୱର୍ଣ୍ଣପ୍ରଭା ପାଢ଼ୀ,** କର୍ମଜୀବୀ, ବକ୍ସିବଜାର, କଟକ*

# ଖାଦ୍ୟାଭ୍ୟାସରୁ ବୁଝନ୍ତୁ ମାନସିକତା

**ଖାଇବାକୁ ନେଇ ପିଲାମାନେ ଅନେକ ସମୟରେ ବହୁ ସମସ୍ୟା ସୃଷ୍ଟି କରନ୍ତି। ଏମିତିକି ତିଆରି ହୋଇଥିବା ଖାଦ୍ୟ ବଦଳରେ ଅନ୍ୟ ଖାଦ୍ୟ ବରାଦ କରନ୍ତି । ବେଳେବେଳେ ବରାଦ କରିବା ପରେ ବି କେତେକ ଖାଆନ୍ତି ନାହିଁ । ପିଲାମାନେ ଏଭଳି ବାରମ୍ବାର କହୁଥିଲେ କିପରି ବ୍ୟବହାର କରିବେ ଜାଣନ୍ତୁ...**

★ପ୍ରଥମ କଥା ହେଉଛି ପିଲାମାନେ ଭିନ୍ନ ଭିନ୍ନ ଖାଦ୍ୟ ପ୍ରତି ଆକୃଷ୍ଟ ହେବା ସେମାନଙ୍କ ମାନସିକ ବିକାଶର ଏକ ଲକ୍ଷଣ। ତେଣୁ ପିଲାଙ୍କର ଏପରି ବ୍ୟବହାରକୁ ସକାରାତ୍ମକ ଢଙ୍ଗରେ ଗ୍ରହଣ କରନ୍ତୁ।

★ପିଲାଙ୍କ ମାନସିକତାକୁ ବୁଝି ଖାଇବାକୁ ଦିଅନ୍ତୁ। ଯଦି ସେମାନେ ଖାଦ୍ୟ ଖାଇବାରେ ଆଗ୍ରହ ଦେଖାଉ ନାହାନ୍ତି ତେବେ ଅନ୍ୟ କିଛି ଖାଦ୍ୟର ବିକଳ୍ପ ଦିଅନ୍ତୁ। କିନ୍ତୁ ରାଗନ୍ତୁ ନାହିଁ।

★ପୂର୍ବରୁ ପସନ୍ଦ ଥିବା ଖାଦ୍ୟ ହୁଏତ ଏବେ ପିଲାଙ୍କୁ ଭଲ ଲାଗି ନ ପାରେ। ତେଣୁ କୌଣସି ଖାଦ୍ୟ ପାଇଁ ବାଧ କରନ୍ତୁ ନାହିଁ।

★ଖାଇବା ପାଇଁ ମନା କରୁଥିଲେ ପିଲାଙ୍କୁ ବୁଝାଇ ପୁଣିଥରେ ସେହି ଖାଦ୍ୟ ଦିଅନ୍ତୁ।

★ବେଳେବେଳେ ପିଲାମାନେ



ମାତାପିତାଙ୍କ ଭଳି ଖାଇବାକୁ ପସନ୍ଦ କରନ୍ତି। ତେଣୁ କେବେ କେବେ ଏକାଠି ସମସ୍ତେ ଖାଆନ୍ତୁ।

★ପିଲାଙ୍କୁ ଖାଦ୍ୟ ଦେବାରେ ସମସ୍ୟା ହେଉଛି ବୋଲି ଜଣାନ୍ତୁ ନାହିଁ। ଖାଇବାକୁ ଦେବା ସମୟରେ ପିଲା ଯଦି ଚାହୁଁଛି ତେବେ ସୁବିଧା ଅନୁସାରେ ଖେଳିବାକୁ ଦିଅନ୍ତୁ।

# ଜଏଣ୍ଟ ପେନ୍ ହେଉଥିଲେ...

**ଶୀତଦିନେ ତାପମାତ୍ରା କମ୍ ଥିବାରୁ ଜଏଣ୍ଟ ପେନ୍ ସମସ୍ୟା ଦେଖାଦିଏ । ତେଣୁ ଏହି ସମସ୍ୟାରୁ ମୁକ୍ତି ପାଇଁ କ'ଣ କରିବେ ଜାଣନ୍ତୁ...**



➔ଆଣ୍ଠୁଗଣ୍ଠି ସମସ୍ୟାରୁ ମୁକ୍ତି ପାଇଁ ଶୀତଦିନେ ବିଭିନ୍ନ ଉପାୟ କରିପାରିବେ। ଖାଦ୍ୟପେୟରେ ସାବଧାନତା ସହିତ ଏକ୍ସରସାଇଜ୍ ଓ କିଛି ଘରୋଇ ଚିକିତ୍ସା ମାଧ୍ୟମରେ ଏହି ସମସ୍ୟାର ସମାଧାନ କରିପାରିବେ।

➔ଜଏଣ୍ଟ ପେନ୍ ହେଉଥିବା ସମୟରେ ଉଷୁମ ସେକ ଦିଅନ୍ତୁ। ପାଣି ପଟି କିମ୍ବା ହଟ୍ ୱାଟର ବ୍ୟାଗ୍‌ରେ ସେକ ଦିଅନ୍ତୁ।

➔ଦରଜ ହେଉଥିବା ସ୍ଥାନରେ ତେଲ ଲଗାଇ ପ୍ରତିଦିନ ମାଲିସ କରନ୍ତୁ।

➔ପ୍ରତିଦିନ ସକାଳେ ୩୦-୪୦ ମିନିଟ୍ ପର୍ଯ୍ୟନ୍ତ ଯୋଗ, ବ୍ୟାୟାମ କରିବା ସହିତ କିଛି ସମୟ ଚାଲନ୍ତୁ।

➔ସକାଳୁ ୧୫-୨୦ ମିନିଟ୍ ପର୍ଯ୍ୟନ୍ତ ସବୁଦିନ ଖରାରେ ବସନ୍ତୁ। କାରଣ ସକାଳ ଖରାରେ ଭିଟାମିନ୍ ଡି ରହିଛି ଯାହା ହାଡ଼ ମଜଭୁତ କରିବାରେ ସହାୟକ ହୋଇଥାଏ।

➔ଓମେଗା-୩ ଓ ଭିଟାମିନ୍ ସି ଥିବା ଖାଦ୍ୟ ଖାଆନ୍ତୁ। ଦିନକୁ ୭ ରୁ ୮ ଗ୍ଲାସ ପାଣି ପିଅନ୍ତୁ। ହଳଦୀ, ଅଦା, ରସୁଣ, ଡାଲଚିନି ଓ ଗୋଲମରିଚ ଭଳି ବିଭିନ୍ନ ଆଣ୍ଟିଇନ୍‌ଫ୍ଲାମେଟୋରି ଖାଦ୍ୟ ଖାଆନ୍ତୁ।

➔ବାସି ଖାଦ୍ୟ ଖାଆନ୍ତୁ ନାହିଁ। ହଠାତ୍ କୌଣସି ଭାରି ଜିନିଷ ଉଠାନ୍ତୁ ନାହିଁ। ଡାକ୍ତରଙ୍କ ବିନା ପରାମର୍ଶରେ କୌଣସି ପେନ୍‌କିଲର ଖାଆନ୍ତୁ ନାହିଁ।

➔ବହୁତ ଲମ୍ବା ସମୟ ଗୋଟିଏ ସ୍ଥାନରେ ବସନ୍ତୁ ନାହିଁ। ରାତିରେ ଠିକ୍ ସମୟ ଭରପୂର ନିଦରେ ଶୁଅନ୍ତୁ।

➔ଏସବୁ କରିବା ପରେ ଯଦି ଦରଜ କମ୍ ହେଉ ନ ଥିବ ତାହେଲେ ଡାକ୍ତରଙ୍କ ସହିତ ପରାମର୍ଶ କରନ୍ତୁ।

## ସୌନ୍ଦର୍ଯ୍ୟ

# ସୁନ୍ଦରତା ବଢ଼ାଇବ ଘିଅ

**ଶୀତଦିନେ ତ୍ୱଚାରେ ବିଭିନ୍ନ ପ୍ରକାରର ସମସ୍ୟା ଦେଖାଯାଏ। ଏସବୁର ସମାଧାନ ପାଇଁ କ୍ରିମ୍ ଓ ମଶ୍ଚରାଇଜର ଦରକାର ହୋଇଥାଏ। କିନ୍ତୁ ଘରୋଇ ଉପାୟରେ ଦେଶୀ ଘିଅ ମାଧ୍ୟମରେ ଏହି ସମସ୍ୟାର ସମାଧାନ ମିଳିପାରିବ...**

❖ଘିଅରେ ଭିଟାମିନ୍ ଏ, ଡି, ଇ, କେ ଏବଂ ଓମେଗା-୯ ଫ୍ୟାଟି ଏସିଡ୍ ଅଛି। ତେଣୁ ଏହାର ବ୍ୟବହାର କରି ତ୍ୱଚାର ବିଭିନ୍ନ ସମସ୍ୟା ସହଜରେ ଦୂର କରିହେବ।

❖ଘିଅକୁ ସିଧାସଳଖ କ୍ରିମ୍ ଭଳି ବ୍ୟବହାର କରିହେବ। ରାତିରେ ମୁହଁ ସଫା କରି ଘିଅକୁ ମସାଜ୍ କରିବା ଭଳି ଲଗାନ୍ତୁ। ବଜାରରେ ମିଳୁଥିବା କେମିକାଲ୍‌ଯୁକ୍ତ ମଶ୍ଚରାଇଜର ତୁଳନାରେ ଏହା ଅଧିକ ଫାଇଦା ଦେଇପାରିବ।

❖ଶୀତଦିନେ ଘିଅରେ ପୂରା ଶରୀରର ମସାଜ୍ ମଧ୍ୟ କରିପାରିବେ। ଏଥିପାଇଁ ଘିଅକୁ ଅଳ୍ପ ଉଷୁମ କରି ମାଲିସ କରନ୍ତୁ। ପିଲାମାନଙ୍କ ପାଇଁ ଏହି ଘିଅ ମସାଜ୍ ଅଧିକ ଫଳପ୍ରଦ।

❖ଶୀତଦିନେ ପାଦ ଫାଟିବା ସମସ୍ୟା ଅନେକଙ୍କର ଥାଏ। ତେଣୁ ରାତିରେ ଶୋଇବା ସମୟରେ ପାଦକୁ ଉଷୁମ ପାଣିରେ ସଫାକରି ଘିଅ ଲଗାନ୍ତୁ। କିଛି ଦିନ ପରେ ପାଦ ଅଧିକ କୋମଳ ହୋଇଯିବ।

❖ଆୟୁର୍ବେଦ ଅନୁସାରେ ଘିଅକୁ କେଶମୂଳରେ ମଧ୍ୟ ଲଗାଇ ହେବ। ଏହା କେଶକୁ ପୋଷଣ ଦେବା ସହିତ ଅଧିକ ମୁଲାୟମ କରିଥାଏ।

❖ଘିଅକୁ କେଶ ମୂଳରେ ଭଲଭାବରେ ଲଗାଇ ମସାଜ୍ କରନ୍ତୁ। ଏହା ଖରାପ ହୋଇଥିବା କେଶକୁ ମଧ୍ୟ ପ୍ରାକୃତିକ ଉପାୟରେ ଠିକ୍ କରିଥାଏ।

❖ଘିଅ କେଶ ମୂଳରେ କେରାଟିନ୍ ମଜଭୁତ କରିଥାଏ। ଫଳରେ କେଶ ଛିଣ୍ଡିବା, ଦୋମୁହାଁହେବା ସମସ୍ୟା ମଧ୍ୟ କମିଯାଇଥାଏ। ତେଣୁ ପ୍ରାକୃତିକଭାବେ ଏକ ଚମକ ମଧ୍ୟ ଆସିଥାଏ।

❖ସପ୍ତାହକୁ ଅତିକମ୍‌ରେ ଥରେ ରାତିରେ କେଶ ମୂଳରେ ଘିଅ ଭଲଭାବେ ମସାଜ୍ କରି ସକାଳୁ ସାମ୍ପୁ କରି ଦିଅନ୍ତୁ।



# ରୋଷେଇ ଟିପ୍ସ

★ଦହିର କୌଣସି ତରକାରୀ କରୁଥିଲେ ଯଦି ତାହା ଛିଣ୍ଡିଯାଉଥାଏ ତାହେଲେ ପ୍ରଥମେ ଦହିକୁ ଅଳ୍ପ ଆଞ୍ଚରେ ଗୋଳାନ୍ତୁ। ଫୁଟିବା ପରେ ଲୁଣ ପକାନ୍ତୁ, ତରକାରୀ ସ୍ୱାଦିଷ୍ଟ ଲାଗିବ।

★ଲେମ୍ବୁ ବ୍ୟବହାର ପରେ ଚୋପାକୁ ଫୋପାଡ଼ନ୍ତୁ ନାହିଁ। ବରଂ ଏଥିରେ ଲୁଣ ପକାଇ ଖରାରେ ଶୁଖାଇ ଆଚାର ତିଆରି କରି ଖାଇପାରିବେ।

★ରୋଷେଇ ଘର ସ୍ଲାବ ସଫା କରିବାବେଳେ ସେଥିରେ କିଛି ଲୁଣ ପକାନ୍ତୁ। ଏହା ଦ୍ୱାରା ପୋକ ଆସିବେ ନାହିଁ ଓ ଘରେ ଏକ ସକାରାତ୍ମକ ବାତାବରଣ ସୃଷ୍ଟି ହେବ।

★ଚୁଡ଼ା ଉପମା ନିମନ୍ତେ ଯଦି ଚୁଡ଼ା ଧୋଇବା ପରେ ଅଧିକ ନରମ ହୋଇ ଯାଉଥାଏ ତାହେଲେ ସେଥିରେ କିଛି ଲେମ୍ବୁ ଚିପୁଡ଼ି ଦିଅନ୍ତୁ। ଖୋଲା ଖୋଲା ରହିବ।

★ବେଳେବେଳେ ରୁଟି ସେକିବା ବେଳକୁ ତାୱାରେ ଲାଗିଯାଏ। ଏହି ସମସ୍ୟା ଦୂର କରିବା ପାଇଁ ତାୱାରେ କିଛି ଲୁଣ ପକାଇ ପୋଛି ଦିଅନ୍ତୁ।

## ଖାଦ୍ୟରୁଚି

# ସାଗୁ ଖେଚୁଡ଼ି

**ଆବଶ୍ୟକ ସାମଗ୍ରୀ–**
ସାଗୁ– ୧୦୦ ଗ୍ରାମ୍, ଆଳୁ– ୧ଟି, ଟମାଟୋ– ୨ଟି (ବଡ଼), ବାଦାମ– ୫୦ଗ୍ରାମ୍, ଜିରା– ୧ ଚାମଚ, କଞ୍ଚାଲଙ୍କା–୨ଟି, ଭୃସୁଙ୍ଗପତ୍ର– ଅଳ୍ପ, ଗୋଲମରିଚ ଗୁଣ୍ଡ– ୧ ଛୋଟ ଚାମଚ, ଲେମ୍ବୁ ରସ– ୧ ବଡ଼ ଚାମଚ, ଧନିଆପତ୍ର– ଅଳ୍ପ, ହଳଦୀ– ଅଳ୍ପ, ଆବଶ୍ୟକ ଅନୁସାରେ ତେଲ ଓ ଲୁଣ।

**ପ୍ରସ୍ତୁତି ପ୍ରଣାଳୀ–**
ପ୍ରଥମେ ସାଗୁକୁ ଧୋଇ ୪-୫ ଘଣ୍ଟା ଭିଜାଇ ରଖନ୍ତୁ। ସାଗୁ ବତୁରି ଯିବା ପରେ ତାହାକୁ ଛାଣି ରଖନ୍ତୁ। ଆଳୁକୁ ସିଝାଇ ଚୋପା ଛଡ଼ାଇ ଛୋଟ ଛୋଟ ଖଣ୍ଡ କରି ରଖିଦିଅନ୍ତୁ। ଏବେ ଗ୍ୟାସ୍‌ରେ କଡ଼େଇ ବସାଇ ତେଲ କିମ୍ବା ଘିଅ ପକାନ୍ତୁ। ତେଲ ଗରମ ହେଲେ ସେଥିରେ ଜିରା ପକାଇ କଞ୍ଚାଲଙ୍କା ଓ ଭୃସଙ୍ଗପତ୍ର ପକାନ୍ତୁ। ଏହାପରେ ବାଦାମ ମଞ୍ଜି ପକାଇ କିଛି ସମୟ ଭାଜନ୍ତୁ। ଏହାପରେ ସେଥିରେ ସିଝାଆଳୁ ଓ ଟମାଟୋକୁ କାଟି ପକାନ୍ତୁ। ଯଦି ଚାହିଁବେ ଅନ୍ୟ ପରିବା ମଧ୍ୟ ପକାଇପାରିବେ। ତେବେ କିଛି ସମୟ ଗୋଳାଇବା ପରେ ସେଥିରେ ସାଗୁ ଦାନା ପକାନ୍ତୁ। ଏବେ ସୈନ୍ଧବ ଲୁଣ ଓ ଅଳ୍ପ ହଳଦୀ ପକାଇ ଗୋଳାନ୍ତୁ। କିଛି ସମୟ ପରେ ସେଥିରେ ଗୋଲମରିଚ ଗୁଣ୍ଡ ପକାନ୍ତୁ। ପରେ କଡ଼େଇ ତଳକୁ ଓହ୍ଲାଇ ଆଣି ସେଥିରେ ଲେମ୍ବୁ ରସ ଓ ଧନିଆପତ୍ର ପକାଇ ଦିଅନ୍ତୁ। ଏବେ ପ୍ରସ୍ତୁତ ହୋଇଗଲା ସାଗୁ ଖେଚୁଡ଼ି।



# ବିଶ୍ୱ ପାଇଁ ଆହ୍ୱାନ ପାଲଟିଛି ପ୍ରଦୂଷଣ

**ଆଜି ଜାତୀୟ ପ୍ରଦୂଷଣ ନିୟନ୍ତ୍ରଣ ଦିବସ**



**ଭୁବନେଶ୍ୱର, ୧।୧୨**

ସମଗ୍ର ବିଶ୍ୱ ପାଇଁ ପ୍ରଦୂଷଣ ଏକ ବଡ଼ ସମସ୍ୟା ପାଲଟିଛି। ଭାରତରେ ମଧ୍ୟ ଏହି ସମସ୍ୟା ଧୀରେ ଧୀରେ ଗମ୍ଭୀର ଆକାର ଧାରଣ କରୁଛି। ଦିଲ୍ଲୀ-ଏନ୍‌ସିଆର୍, ପାଟଣା, ଲକ୍ଷ୍ନୌ, ମୁମ୍ବାଇ ଭଳି ଅନେକ ବଡ଼ ବଡ଼ ସହରରେ ନିଃଶ୍ୱାସ ନେବା ପାଇଁ ସ୍ୱଚ୍ଛ ବାୟୁର ଅଭାବ ଦେଖାଦେଉଛି। ବିକାଶ ନାମରେ ଗଛ କାଟିବା ସହ ଅତ୍ୟଧିକ ଗାଡ଼ିମୋଟର ଚଳାଚଳ, କଳକାରଖାନା ସ୍ଥାପନ, ପ୍ଲାଷ୍ଟିକ୍ ବ୍ୟବହାର ଆଦି ପ୍ରଦୂଷଣକୁ ବଢ଼ାଇବାରେ ଲାଗିଛି। ପ୍ରଦୂଷଣ କାରଣରୁ ଲୋକେ ଆଲର୍ଜି, ଆଖି ପୋଡ଼ିବା, ନିଃଶ୍ୱାସ ନେଇ ନ ପାରିବା, କାଶ, ଗଳା ପୋଡ଼ିବା ଆଦି ସହ ଫୁସ୍‌ଫୁସ୍‌ଜନିତ ବିଭିନ୍ନ ସ୍ୱାସ୍ଥ୍ୟଗତ ସମସ୍ୟାରେ ଆକ୍ରାନ୍ତ ହେଉଛନ୍ତି। ତେଣୁ ପ୍ରଦୂଷଣକୁ ନେଇ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ପାଇଁ ପ୍ରତିବର୍ଷ ଡିସେମ୍ବର ୨କୁ ଜାତୀୟ ପ୍ରଦୂଷଣ ନିୟନ୍ତ୍ରଣ ଦିବସ ଭାବେ ପାଳନ କରାଯାଉଛି। ୧୯୮୪ରେ ଭୋପାଳର ଗ୍ୟାସ୍ ବିସ୍ଫୋରଣ ଘଟଣାରେ ମୃତ୍ୟୁବରଣ କରିଥିବା ଲୋକଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇବା ଉଦ୍ଦେଶ୍ୟରେ ପ୍ରତିବର୍ଷ ଡିସେମ୍ବର ୨ରେ ଏହି ଦିବସ ପାଳନ କରାଯାଇଆସୁଛି। ବାୟୁ, ଜଳ, ମୃତ୍ତିକା, ଧ୍ୱନି ଆଦି ପ୍ରଦୂଷଣର ଖରାପ ପରିଣାମ ସମ୍ପର୍କରେ ଲୋକଙ୍କୁ ଜଣାଇବା ସହିତ ପ୍ରଦୂଷଣରୁ ହେଉଥିବା ବିପଦ ସମ୍ପର୍କରେ ଲୋକଙ୍କ ମଧ୍ୟରେ ସଚେତନତା ବୃଦ୍ଧି କରିବା ଏବଂ ଏହାକୁ ରୋକିବା ପାଇଁ ବିଭିନ୍ନ ଉପାୟ ସମ୍ପର୍କରେ ସୂଚିତ କରିବା ଏହି ଦିବସର ମୂଳ ଲକ୍ଷ୍ୟ।

# ଆଦିତ୍ୟ ପ୍ରସାଦ ଦାଶଙ୍କୁ 'ଜୀବ ବିଜ୍ଞାନରେ ଉତ୍କର୍ଷ ପୁରସ୍କାର'

**୨୬ତମ ବିଜ୍ଞାନ ଓ ପରିବେଶ କଂଗ୍ରେସ ଉଦ୍‌ଯାପିତ**

**ଭୁବନେଶ୍ୱର, ୧।୧୨ (ବନ୍ଦନା ସେଠୀ)**

ଓଡ଼ିଶା ପରିବେଶ ସମିତି ଏବଂ କିଟ୍ ବିଶ୍ୱବିଦ୍ୟାଳୟ ପକ୍ଷରୁ କିଟ୍ ଅଡିଟୋରିୟମ୍‌ରେ ଚାଲିଥିବା ୨୬ତମ ଓଡ଼ିଶା ବିଜ୍ଞାନ ଏବଂ ପରିବେଶ କଂଗ୍ରେସ ରବିବାର ଉଦ୍‌ଯାପିତ ହୋଇଯାଇଛି। ଏହି ଅବସରରେ 'ନିରନ୍ତର ସବୁଜ ସୀମା' ଉପରେ ପ୍ରଥମ ଅନ୍ତର୍ଜାତୀୟ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଓଇଏସ କାର୍ଯ୍ୟକାରୀ ସଭାପତି ଡ. ଜୟକୃଷ୍ଣ ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉଦ୍‌ଯାପନୀ ସଭାରେ ମୁଖ୍ୟ ଅତିଥି ଭାବେ ତାମିଲନାଡୁ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପଦ୍ମଶ୍ରୀ ପ୍ରଫେସର ଆଦିତ୍ୟ ପ୍ରସାଦ ଦାଶ, ସମ୍ମାନିତ ଅତିଥି ଭାବେ ଓୟୁଟିଆର୍ କୁଳପତି ପ୍ର. ବିଭୂତି ଭୂଷଣ ବିଶ୍ୱାଳ ଯୋଗଦେଇଥିଲେ। ଅତିଥିମାନେ ୨୦୩୦ ମସିହା ମଧ୍ୟରେ ୧୭ଟି ସ୍ଥାୟୀ ବିକାଶ ଲକ୍ଷ୍ୟ ହାସଲ କରିବାରେ ବିଜ୍ଞାନ ଏବଂ ପ୍ରଯୁକ୍ତିର ଭୂମିକା ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ଗବେଷଣା କ୍ଷେତ୍ରରେ ଜୀବନବ୍ୟାପୀ ଅବଦାନ ନିମନ୍ତେ ପଦ୍ମଶ୍ରୀ ପ୍ରଫେସର ଦାଶଙ୍କୁ 'ଜୀବ ବିଜ୍ଞାନରେ ଉତ୍କର୍ଷ ପୁରସ୍କାର' ପ୍ରଦାନ କରାଯାଇଥିଲା। ଏଥିସହ ଗବେଷକମାନଙ୍କୁ ସର୍ବୋତ୍ତମ ନିବନ୍ଧ ଉପସ୍ଥାପନା ପୁରସ୍କାର ପ୍ରଦାନ କରାଯାଇଥିଲଶ। ଡିନ୍ ପ୍ର. ପ୍ରଶାନ୍ତ ରଥ, ସଂଯୋଜକ ପ୍ର. ସନ୍ଦୀପ ନାରାୟଣ କୁଣ୍ଡୁ ଉପସ୍ଥିତ ଥିବାବେଳେ ସହ ସଂଯୋଜକ ଡ. ସୁରଭି ଜୈନ ଧନ୍ୟବାଦ ଅର୍ପଣ କରିଥିଲେ।




## ଏକତା, କୋରାପୁଟ

**ଲୋକପ୍ରିୟ ଖବରକାଗଜ ଧରିତ୍ରୀର ୫୨ତମ ସ୍ୱନକ୍ଷତ୍ର ଅବସରରେ ସମସ୍ତ ପାଠକଙ୍କୁ ଆନ୍ତରିକ ଶୁଭକାମନା**

ବର୍ତ୍ତମାନର ଆଧୁନିକ ଯୁଗରେ କୋରାପୁଟ ଜିଲ୍ଲାର ଆଦିବାସୀମାନେ ସେମାନଙ୍କର ପୂର୍ବଦିନର କଳା, ସଂସ୍କୃତି ଓ ପରମ୍ପରାକୁ ଭୁଲିଯାଇ ଆଧୁନିକ ଯୁଗର ପରମ୍ପରା ସବୁ ଆପଣେଇ ଆଦିବାସୀ କଳା ଓ ସଂସ୍କୃତିକୁ ଅନ୍ଧକାର ଆଡକୁ ମୁହାଁଉଛି । ଫଳରେ ସେମାନେ ସେମାନଙ୍କର ପାରମ୍ପରିକ ଚାଷ, ପାରମ୍ପରିକ ଖାଦ୍ୟ ଅଭ୍ୟାସ, ପାରମ୍ପରିକ ନାଚଗୀତ, ପାରମ୍ପରିକ ପର୍ବପର୍ବାଣି ଓ ସେମାନଙ୍କର ସ୍ଥାନୀୟ ଶାସନ ବ୍ୟବସ୍ଥା ଲୋପ ପାଇବାକୁ ବସିଲାଣି । ଏହି ପରିପ୍ରେକ୍ଷୀରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଏକତା, କୋରାପୁଟ ଦଶମନ୍ତପୁର ବ୍ଲକର ୫୦ଟି ଗ୍ରାମରେ ମୁକ୍ତ ଆକାଶ ଶିକ୍ଷାକେନ୍ଦ୍ର ମାଧ୍ୟମରେ ଆଦିବାସୀ ଗୋଷ୍ଠୀର ତିନିସ୍ତର ପିଢ଼ିଙ୍କୁ ନେଇ ଯଥା- ବୃଦ୍ଧ ବୃଦ୍ଧା, ଯୁବକ ଯୁବତୀ ଓ ଶିଶୁମାନଙ୍କୁ ଏକତ୍ରିତ କରି ଗ୍ରାମର ଦକ୍ଷ ବ୍ୟକ୍ତିଙ୍କ ଦ୍ୱାରା ଆଦିବାସୀଙ୍କ ପରମ୍ପରା ଓ ସଂସ୍କୃତିକୁ ନୂତନ ପିଢ଼ିଙ୍କୁ ଶିକ୍ଷା ପ୍ରଦାନ କରି ସେମାନଙ୍କର କଳା ଓ ସଂସ୍କୃତି ଅଭ୍ୟାସ କରିବାରେ ପ୍ରୟାସ କରୁଛି ଯଥା ଦେଶୀ ବିହନ ସଂଗ୍ରହ ଓ ବ୍ୟବହାର, ଜୈବିକ ଖତ ପ୍ରସ୍ତୁତି ଓ ବ୍ୟବହାର, ଗୀତ ରଚନା ଓ ଗାଇବା ଅଭ୍ୟାସ, ହଳ ଲଙ୍ଗଳ ପ୍ରସ୍ତୁତି ଓ ମରାମତି, ଜଙ୍ଗଲଜାତ ଦ୍ରବ୍ୟର ସଂଗ୍ରହ ଓ ବ୍ୟବହାର, ଚେରମୂଳି ଔଷଧ ଚିହ୍ନଟ ଓ ବ୍ୟବହାର, ପୂଜାପାଠର ଅଭ୍ୟାସ ଓ ପାରମ୍ପରିକ ଖାଦ୍ୟ ଅଭ୍ୟାସ ଇତ୍ୟାଦି । ପରମ୍ପରାକୁ ବଜାୟ ରଖିବା ନିମନ୍ତେ ଏକତାର ଏକ ପ୍ରୟାସ ଆଗକୁ ମଧ୍ୟ ଜାରି ରହିବ ।






































ଧରିତ୍ରୀ
DHARITRI
ଧରିତ୍ରୀ 52 Years
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ମଙ୍ଗଳବାର, ଡିସେମ୍ବର ୨/୨୦୨୫ Bhubaneswar, Tuesday, December 2/ 2025




# ୪୫ ମିନିଟ୍‌ରେ ସରିଗଲା ଟିକେଟ

**ଭାରତ-ଦକ୍ଷିଣ ଆଫ୍ରିକା ଟି୨୦**

କଟକ,୧।୧୨(ଶିଳ୍ପା ପ୍ରିୟଦର୍ଶିନୀ)

ଡିସେମ୍ବର ୯ରେ ବାରବାଟୀ ଷ୍ଟାଡିୟମରେ ଭାରତ-ଦକ୍ଷିଣ ଆଫ୍ରିକା ଟି୨୦ କ୍ରିକେଟ ମ୍ୟାଚ୍‌ର ଅନ୍‌ଲାଇନ ଟିକେଟ ବୁକିଂ ଆରମ୍ଭର ମାତ୍ର ୪୫ ମିନିଟ୍‌ରେ ଟିକେଟ ବୁକିଂ ହୋଇଯାଇଛି। ଅନ୍‌ଲାଇନରେ ମାତ୍ର ୨ ହଜାର ଟିକେଟ ଉପଲବ୍ଧ ରହିଥିଲା। ସୋମବାର ଅପରାହ୍ନ ୨ଟାରେ ଡିଷ୍ଟ୍ରିକ୍ଟ ବାଏ ଜୋମାଟୋ ଆପ୍ଲିକେଶନରେ ଏହି ଟିକେଟ ଉପଲବ୍ଧ ହୋଇଥିବା ବେଳେ ପ୍ରଥମ କିଛି କ୍ଷଣରେ ଗ୍ୟାଲେରି ଟିକେଟଗୁଡ଼ିକ ବୁକିଂ ଶେଷ ହୋଇଯାଇଥିଲା। ପରେ ଏସି ବକ୍ସ, ସ୍ପେଶିଆଲ ଏନକ୍ଲୋଜର ଭଳି ଦାମୀ ଟିକେଟଗୁଡ଼ିକ ବିଳମ୍ବରେ ସରିଥିଲା। ତେବେ ଗତ ମ୍ୟାଚ୍ ତୁଳନାରେ ଚଳିତଥର ଅନ୍‌ଲାଇନରେ କମ୍ ସଂଖ୍ୟକ ଟିକଟ ଆଶାୟୀ ଆପ୍ଲିକେଶନ୍ ହିଟ୍ କରିଥିବା ଦେଖିବାକୁ ମିଳିଥିଲା। ଏଥର ମାତ୍ର ୨ ହଜାର ଟିକେଟ ଅନ୍‌ଲାଇନ ପ୍ଲାଟଫର୍ମରେ ଉପଲବ୍ଧ ଥିବାରୁ ଅନେକେ ଟିକେଟ ପାଇବା ଆଶା ଛାଡ଼ି ଦେଇଥିଲେ । ତେବେ ଅନ୍‌ଲାଇନ ଟିକେଟ ବୁକ୍ କରିଥିବା କ୍ରିକେଟପ୍ରେମୀମାନେ ଡିସେମ୍ବର ୮ ଓ ୯ରେ କେମ୍ବ୍ରିଜ ସ୍କୁଲର ସ୍ୱତନ୍ତ୍ର କାଉଣ୍ଟରରୁ ହାର୍ଡକପି ପାଇବେ।

ସୂଚନାନୁଯାୟୀ, ବାରବାଟୀରେ ଭାରତ-ଦକ୍ଷିଣ ଆଫ୍ରିକା ପ୍ରଥମ ଟି-୨୦ ମ୍ୟାଚ୍ ପାଇଁ ପ୍ରସ୍ତୁତି ଜୋରଦାର ଚାଲିଛି। ଟି-୨୦ ସିରିଜ୍‌ର ପ୍ରଥମ ମ୍ୟାଚ୍ ବାରବାଟୀରେ ହାଇସ୍କୋରିଂ ହେବ ବୋଲି ଆଶା କରାଯାଉଛି। ଗତ ୨୦ ଦିନ ହେବ ପିଚ୍ ଏବଂ ଆଉଟ ଫିଲ୍ଡରେ କାମ ଚାଲିଥିବା ବେଳେ ପିଚ୍‌ର ଚୂଡ଼ାନ୍ତ ପ୍ରସ୍ତୁତି ମଙ୍ଗଳବାରଠାରୁ ଆରମ୍ଭ ହେବ। ଏହି ପରିପ୍ରେକ୍ଷୀରେ ସୋମବାର ଅନ୍‌ଲାଇନ ଟିକେଟ ବୁକିଂ ଆରମ୍ଭ ହୋଇଥିଲା। ପରେ ୩ ଓ ୪ ତାରିଖରେ ଓସିଏ ଅନୁବନ୍ଧିତ ୟୁନିଟ୍‌କୁ ଟିକେଟ ବିକ୍ରି କରାଯିବ। ବିଭିନ୍ନ ସ୍କୁଲ, କଲେଜ, ବିଶ୍ୱବିଦ୍ୟାଳୟ, କ୍ଲବ, ଜିଲା ସଂଘ ଏବଂ ସଦସ୍ୟଙ୍କ ପାଇଁ ମୋଟ୍ ୧୧ ହଜାର ଟିକେଟ ବିକିବାକୁ ଓସିଏ ସ୍ଥିର କରିଛି। ଅବଶିଷ୍ଟ ୧୦ ହଜାର ଟିକେଟ କାଉଣ୍ଟରକୁ ପଠାଯିବ। ଅଫଲାଇନ୍ ଟିକେଟ ବିକ୍ରି ନିମନ୍ତେ ୫ ଏବଂ ୬ ତାରିଖ ଧାର୍ଯ୍ୟ ହୋଇଛି।

# ଜାତୀୟ ସବ୍‌ଜୁନିୟର ବ୍ୟାଡ୍‌ମିଣ୍ଟନ ଆରମ୍ଭ



କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ବ୍ୟାଡ୍‌ମିଣ୍ଟନ ଖେଳି ପ୍ରତିଯୋଗିତାକୁ ଉଦ୍‌ଘାଟନ କରୁଛନ୍ତି।

ଭୁବନେଶ୍ୱର, ୧।୧୨ (ତପନ ସ୍ୱାଇଁ)

ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମ୍‌ରେ ୩୭ତମ ଜାତୀୟ ସବ୍-ଜୁନିୟର ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ୍ ସୋମବାର ଆରମ୍ଭ ହୋଇଛି। ବ୍ୟାଡ୍‌ମିଣ୍ଟନ ଆସୋସିଏଶନ ଅଫ୍ ଇଣ୍ଡିଆ, ଓଡ଼ିଶା ରାଜ୍ୟ ବ୍ୟାଡ୍‌ମିଣ୍ଟନ ଆସୋସିଏଶନ୍ ଏବଂ କ୍ରୀଡ଼ା ଓ ଯୁବସେବା ବିଭାଗର ମିଳିତ ଆନୁକୂଲ୍ୟରେ ଏହି ଟୁର୍ନାମେଣ୍ଟ ୬ ତାରିଖ ପର୍ଯ୍ୟନ୍ତ ଚାଲିବ। କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଛନ୍ତି। ''୩୭ତମ ଜାତୀୟ ସବ୍-ଜୁନିୟର ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ୍‌ର ଆୟୋଜନ ଆମ ସମସ୍ତଙ୍କ ପାଇଁ ଗର୍ବର ବିଷୟ। ବିଭିନ୍ନ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର କ୍ରୀଡ଼ାବିତ୍‌ମାନେ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଛନ୍ତି। ସମସ୍ତ ଖେଳାଳି ଟୁର୍ନାମେଣ୍ଟରେ ଉତ୍କୃଷ୍ଟ ପ୍ରଦର୍ଶନ କରିବେ ବୋଲି ମୁଁ ଆଶା କରୁଛି। ଜାତୀୟ ସ୍ତରୀୟ ପ୍ରତିଯୋଗିତାର ଆୟୋଜନ ଓଡ଼ିଶାର ସମସ୍ତ ବ୍ୟାଡ୍‌ମିଣ୍ଟନ ପ୍ରତିଭାଙ୍କୁ ଉତ୍ସାହିତ କରିବା ସହ କ୍ରୀଡ଼ା କ୍ଷେତ୍ରରେ ଏକ ସ୍ୱର୍ଣ୍ଣିମ ଭବିଷ୍ୟତ ନିର୍ମାଣ କରିବା ପାଇଁ କ୍ରୀଡ଼ା ପ୍ରତିଭାମାନଙ୍କୁ ପ୍ରେରିତ କରିବ'' ବୋଲି କ୍ରୀଡ଼ାମନ୍ତ୍ରୀ ଏହି ଅବସରରେ ପ୍ରକାଶ କରିଛନ୍ତି। ଏହି ପ୍ରତିଯୋଗିତାରେ ୧୫ ଓ ୧୭ ବର୍ଷରୁ କମ୍ ବର୍ଗରେ ପ୍ରତିଯୋଗିତା ହେଉଛି। ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ କ୍ରୀଡ଼ା ଓ ଯୁବସେବା ବିଭାଗର କମିଶନର ତଥା ଶାସନ ସଚିବ ସଚିନ ରାମଚନ୍ଦ୍ର ଯାଦବ, ନିର୍ଦ୍ଦେଶକ ୟେଦୁଲା ବିଜୟ, ଦ୍ରୋଣାଚାର୍ଯ୍ୟ ପୁରସ୍କାର ପ୍ରାପ୍ତ କୋଚ୍ ଗାଙ୍ଗୁଲି ପ୍ରସାଦ, ଚୟନ କମିଟି ସଦସ୍ୟ ସଂଜୀବ ସଚଦେବା, ଇଣ୍ଡିଆନ ପାରା ବ୍ୟାଡ୍‌ମିଣ୍ଟନ କୋଚ ଭି. ମୁରଲୀ କ୍ରିଷ୍ଣା, ଇଣ୍ଡିଆନ ବ୍ୟାଡ୍‌ମିଣ୍ଟନ କୋଚ୍ ଗୋବର୍ଦ୍ଧନ ରେଡ୍ଡୀ, ବ୍ୟାଡ୍‌ମିଣ୍ଟନ ଆସୋସିଏଶନ ଅଫ୍ ଇଣ୍ଡିଆର ଯୁଗ୍ମ ସଚିବ କେ.କେ. ଶର୍ମା ପ୍ରମୁଖ ଉପସ୍ଥିତ ଥିଲେ।

# ୫ ପଦକ ସହ ପ୍ରତ୍ୟାଶାଙ୍କ ପ୍ରତ୍ୟାବର୍ତ୍ତନ

ଭୁବନେଶ୍ୱର, ୧।୧୨ (ତପନ ସ୍ୱାଇଁ)

ରାଜସ୍ଥାନରେ ଅନୁଷ୍ଠିତ ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ାରେ ୫ ପଦକ ଜିତି ସୋମବାର ଭୁବନେଶ୍ୱର ପ୍ରତ୍ୟାବର୍ତ୍ତନ କରିଛନ୍ତି ଓଡ଼ିଶାର ସୁଇମିଂ ସେନ୍‌ସେଶନ ପ୍ରତ୍ୟାଶା ରାୟ। ଉତ୍କଳ ବିଶ୍ୱବିଦ୍ୟାଳୟ ପକ୍ଷରୁ ପ୍ରତିନିଧିତ୍ୱ କରିଥିବା ପ୍ରତ୍ୟାଶା ସନ୍ତରଣ ଇଭେଣ୍ଟରେ ୩ ସ୍ୱର୍ଣ୍ଣ ଏବଂ ଗୋଟିଏ ଲେଖାଏ ରୌପ୍ୟ ଓ ବ୍ରୋଞ୍ଜ ପଦକ ଜିତିଛନ୍ତି। ଏହାକୁ ମିଶାଇ ୨୩ ବର୍ଷୀୟ ପ୍ରତ୍ୟାଶା ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ାରେ ନିଜର ପଦକ ସଂଖ୍ୟାକୁ ୧୮ରେ ପହଞ୍ଚାଇଛନ୍ତି। ଏହା ବ୍ୟତୀତ ଅନେକ ଜାତୀୟ ଓ ଅନ୍ତର୍ଜାତୀୟ ପଦକର ମଧ୍ୟ ଅଧିକାରିଣୀ ହୋଇ ସାରିଛନ୍ତି ଏହି ତାରକା ସୁଇମର। ଗତବର୍ଷ ଗୁଆହାଟୀରେ ଅନୁଷ୍ଠିତ ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ାରେ ସେ ଶ୍ରେଷ୍ଠ ପ୍ରଦର୍ଶନ କରି ୪ ସ୍ୱର୍ଣ୍ଣ ଏବଂ ଗୋଟିଏ ଲେଖାଏ ରୌପ୍ୟ ଓ ବ୍ରୋଞ୍ଜ ପଦକ ହାସଲ କରିଥିଲେ। ମାତ୍ର ଏହାପରେ ସେ କାନ୍ଧରେ ଯନ୍ତ୍ରଣା ଅନୁଭବ କରିଥିଲେ। ଯଦିଓ ଅସ୍ତ୍ରୋପଚାର ଆବଶ୍ୟକ ପଡ଼ି ନ ଥିଲା ତେବେ ସେ ୨ ମାସ ରିହାବରେ ରହିଥିଲେ। ଏହାଫଳରେ ସେ ତାଙ୍କ ପ୍ରିୟ ଇଭେଣ୍ଟ ବ୍ୟାକ୍‌ଷ୍ଟ୍ରୋକ୍‌ରୁ ଦୂରେଇ ରହିଥିଲେ। ମାତ୍ର ସହଜରେ ହାର ମାନିବାକୁ ପ୍ରସ୍ତୁତ ନ ଥିବା ସାହସି ପ୍ରତ୍ୟାଶା ରେସିଂ ପ୍ରକ୍ରିୟା ଜାରି ରଖି ଫ୍ରିଷ୍ଟାଇଲ ସନ୍ତରଣ କରିଥିଲେ। ୨୦୦ ଓ ୪୦୦ ମିଟର ଇଭେଣ୍ଟରେ ମଧ୍ୟ ସେ ପ୍ରତିଦ୍ୱନ୍ଦ୍ୱିତା କରିବା ଆରମ୍ଭ କରିଥିଲେ। ଗତବର୍ଷ ସେପ୍ଟେମ୍ବରରେ ଅନୁଷ୍ଠିତ ଜାତୀୟ ସିନିୟର ସୁଇମିଂ ପ୍ରତିଯୋଗିତା ବେଳକୁ ସେ ସୁସ୍ଥ ହୋଇ ରିଲେରେ ସ୍ୱର୍ଣ୍ଣ ଏବଂ ୧୦୦ ମିଟର ବ୍ୟାକ୍‌ଷ୍ଟ୍ରୋକ୍‌ରେ ରୌପ୍ୟ ପଦକ ଜିତିଥିଲେ। ଜାପାନରେ ହେବାକୁଥିବା ୨୦୨୬ ଏସିଆନ ଗେମ୍ସରେ ଅଂଶଗ୍ରହଣ କରିବା ତାଙ୍କର ଲକ୍ଷ୍ୟ ବୋଲି ସେ ପ୍ରକାଶ କରିଛନ୍ତି। ତେବେ ଏହା ପୂର୍ବରୁ ସେ ୱାର୍ଲ୍ଡ ୟୁନିଭର୍ସିଟି ଗେମ୍ସରେ ଭାଗନେଇ ଟାଇମିଂରେ ଉନ୍ନତି ଆଣିବାକୁ ଲକ୍ଷ୍ୟ ରଖିଛନ୍ତି। ପ୍ରତ୍ୟାଶାଙ୍କ କ୍ୟାରିୟର ଆରମ୍ଭ କୌଣସି ଚଳଚ୍ଚିତ୍ର କାହାଣୀଠାରୁ କମ୍ ନୁହେଁ। ତାଙ୍କ ପିଲାଦିନର ସ୍ୱାସ୍ଥାବସ୍ଥାକୁ ନେଇ ଚିନ୍ତିତ ମା ଚାରୁଶ୍ରୀ ଏବଂ ବାପା ରଜତ ରାୟ ଅନେକ ଡାକ୍ତରଖାନାର ଦ୍ୱାରସ୍ଥ ହୋଇଥିଲେ। ୱାଟର ଥେରାପି ତାଙ୍କ କ୍ଷେତ୍ରରେ କାମ କରିପାରେ ବୋଲି ଚାରୁଶ୍ରୀଙ୍କ ହୃଦ୍‌ବୋଧ ହୋଇଥିଲା। ସେହି ଥେରାପିରୁ ଆଜିର ପ୍ରତ୍ୟାଶା କେବଳ ଓଡ଼ିଶା ନୁହେଁ ଜାତୀୟ ସ୍ତରରେ ସନ୍ତରଣ ରାଣୀ ପାଲଟିବାରେ ସକ୍ଷମ ହୋଇଛନ୍ତି। ତାଙ୍କ ବାପା ରଜତ ରାୟ ଏବେ ଓଡ଼ିଶା ପୋଲିସରେ ଜଣେ ବରିଷ୍ଠ ଅଧିକାରୀ ଭାବେ କାର୍ଯ୍ୟରତ।



ମା' ଚାରୁଶ୍ରୀ ଓ ବାପା ରଜତ ରାୟଙ୍କ ସହ ପ୍ରତ୍ୟାଶା ରାୟ। (ଫଟୋ: ବିକାଶ ନାୟକ)

# ଇଣ୍ଡିଆନ ପିକଲ ବଲ୍ ଲିଗ୍ ଆରମ୍ଭ

ନୂଆଦିଲ୍ଲୀ, ୧।୧୨ (ପି.ଟି.): ଇଣ୍ଡିଆନ ପିକଲ ବଲ୍ ଲିଗ୍ ଏଠାରେ ସୋମବାରଠାରୁ ଆରମ୍ଭ ହୋଇଛି। ଏଥିରେ ୬ଟି ଫ୍ରାଞ୍ଚାଇଜ୍ ଭାଗ ନେବେ। ସ୍ଥାନୀୟ ଇନ୍ଦିରାଗାନ୍ଧୀ ଇନ୍‌ଡୋର ଷ୍ଟାଡିୟମ ପରିସରରେ ରହିଥିବା କେଡି ଯାଦବ ଇନ୍‌ଡୋର ହଲ୍‌ରେ ଟୁର୍ନାମେଣ୍ଟର ଆକର୍ଷଣୀୟ ଟ୍ରଫି ଦିଲ୍ଲୀ ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତାଙ୍କ ଦ୍ୱାରା ଉନ୍ମୋଚିତ ହୋଇଯାଇଛି। ଏହି ଇଭେଣ୍ଟ ଡିସେମ୍ବର ୭ରେ ଶେଷ ହେବ।

# ମହିଳା ହକି ମୁଖ୍ୟ କୋଚ୍ ହରେନ୍ଦ୍ରଙ୍କ ଇସ୍ତଫା

ନୂଆଦିଲ୍ଲୀ,୧।୧୨(ପି.ଟି.)

ଭାରତୀୟ ମହିଳା ହକି ଦଳର ମୁଖ୍ୟ କୋଚ୍ ହରେନ୍ଦ୍ର ସିଂ ସୋମବାର ନିଜ ପଦରୁ ଇସ୍ତଫା ଦେଇଛନ୍ତି। ତାଙ୍କର ଏହି ନିଷ୍ପତ୍ତି ପଛରେ ସେ ବ୍ୟକ୍ତିଗତ କାରଣ ଦର୍ଶାଇଛନ୍ତି। ମିଳିଥିବା ସୂଚନା ମୁତାବକ, ହରେନ୍ଦ୍ର ତାଙ୍କ ଇସ୍ତଫା ପତ୍ର ହକି ଇଣ୍ଡିଆ (ଏଚ୍‌ଆଇ)କୁ ମେଲ କରିଛନ୍ତି। ତାଙ୍କ ପୂର୍ବରୁ ମୁଖ୍ୟ କୋଚ୍ ଦାୟିତ୍ୱରେ ଥିବା ନେଦରଲାଣ୍ଡ୍ସର ଜୋଏର୍ଡ ମାରିଜନେଙ୍କୁ ପୁନଃ ନିଯୁକ୍ତ କରାଯାଇପାରେ। ମାରିଜନେଙ୍କ ମାର୍ଗଦର୍ଶନରେ ଭାରତୀୟ ମହିଳା ହକି ଦଳ ୨୦୨୧ରେ ଅନୁଷ୍ଠିତ ଟୋକିଓ ଅଲିମ୍ପିକ୍ସରେ ଚତୁର୍ଥ ସ୍ଥାନରେ ଅଭିଯାନ ଶେଷ କରିଥିଲା। ସେ ୨୦୨୧ ଅଗଷ୍ଟରେ ମୁଖ୍ୟ କୋଚ୍ ପଦରୁ ଇସ୍ତଫା ଦେଇଥିଲେ।



ହରେନ୍ଦ୍ର ସିଂ

ଅନ୍ୟପକ୍ଷରେ ପୂର୍ବରୁ ଆମେରିକା ପୁରୁଷ ହକି ଦଳର କୋଚ୍ ଭାବେ କାର୍ଯ୍ୟ କରିଥିବା ହରେନ୍ଦ୍ର ୨୦୨୪ ଏପ୍ରିଲରେ ଭାରତୀୟ ଦଳର ମୁଖ୍ୟ କୋଚ୍ କାର୍ଯ୍ୟଭାର ସମ୍ଭାଳିଥିଲେ। ଏଥିପୂର୍ବରୁ ସେ ଭାରତୀୟ ଜୁନିୟର ପୁରୁଷ ଦଳର କୋଚ୍ ଥିଲେ। ତାଙ୍କ କାର୍ଯ୍ୟକାଳରେ ଭାରତୀୟ ଦଳ ୨୦୧୬ରେ ଜୁନିୟର ହକି ବିଶ୍ୱକପ୍ ଜିତିଥିଲା। ଗତ ଏକବର୍ଷ ହେଲା ଭାରତୀୟ ମହିଳା ହକି ଦଳର ପ୍ରଦର୍ଶନ ଅତ୍ୟନ୍ତ ନୈରାଶ୍ୟଜନକ ରହିଛି। ଏଫ୍‌ଆଇଏଚ୍ ପ୍ରୋ ଲିଗ୍ ୨୦୨୪-୨୫ରେ ଭାରତ ୧୬ ମ୍ୟାଚ୍ ଖେଳି ମାତ୍ର ଦୁଇଟି ମ୍ୟାଚ୍ ଜିତିଥିବା ବେଳେ ପରବର୍ତ୍ତୀ ସିଜନ ଲାଗି ଯୋଗ୍ୟତା ହାସଲ କରିବାରେ ବିଫଳ ହୋଇଛି।

# ଓଡ଼ିଶା ଏଚ୍‌ପିସି ଆଥ୍‌ଲେଟଙ୍କୁ ୨୦ ପଦକ



ଅନ୍ତର୍ଜାତୀୟ କଣ୍ଟିନେଣ୍ଟାଲ କପ୍‌ରେ ପଦକ ବିଜୟୀ ଓଡ଼ିଶା ଏଏମ୍/ଏନ୍‌ଏସ୍ ଇଣ୍ଡିଆ ଏଚ୍‌ପିସି ଜିମ୍ନାଷ୍ଟ ଓ ଅନ୍ୟମାନେ।

**ଲିସବନ ଅନ୍ତର୍ଜାତୀୟ କଣ୍ଟିନେଣ୍ଟାଲ କପ୍**

ଭୁବନେଶ୍ୱର, ୧।୧୨ (ତପନ ସ୍ୱାଇଁ)

ପର୍ତ୍ତୁଗାଲର ଲିସବନରେ ନଭେମ୍ବର ୨୧ ରୁ ୨୩ ପର୍ଯ୍ୟନ୍ତ ଅନୁଷ୍ଠିତ ଅନ୍ତର୍ଜାତୀୟ କଣ୍ଟିନେଣ୍ଟାଲ କପ୍‌ରେ ଓଡ଼ିଶା ଏଏମ୍/ଏନ୍‌ଏସ୍ ଇଣ୍ଡିଆ ଜିମ୍ନାଷ୍ଟିକ୍ସ ହାଇ-ପରଫର୍ମାନ୍ସ ସେଣ୍ଟର (ଜିଏଚ୍‌ପିସି) ଆଥ୍‌ଲେଟମାନେ ଚମତ୍କାର ପ୍ରଦର୍ଶନ କରି ୨୦ ପଦକ ହାସଲ କରିଛନ୍ତି। ଏହା ମଧ୍ୟରେ ୩ ସ୍ୱର୍ଣ୍ଣ, ୬ ରୌପ୍ୟ ଓ ୧୧ ବ୍ରୋଞ୍ଜ ପଦକ ସାମିଲ। ଏହି ସଫଳତା ବିଶ୍ୱସ୍ତରୀୟ ତାଲିମ ବ୍ୟବସ୍ଥା, ଭିତ୍ତିଭୂମି ଏବଂ କ୍ରୀଡ଼ାବିତ ବିକାଶ ମଡେଲରେ ରାଜ୍ୟର ନିରନ୍ତର ନିବେଶ ଦ୍ୱାରା ପରିଚାଳିତ ଉଚ୍ଚ-ପ୍ରଦର୍ଶିତ କ୍ରୀଡ଼ା ବିକାଶରେ ଓଡ଼ିଶାର ଅଗ୍ରଣୀ ଭୂମିକାର ଜ୍ୱଳନ୍ତ ପ୍ରମାଣ। ଏହା ଓଡ଼ିଶା-ଏଏମ୍/ଏନ୍‌ଏସ୍ ଇଣ୍ଡିଆ ସହଭାଗିତାର ସଫଳତାକୁ ମଧ୍ୟ ପ୍ରତିଫଳିତ କରୁଛି।

ସିନିୟର ପୁରୁଷ ଆର୍ଟିଷ୍ଟିକ୍ ଜିମ୍ନାଷ୍ଟିକ୍ସ (ଏମ୍‌ଏଜି-ସିନିୟର) ବର୍ଗରେ, ଜଗଦୀଶ ବାରିକ ଅଲ୍-ଆରାଉଣ୍ଡ, ରିଙ୍ଗସ୍ ଏବଂ ଭଲ୍ଟରେ ଚମତ୍କାର ପ୍ରଦର୍ଶନ କରି ୩ଟି ବ୍ରୋଞ୍ଜ ହାସଲ କରିଥିବାବେଳେ ମୃତ୍ୟୁଞ୍ଜୟ ପଟ୍ଟନାୟକ ପାରାଲାଲ୍ ବାର୍‌ସରେ ଏକ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ସୁମିତ ଧଳଙ୍କ ସମେତ ଏହି ତିନି ଜଣ ମିଶି ଦଳଗତ ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ସିନିୟର ମହିଳା ଆର୍ଟିଷ୍ଟିକ୍ ଜିମ୍ନାଷ୍ଟିକ୍ସ (ଡବ୍ଲ୍ୟୁଏଜି-ସିନିୟର) ବର୍ଗରେ, ତନୁ ଅନଇଭେନ ବାର୍‌ସରେ ବ୍ରୋଞ୍ଜ ଏବଂ ପ୍ରିୟାଂଶୀ ବଂଶଲ ଭଲ୍ଟରେ ବ୍ରୋଞ୍ଜ ପାଇଛନ୍ତି। ତନୁ, ପ୍ରିୟାଂଶୀ, ଅଦିତି ଟୋଡି, ଅଦିତା ମଣ୍ଡଳ ଏବଂ ରଶ୍ମିତା ଦଳଗତ ଇଭେଣ୍ଟରେ ରୌପ୍ୟ ପଦକ ହାସଲ କରିଛନ୍ତ।

ସେହିପରି ଜୁନିୟର ପୁରୁଷ ଆର୍ଟିଷ୍ଟିକ୍ ଜିମ୍ନାଷ୍ଟିକ୍ସ (ଏମ୍‌ଏଜି-ଜୁନିଅର) ବର୍ଗରେ, ଅଂଶୁମାନ ସୁନ୍ଦରା ହାଇ ବାରରେ ସ୍ୱର୍ଣ୍ଣ, ବିରୁ ଚନ୍ଦ୍ର ରାଓ ଭଲ୍ଟସ ଏବଂ ଅଲ୍-ଆରାଉଣ୍ଡ ଜିମ୍ନାଷ୍ଟିକ୍ସରେ ୨ଟି ରୌପ୍ୟ ପଦକ ଜିତିବା ସହିତ ଫ୍ଲୋର, ପୋମେଲ ହର୍ସ ଏବଂ ରିଙ୍ଗ୍ସରେ ୩ଟି କାଂସ୍ୟ ପଦକ ପାଇଛନ୍ତି। ଦେବାଶିଷ ରେଡ୍ଡୀ ପୋମେଲ୍ ହର୍ଷ ଏବଂ ହାଇବାର୍ସରେ ୨ ରୌପ୍ୟ ପଦକ ସହିତ ଭଲ୍ଟ ଏବଂ ଅଲ୍- ଆରାଉଣ୍ଡ ବର୍ଗରେ ୨ଟି ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ଦଳଗତ ଇଭେଣ୍ଟରେ ଅଂଶୁମାନ, ଦେବାଶିଷ ଏବଂ ବିରୁ ସ୍ୱର୍ଣ୍ଣ ପଦକ ପାଇଛନ୍ତି। ଜୁନିୟର ମହିଳା ଆର୍ଟିଷ୍ଟିକ୍ ଜିମ୍ନାଷ୍ଟିକ୍ସ (ଡବ୍ଲ୍ୟୁଏଜି-ଜୁନିଅର) ବର୍ଗରେ ପ୍ରୀତି ଝାଙ୍କର ଭଲ୍ଟରେ ରୌପ୍ୟ ପଦକ ହାସଲ କରିଛନ୍ତି।



କଲମ୍ବୋରେ ଅନୁଷ୍ଠିତ ଦୃଷ୍ଟିବାଧିତ ମହିଳା ଟି୨୦ କ୍ରିକେଟ ବିଶ୍ୱକପ୍‌ରେ ଚାମ୍ପିୟନ ଭାରତୀୟ ଦଳର ୪ ଓଡ଼ିଶା ଖେଳାଳି ସୋମବାର ପ୍ରତ୍ୟାବର୍ତ୍ତନ କରିବାପରେ ଭୁବନେଶ୍ୱରରେ ସେମାନଙ୍କୁ ସମ୍ବର୍ଦ୍ଧିତ କରାଯାଉଛି। (ଫଟୋ: ବିକାଶ ନାୟକ)

4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ